# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୧୨/୨୦୨୧ (୨୦ ପୃଷ୍ଠା) | Bhubaneswar, Monday, July 12/2021 | ★★★★★★

୪୭ଶ ଭାଗ ୨୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ସୋମବାର, ଜୁଲାଇ ୧୨/୨୦୨୧ | Monday, July 12/2021




## 'ଧାକଡ଼'କୁ ଫେରିଲେ କଙ୍ଗନା
କରୋନା ଯୋଗୁ ବନ୍ଦ ହୋଇଥିବା ଫିଲ୍ମ 'ଧାକଡ଼'ର ଶୁଟିଂକୁ ଫେରିଛନ୍ତି ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ।

୧୦

୧୫

## ମେସିଙ୍କୁ ପ୍ରଥମ ଅନ୍ତର୍ଜାତୀୟ ଟ୍ରଫି
ଆର୍ଜେଣ୍ଟିନା କୋପା ଆମେରିକା ଚାମ୍ପିୟନ ହେବା ଦ୍ୱାରା ଲିଓନେଲ ମେସି ତାଙ୍କ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଟ୍ରଫି ହାସଲ କରିଛନ୍ତି।



# ଧରିତ୍ରୀର ଅଗଣିତ ପାଠିକାପାଠକଙ୍କୁ ରଥଯାତ୍ରାର ଶୁଭେଚ୍ଛା ଓ ଶୁଭକାମନା




## ପବିତ୍ର ରଥଯାତ୍ରା ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

DADLS-11

ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା-୨୦୨୧ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବଜାତିର ଉତ୍ତରଣ ଓ ଅଧ୍ୟାତ୍ମ ଅନ୍ୱେଷଣର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବର ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

କରୋନା ମହାମାରୀ ବିରୋଧରେ ମାନବଜାତିର ଲଢେଇରେ ବିଜୟ ନିମନ୍ତେ ମହାପ୍ରଭୁଙ୍କ କରୁଣା ପ୍ରାର୍ଥନା କରୁଛି ।

(ଗଣେଶୀ ଲାଲ)

OIPR-15001/13/0017/2122



## ଶ୍ରୀଗୁଣ୍ଡିଚା ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

DADLS-11

ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କୋଟିକୋଟି ଭକ୍ତଜନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ଚଳିତ ବର୍ଷ କୋଭିଡ କଟକଣା ମଧ୍ୟରେ ବିନା ଭକ୍ତରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଛି । ଆମେ ସମସ୍ତେ ଘରେ ରହି ମହାପ୍ରଭୁଙ୍କର ପତିତପାବନ ଯାତ୍ରାକୁ ଦର୍ଶନ କରିବା । ମହାପ୍ରଭୁ ଆମ ହୃଦୟରେ ସଦାସର୍ବଦା ରହିଛନ୍ତି ଏବଂ ଆମକୁ ସବୁବେଳେ ସତ୍‌ଚିନ୍ତନ ଓ ସତ୍‌କର୍ମ ପାଇଁ ପ୍ରେରଣା ଦେଇଆସୁଛନ୍ତି ।

ଏହି ପବିତ୍ର ଅବସରରେ ମାନବ ସମାଜର କଲ୍ୟାଣ ତଥା ଏକ ସମୃଦ୍ଧ ଭବିଷ୍ୟତ ପାଇଁ ମହାପ୍ରଭୁଙ୍କ ନିକଟରେ ମୋର ପ୍ରାର୍ଥନା ଜଣାଉଛି ।

ଜୟ ଜଗନ୍ନାଥ

(ନବୀନ ପଟ୍ଟନାୟକ)

OIPR-15001/13/0017/2122



## ରଥଯାତ୍ରା ଉପଲକ୍ଷେ ବାର୍ତ୍ତା

DADLS-11

ବିଶ୍ୱ ଭ୍ରାତୃତ୍ୱ, ସଂପ୍ରୀତି ଓ ସଂହତିର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ମୁଁ ଓଡ଼ିଶାବାସୀ ତଥା ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସମସ୍ତ ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

କରୋନା ମହାମାରୀ ଭଳି କଠିନ ସମୟରେ ଆପଣମାନେ ଘରେ ରହି ଦୂରଦର୍ଶନ ମାଧ୍ୟମରେ ମହାପ୍ରଭୁଙ୍କ ଘୋଷ ଯାତ୍ରା ଦର୍ଶନ କରନ୍ତୁ । ବିଶ୍ୱ ନିୟନ୍ତା ମହାପ୍ରଭୁଙ୍କ ଅପାର କରୁଣାରୁ ବିଶ୍ୱରୁ ଏ ମହାମାରୀ ଦୂରେଇଯାଉ ଏବଂ ଜଗତର ମଙ୍ଗଳ ଘଟୁ, ଏହା ହିଁ ମୋର ପ୍ରାର୍ଥନା ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

OIPR-15001/13/0017/2122

85 YEARS TRUST IS TIMELESS

A DIVINE JOURNEY OF ETERNAL BLESSINGS

HAPPY RATH YATRA



IN CELEBRATION OF THIS RATH YATRA, WITH THE BLESSINGS OF LORD JAGANNATH,
WE'RE BEGINNING AGAIN THE JOURNEY OF OUR LOVE AND TOGETHERNESS.

Toll Free: 1800 3131 777

KHIMJI®
Jewellers since 1936

STORES ONLY at Bhubaneswar: 621, Saheed Nagar, Janpath | Bhubaneswar: 309 District Centre, Chandrasekharpur | Berhampur: Venkatraju Arcade, Sano Bazar
Cuttack: 558/834, Cantonment Road | Rourkela: Kesar Bhawan, Main Road | Jharsuguda: (opening shortly) | NOWHERE ELSE

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୭୪,୮୬,୫୯୪ | ୪୦,୪୬,୪୮୫ | ୧୭,୧୩,୯୭,୬୩୯ |
| ଭାରତ | ୩,୦୮,୭୧,୫୦୭ | ୪,୦୮,୭୬୩ | ୩,୦୦,୦୦,୨୧୪ |
| ଓଡ଼ିଶା | ୯,୩୯,୭୫୨ | ୪୫୯୯(+୫୩) | ୯,୧୨,୪୬୩ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ମୁନା
ପରିବାରବର୍ଗ


ସିଦ୍ଧି
ପରିବାରବର୍ଗ


କିଶୋର
ପରିବାରବର୍ଗ


ସୋନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଶିମିଳିପାଳରେ ହାତୀ ଶାବକ ମୃତ

ବାରିପଦା ଅଫିସ,୧୧।୭- ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଏକ ହାତୀ ଶାବକର ମୃତ୍ୟୁ ଘଟିଛି। ଜେନାବିଲ ରେଞ୍ଜ ସାରବସା ବିଟ୍ ହାଉସ୍ ଅଞ୍ଚଳରେ ପଡ଼ିଥିବା ତାର ଗଳିତ ମୃତଦେହକୁ ରବିବାର ବନ ବିଭାଗ ଜବତ କରିଛି। ଡାକ୍ତରୀଦଳ ପହଞ୍ଚି ବ୍ୟବଚ୍ଛେଦ କରିଛନ୍ତି। ମୃତ ହାତୀ ଶାବକର ବୟସ ୨ରୁ ୩ବର୍ଷ ହେବ। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ତଦନ୍ତ ଜାରି ରହିଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ.ଜଗଜୟାନନ୍ଦ କହିଛନ୍ତି।

# ଓଡ଼ିଶାକୁ ମିଳିଲା ୩୩୨୩ କୋଟି

## ଜଳ ଜୀବନ ମିଶନ

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

କେନ୍ଦ୍ର ସରକାର ଜଳ ଜୀବନ ମିଶନ ଜରିଆରେ ଓଡ଼ିଶାକୁ ୨୦୨୧-୨୨ ଆର୍ଥିକ ବର୍ଷ ଲାଗି ୩୩୨୩.୪୨ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ୨୦୨୦-୨୧ରେ ଏହି ଅନୁଦାନ ୮୧୨.୧୫ କୋଟି ଟଙ୍କା ଥିଲା। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ରାଜେନ୍ଦ୍ର ସିଂ ଶେଖାୱତ ଓଡ଼ିଶାକୁ ୪ ଗୁଣ ଅଧିକ ଆର୍ଥିକ ଅନୁଦାନ ଯୋଗାଇ ଦେବା ନିମନ୍ତେ ଘୋଷଣା କରିଛନ୍ତି। ଏହାସହ ୨୦୨୪ ସୁଦ୍ଧା ରାଜ୍ୟର ସବୁ ଗ୍ରାମୀଣ ପରିବାରକୁ ଟ୍ୟାପ୍ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ କେନ୍ଦ୍ର ତରଫରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

୨୦୧୯ରେ ଜଳ ଜୀବନ ମିଶନ ଆରମ୍ଭ ହୋଇଥିଲା। ସେତେବେଳେ ଦେଶରେ ମୋଟ ୧୮.୯୩ କୋଟି ଗ୍ରାମୀଣ ପରିବାର ମଧ୍ୟରୁ ମାତ୍ର ୧୭ ପ୍ରତିଶତ ଅର୍ଥାତ୍ ୩.୨୩ କୋଟି ପରିବାର ନିକଟରେ ଟ୍ୟାପ ଜଳ ଯୋଗାଣ ସୁବିଧା ରହିଥିଲା। ଗତ ୨୨ ମାସ ମଧ୍ୟରେ ଲକ୍‌ଡାଉନ ବାଧା ସତ୍ତ୍ୱେ ଜଳ ଜୀବନ ମିଶନକୁ ଦ୍ରୁତଗତିରେ କାର୍ଯ୍ୟକାରୀ କରାଯାଇ ୪.୫ କୋଟି ପରିବାରକୁ ଟ୍ୟାପ ପାଣି ସଂଯୋଗ କରାଯାଇଛି। ଫଳରେ ଜଳ ଯୋଗାଣର ପ୍ରସାର ୨୩.୫ ପ୍ରତିଶତକୁ ବୃଦ୍ଧି ଘଟିଛି। ଏବେ ସୁଦ୍ଧା ୪୦.୬ ପ୍ରତିଶତ ଗ୍ରାମୀଣ ପରିବାର ନିକଟରେ ଟ୍ୟାପ ଜଳ ସଂଯୋଗ ରହିଛି। ଓଡ଼ିଶା ସ୍ଥିତି ଦେଖିଲେ ୨୦୧୯ ଅଗଷ୍ଟ ୧୫ରେ ଏହି ମିଶନ ଆରମ୍ଭ ହେବା ସମୟରେ ରାଜ୍ୟରେ ମାତ୍ର ୩.୧୦ ଲକ୍ଷ ପରିବାର ନିକଟରେ ଟ୍ୟାପ ଜଳ ସଂଯୋଗ ରହିଥିଲା। ସେବେଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ମୋଟ ୨୨.୮୪ ଲକ୍ଷ ପରିବାରକୁ ଟ୍ୟାପ ସଂଯୋଗ କରାଯାଇଛି। ୨୦୨୧-୨୨ରେ ରାଜ୍ୟ ୨୧.୩୧ ଲକ୍ଷ ପରିବାରକୁ ଟ୍ୟାପ ପାଣି ସଂଯୋଗ ଦେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୦୨୨-୨୩ରେ ୨୨.୫୩ ଲକ୍ଷ ଏବଂ ୨୦୨୩-୨୪ରେ ୧୮.୮୭ ଲକ୍ଷ ପରିବାରକୁ ଏଥିରେ ଯୋଡିବାର ଲକ୍ଷ୍ୟ ରହିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି କେନ୍ଦ୍ରମନ୍ତ୍ରୀ ଶେଖାୱତ କହିଛନ୍ତି, ରାଜ୍ୟର ସବୁ ଜିଲାରେ ଟ୍ୟାପ ସଂଯୋଗ କାମ ତୁରନ୍ତ ଆରମ୍ଭ କରାଯିବା ଉଚିତ୍। ଫଳରେ ମାର୍ଚ୍ଚ ୨୦୨୪ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ପରିବାର ନିକଟରେ ଟ୍ୟାପ ପାଣି ପହଞ୍ଚିବ। ଏ କ୍ଷେତ୍ରରେ କେନ୍ଦ୍ରୀୟ ଅନୁଦାନ ୪ ଗୁଣା ବୃଦ୍ଧି କରାଯାଇଛି। ବର୍ତ୍ତମାନ ରାଜ୍ୟ ଉପରେ ୧୦.୯୩ କୋଟି ଖର୍ଚ୍ଚ ନ ହୋଇ ପଡିରହିଛି। ଗ୍ରାମାଞ୍ଚଳରେ ଜଳ ଯୋଗାଣ ପରିଚାଳନା ଓ ସ୍ୱଚ୍ଛତାରେ ସୁଧାର ଆଣିବା ଲାଗି ପଞ୍ଚଦଶ ଅର୍ଥ ଆୟୋଗ ସଂଯୁକ୍ତ ଅନୁଦାନ ଆକାରରେ ଓଡ଼ିଶାକୁ ୧୦୦୨ କୋଟି ଟଙ୍କା ଆବଣ୍ଟନ ହୋଇଥିଲା। ଏହି ଉତ୍ସରୁ ୨୦୨୫-୨୬ ପର୍ଯ୍ୟନ୍ତ ୫,୨୮୦ କୋଟି ଟଙ୍କାର ଏକ ସୁନିଶ୍ଚିତ ଅନୁଦାନ ରହିଛି। ବର୍ତ୍ତମାନ ରାଜ୍ୟର ୪୭,୪୧୨ ଗ୍ରାମ ମଧ୍ୟରୁ ମାତ୍ର ୧୧୮୪ ଗ୍ରାମରେ ଗ୍ରାମୀଣ ଜଳ ଓ ସ୍ୱଚ୍ଛତା ସମିତି କିମ୍ବା ପାଣି ସମିତି ରହିଛି। ଏହି ଗୋଷ୍ଠୀଗୁଡିକର ଗ୍ରାମୀଣ ସ୍ତରରେ ଯୋଜନା, କାର୍ଯ୍ୟକାରିତା, ପାଞ୍ଚ ବର୍ଷିୟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜଳ ଯୋଗାଣ ବ୍ୟବସ୍ଥାର ପରିଚାଳନା ଓ ରକ୍ଷଣାବେକ୍ଷଣରେ ମଧ୍ୟ ଏମାନଙ୍କ ଭୂମିକା ରହିଛି। ଏମାନଙ୍କ ଜରିଆରେ ପଶ୍ଚିମ ଓଡ଼ିଶାରେ ସବୁ ପରିବାର ନିକଟରେ ସ୍ୱଚ୍ଛ ଟ୍ୟାପ ଜଳ ଯୋଗାଣ ସୁନିଶ୍ଚିତ ହୋଇପାରିବ।

# ‘ପୁରୀ ବିମାନବନ୍ଦର ସ୍ଥାନ ନିର୍ଦ୍ଧାରଣ ନିମନ୍ତେ ପରିବେଶ ଦୃଷ୍ଟିକୋଣକୁ ଗୁରୁତ୍ୱ ଦିଆଯାଉ’

ଭୁବନେଶ୍ୱର, ୧୧।୭ (ବ୍ୟୁରୋ)

ପୁରୀରେ ବିମାନବନ୍ଦର ପାଇଁ ସ୍ଥାନ ନିର୍ଦ୍ଧାରଣ କ୍ଷେତ୍ରରେ ପରିବେଶ ଦୃଷ୍ଟିକୋଣକୁ ଗୁରୁତ୍ୱ ଦିଆଯାଉ ବୋଲି ଓଡ଼ିଶା ପରିବେଶ ସମିତି ପରାମର୍ଶ ଦେଇଛି। ସମିତି କହିଛି, ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ଓ ଅଭିବୃଦ୍ଧି ନିମନ୍ତେ ବିବିଧ ବିକାଶମୂଳକ କାର୍ଯ୍ୟକ୍ରମ ଗ୍ରହଣର ଯଥେଷ୍ଟ ଆବଶ୍ୟକତା ରହିଛି। ନିକଟରେ ସରକାର ପୁରୀରେ ଏକ ବିମାନବନ୍ଦରର ସ୍ଥାପନ ନିମନ୍ତେ ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି, ଯାହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏଥିପାଇଁ କେନ୍ଦ୍ରୀୟ ବିଶେଷଜ୍ଞ ଦଳ ପୁରୀ ଗସ୍ତ କରି ସିପସରୁବାଲି ଅଞ୍ଚଳରେ ପ୍ରସ୍ତାବିତ ଶାମୁକା ପ୍ରକଳ୍ପ ନିକଟ ସ୍ଥାନକୁ ନଜର ପକାଇଛନ୍ତି। ତେବେ ନିର୍ଦ୍ଦିଷ୍ଟ ସାଇଟ୍ ବା କ୍ଷେତ୍ରର ଅନ୍ତିମ ନିର୍ଦ୍ଧାରଣ ପୂର୍ବରୁ ସରକାର ପରିବେଶ ସମ୍ପର୍କିତ କେତୋଟି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ ହୋଇଛି। ଏବେ ବିଶ୍ୱ ତାପମାତ୍ରା ବୃଦ୍ଧି ସହ ଜଳବାୟୁ ପରିବର୍ତ୍ତନ ଘଟୁଛି। ଆଗାମୀ ଦିନରେ ପୁରୀ ପରି ସମୁଦ୍ର ଉପକୂଳରେ ଅବସ୍ଥିତ ପୃଥିବୀର ଅନେକ ସହର ଓ ଅନ୍ୟାନ୍ୟ ଅଞ୍ଚଳକୁ ସମୁଦ୍ର ଜଳ ଅନୁପ୍ରବେଶର ଆଶଙ୍କା ବୃଦ୍ଧି ପାଉଛି । ପୁରୀ ଉପକୂଳ ମଧ୍ୟ ବିପଜ୍ଜନକ ଜୋନ୍‌ରେ ଅନ୍ତର୍ଭୁକ୍ତ ହୋଇଛି । ଅନ୍ୟପକ୍ଷରେ ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଅଧିକ କ୍ଷତିକାରୀ ସାଧିତ ହେଉଛି। ଏକ ବିମାନବନ୍ଦର ସ୍ଥାପନ ନିମନ୍ତେ ଆଗାମୀ ଶହେ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା କରାଯିବା ଏବଂ ଭବିଷ୍ୟତ ସୁରକ୍ଷାକୁ ପ୍ରାଥମିକତା ପ୍ରଦାନ କରାଯିବା ଆବଶ୍ୟକ। ଏ ସମସ୍ତ ପରିବେଶୀୟ ଦିଗକୁ ବିଚାରକୁ ନେଇ ଅତି କମ୍‌ରେ ୧୦ କି.ମି. ଦୂରତାରେ ସ୍ଥାନ ନିର୍ଦ୍ଧାରଣ କରାଯାଉ। ଏଥିସହ ସ୍ଥାନୀୟ ଅଞ୍ଚଳର ପରିବେଶ ଓ ଜୈବବିବିଧତାର ଗୁଣାତ୍ମକ ମାନରେ ଯେପରି ବିଘ୍ନ ନ ଘଟେ ଏବଂ ସନ୍ତୁଳନ ବଜାୟ ରହେ ତାହା ଉପରେ ମଧ୍ୟ ଦୃଷ୍ଟି ଦିଆଯିବା ଦରକାର ବୋଲି ଓଡ଼ିଶା ପରିବେଶ ସମିତି ସଭାପତି ଡ଼. ସୁନ୍ଦର ନାରାୟଣ ପାତ୍ର ଓ ସମ୍ପାଦକ ଡ଼. ଜୟକୃଷ୍ଣ ପାଣିଗ୍ରାହୀ ମତପୋଷଣ କରିଛନ୍ତି।

**ଆଜିର ମନ୍ତବ୍ୟ**

“ଚାହିଦା ଓ ଚାକିରି ସୃଷ୍ଟି କରୁଥିବା ଭିତ୍ତିଭୂମି ଉପରେ କେନ୍ଦ୍ର ସରକାର ପୁଞ୍ଜି ବିନିଯୋଗ କରିବା ଜରୁରୀ। ନଚେତ ବଡ଼ କ୍ୟାବିନେଟ୍ କାମରେ ଲାଗିବନି।

-ସୀତାରାମ ୟେଚୁରୀ, ସିପିଆଇଏମ୍ ନେତା

## ଶ୍ରୀ ଶଙ୍କର କର୍କଟ ହସ୍ପିଟାଲର ଆଜି ଶୁଭ ଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

ଭୁବନେଶ୍ୱରରେ ଶ୍ରୀ ଶଙ୍କର କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ ହେବ। ଏହି ହସ୍ପିଟାଲ ପ୍ରତିଷ୍ଠା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ରାଜ୍ୟ ସରକାର ଇନ୍‌ଫୋସିଟି-୨ ନିକଟରେ ୨୦ ଏକର ଜମି ଦେଇଛନ୍ତି। ଉକ୍ତ ସ୍ଥାନରେ ହିଁ ସରକାର ହସ୍ପିଟାଲର ଭିତ୍ତିପ୍ରସ୍ତର ପକାଇବେ। ସୋମବାର ପୂର୍ବାହ୍ନ ୧୦ଟା ୩୦ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ଏହାର ଶୁଭଦେବେ ବୋଲି ଜଣାପଡିଛି। ବାଗ୍‌ଚୀ-ଶ୍ରୀ ଶଙ୍କର କର୍କଟ ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ନେଇ ଗତ ଏପ୍ରିଲ ୧୨ରେ ରାଜ୍ୟ କ୍ୟାବିନେଟ୍ ମୋହର ମାରିଥିଲା। ଏହାସହ ଭୁବନେଶ୍ୱରରେ ବାଗ୍‌ଚୀ କରୁଣାଶ୍ରୟ ପାଲିଏଟିଭ କେୟାର ସେଣ୍ଟର ପ୍ରତିଷ୍ଠାକୁ ମଧ୍ୟ ସରକାର ସମ୍ମତି ଦେଇଥିଲେ। ସୁବ୍ରତୋ ବାଗ୍‌ଚୀ ଏବଂ ସୁସ୍ମିତା ବାଗ୍‌ଚୀ ଉଭୟ ଅନୁଷ୍ଠାନ ଲାଗି ୩୪୦ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ରାଜ୍ୟ ସରକାରଙ୍କ ସହ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି।

# କରୋନା ସ୍ଥିତିର ରିପୋର୍ଟ ଦେଲା କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

ରାଜ୍ୟରେ କରୋନା ସ୍ଥିତିର ଅନୁଧ୍ୟାନ ପାଇଁ ଆସିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଦୁଇଜଣିଆ ଟିମ୍ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି କେନ୍ଦ୍ର ସରକାରଙ୍କୁ ରବିବାର ରିପୋର୍ଟ ଦେଇଛନ୍ତି। ଏଥିସହ ରାଜ୍ୟରେ କରୋନା ସ୍ଥିତିରେ କିଭଳି ଉନ୍ନତି ଆସିବ ସେ ନେଇ ପରାମର୍ଶ ଦିଆଯାଇଥିବା ସୂଚନା ମିଳିଛି। କେନ୍ଦ୍ରୀୟ ଟିମ୍‌ରେ କୋଲକାତାସ୍ଥିତ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହାଇଜିନ୍ ଆଣ୍ଡ ପବ୍ଲିକ୍ ହେଲ୍‌ଥର ପ୍ରଫେସର ଶିବାନୀ ଦତ୍ତ ଓ ଭୁବନେଶ୍ୱର ଏମ୍‌ସର ପ୍ରଫେସର ପ୍ରଶାନ୍ତ ରାଘବ ମହାପାତ୍ର ସାମିଲ ଥିଲେ। ୭ଦିନିଆ ଗସ୍ତ ଅବସରରେ ଟିମ୍ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଟିମ୍ ଗତ ୫ ତାରିଖରେ ଭୁବନେଶ୍ୱରରେ ବିଭିନ୍ନ ସରକାରୀ ଓ ଘରୋଇ ହସ୍ପିଟାଲ ଏବଂ ଟିକାକରଣ କେନ୍ଦ୍ର ପରିଦର୍ଶନ କରିବା ସହିତ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରିଥିଲେ। ଏହାପରଠାରୁ ଅଧିକାରୀ ଦ୍ୱୟ ରାଜ୍ୟର ଅଧିକ ସଂକ୍ରମିତ ଜିଲାକୁ ଯାଇ ପରିଦର୍ଶନ କରିଥିଲେ। ତେବେ କେନ୍ଦ୍ରୀୟ ଟିମ୍ ତା’ର ଅନୁଧ୍ୟାନ ରିପୋର୍ଟ ଦେଇ ସାରିଥିବାରୁ ଓଡ଼ିଶା ପ୍ରତି କେନ୍ଦ୍ରର ଆଗାମୀ ଆଭିମୁଖ୍ୟ କ’ଣ ରହିବ ତାହାକୁ ଅପେକ୍ଷା ରହିଛି।

# ଆଜି ୫ ଜିଲାରେ ବର୍ଷିବ

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

ରାଜ୍ୟରେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ଏଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସୋମବାର ଦକ୍ଷିଣ ଓଡ଼ିଶା, ଉତ୍ତର ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନ ଏବଂ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ସହିତ ବଜ୍ରପାତ ହେବ। କିନ୍ତୁ କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଆଦି ୫ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ମଙ୍ଗଳବାର ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର, ବୁଧବାର ନବରଙ୍ଗପୁର ଓ କୋରାପୁଟରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କସୂଚନା ଜାରି କରିଛି। ସେପଟେ ରବିବାର ଦାରିଙ୍ଗବାଡ଼ିରେ ସର୍ବାଧିକ ୨୦ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ହୀରାକୁଦରେ ୧୫, ପାରାଦୀପ ୧୪, ଭୁବନେଶ୍ୱର ୧୨.୭, ବାରିପଦା, କଟକ ୧୦.୨, ଅନୁଗୋଳରେ ୧୦ ମି.ମି. ବର୍ଷା ହୋଇଛି। ଏହାଛଡ଼ା ତାଳଚେର, ସୁନ୍ଦରଗଡ଼, ମାଲକାନଗିରି, ନୟାଗଡ଼ରେ ମଧ୍ୟ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ହୀରାକୁଦରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୧୧।୭(ବ୍ୟୁରୋ)

- ନିଅଣ୍ଟ ବର୍ଷା, ୨ ଗେଟ୍ ଖୋଲିଲା
- ୪୮ ଘଣ୍ଟା ପରେ ମୁଣ୍ଡଳିରେ ପହଞ୍ଚିବ

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ରୁ ରବିବାର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ପୂର୍ବାହ୍ନ ୧୧ଟା ସମୟରେ କୋଭିଡ୍ କଟକଣା ପାଳନ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ୨ଟି ସ୍ଲୁଇସ ଗେଟ୍ ଖୋଲାଯାଇଥିଲା। ଏହି ଗେଟ୍ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୩୦ ହଜାର କ୍ୟୁସେକ ଜଳ ନିଷ୍କାସନ ହେଉଛି। ଏ ନେଇ ଅପର ମହାନଦୀ ବେସିନ ମୁଖ୍ୟଯନ୍ତ୍ରୀ ସୁନୀଳ ନାଏକ କହିଛନ୍ତି, ପୂର୍ବ ନିର୍ଦ୍ଧାରିତ ସମୟରେ ଗେଟ୍ ଖୋଲା ଯାଇଥିଲା। ଉପର ମୁଣ୍ଡରେ ବର୍ଷା ଅଭାବ ଯୋଗୁ ଜଳଭଣ୍ଡାରକୁ କମ୍ ପରିମାଣର ଜଳ ପ୍ରବେଶ କରୁଛି। ତେଣୁ ପ୍ରଥମେ ୨ ଗେଟ୍ ଖୋଲାଯାଇଛି। ଜଳଭଣ୍ଡାରରେ ଜଳସ୍ତର ୬୦୫ ଫୁଟ୍‌ରୁ କମ୍ ନ ହେବା ପର୍ଯ୍ୟନ୍ତ ଏହି ୨ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିବ। ୪୮ଘଣ୍ଟା ପରେ ଏହି ଜଳ ମୁଣ୍ଡଳିରେ ପହଞ୍ଚିବ। ଏଥିଯୋଗୁ ତଳ ମୁଣ୍ଡରେ ବନ୍ୟା ହେବାର କୌଣସି ସମ୍ଭାବନା ନାହିଁ। ମହାନଦୀ ଶୃଙ୍ଖଳା ରହିଥିବାବେଳେ ବର୍ଷା କମ୍ ହେଉଛି ବୋଲି ସେ କହିଥିଲେ।


ହୀରାକୁଦ ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ ହେଉଛି।

ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ଡ୍ୟାମ୍‌ରେ ଜଳସ୍ତର ୬୦୯.୫୨ ଫୁଟ୍ ରହିଥିଲା। ତେବେ ଡ୍ୟାମ୍‌କୁ ୬୦,୮୬୦ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୫୪,୦୫୬ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ସେହିପରି ବିଦ୍ୟୁତ୍ ଉତ୍ପାଦନ ପାଇଁ ୧୯,୮୪୨ କ୍ୟୁସେକ, ଦୁଇଟି ଗେଟ୍ ଦେଇ ୨୯,୬୩୬, ବିଭିନ୍ନ କେନାଲରେ ୪୩୦୦ ଓ ଶିଳ୍ପ ପାଇଁ ୨୭୨ କ୍ୟୁସେକ ଜଳ ନିଷ୍କାସନ ହେଉଛି। ରୁଲ୍ କର୍ଭ ଅନୁସାରେ ଜଳସ୍ତରକୁ ଦେଖି ଗେଟ୍ ସଂଖ୍ୟା ବୃଦ୍ଧି କିମ୍ବା କମ୍ କରାଯିବ। ପର୍ଥଲାରେ ୨୧,୭୩୯, ଖଇରମାଲରେ ୪୮,୮୦୦, ବାରମୁଲାରେ ୪୨,୮୦୦, ମୁଣ୍ଡଳିରେ ୩୭,୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୂଚନାଯୋଗ୍ୟ ୨୦୧୭ ଜୁଲାଇ ୨୩ରେ ହୀରାକୁଦରୁ ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିଲା। ସେତେବେଳେ ଜଳସ୍ତର ୬୦୭.୦୬ ଫୁଟ୍ ରହିଥିଲା। ସେହିପରି ୨୦୧୮ ଜୁଲାଇ ୨୪ରେ ଜଳସ୍ତର ୬୧୮.୦୦ଫୁଟ୍ ରହିଥିବା ବେଳେ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ୨୦୧୯ରେ ବର୍ଷା ଅନୁପାତ କମ୍ ଓ ମୌସୁମୀ ବର୍ଷା ବିଳମ୍ବ ହେବାରୁ ନିଷ୍କାସନ ଡେରିରେ ହୋଇଥିଲା। ଜଳସ୍ତର ୬୧୮.୬୯ଫୁଟ୍ ରହିଥିବାବେଳେ ଅଗଷ୍ଟ ୧୪ରେ ଜଳ ନିଷ୍କାସନ କରାଯାଇଥିଲା। ୨୦୨୦ ଜୁନ୍ ୨୫ରେ ଜଳସ୍ତର ୬୧୦.୫୦ଫୁଟ୍ ଥିବାବେଳେ ବନ୍ୟାଜଳ ନିଷ୍କାସନ ହୋଇଥିଲା। ଜଳ ନିଷ୍କାସନ ନେଇ ପୂର୍ବରୁ ସମ୍ବଲପୁର ସମେତ ସୋନପୁର, କଟକ, ବୌଦ୍ଧ, ଖୋର୍ଦ୍ଧା, ଫୁଲବାଣୀ, ଅନୁଗୋଳ, ନୟାଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ ଜିଲାପାଳମାନଙ୍କୁ ଅବଗତ କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଂସା ବନ୍ଧା ଦେଇ ହଳଦୀ ଆଣ**
**ଶୋଇଲେ ଶୋଇବା ଉପାସେ ପୁଣ।**

ଆଗ କାଳରେ କଂସା ବାସନର ବ୍ୟବହାର ଥିଲା। କଂସା ବାସନ ବନ୍ଧା ଦେଇ ହଳଦୀ କିଣିବା ପରି ନ ଖାଇ ମୂଲ୍ୟବାନ ସାମଗ୍ରୀ କିଣିବା ମୂର୍ଖାମିର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କପାସିଆ,**
**ଛ’ ମାସିଆ।**

ସାଧାରଣତଃ ସୂତାବୁଣା ଲୁଗାର ପରମାୟୁ ଛ’ ମାସ ହୋଇଥାଏ। ଜିନିଷଟି ଯେତେବେଳେ କ୍ଷଣସ୍ଥାୟୀ ସେତେବେଳେ ତା’ର ମୂଲ୍ୟ ପ୍ରତି ଏତେ ଧ୍ୟାନ ନ ଦେଇ କୌଣସି ମତେ କାମ ଚଳେଇ ଦେଲେ ଯାଏ। ଚାରି ଛ ମାସ ଭିତରେ ଚିରିଗଲେ ପୁଣି ନୂଆ ଖଣ୍ଡେ ଆଣିବା ନେଇ ଭାବନା କରିବା ବା ଚିନ୍ତା କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


## classifieds Everyday
0674-2580101, 2549302

real estate

**SALE**

ଦୁଇ ବଖରା ଆଜବେଷ୍ଟ ଘର ଥାଇ ସ୍ଥିତିବାନ୍ ଘରବାରି ୫ଡିସିମିଲ ଜାଗା ବିକ୍ରିହେବ @45Lakhs ହାଟବଜାର, ଜଟଣୀ। Owner-9439270333. D-70864

Buy or Sale Property- 8984071303. 5BHK Duplex Balianta-99,00,000/ 3BHK Apartment AIIMS-3700 & Chandrasekharpur-5700. Residential Land IIT-600/ Jaanla-900/ Pahala-1200/ Tamando-1500/ AIIMS-1800/ AMRI-2650/. D-21057

**AIIMS Hospital frontgateରୁ 300mtr 2395sqft. ଘରବାରି plot yellowzone sqft.-2500/-, Contact: 9938447042.** D-70863

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/-(outright). 9348232008, 9348817649. D-70857

**3BHK duplex 58 lakhs near Hanspal Jagannathpur, Bhubaneswar (Bank loan available). 9040033905, 9937807101.** D-70852

Twincity ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16ରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 7008175202. D-70856


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଯାତ୍ରା, ବାଣିଜ୍ୟ, ସଭାସମିତି, ବନ୍ଧୁମିଳନ, ଆନନ୍ଦ ଉଲ୍ଲାସ ମଧ୍ୟରେ ସମ୍ପନ୍ନ ହେବ। ଆପଣ ଯାହା ଚାହୁଁଛନ୍ତି, ତାହା ପାଇବାରେ ଜଣେ ବନ୍ଧୁ ସହଯୋଗ କରିବେ। କର୍ମ କ୍ଷେତ୍ରରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାର ସୂଚନା ରହିଛି। ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବୃଷ**
ଯେତେ ବାଧାବିଘ୍ନ ଆସୁନା କାହିଁକି, ଆଜି କୌଣସି କାମ ଅଟକିବ ନାହିଁ। ରୋହିଣୀ ନକ୍ଷତ୍ର ସକାଶେ ଆଲୋଚନା ପରିସରରେ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ ଓ ଫେରନ୍ତା ବାଟରେ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦମୁକ୍ତ ହେବେ। ବ୍ୟବସାୟିକ କ୍ଷେତ୍ର ସମସ୍ୟାବହୁଳ ହୋଇପାରେ।

**ମିଥୁନ**
ସବୁ ସୁବିଧା ଥାଇ ମଧ୍ୟ କେତେକ କାମ ନ ହେବା କାରଣରୁ ମନ ଭଲ ରହିବ ନାହିଁ। ପୁନର୍ବସୁର ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା କାରଣରୁ ସ୍ୱାସ୍ଥ୍ୟହାନି ଦେଖାଦେଇପାରେ। କର୍ମକ୍ଷେତ୍ରରେ ଉତ୍ସାହର ସହ କାମ କରିବେ। ହୋଟେଲ, ଛୋଟ ଦୋକାନୀ, ଲାଭବାନ୍ ହେବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ସମସ୍ୟା ଆସିବ।

**କର୍କଟ**
କ୍ରମଶଃ କରିଥିବା ଆଶା ମଉଳିବାକୁ ଯାଉଥିବାର ଅନୁଭବ କରି ମନ ଏକପ୍ରକାର ମାନ୍ଦା ରହିପାରେ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ମୃଗଶିରାର ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବ। ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ବିପଦମୁକ୍ତ ହୋଇପାରନ୍ତି।

**ସିଂହ**
ବିଭିନ୍ନ କ୍ଷେତ୍ରରେ ମିଥ୍ୟା ଅଭିଯୋଗ ଆସିପାରେ, କିନ୍ତୁ ଚିନ୍ତା ନ କରି କାମରେ ଲାଗିପଡ଼ନ୍ତୁ। ମଘା ନକ୍ଷତ୍ର ଅକୁହା କଥାକୁ ବନ୍ଧୁଙ୍କ ଆଗରେ ବଖାଣି ଘର ଲୋକ ମାନଙ୍କ ବିରାଗ ଭାଜନ ହେବେ। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ପ୍ରଗାଢ଼ ଚେଷ୍ଟା କରିପାରନ୍ତି। କେତେକ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ।

**କନ୍ୟା**
ବିଭିନ୍ନ ପ୍ରକାରର ପାରିବାରିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଚିତ୍ରା ନକ୍ଷତ୍ର ଅଚାନକ ଭାବରେ ଅଶୁଭ ଖବର ଶୁଣି ବିସ୍ମିତ ହୋଇପାରନ୍ତି। ବିଭିନ୍ନ ପ୍ରକାରର ସମସ୍ୟା ହେତୁ କର୍ମକ୍ଷେତ୍ରରେ ଅନିଶ୍ଚିତତା ମଧ୍ୟରେ ଗତିକରିବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରା ବିଳମ୍ବ ହୋଇପାରେ, ତଥାପି ଲକ୍ଷ୍ୟସ୍ଥଳରେ ପହଞ୍ଚିବେ।

**ତୁଳା**
କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ନିର୍ଭୀକତା ହେତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ। ବିଶାଖା ନକ୍ଷତ୍ର ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି। ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବ୍ୟବସାୟ ଓ ବାଣିଜ୍ୟରୁ ଅର୍ଥ ଲାଭ ହେତୁ ଖୁସି ରହିବେ।

**ବିଛା**
ଅନୁରାଧା ଆଲୋଚନା କ୍ଷେତ୍ରରେ, ପ୍ରଶାସନିକ କାମରେ, ଯାତ୍ରା କ୍ଷେତ୍ରରେ ତଥା ସଭା ସମିତିରେ ଆଶାଜନକ ଫଳ ପାଇବେ। କର୍ମକ୍ଷେତ୍ରରେ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ପ୍ରତି ସତର୍କ ରୁହନ୍ତୁ। ଚାକିରି କ୍ଷେତ୍ରରେ ଉଚ୍ଚ କର୍ତ୍ତୃପକ୍ଷ ସହଯୋଗର ପ୍ରତିଶ୍ରୁତି ଦେବେ। ଭ୍ରମଣ ଅବକାଶରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ଧନୁ**
ପରିବାର ସଦସ୍ୟ ଆପଣଙ୍କୁ ଭୁଲ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଅତି ପ୍ରିୟ ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ବିରୋଧରେ କଥା କହିବ। କର୍ମକ୍ଷେତ୍ରରେ ଆଜିର କାମଗୁଡ଼ିକ ଠିକ୍ ଭାବେ ହେବାରେ କେତେକ ପ୍ରତିବନ୍ଧକ ସୃଷ୍ଟି ହେବ। ପରିବହନରେ ଆକସ୍ମିକ ସମସ୍ୟାକୁ ଚତୁରତାର ସହ ସମାଧାନ କରିବେ।

**ମକର**
ଆଜିର ଯାତ୍ରାରେ ଅର୍ଥ ପ୍ରାପ୍ତିର ଆଶା ପୂରାମାତ୍ରାରେ ରହିଛି। ପାଖ, ପଡ଼ୋଶୀଙ୍କ ସାହାଯ୍ୟକ୍ରମେ ନିର୍ମାଣାଧୀନ କାମ ପୂର୍ଣ୍ଣାଙ୍ଗ ହୋଇଯିବ। ଶ୍ରବଣା ନକ୍ଷତ୍ରର ଦୁର୍ବଳ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ନିଜ ନିଜ ଭିତରେ ଅଯଥା କଳହରୁ ଦୂରେଇ ରୁହନ୍ତୁ। ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ସହ ବୁଝାମଣା ଠିକ୍ ରହି ନ ପାରେ।

**କୁମ୍ଭ**
ପୂର୍ବଭାଦ୍ରବ ନିଜର ସମ୍ପର୍କୀୟମାନେ ବିନା କାରଣରେ କଳହ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହୁଥିଲେ ମଧ୍ୟ କାମଟିକୁ ଛାଡ଼ିପାରିବେ ନାହିଁ। ଗୋପନରେ ଶତ୍ରୁତା କରୁଥିବା କେହି ଜଣେ ବ୍ୟକ୍ତି ଅସୁବିଧାରେ ପକାଇପାରନ୍ତି। ହଠାତ୍ ଯାତ୍ରା କରିବାକୁ ଯିବାକୁ ମନସ୍ଥ କରି ବାଟରୁ ଫେରି ଆସିବାକୁ ପଡ଼ିପାରେ।

**ମୀନ**
ଆଶା କରୁଥିବା ସବୁ ସୁବିଧା ସୁଯୋଗ ପାଇ ଖୁସି ହେବେ। ପଡ଼ୋଶୀ କିମ୍ବା ଆତ୍ମୀୟଙ୍କଠାରୁ ଅଯାଚିତ ସହାୟତା ପାଇବେ। ପରିସ୍ଥିତିବିଶତଃ ଅଧସ୍ତନ କର୍ମଚାରୀ କିମ୍ବା ସହକର୍ମୀଙ୍କୁ କଟୁକଥା କହି ସୁସମ୍ପର୍କ ହରାଇବେ। ରେବତୀ ସକାଶେ ଈର୍ଷା କରୁଥିବା ଲୋକ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ।

ଆଜି ଶ୍ରୀକ୍ଷେତ୍ରରେ ବିଶ୍ୱପ୍ରସିଦ୍ଧ ଶ୍ରୀଚତୁର୍ଦ୍ଧା ମୂର୍ତ୍ତିଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରା, ଜୁଲାଇ ୧୨ ତାରିଖ, ସୋମବାର, ମାଲାଲା ଦିବସ, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ମିଥୁନ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୪୮ ଗତେ ଘ.୧୦।୩୩ ମଧ୍ୟେ ଅମୃତବେଳା। ରାତ୍ରି ଘ.୦୩।୫୨ ଗତେ ଘ.୦୪।୩୫ ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୬।୫୭ ଗତେ ଘ.୦୮।୩୫ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଜୁଲାଇ ୧୨/୨୦୨୧ | Bhubaneswar, Monday, July 12/2021 | ପୃଷ୍ଠା-୧

# କେତେ ସନ୍ତାନ

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୧୧ ଜୁଲାଇ ବିଶ୍ୱ ଜନସଂଖ୍ୟା ଦିବସରେ ରାଜ୍ୟ ଜନସଂଖ୍ୟା ନୀତି ଚିଠା ବିଲ୍‌କୁ ଉନ୍ମୋଚନ କରିଛନ୍ତି। ଏଥିରେ ଦୁଇ ସନ୍ତାନ ନୀତି ପ୍ରଚଳନ ଲାଗି ବ୍ୟବସ୍ଥା କରାଯାଇଛି। ଯେଉଁମାନେ ଦୁଇ ସନ୍ତାନ ନୀତିକୁ ଉଲ୍ଲଂଘନ କରିବେ ସେମାନଙ୍କୁ ସରକାରୀ ଯୋଜନାର ସମସ୍ତ ସୁବିଧାରୁ ବଞ୍ଚିତ କରାଯିବ। ଅନ୍ୟପକ୍ଷରେ ଦୁଇ ସନ୍ତାନ କିମ୍ବା ୧ ସନ୍ତାନଧାରୀ ମାତାପିତାଙ୍କ ଲାଗି ସରକାର ହାତ ଖୋଲାକରି ସୁବିଧା ଓ ସୁଯୋଗ ବାଣ୍ଟିବେ ବୋଲି ଜଣାଇ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଉତ୍ତର ପ୍ରଦେଶ ଭାରତର ସର୍ବାଧିକ ଜନବହୁଳ ରାଜ୍ୟ। ସେଠାରେ ମୁସଲମାନ ସମ୍ପ୍ରଦାୟର ଏକ ବଡ଼ ଅଂଶ ଥିବା ସହିତ ଦଳିତ ଓ ପଛୁଆବର୍ଗଙ୍କ ସଂଖ୍ୟା ଅଧିକ ଅଛି।

ଯୋଗୀ ଆଦିତ୍ୟନାଥଙ୍କ ଏହି ଘୋଷଣାକୁ ଦେଖିଲେ ଲାଗୁଛି ଯେପରି ଭାଜପା 'ଏପଟି ନ ହେଲେ ସେପଟି' ଔଷଧ ଗିଳୁଛି। ରାମମନ୍ଦିର, ମୁସଲମାନ ବିରୋଧୀ ପଦକ୍ଷେପ ସହିତ ଦଳିତମାନଙ୍କ ବିରୋଧରେ ସବୁ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସତ୍ତ୍ୱେ ଭାଜପାର ଦର ହ୍ରାସ ପାଇବାରେ ଲାଗିଛି। ଏହା ପଛରେ, ମୁଖ୍ୟତଃ, ମୋଦି ସରକାରଙ୍କ ଅର୍ଥନୈତିକ ବିଫଳତା ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ( ଆରଏସ୍‌ଏସ୍)ର ଅଧିକାଂଶ ସାମାଜିକ ଲକ୍ଷ୍ୟକୁ ପୂରଣ କରାଯାଇଥିବାବେଳେ ଜାତୀୟ ଅର୍ଥନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। କେବଳ ପେଟ୍ରୋଲ, ଡିଜେଲ କିମ୍ବା ଖାଇବା ତେଲ ନୁହେଁ, ସବୁ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଘଟୁଥିବା ସହିତ ବେକାରି ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଦେଶର ଏହି ଦୁର୍ଦ୍ଦଶା ପାଇଁ କେବଳ କରୋନାକୁ ଦୋଷ ଦେବାର ଯେଉଁ ଉଦ୍ୟମ ହେଉଛି ତାହା ଭଲ ଭାବେ ଦାନା ବାନ୍ଧି ପାରୁନାହିଁ। କାରଣ କରୋନା କେବଳ ଭାରତକୁ ନୁହେଁ, ସମଗ୍ର ପୃଥିବୀକୁ ଆକ୍ରାନ୍ତ କରି ରଖିଛି। କିନ୍ତୁ ଭାରତକୁ ଯେଉଁଭଳି କ୍ଷତି କରିଛି, ତାହା ସମ୍ଭବତଃ ଦୁଇ ତିନି ଦଶନ୍ଧି ପର୍ଯ୍ୟନ୍ତ ଉଠିପାରିବା କଷ୍ଟକର ହେବ।

ଏହି ବିଫଳତାର ପ୍ରଚ୍ଛଦପଟରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କର ଦୁଇ ସନ୍ତାନ ନୀତି ଘୋଷଣା କରିବା ବିଷୟକୁ ଦେଖାଯିବା ଦରକାର। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏଭଳି ସନ୍ତାନ ସଂଖ୍ୟା ଅନୁଯାୟୀ ସରକାରୀ ନୀତି ପ୍ରଣୟନ କୌଣସି ରାଜ୍ୟର କ୍ଷମତା ପରିସରରେ ଆସୁ ନ ଥିବା ଭଳି ମନେହେଉଛି। ଦେଶର ଜନଗଣନା ବା ସେନ୍‌ସସ୍ କେବଳ କେନ୍ଦ୍ର ସରକାର ଦ୍ୱାରା କରାଯାଇଥାଏ, ଅର୍ଥାତ୍ ତାହା ଏକ କେନ୍ଦ୍ରୀୟ ବିଷୟ। ଯୋଗୀ ଆଦିତ୍ୟନାଥଙ୍କ ପୂର୍ବରୁ ଆସାମର ହିମନ୍ତ ବିଶ୍ୱଶର୍ମା ମନ୍ତ୍ରିମଣ୍ଡଳ ଏହିଭଳି ଏକ ଦୁଇ ସନ୍ତାନ ନୀତି ଚାଲୁ କରିବ ବୋଲି କହି ସାରିଛି। ଆଜିର ଭାରତର ମାନଚିତ୍ରକୁ ଦେଖିଲେ ଅନେକ ରାଜ୍ୟ ଅଣଭାଜପା ଶାସିତ ଅଛନ୍ତି।

ତଥାଗତ ସତପଥୀ

ଆସନ୍ତାକାଲି ହୁଏତ ମମତା ବାନାର୍ଜୀ ଇଚ୍ଛା କଲେ ୪ ସନ୍ତାନ ବିଶିଷ୍ଟ ନୀତି ପ୍ରଣୟନ କରିପାରନ୍ତି। ସେହିଭଳି ତାମିଲନାଡୁର ଷ୍ଟାଲିନ୍ ବା ମହାରାଷ୍ଟ୍ରର ଠାକ୍‌ରେ ତିନି ବା ପାଞ୍ଚ ସନ୍ତାନ ନୀତି କଲାବେଳକୁ ଓଡ଼ିଶାର ନବୀନ ସରକାର କୌଣସି ସନ୍ତାନ କରି ନ ପାରନ୍ତି। ସେଥିପାଇଁ ସୀମିତ ସନ୍ତାନ କାର୍ଯ୍ୟକ୍ରମ ଏକ ଜାତୀୟ ସ୍ତର ନୀତି ହେବା କଥା ବୋଲି ମନେହେଉଛି। ନଚେତ୍ ଉତ୍ତର ପ୍ରଦେଶର ଏହି ଘୋଷଣାକୁ ବାଚାଳାମି କିମ୍ବା ପରୀକ୍ଷାଗାର ଭାବେ ଦେଖାଯାଇପାରେ। ଏଠାରେ ମନେପଡୁଛି, ଗତ ଶତାବ୍ଦୀର ସତୁରି ଦଶନ୍ଧିର ମଧ୍ୟଭାଗରେ ସଞ୍ଜୟ ଗାନ୍ଧୀଙ୍କ ଦ୍ୱାରା ଉତ୍ତର ଭାରତରେ ପରିବାର ନିୟନ୍ତ୍ରଣ ଲାଗି ବନ୍ଧ୍ୟାକରଣ ବା ଷ୍ଟେରିଲାଇଜେଶନ କାର୍ଯ୍ୟକ୍ରମ ସରକାରୀ ସ୍ତରରେ ଜୋରଜବରଦସ୍ତ ଆରମ୍ଭ କରାଯାଇଥିଲା। ସେତେବେଳେ ସଞ୍ଜୟଙ୍କ ଦୃଷ୍ଟି ଉତ୍ତର ପ୍ରଦେଶ ଓ ଦିଲ୍ଲୀ ଉପରେ ଅଧିକ ନିବଦ୍ଧ ଥିଲା। ଜରୁରିକାଳୀନ ପରିସ୍ଥିତି ଶେଷ ହେବା ପରେ ଉଭୟ ସଞ୍ଜୟ ଓ ତାଙ୍କ ମାତା ଇନ୍ଦିରା ଗାନ୍ଧୀ ନିର୍ବାଚନରେ ପରାଜୟ ବରଣ କରିଥିଲେ। ତେବେ ଆଦିତ୍ୟନାଥଙ୍କ ଏଭଳି କଠୋର ନୀତି ପଛରେ ଉଦ୍ଦେଶ୍ୟ କ'ଣ ଥାଇପାରେ ତାହା ଚିନ୍ତା କରିବା ଦରକାର। କେବଳ ଅର୍ଥନୈତିକ ମଙ୍ଗଳ ପାଇଁ ଏଭଳି ପ୍ରୟାସ କରାଯାଇଥିବା ଯାହା କୁହାଯାଉଛି, ତାହା ଆଦୌ ଗ୍ରହଣୀୟ ନୁହେଁ।

ଏହି ପରିପ୍ରେକ୍ଷୀରେ ପୃଥିବୀର ସର୍ବାଧିକ ଜନବହୁଳ ରାଷ୍ଟ୍ର ଚାଇନା କଥା ଦେଖାଯାଉ। ୧୯୮୦ ବେଳକୁ ଚାଇନା ଜନସଂଖ୍ୟା ୧୦୦ କୋଟି ଛୁଇଁବାକୁ ଯାଉଥିବା ଲକ୍ଷ୍ୟକରି ସେଠାକାର ଏକଛତ୍ରବାଦୀ ସରକାର ଏକ ସନ୍ତାନ ନୀତି ପ୍ରଣୟନ କରିଥିଲେ। ଫଳରେ ଜବରଦସ୍ତ ପରିବାର ନିୟୋଜନ ଓ ଗର୍ଭପାତ କରାଯାଇଥିଲା। ଦେଶବ୍ୟାପୀ ଲୋକେ ତାହାକୁ ବିରୋଧ କରିଥିଲେ। ଯେହେତୁ ସେଠାରେ ସରକାରଙ୍କ ସ୍ୱେଚ୍ଛାଚାରିତା ରହିଛି ସେହେତୁ ସରକାରଙ୍କ ନୀତିକୁ ଜନସାଧାରଣଙ୍କ ଉପରେ ଲଦି ଦିଆଯାଇଥିଲା ଓ ଲୋକେ ତାହାକୁ ମାନିଲେ। ହେଲେ ଏହାର ୩୫ ବର୍ଷ ପରେ ଦେଖାଗଲା କାମ କରିବାକୁ ସୁସ୍ଥସବଳ ଯୁବକ ମିଳିଲେ ନାହିଁ। ଦେଶରେ ବୃଦ୍ଧଙ୍କ ସଂଖ୍ୟା ବଢ଼ିଗଲା। ପରବର୍ତ୍ତୀ ସମୟରେ ଏକ ସନ୍ତାନ ନୀତିର ତ୍ରୁଟିକୁ ବୁଝି ଚାଇନା ସରକାର 'ଦୁଇ ସନ୍ତାନ ନୀତି' ୨୦୧୬ରେ ପ୍ରଣୟନ କଲେ। ତାହାର ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ସରକାରଙ୍କ ନୀତି ପରିବର୍ତ୍ତନ ଚରିତ୍ରକୁ ଦେଖି ସେଠାକାର ନାଗରିକ ଅଧିକ ସନ୍ତାନ ପାଇଁ ଆଗ୍ରହ ପ୍ରକାଶ କଲେନାହିଁ। ଏବେ, ବ୍ୟାକୁଳ ହୋଇ, ଚାଇନା ସରକାର ତିନି ସନ୍ତାନ ନୀତି ପ୍ରଣୟନ କଲେଣି। ବିଭିନ୍ନ ସୁବିଧା ସୁଯୋଗ ଯାଚିଲେ ମଧ୍ୟ ନବା ଲୋକ କେହି ନାହାନ୍ତି। ଏଭଳି ସ୍ଥିତିରେ କୌଣସି ନୀତି ବିଶେଷକରି ଜନସଂଖ୍ୟା ସଂକ୍ରାନ୍ତରେ ନିଷ୍ପତ୍ତି ଘୋଷଣା କରିବା ପୂର୍ବରୁ ସୁଚିନ୍ତିତ ମତାମତ ଲୋଡ଼ାଯିବା ଦରକାର। ତେବେ ଆଦିତ୍ୟନାଥ ଏଭଳି କଲେ କାହିଁକି? ମନେହେଉଛି ଯେପରି ଉତ୍ତର ପ୍ରଦେଶରେ ଭାଜପାର ସ୍ଥିତି ଅସମ୍ଭାଳ ହେଲାଣି। କରୋନା ସଂକ୍ରମଣରେ ବ୍ୟାପକ ମୃତ୍ୟୁ ସହିତ ସରକାରଙ୍କ ଅନ୍ୟ ନୀତିଗୁଡ଼ିକ ବିଫଳ ହୋଇଛି। କୃଷକ ଅଶାନ୍ତି, ବିଶେଷକରି ଆଖୁଚାଷୀଙ୍କ ମଧ୍ୟରେ ବୃଦ୍ଧି ପାଇବାରେ ଲାଗିଛି। ରାମମନ୍ଦିର ଭଳି ହିନ୍ଦୁତ୍ୱ କାର୍ଯ୍ୟକ୍ରମ ଉପରେ ପରଦା ପଡ଼ିଗଲାଣି। କୃଷ୍ଣଙ୍କ ଜନ୍ମଭୂମି ସମ୍ପର୍କରେ ଉଠାଯାଇଥିବା ବିବାଦ ଦାନା ବାନ୍ଧୁନାହିଁ। ସେଭଳିସ୍ଥଳେ କର ନ ହେଲେ ମର ନୀତିରେ ଉତ୍ତର ପ୍ରଦେଶ ହିନ୍ଦୁ ଭୋଟରଙ୍କୁ ଏକଜୁଟ କରିବାରେ ଏହା ଏକ ମୁଖ୍ୟ ପ୍ରୟାସ ଭାବେ ମନେହେଉଛି। ଦେଖିବାକୁ ବାକି ରହିଲା ଭୋଟ୍ ମେଶିନରେ ଏହାର କେଉଁଭଳି ପ୍ରଭାବ ପଡ଼ିବ।



ଘୋଷଯାତ୍ରା ପାଇଁ ବଡ଼ଦାଣ୍ଡରେ ନନ୍ଦିଘୋଷ ରଥକୁ ରବିବାର ଦକ୍ଷିଣମୋଡ଼ କରାଯାଇ ସିଂହଦ୍ୱାର ସମ୍ମୁଖକୁ ସେବାୟତମାନେ ଟାଣି ନେଉଛନ୍ତି।

# ଆଜି ବଡ଼ଦାଣ୍ଡରେ ଯାତ୍ରା

## ଏଥର ବି ବିନା ଭକ୍ତରେ ଗଡ଼ିବ ରଥ

**ପୁରୀ ଅଫିସ, ୧୧।୭**

ରଥ, ପଥ, ସେବାୟତ ସମସ୍ତେ ପ୍ରସ୍ତୁତ। ସୋମବାର ରଥଯାତ୍ରା। ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥର ମଧ୍ୟ ଗତବର୍ଷ ଭଳି କୋଭିଡ୍ କଟକଣା ଦୃଷ୍ଟିରୁ ବିନା ଭକ୍ତରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ହେବ। ସେବାୟତମାନେ କେବଳ ରଥ ଟାଣିବେ। ଚତୁର୍ଦ୍ଧାମୂର୍ତ୍ତି ରତ୍ନବେଦି ଛାଡ଼ି ରଥରେ ବିଜେ ହୋଇ ଜନ୍ମବେଦି (ଶ୍ରୀଗୁଣ୍ଡିଚା ମନ୍ଦିର)କୁ ବୁଲିଯିବେ। ପୂର୍ବ ନିର୍ଦ୍ଧାରିତ ନୀତିକାନ୍ତି ଅନୁଯାୟୀ, ସୋମବାର ପୂର୍ବାହ୍ନ ୮ଟା ୧୫ରେ ମଙ୍ଗଳାର୍ପଣ ସରିବା ପରେ ୮ଟା ୩୦ରେ ପହଣ୍ଡି ଆରମ୍ଭ ହେବ। ୧୧ଟା ୩୦ରେ ପହଣ୍ଡି ସରିବ, ମଧ୍ୟାହ୍ନ ୧୨ରୁ ୧୨ଟା ୩୦ ମଧ୍ୟରେ ମଦନମୋହନ ବିଜେ କରିବେ। ଅପରାହ୍ନ ୧ଟା ପୂର୍ବରୁ ଚିତାଲାଗି ହୋଇ ୨ଟା ସୁଦ୍ଧା ଛେରାପହଁରା ସରିବ। ୩ଟା ସୁଦ୍ଧା ଚାରମାଳ ଫିଟା, ଘୋଡ଼ା ଓ ସାରଥୀ ଲାଗିବ। ଅପରାହ୍ନ ୩ଟାରେ ରଥଟଣା ଆରମ୍ଭ ହେବ।

ରବିବାର ତିନିରଥକୁ ଦକ୍ଷିଣମୋଡ଼ କରି ସିଂହଦ୍ୱାରକୁ ନିଆଯାଇଛି। ସେବାୟତମାନେ ରଥ ଟାଣିନେଇ ସିଂହଦ୍ୱାରରେ ପହଞ୍ଚାଇଛନ୍ତି। ଘଣ୍ଟଘଣ୍ଟା, ଛତା ଓ ତୂରୀ ପ୍ରଭୃତି ମଧ୍ୟରେ

- **ଅପରାହ୍ନ ୨ଟା ସୁଦ୍ଧା ଛେରାପହଁରା, ୩ଟାରେ ରଥଟଣା**
- **ଆଜ୍ଞାମାଳ ପରେ ଦକ୍ଷିଣମୋଡ଼ ହେଲା ତିନିରଥ**

ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆସିବା ପରେ ରଥର ଦକ୍ଷିଣମୋଡ଼ ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପୂଜାପଣ୍ଡା ସାମନ୍ତ ପର୍ଯ୍ୟାୟକ୍ରମେ ତିନିରଥରେ ଆଜ୍ଞାମାଳ ମହାରଣା ସେବାୟତଙ୍କୁ ପ୍ରଦାନ କରିଛନ୍ତି। ମହାପ୍ରଭୁଙ୍କ ମଙ୍ଗଳ ଆଳତି, ଅବକାଶ, ବେଶ ପ୍ରଭୃତି ନୀତିକାନ୍ତି ସମ୍ପନ୍ନ ହେବା ପରେ ସକାଳଧୂପ ଅନୁଷ୍ଠିତ ହୋଇଥିଲା। ଏହାପରେ ଆଜ୍ଞାମାଳ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଘୋଷଯାତ୍ରା ପାଇଁ ବିଧିବଦ୍ଧ ଭାବେ ମହାପ୍ରଭୁଙ୍କ ଅନୁମତି ଆଣିବା ଲାଗି ଦାରୁଦିଅଁଙ୍କ ଅଧରମାଳକୁ ଆଜ୍ଞାମାଳ ଭାବେ ପ୍ରଦାନ କରାଯାଇଥାଏ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଉପସ୍ଥିତିରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ମୁଖ୍ୟ ପ୍ରଶାସକ ସମର୍ପିତ ମନୋଭାବରେ ଆଜ୍ଞାମାଳକୁ ପ୍ରଣାମ କରି ଶୃଙ୍ଖଳିତ ଓ ବିନା ବାଧାବିଘ୍ନରେ ରଥଯାତ୍ରା ସମ୍ପନ୍ନ ହେବା ନେଇ ପ୍ରାର୍ଥନା କରିଛନ୍ତି। ପ୍ରଥମେ ନନ୍ଦିଘୋଷ, ପରେ ଦେବଦଳନ ଓ ଶେଷରେ ତାଳଧ୍ୱଜ ରଥକୁ ଟଣାଯାଇଥିଲା। ରଥ ଉପରେ ଡାହୁକ ଟାହିଆ ହଲାଇ ରଥକୁ ଆଗେଇ ନେବା ପାଇଁ ସେବାୟତଙ୍କ ମନରେ ଉତ୍ସାହ ଭରିଥିବା ବେଳେ ଘଣ୍ଟୁଆଙ୍କ ଘଣ୍ଟନାଦ ଓ ଜୟ ଜଗନ୍ନାଥ ଧ୍ୱନିରେ ସିଂହଦ୍ୱାର ସମ୍ମୁଖ ପ୍ରକମ୍ପିତ ହୋଇଉଠିଥିଲା। କୋଭିଡ୍ କଟକଣା ଯୋଗୁ କେବଳ ପ୍ରଶାସନ ଦ୍ୱାରା ଅନୁମତି ପ୍ରାପ୍ତ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ରଥର ଦକ୍ଷିଣମୋଡ଼ ସମ୍ପନ୍ନ ହୋଇଛି। ଖରା ପ୍ରକୋପରୁ ରକ୍ଷା ନିମନ୍ତେ ସେବାୟଙ୍କ ଉପରେ ଜଳ ସିଞ୍ଚନ ଲାଗି ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ରଥ ଟାଣିବା ପରେ ରୂପକାର ସେବକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଯେଉଁ ରଥ ନିର୍ମାଣ ପାଇଁ ଦିନରାତି ଏକ କରିଦେଇଥିଲୁ, ଏବେ ସେହି ରଥ ମହାପ୍ରଭୁଙ୍କ ନିମନ୍ତେ ପ୍ରସ୍ତୁତ ହୋଇ ଗଡ଼ିବା ଆରମ୍ଭ କରିଛି। ସୋମବାର ମହାପ୍ରଭୁ ଏଥିରେ ବିଜେ କରି ଶ୍ରୀଗୁଣ୍ଡିଚା ମନ୍ଦିର ବୁଲିଗଲେ ସମସ୍ତ କ୍ଳାନ୍ତି ଦୂର ହେବ। ମହାପ୍ରଭୁଙ୍କୁ ଟାଣିନେବା ଦରକାର ନାହିଁ। ସେ ବିଶ୍ୱନିୟନ୍ତା, ସେ ନ ଚାହିଁଲେ ଚକା ଗଡ଼ିବ ନାହିଁ। ତେଣୁ ଆମେ କେବଳ ମାଧ୍ୟମ। ସେହିପରି ନନ୍ଦିଘୋଷ ରଥର ମହାରଣା ବିଜୟ ମହାପାତ୍ର କହିଛନ୍ତି, ରଥ ଦକ୍ଷିଣମୋଡ଼ ପାଇଁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସିବା ପରେ ଦଉଡ଼ି ସଂଯୋଗ କରାଯାଇଥିଲା। ପ୍ରତି ରଥରେ ୪ଟି ଦଉଡ଼ି ଲଗାଯାଇ ରଥ ଟଣାଯାଇଥିଲା। ରଥରେ କୌଣସି ଛୋଟମୋଟ ସମସ୍ୟା ଥିଲେ ଦକ୍ଷିଣମୋଡ଼ ବେଳେ ତାହା ଜଣାପଡ଼ିଯାଏ। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ରବିବାର ଭୋରରୁ ମରିଚିକୋଟ୍ ଛକଠାରୁ ବ୍ୟାରିକେଡିଂ କରାଯାଇଛି। ଅନଧିକାର ପ୍ରବେଶକୁ ବନ୍ଦ କରାଯିବା ସହ କେବଳ ପ୍ରଶାସନ, ସେବାୟତ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅନୁମତି ମିଳିଥିଲା। ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂ ଶ୍ରୀମନ୍ଦିର ସଂଲଗ୍ନ ଅଞ୍ଚଳରେ ବୁଲି ସମସ୍ତ ବ୍ୟବସ୍ଥା ଯାଞ୍ଚ କରିଥିଲେ।

# ଇତିହାସ ରଚିଲେ ରିଚାର୍ଡ ବ୍ରାନ୍‌ସନ



ରିଚାର୍ଡ ବ୍ରାନ୍‌ସନ

**ୱାଶିଂଟନ୍, ୧୧।୭**

- **ପ୍ରଥମ ବିଲିୟନେୟାର ମହାକାଶ ଯାତ୍ରୀ**
- **ବ୍ରାନ୍‌ସନଙ୍କୁ ଟପିବେ ବେଜୋସ୍**

ଭର୍ଜିନ ଗାଲାକ୍ଟିକ ପ୍ରତିଷ୍ଠାତା ରିଚାର୍ଡ ବ୍ରାନ୍‌ସନ (୭୦) ରବିବାର ପ୍ରଥମ ବିଲିୟନେୟାର ଭାବେ ମହାକାଶ ଯାତ୍ରା କରିବାରେ ଇତିହାସ ରଚିଛନ୍ତି। ତାଙ୍କ ସହ ଦୁଇ ପାଇଲଟ୍ ଡେଭ୍ ମାକେ, ମାଇକେଲ ମାସୁକି ଏବଂ ମହାକାଶଚାରୀ ଭାରତୀୟ ବଂଶୋଦ୍ଭବ ସିରିଶା ବନ୍ଦାଲା, ବେଥ୍ ମେସୋସ୍ ଓ ଅପରେଶନ ଇଞ୍ଜିନିୟର କୋଲିନ୍ ବେନେଟ୍ ମିଶନ ୟୁନିଟ୍ ୨୨ରେ ଯାତ୍ରା କରିଛନ୍ତି। ଭାରତୀୟ ସମୟ ରାତି ପ୍ରାୟ ୮ଟା ୧୦ରେ ନ୍ୟୁୟର୍କସ୍ଥିତ ଆମେରିକା ସ୍ପେସ୍‌ପୋର୍ଟରୁ ଭର୍ଜିନ୍ ଗାଲାକ୍ଟିକ୍‌ର ସ୍ପେସ୍‌କ୍ରାଫ୍ଟ ମହାକାଶ ଅଭିମୁଖେ ଯାତ୍ରା କରିଥିଲା। ଯାତ୍ରା ସମୟର ସମସ୍ତ ପ୍ରକ୍ରିୟା ଭର୍ଜିନ ଗାଲାକ୍ଟିକ ☞ପୃଷ୍ଠା-୯



ଆଗରୁ ଯାହା ସବୁ ଦେଖାଯାଇଛି – ଆଗରୁ ଯେଉଁସବୁ ଉପାୟ ବାହାର କରାଯାଇଛି– ଆଗରୁ ଯାହାସବୁ ଗଠନ କରାଯାଇଛି ସେସବୁକୁ ପଛରେ ପକାଇ ଦିଅ । ... ତା'ପରେ ସେହି ଅଜଣା ରାଜ୍ୟକୁ ଯାତ୍ରା ଆରମ୍ଭ କରିଦିଅ ଏବଂ ତା'ପରେ ଯାହାକିଛି ଘଟିବାର ଘଟୁ । ବାସ– ଏତିକି । –ଶ୍ରୀମା





# ପ୍ୟାକେଜ ଭେଳିକି: ଧର୍ମକୁ ଆଖିଠାର

ଡ. ସନ୍ତୋଷ କୁମାର ମହାପାତ୍ର

କୋଭିଡ୍ ମହାମାରୀ ହେଉଛି ଆମ ସମୟର ଭୟଙ୍କର ସ୍ୱାସ୍ଥ୍ୟ ଓ ଆର୍ଥିକସଙ୍କଟ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସବୁଠାରୁ ବୃହତ୍ ମାନବିକ ଆହ୍ୱାନ । ଏହା ଭାରତ ସମେତ ସମଗ୍ର ବିଶ୍ୱ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି । ଏହି ସମୟରେ ଧନିକ ଶ୍ରେଣୀ, କର୍ପୋରେଟ, ଅରବପତିଙ୍କ ସମ୍ପଦ ବହୁଗୁଣ ବୃଦ୍ଧିପାଇଛି । କମ୍ପାନୀଗୁଡ଼ିକ ଲାଭ ଅହେତୁକ ବୃଦ୍ଧି ପାଇଛି ।

କର୍ପୋରେଟମାନଙ୍କ ଲାଭ ସତ୍ତ୍ୱେ ସେମାନଙ୍କ କାରବାର ହ୍ରାସ ପାଇଛି, ଉତ୍ପାଦ ଏବଂ ସେବାଗୁଡ଼ିକର ଚାହିଦା ହ୍ରାସ ମଧ୍ୟ ଶିଳ୍ପ ଜଗତରେ ଉଦ୍‌ବେଗ ସୃଷ୍ଟି କରିଛି । ଏଣୁ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ନୁହେଁ, ନିଜ ବ୍ୟବସାୟର ସୁରକ୍ଷା ପାଇଁ ସରକାରଙ୍କ ନିକଟରେ ଆର୍ଥିକ ପ୍ୟାକେଜ ପାଇଁ ଶିଳ୍ପଜଗତ ଦାବି କରିଥିଲା, ଯାହା ସରକାର ଶୁଣିଛନ୍ତି । ଅବଶ୍ୟ ସରକାର ଲୋକଙ୍କ ଦାବି ଶୁଣନ୍ତି ନାହିଁ । ଏକ ଆର୍ଥିକ ପ୍ୟାକେଜ ହେଉଛି ବିଭିନ୍ନ ପ୍ରକାର ଆର୍ଥିକ ପଦକ୍ଷେପ, ଯାହା ସରକାର ଏକ ଦୁର୍ବଳ, ନିମ୍ନମୁଖୀ, ବିପର୍ଯ୍ୟୟମୁଖୀ ଅର୍ଥନୀତିକୁ ଟ୍ରାକକୁ ଆଣିବା ପାଇଁ ଘୋଷଣା କରନ୍ତି । ଏକ ଆର୍ଥିକ ଉତ୍ସାହ ପ୍ୟାକେଜ ଉପଯୋଗିତା ପଛରେ ଥିବା କେନ୍ସଙ୍କ ଥିଓରି ବା କିନ୍ସିଆନ ଅର୍ଥନୀତିର ତତ୍ତ୍ୱ ହେଉଛି ଆର୍ଥିକ ମାନ୍ଦାବସ୍ଥା ବା ଅନ୍ୟ ଭୟଙ୍କର ଆର୍ଥିକ ସଙ୍କଟ ଆପେ ଆପେ ଦୂର ହେବନାହିଁ । ଏଥିପାଇଁ ସରକାରୀ ହସ୍ତକ୍ଷେପ ଜରୁରୀ । ଏକ ଆର୍ଥିକ ପ୍ୟାକେଜ ଆର୍ଥିକ ସହାୟତା, ବ୍ୟୟ (ବିତ୍ତୀୟ ନୀତି), ସୁଧହାର ହ୍ରାସ (ମୁଦ୍ରା ନୀତି) କିମ୍ବା ପରିମାଣିକ ସହଜ (କ୍ୱାଣ୍ଟିଟେଟିଭ ଇଜିଙ୍ଗ) ଆକାରରେ ହୋଇପାରେ । ଯେତେବେଳେ ସରକାର ବିତ୍ତୀୟ ପଦକ୍ଷେପ ପାଇଁ ଚୟନ କରନ୍ତି, ସେତେବେଳେ ଲୋକଙ୍କ କ୍ରୟଶକ୍ତି ବୃଦ୍ଧି ଏବଂ ଚାହିଦା ବୃଦ୍ଧି ପାଇଁ ପଦକ୍ଷେପ ନିଅନ୍ତି । ଏଥିପାଇଁ ଟିକସ ହ୍ରାସ କରିଥାନ୍ତି, ଲୋକଙ୍କୁ ଆୟ ସହାୟତା ଦେଇଥାନ୍ତି, ବିଭିନ୍ନ କ୍ଷେତ୍ରରେ ବ୍ୟୟ ବୃଦ୍ଧି କରିଥାନ୍ତି । ସରକାର ବେକାରି ହାର ହ୍ରାସ, ନିଯୁକ୍ତି ସୃଷ୍ଟି, ଦରଦାମ ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେଇଥାନ୍ତି । ଟିକସ ହ୍ରାସ ଯୋଗୁ ଲୋକଙ୍କ ପାଖରେ ପରୋକ୍ଷରେ ଅଧିକ ଅର୍ଥ ରହିଥାଏ ଏବଂ ଲୋକ ବେଶି ବ୍ୟୟ କରିଥାନ୍ତି ।

ଅର୍ଥନୀତିକୁ ଚଳଚଞ୍ଚଳ କରିବା ପାଇଁ ମୁଦ୍ରା ନୀତିରେ ସୁଧ ହାର ହ୍ରାସ କରାଯାଏ । ଯେତେବେଳେ ସୁଧ ହାର ହ୍ରାସ କରାଯାଏ, ଲୋକ ସଞ୍ଚୟ କରିବାକୁ ନିରୁତ୍ସାହିତ ହୁଅନ୍ତି, ଅଧିକ ଋଣ ନେଇ ଅଧିକ ବ୍ୟୟ କରନ୍ତି । ଅଧିକ ବ୍ୟୟ କଲେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧିପାଏ । କିନ୍ତୁ ସୁଧ ହ୍ରାସ ଯୋଗୁ ବେଶି ଲାଭବାନ ହୋଇଥାନ୍ତି କର୍ପୋରେଟ ଜଗତ ଏବଂ ସରକାର । ଉଭୟଙ୍କର ସୁଧ ବାବଦ ପରିବ୍ୟୟ ହ୍ରାସ ପାଇଥାଏ । କିନ୍ତୁ ସଞ୍ଚୟ ଉପରେ ନିର୍ଭର କରି ବଞ୍ଚୁଥିବା ଲୋକ ବେଶି କ୍ଷତିଗ୍ରସ୍ତ ହୋଇଥାନ୍ତି । ପରିମାଣିକ ସହଜତା ହେଉଛି ଏକ ପ୍ରକାରର ବିସ୍ତାରିତ ମୁଦ୍ରା ନୀତି ଯେତେବେଳେ ଏକ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନରୁ ବଣ୍ଡ ପରି ବହୁ ସଂଖ୍ୟକ ଆର୍ଥିକ ସମ୍ପତ୍ତି କ୍ରୟ କରେ, ଯାହା ଅର୍ଥ ଯୋଗାଣରେ ବୃଦ୍ଧି କରିଥାଏ, ବଣ୍ଡର ମୂଲ୍ୟ ବୃଦ୍ଧି କରିଥାଏ ଏବଂ ସୁଧ ହାର ହ୍ରାସ କରିଥାଏ । ଯେତେବେଳେ ସୁଧହାର ବହୁତ କମ୍ ଥାଏ, ମୁଦ୍ରା ନୀତି କାର୍ଯ୍ୟକାରୀ କରିହୁଏ ନାହିଁ, ସେତେବେଳେ ସରକାର ଏହିନୀତି ଅପଣାଇଥାନ୍ତି ।

ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ଏକ ରିପୋର୍ଟରେ କୁହାଯାଇଛି ଯେ, ମହାମାରୀର ଅର୍ଥନୈତିକ ପ୍ରଭାବ ହେତୁ ସ୍ୱଳ୍ପ ଆୟ ବର୍ଗର ଲୋକମାନେ ସମ୍ମୁଖୀନ ହେଉଥିବା ଅସୁବିଧାର ସମାଧାନ ପାଇଁ ସରକାର ୮ ଲକ୍ଷ କୋଟି ଟଙ୍କାର ରିଲିଫ ପ୍ୟାକେଜ ( ଅର୍ଥ ଆକାରରେ) ଦେବାକୁ ପଡ଼ିବ । କିନ୍ତୁ ସରକାର ଯେଉଁ ୬.୨୯ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି, ତାହା ୨୦୨୧–୨୨ର ସମ୍ଭାବ୍ୟ ଜିଡିପି (୨୨୨.୮୭ ଲକ୍ଷ କୋଟି ଟଙ୍କା)ର ୨.୮୨% । କିନ୍ତୁ ସେଥିରେ ନଗଦ ଅର୍ଥ ବ୍ୟୟ କରିବାର ପ୍ରସ୍ତାବ କମ୍ । କିଛି ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଏହା ମାତ୍ର ୧୧୮,୩୯୦ କୋଟି ଟଙ୍କା, ଯାହା ଜିଡିପିର ମାତ୍ର ୦.୫% । ଯେଉଁସବୁ ପ୍ୟାକେଜ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି ତାହା ଅଦରକାରୀ ବୋଲି ଆମେ କହୁନାହୁଁ । କିନ୍ତୁ ସେସବୁ ବର୍ତ୍ତମାନର ସମସ୍ୟା ସମାଧାନ କରିବ ନାହିଁ । କାରଣ ତାହା ସପ୍ଲାଇ ସାଇଡ ବା ଯୋଗାଣ ପାର୍ଶ୍ୱ ସମସ୍ୟା ସମାଧାନ ପାଇଁ ଉଦ୍ଦିଷ୍ଟ । କିନ୍ତୁ ବର୍ତ୍ତମାନ ସମସ୍ୟା ହେଉଛି ଡିମାଣ୍ଡ ସାଇଡ ସମସ୍ୟା ବା ଚାହିଦା ଅଭାବଜନିତ ସମସ୍ୟା । ବର୍ତ୍ତମାନ ନଗଦ ବ୍ୟୟ ଆବଶ୍ୟକ ଥିଲାବେଳେ ପ୍ୟାକେଜ ଦୀର୍ଘ ଏବଂ ମଧ୍ୟମ ସମୟର ଋଣ–ଆଧାରିତ ବା ଋଣ ଗ୍ୟାରେଣ୍ଟି ଯୋଜନା କେବଳ କମ୍ପାନୀଗୁଡ଼ିକୁ ସହାୟକ ହେବ ।

ବର୍ତ୍ତମାନ ଲୋକଙ୍କ କ୍ରୟଶକ୍ତି ବ୍ୟୟ ବୃଦ୍ଧି ଆବଶ୍ୟକ । ଏଥିପାଇଁ ଲୋକଙ୍କୁ ଆୟ ସହାୟତା ଦେବା ସହିତ ସ୍ୱାସ୍ଥ୍ୟ ସେବା ସହଜରେ ଏବଂ ମାଗଣା ବା ସ୍ୱଳ୍ପ ମୂଲ୍ୟରେ ଯୋଗାଇଦେବା ଉଚିତ । ଏହା ସହିତ ନିଯୁକ୍ତି ସୃଷ୍ଟିକରି ଜୀବିକା ହରାଇଥିବା ଲୋକଙ୍କୁ ପୁନଃ ଥଇଥାନ କରିବା ପାଇଁ ପଦକ୍ଷେପ ନେବା ଉଚିତ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେଉଁ ପରିବାରରେ ମହାମାରୀ ଯୋଗୁ କେହି ମୃତ୍ୟୁବରଣ କରିଛନ୍ତି ବା ସଂକ୍ରମିତ ରୋଗୀର ଚିକିତ୍ସା ପାଇଁ ଦେବାଳିଆ ବା ଋଣଗ୍ରସ୍ତ ହୋଇଛନ୍ତି, ସେମାନଙ୍କୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିବାର ଆବଶ୍ୟକତା ରହିଛି । ଏତଦ୍‌ବ୍ୟତୀତ ଯେଉଁ ପରିବାରରେ ରୋଜଗାର କରୁଥିବା ଲୋକଟି ମୃତ୍ୟୁବରଣ କରିଛି ଏବଂ ସେହି ପରିବାରରେ ଆଉ କେହି ରୋଜଗାର କରୁନାହାନ୍ତି, ସେହି ପରିବାରର ଜଣକୁ ତା'ର ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ଯୋଗାଇବା ଅତ୍ୟନ୍ତ ଜରୁରୀ । ଏହାସହିତ ଅତ୍ୟାବଶ୍ୟକ ସାମଗ୍ରୀର ଦର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ଅତ୍ୟନ୍ତ ଜରୁରୀ ଥିଲା । ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ହେଉଛି ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର ଉପରୁ ବର୍ଦ୍ଧିତ ଟିକସ ହ୍ରାସକରି ସେସବୁର ମୂଲ୍ୟ ହ୍ରାସ କରିବା । କାରଣ ଏସବୁର ମୂଲ୍ୟ ଅସହ୍ୟ ହେବା ଯୋଗୁ ସମସ୍ତେ ପ୍ରଭାବିତ ହେଉଛନ୍ତି । ସବୁ ଦର ବୃଦ୍ଧି ପାଉଛି । କ୍ରୟଶକ୍ତି ହ୍ରାସ ପାଉଛି । ଏସବୁ ସମସ୍ୟାର ସମାଧାନ ନ କରି ଯଦି ଅନ୍ୟ କିଛି ପ୍ୟାକେଜ ଦିଆଯାଏ, ତେବେ ତାହାଦ୍ୱାରା ସମସ୍ୟାର ସମାଧାନ ହେବନାହିଁ ।

ଏହାପୂର୍ବରୁ ମହାମାରୀର ଭୟଙ୍କର ପ୍ରଭାବକୁ ହ୍ରାସ କରିବା ପାଇଁ ଗତବର୍ଷ ଆତ୍ମନିର୍ଭର ଭାରତ ପ୍ୟାକେଜ ଅଧୀନରେ ୨୦୨୦ରେ ମେ ୧୩–୧୭, ଅକ୍ଟୋବର ୧୨ ଏବଂ ନଭେମ୍ବର ୧୨ରେ ସରକାର ଯେଉଁ ପ୍ୟାକେଜ ପ୍ରସ୍ତାବ ଦେଇଥିଲେ, ତାହାର ମୂଲ୍ୟ ୨୯.୮୭ ଲକ୍ଷ କୋଟି ଟଙ୍କା ବା ଭାରତର ଜିଡିପିର ପ୍ରାୟ ୧୬% ସହିତ ସମାନ ଥିଲା । କିନ୍ତୁ ମୋଟ ଆର୍ଥିକ ଖର୍ଚ୍ଚ ପ୍ରାୟ ୩ ଲକ୍ଷ କୋଟି ଟଙ୍କା, ଯାହା ଜିଡିପିର ୧.୫% ବୋଲି ଆକଳନ କରାଯାଇଛି । ପୁନଶ୍ଚ ୨୦୨୦–୨୧ ବଜେଟର ଧାର୍ଯ୍ୟ ଅଟକଳ (୩୦.୪୨ ଲକ୍ଷ କୋଟି ଟଙ୍କା)ଏବଂ ପ୍ୟାକେଜ ଦେବା ପରେ ସଂଶୋଧିତ ଅଟକଳ (୩୪.୫୧ ଲକ୍ଷ କୋଟି ଟଙ୍କା) ରେ ଯଦିଓ ୪.୧୧ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଥିଲା, କିନ୍ତୁ ମୁଖ୍ୟ ଭାଗ ପୂର୍ବ ବଜେଟ ବାହାର ଋଣ ଶୁଝିବାରେ ଯାଇଥିଲା । ଅର୍ଥାତ ମହାମାରୀ ପ୍ୟାକେଜ ପାଇଁ ସରକାର ସେତେବେଳେ ଅତିବେଶିରେ ୨ ଲକ୍ଷ କୋଟି ଟଙ୍କା ବ୍ୟୟ କରିଥିଲେ ବୋଲି ଧରିବାକୁ ହେବ । ଯଦି ଅଧିକ ବ୍ୟୟ କରିଥାନ୍ତି ତେବେ ତାହା ଅନେକ ଗୁରୁତ୍ୱପୂର୍ଣ ବ୍ୟୟ ହ୍ରାସ କରିଛନ୍ତି । ଏପରିକି ସରକାରଙ୍କ ତଥ୍ୟ ଅନୁସାରେ ସବୁ ପ୍ୟାକେଜ ମିଶାଇଲେ ମୋଟ ଅର୍ଥ ବ୍ୟୟ ୪ ଲକ୍ଷ କୋଟି ଟଙ୍କା ପାଖାପାଖି ହେବ, ଯାହା ଜିଡିପିର ୨% ପାଖାପାଖି ହେବ ।

ଯଦି ଆମେ ଭାରତର ଅର୍ଥ ବ୍ୟୟକୁ ଅନ୍ୟ ଦେଶ ସହିତ ତୁଳନା କରିବା, ତେବେ ଭାରତର ସ୍ଥିତି ଅତ୍ୟନ୍ତ ଖରାପ । ଆଡାମ୍ ଟେଲରଙ୍କ ଦ୍ୱାରା ଲିଖିତ ୱାଶିଂଟନ ପୋଷ୍ଟ (୬ ଏପ୍ରିଲ ୨୦୨୧) ର ଏକ ଆର୍ଟିକିଲ ଅନୁଯାୟୀ ଜାପାନରେ ଏହି ଖର୍ଚ୍ଚ ଜିଡିପିର ୫୪.୯%, ଆମେରିକା ୨୭.୯% , ସିଙ୍ଗାପୁର ୨୭.୦୫%, ସ୍ଲୋଭେନିଆ ୨୪.୫୪%, ଗୁଆନା ୨୩.୪୨%, ସୁଇଡେନ ୨୩.୦୧%, ଫିନ୍‌ଲାଣ୍ଡ ୨୧.୨୮%, ଲିଥୁଆନିଆ ୨୦.୯୫%, ଜର୍ମାନୀ ୨୦.୩୨%, ଅଷ୍ଟ୍ରେଲିଆ ୧୯.୯୧% । ଜାପାନର ତଥ୍ୟକୁ ନେଇ ଅନେକ ବିବାଦ ରହିଛି । କେତେକେ କୁହନ୍ତି ଏହା ଜିଡିପିର ୨୦%ରୁ କମ୍ । ଭାରତର ଆକଳନରେ ଜୁନ୍ ପର୍ଯ୍ୟନ୍ତ ବ୍ୟୟକୁ ବିଚାରକୁ ନିଆଯାଇଥିଲାବେଳେ ଆମେରିକା ପାଇଁ ଏହା ଏପ୍ରିଲର ୧.୯ ଟ୍ରିଲିୟନ ଡଲାର(୧ ଟ୍ରିଲିୟନ =୧୦୦୦ ବିଲିୟନ, ୧ ବିଲିୟନ=୧୦୦ କୋଟି, ୧ ଡଲାର= ୭୩ ଟଙ୍କା ପାଖାପାଖି) ପ୍ୟାକେଜ ଅନ୍ତର୍ଭୁକ୍ତ ହୋଇଛି । ଅନ୍ୟ ଦେଶର ସମସ୍ତ ଆକଳନ ଫେବୃୟାରୀ ୨୦୨୧ ପର୍ଯ୍ୟନ୍ତ ବ୍ୟୟକୁ ବିଚାରକୁ ନିଆଯାଇଛି । ବହୁ ସମୟରେ ଆମ ସରକାର ଆମେରିକା ଉଦାହରଣ ଦିଅନ୍ତି । କିନ୍ତୁ ଆମେରିକାର କେବଳ ଅର୍ଥ ବ୍ୟୟ ଆମ ଜିଡିପିଠାରୁ ବହୁ ଅଧିକ । ଡିସେମ୍ବର ୨୦୨୦ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳର ଶେଷ ବର୍ଷରେ ୨.୫ ଟ୍ରିଲିୟନ ଡଲାରରୁ ଅଧିକ ସହାୟତା ପ୍ରଦାନ ପରେ ପୁଣି ଡିସେମ୍ବର ୨୦୨୦ରେ ୯୦୦ବିଲିୟନ ଡଲାର ସହାୟତା ପ୍ରଦାନ ପାଇଁ ରିଲିଫ ବିଲ୍ ପାରିତ ହୋଇଥିଲା । ବାଇଡେନଙ୍କ ରିଲିଫ ପ୍ୟାକେଜ ୧.୯ ଟ୍ରିଲିୟନ ଡଲାର ଏଥିରେ ଯୋଗ କରାଗଲେ ଆମେରିକାର ମୋଟ ଅର୍ଥ ବ୍ୟୟ ଜିଡିପିର ୨୭%ରୁ ଅଧିକ । ୨୦୦୮ ଆର୍ଥିକ ସଙ୍କଟ ସମୟର ପ୍ୟାକେଜଠାରୁ ଏହା ପ୍ରାୟ ଚାରି ଗୁଣ ।

ବିଶ୍ୱ ବ୍ୟାଙ୍କ (ଜୁଲାଇ ୨୦୧୮) ଅନୁଯାୟୀ, ପ୍ରଗତି ପ୍ରକ୍ରିୟାରେ ସାମାଜିକ ବିକାଶ ଅଧିକ ଗୁରୁତ୍ୱପୂର୍ଣ୍ଣ, ଯେଉଁଥିରେ ଲୋକମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଇଥାଏ, ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ କଲ୍ୟାଣରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରାଯାଇଥାଏ, ଯାହାଦ୍ୱାରା ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟର ବିକାଶ ହୋଇଥାଏ । ସମାଜର ସଫଳତା ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ସହିତ ଜଡ଼ିତ । ଆମ ସରକାର ଏହି ନୀତି ପୂରଣ କରୁଛନ୍ତି କି?

ମୋ: ୯୪୩୭୨୦୮୭୬୨
skmohapatra67@gmail.com

# ପ୍ରାଣାୟାମରେ ବିଜ୍ଞାନ



ଡ. ନରେନ୍ଦ୍ର ସେଠୀ

ଆଧୁନିକ ବିଜ୍ଞାନ ଯୁଗରେ କୌଣସି ଘଟଣାକୁ ବିନା ପରୀକ୍ଷା ନିରୀକ୍ଷା କିମ୍ବା କଠିନ ତର୍ଜମାର ନିକିତିରେ ତଉଲିବା ପରେ ଯାଇ ଗ୍ରହଣ କରାଯାଇଥାଏ । ମାନବ ଜୀବନ ବଞ୍ଚିବାର ଏକ ପ୍ରାଚୀନ ଶୈଳୀ କୁହାଯାଉଥିବା ଯୋଗ ଓ ପ୍ରାଣାୟାମକୁ ସୁସ୍ଥ ଓ ନିରାମୟ ଜୀବନ ପାଇଁ ପ୍ରାଧାନ୍ୟ ଦିଆଯାଇଛି । ବିଶ୍ୱରେ ୨୦୦ କୋଟିରୁ ଅଧିକ ଲୋକ ଏହାକୁ ଦୈନନ୍ଦିନ ଜୀବନରେ ଅଭ୍ୟାସ କରୁଛନ୍ତି । ନିଃଶ୍ୱାସ ପ୍ରଶ୍ୱାସ ନେବା ଭଳି ଏକ ସହଜ ପ୍ରକ୍ରିୟା କିପରି ଆମର ମନ, ହୃଦୟ ଓ ଶରୀରକୁ ସୁସ୍ଥ ଓ ନିରାମୟ ରଖେ ତାହା ଯୋଗ ଶାସ୍ତ୍ରରେ ବର୍ଣ୍ଣିତ ଅଛି । ନିଃଶ୍ୱାସ ପ୍ରଶ୍ୱାସ ଉପରେ ନିୟନ୍ତ୍ରଣ ରଖିବା ପତଞ୍ଜଳି ଅଷ୍ଟାଙ୍ଗ ଯୋଗର ଏକ ଅଭିନ୍ନ ଅଙ୍ଗ ମଧ୍ୟ । ତେବେ ଭାରତର ଏଭଳି ପ୍ରାଚୀନ ପରମ୍ପରା ବିଷୟରେ ଆଧୁନିକ ବିଜ୍ଞାନର ମତ ଓ ଗବେଷଣାତ୍ମକ ନିଷ୍କର୍ଷ କ'ଣ ଆସନ୍ତୁ ତର୍ଜମା କରି ଦେଖିବା ।

ଆୟାଙ୍ଗାର ଯୋଗ ଶିକ୍ଷକ ଓ ଶରୀର କ୍ରିୟା ବିଜ୍ଞାନୀ ରଜର କୋଲେଙ୍କ ମତ ଅନୁସାରେ 'ପ୍ରାଣାୟାମ ଖାଲି ନିଃଶ୍ୱାସ ପ୍ରଶ୍ୱାସ ନେବାର ଅଭ୍ୟାସ ନୁହେଁ ବରଂ ଏକ ଗାଡ଼ି ସଦୃଶ, ଯାହା ମନ ଓ ଶରୀରକୁ ସୁସ୍ଥ ଓ ଚଳନକ୍ଷମ ରଖିଥାଏ' । ହର୍ଭାର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ପ୍ରାଣାୟାମ ତଥା ଯୋଗ ବିଜ୍ଞାନୀ ବୀର ସିଂହ ଖାଲ୍‌ସାଙ୍କ ମତରେ, ନିଃଶ୍ୱାସ ପ୍ରଶ୍ୱାସ ନେବାର ଗତି ସହ ଆମ ମନର ଅବସ୍ଥା ଓ ସ୍ୱୟଂଚାଳିତ ତନ୍ତ୍ରିକା ପ୍ରଣାଳୀ ସହିତ ଏକ ପ୍ରତ୍ୟକ୍ଷ ସମ୍ପର୍କ ଅଛି । ସାଧାରଣତଃ ଆମେ ରାଗିଲେ ଆମର ନିଃଶ୍ୱାସ ନେବାର ଗତି ବଢ଼ିଯାଏ ଓ ଶାନ୍ତ ଥିଲେ ନିଃଶ୍ୱାସର ଗତି ସ୍ଥିର ଥାଏ । ତେଣୁକରି ନିଃଶ୍ୱାସର ବେଗ ଉପରେ ନିୟନ୍ତ୍ରଣ ରଖି ଆମେ ମନର ଅବସ୍ଥା ଉପରେ ନିୟନ୍ତ୍ରଣ କରିପାରିବା । କଗ୍‌ନିଶନ ଆଣ୍ଡ ଇମୋଶନ ଜର୍ନାଲର ସଦ୍ୟ ପ୍ରକାଶିତ ଏକ ଗବେଷଣାତ୍ମକ ପ୍ରବନ୍ଧ ଅନୁଯାୟୀ ନିଃଶ୍ୱାସ ଉପରେ ନିୟନ୍ତ୍ରଣ କରି ଭୟ, ଆନନ୍ଦ ଓ ନିରାଶ ଭାବ ଉପରେ ଚାଳିଶ ପ୍ରତିଶତ ପରିବର୍ତ୍ତନ ମିଳିଛି । ଇଟାଲୀର ପ୍ରସିଦ୍ଧ ପାଭିଆ ବିଶ୍ୱବିଦ୍ୟାଳୟର ହୃଦ୍‌ରୋଗ ବିଶେଷଜ୍ଞଙ୍କ ଏକ ଅଧ୍ୟୟନରେ ଦିନକୁ ଏକ ଘଣ୍ଟା ଧୀର ନିଃଶ୍ୱାସ ନେବା ପାଇଁ ଅଭ୍ୟାସ କରୁଥିବା ପର୍ବତାରୋହୀ ଦଳର ସଦସ୍ୟମାନଙ୍କ ମଧ୍ୟରେ ପାଇଲେ ଯେ, ଯେଉଁମାନେ ଏହି ଅଭ୍ୟାସ କରୁଥିଲେ ସେମାନେ ଏଭରେଷ୍ଟ ଚଢ଼ିବା ପାଇଁ ଅମ୍ଳଜାନ ଦରକାର କରୁନଥିଲେ । ହର୍ଭାର୍ଡ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନ ଅନୁଯାୟୀ ପ୍ରାଣାୟାମ ଗୁଣସୂତ୍ର ଉପରେ ପ୍ରଭାବ ପକାଇ ଅନେକ ପ୍ରକାର ଦୁରାରୋଗରୁ ରକ୍ଷା କରେ । ତେବେ ୨୫ ବର୍ଷ ତଳେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ସ୍ନାୟୁ ବିଜ୍ଞାନୀ ଜ୍ୟାକ ଫେଲ୍‌ଡମ୍ୟାନ ପ୍ରାଣାୟାମ ଉପରେ ଗବେଷଣା କରି ଏକ ରୋଚକ ତଥ୍ୟ ଆବିଷ୍କାର କରିଥିଲେ । ସେ ମସ୍ତିଷ୍କ ଭିତରେ କିଛି ସ୍ନାୟୁପୁଞ୍ଜକୁ ଆବିଷ୍କାର କଲେ, ଯାହା ମଣିଷର ନିଃଶ୍ୱାସ ପ୍ରଶ୍ୱାସକୁ ନିୟନ୍ତ୍ରିତ କରେ । ଏହି ସ୍ନାୟୁପୁଞ୍ଜକୁ ସେ ବ୍ରିଥିଙ୍ଗ ପେସ୍ ମେକର ନାମ ଦେଲେ । ପରେ ଆଧୁନିକ ଜ୍ଞାନକୌଶଳ ଦ୍ୱାରା ଅନେକ ଗବେଷଣା ଫଳରେ ୬୫ ପ୍ରକାର ସ୍ନାୟୁ ଥିବାର ଜଣାପଡ଼ିଲା, ଯାହା ମଣିଷର ଶ୍ୱାସ ପ୍ରକ୍ରିୟା ସହିତ ସଂଶ୍ଲିଷ୍ଟ ଅଛନ୍ତି । ଆମେ ଯେଉଁ ପ୍ରାଣାୟାମ ଅଭ୍ୟାସ କରୁ ତାହା ଦ୍ୱାରା ଆମେ ଆମର ନିଃଶ୍ୱାସ ପ୍ରକ୍ରିୟାକୁ ନିୟନ୍ତ୍ରିତ କରିଥାଉ । ଫଳରେ ଏହା ମସ୍ତିଷ୍କରୁ ଆରମ୍ଭ କରି ସମ୍ପୂର୍ଣ୍ଣ ଶରୀରର ସ୍ନାୟୁ ତନ୍ତ୍ରକୁ ଉଜ୍ଜୀବିତ କରିଥାଏ, ଯାହା ହୃଦ୍‌ସ୍ପନ୍ଦନର ବେଗକୁ କମେଇ ଆମକୁ ଶାନ୍ତି ପ୍ରଦାନ କରେ ।

ପ୍ରାଣାୟାମ କଲା ବେଳେ ଏସିଟାଇଲିକୋଲାଇନ ନାମକ ଏକ ସ୍ନାୟୁ ସଞ୍ଚାରକ ରସାୟନର କ୍ଷରଣ ହୁଏ, ଯାହା ମନ ଓ ଶରୀରକୁ ଶାନ୍ତ ରହିବାରେ ସାହାଯ୍ୟ କରିଥାଏ । ପ୍ରାଣାୟାମର ଅନେକ ଲାଭ ମଧ୍ୟରୁ ଆଉ ଏକ କଥା ହେଲା ଏହା ଶରୀର ଭିତରେ ବୟସ ବଢ଼ିବା ସାଙ୍ଗକୁ ଗ୍ରେ ସେଲକୁ ସଙ୍କୁଚିତ ହେବାକୁ ଦିଏନି, ଫଳରେ ବୟସ ବଢ଼ିଲେ ମଧ୍ୟ ଜଣେ ପୂର୍ଣ୍ଣ ସକ୍ଷମତାର ସହ ପୂର୍ବପରି ସ୍ୱାସ୍ଥ୍ୟବାନ ରହେ । ପ୍ରାଣାୟାମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରାଇବା ସଙ୍ଗେ ସଙ୍ଗେ ଜୈବିକ ପ୍ରକ୍ରିୟାକୁ କାର୍ଯ୍ୟକ୍ଷମ ରଖେ । ପ୍ରାଣାୟାମ ଦ୍ୱାରା କୋଷ ଭିତରେ ଥିବା ଗୁଣସୂତ୍ରର ମଧ୍ୟ ଆୟୁ ବଢ଼ିଯାଏ, ଯାହା ପରୋକ୍ଷ ଭାବରେ ମଣିଷକୁ ଦୀର୍ଘଜୀବୀ କରିବାରେ ସାହାଯ୍ୟ କରିଥାଏ । ପ୍ରାଣାୟାମ କରିବା ଦ୍ୱାରା ସ୍ନାୟୁତନ୍ତ୍ର ହୃତ୍‌ପିଣ୍ଡର ବେଗ ଉପରେ ସିଧାସଳଖ ନିୟନ୍ତ୍ରଣ କରି ଶରୀରକୁ ଶାନ୍ତି ଓ ବିଷାଦମୁକ୍ତ ରଖେ । ଏହା ଫଳରେ ସୁନିଦ୍ରା, ଚିନ୍ତା ଶକ୍ତିରେ ବୃଦ୍ଧି ଓ ବିଷାଦମୁକ୍ତ ହେତୁ ରକ୍ତଚାପ ଏବଂ ରକ୍ତରେ ଶର୍କରା ନିୟନ୍ତ୍ରିତ ରହେ । ଚଣ୍ଡିଗଡ଼ସ୍ଥିତ ଜବାହରଲାଲ ନେହେରୁ ଭେଷଜ ସଂସ୍ଥାନର ଏକ ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁସାରେ ପ୍ରାଣାୟାମ କରିବା ଦ୍ୱାରା ସଂଜ୍ଞାନାତ୍ମକ କାର୍ଯ୍ୟ କ୍ଷମତାରେ ବୃଦ୍ଧି ଓ ବିଷାଦଭାବ ହ୍ରାସ କରିବାରେ ଅତ୍ୟନ୍ତ ଫଳପ୍ରଦ ବୋଲି ଜଣାପଡ଼ିଛି । ତେବେ ଏହା ବିଜ୍ଞାନ ଦ୍ୱାରା ପ୍ରମାଣିତ ଓ ବିଜ୍ଞାନସମ୍ମତ ଯେ ପ୍ରାଣାୟାମ ଦ୍ୱାରା ନିଃଶ୍ୱାସ ପ୍ରଶ୍ୱାସକୁ ନିୟନ୍ତ୍ରଣ କରିପାରିଲେ ଆମେ ନିଶ୍ଚିତ ଲାଭାନ୍ୱିତ ହେବା ।

ମୋ: ୭୦୦୪୦୬୮୧୧୦

## ଏଇ ଭାରତରେ

ବୟସ ୧୭, କିନ୍ତୁ ମଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇ ମଦ ଦୋକାନ ବନ୍ଦ କରୁଛନ୍ତି ମଧ୍ୟପ୍ରଦେଶର ସୁରଜିତ ଲୋଧି । ସ୍ଥାନୀୟ ଲୋକଙ୍କ ଧମକକୁ ଖାତିର ନ କରି ସେ ଏହି ସାହସିକ କାର୍ଯ୍ୟ କରିଛନ୍ତି । ଲୋଧି କଲେଜର ପ୍ରଥମ ବର୍ଷ ଛାତ୍ର । ନିଜ ଗାଁ ବ୍ୟତୀତ ସେ ବିଦିଶା ଜିଲାରେ ବହୁ ମଦ ଦୋକାନ ବନ୍ଦ କରିସାରିଲେଣି । ସେ ମଧ୍ୟ ଶିଶୁ ଶ୍ରମିକ ବିରୋଧୀ ଅଭିଯାନ ଚଳାଇଛନ୍ତି । ପଢ଼ା ଛାଡ଼ି ଦେଉଥିବା ପିଲାମାନଙ୍କୁ ପୁଣି ସ୍କୁଲରେ ନାମ ଲେଖାଉଛନ୍ତି । କୈଳାସ ସତ୍ୟାର୍ଥୀ ଚିଲ୍‌ଡ୍ରେନ୍‌ସ ଫାଉଣ୍ଡେଶନ ଦ୍ୱାରା ଆରମ୍ଭ କରାଯାଇଥିବା 'ବାଲ୍ ମିତ୍ର ଗ୍ରାମ' ପ୍ରୋଗ୍ରାମରେ ଯୋଗ ଦେଇ ମାତ୍ର ୧୩ ବର୍ଷ ବୟସରେ ଲୋଧି ମଦ ଓ ଶିଶୁ ଶ୍ରମିକ ବିରୋଧୀ ଅଭିଯାନ ଆରମ୍ଭ କରିଥିଲେ । ତାଙ୍କ ପରିବାରରେ ୧୦ ଜଣ ସଦସ୍ୟ ଥିଲେ । ଲୋଧିଙ୍କ ପିତା ଦିନମଜୁରିଆ ଥିଲେ ଏବଂ ଅତ୍ୟଧିକ ମଦ ପିଉଥିଲେ । ଏଣୁ ସେ ବହୁ କଷ୍ଟରେ ପଢ଼ା ଜାରି ରଖିବା ସହ ମଦ ବିରୋଧୀ ଆନ୍ଦୋଳନ ଚଳାଇବାକୁ ନିଷ୍ପତ୍ତି ନେଇଥିଲେ । ସ୍ୱାସ୍ଥ୍ୟ,ପରିବାର, ଜୀବନଶୈଳୀରେ ମଦର ପ୍ରଭାବ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରି ଅଭିଯାନରେ ସାମିଲ କରୁଛନ୍ତି । ଏବେ ତାଙ୍କ ଟିମ୍‌ରେ ୯୦ ଜଣ ପିଲା ଯୋଡି ହୋଇ କାର୍ଯ୍ୟ କରୁଛନ୍ତି । ମଦ ଦୋକାନ ବନ୍ଦ ହେବା ପରେ ଦୋକାନୀମାନେ ଜୀବିକା ହରାଇବାରୁ ସେମାନଙ୍କୁ ସରକାରୀ ଅଧିକାରୀମାନଙ୍କ ସହାୟତାରେ କାମ ଯୋଗାଇ ଦେବାର ବ୍ୟବସ୍ଥା ବି କରୁଛନ୍ତି ଲୋଧି।ପିଲା ଯୋଡି ହୋଇ କାର୍ଯ୍ୟ କରୁଛନ୍ତି । ମଦ ଦେକାନ ବନ୍ଦ ହେବା ପରେ ଦୋକାନିମାନେ ଜୀବିକା ହରାଇବା ପରେ ସେମାନଙ୍କୁ ସରକାରୀ ଅଧିକାରୀମାନଙ୍କ ସହାୟତାରେ କାମ ଯୋଗାଇ ଦେବାର ବ୍ୟବସ୍ଥା ବି କରୁଛନ୍ତି ଲୋଧି।

## ୨୫ ବର୍ଷ ତଳର ଧରିତ୍ରୀ

**୧୨ ଜୁଲାଇ ୧୯୯୬**

- ରୁଷ ଗ୍ରାଣ୍ଡମାଷ୍ଟର ତଥା ବିଶ୍ୱ ଚାମ୍ପିୟନ ଆନାତୋଲି କାର୍ପୋଭ ବିଶ୍ୱ ଚେସ୍ ଫେଡେରେସନ (ଫିଡେ) ଚାମ୍ପିୟନଶିପ୍‌ରେ ୧୦.୫ ପଏଣ୍ଟ ସଂଗ୍ରହ କରି ଟାଇଟଲ୍ ହାସଲ କରିଛନ୍ତି ।
- ଓଡ଼ିଶାରେ ଶକ୍ତି କ୍ଷେତ୍ର ପୁନର୍ଗଠନ ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ବିଶ୍ୱବ୍ୟାଙ୍କ ୩୫୦ ନିୟୁତ ଆମେରିକୀୟ ଡଲାର ଋଣ ମଞ୍ଜୁର କରିଛି ।
- ରାଜ୍ୟର ଡିଗ୍ରୀ ଇଞ୍ଜିନିୟରିଂ କଲେଜରେ ନାମଲେଖାଇବା ସକାଶେ ଛାତ୍ରୀମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷିତ ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 3 | | | | | | 4 | |
| | | | | | 4 | | | 7 |
| | 2 | | | | 7 | | 3 | 6 |
| | | | | | 2 | 4 | 9 | |
| 9 | 1 | | 7 | | | | | |
| 2 | | | | | | 6 | | 1 |
| | | 5 | | | | 7 | | |
| 3 | 4 | | | | 9 | 8 | | |
| | | | | 3 | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 4 | 2 | 8 | 1 | 6 | 9 | 3 |
| 9 | 8 | 3 | 6 | 5 | 4 | 7 | 2 | 1 |
| 1 | 2 | 6 | 9 | 7 | 3 | 5 | 4 | 8 |
| 8 | 6 | 9 | 3 | 2 | 7 | 4 | 1 | 5 |
| 2 | 4 | 1 | 5 | 9 | 6 | 8 | 3 | 7 |
| 5 | 3 | 7 | 4 | 1 | 8 | 9 | 6 | 2 |
| 3 | 1 | 8 | 7 | 6 | 9 | 2 | 5 | 4 |
| 4 | 9 | 5 | 8 | 3 | 2 | 1 | 7 | 6 |
| 6 | 7 | 2 | 1 | 4 | 5 | 3 | 8 | 9 |

ଗତକାଲିର ଉତ୍ତର



# ଭୁଜତଳେ ରଖ ମହାବାହୁ

ଡା. ଅଂଶୁମାନ କର

ଚାହୁଁ ଚାହୁଁ ୨୦୨୧ ରଥଯାତ୍ରା ଆସିଗଲା । କିଏ ଭାବିଥିଲା ଗତବର୍ଷ ପରି ଚଳିତବର୍ଷ ବି 'ରଥାରୂଢ଼' ବାମନ ଶ୍ରୀଜଗନ୍ନାଥଙ୍କୁ ଭକ୍ତଶୂନ୍ୟ ବଡ଼ଦାଣ୍ଡରେ ନନ୍ଦିଘୋଷ ଗଡ଼େଇବାକୁ ହେବ! ଆଉ କିଏ ଜାଣୁ ଅବା ନ ଜାଣୁ କାଳିଆ–ବଳିଆ ତ ନିଶ୍ଚୟ ଜାଣିଥିବେ । ଶାସ୍ତ୍ର, ପୁରାଣ, ବିଦ୍ୱାନ୍ ସମସ୍ତଙ୍କ ମତରେ ସେ ହେଲେ ପରଂବ୍ରହ୍ମ । ପରଂବ୍ରହ୍ମ ପୁଣି ମାନବଲୀଳା କରିବାକୁ ଯାଇ ସ୍ନାନଯାତ୍ରାଠାରୁ ଆରମ୍ଭ କରି ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସ୍ୱୟଂ ଲୀଳା ବିସ୍ତାର କରନ୍ତି । ଜାତିର ଅତି ଆପଣାର ହେବାକୁ ଯାଇ ପ୍ରଭୁ ନିଜକୁ 'ହଟିଆ ଠାକୁର ଆଉ କେତେ ନାଟ ଦେଖିବୁ' ଭଳି ଲାଞ୍ଛନା ମଧ୍ୟ ଗ୍ରହଣ କରିଛନ୍ତି । ଯେଉଁ ଜାତିରେ କଥା ଅଛି, ''ଉତ୍କଳେ ନେତାଙ୍କ ନାହିଁ ପ୍ରୟୋଜନ; ଉତ୍କଳର ନେତା ସ୍ୱୟଂ ନାରାୟଣ ।'' ଆଜି ସେଇ ଓଡ଼ିଶା ଦୁଇ ବର୍ଷ ହେଲା ନିଜ ନେତାଙ୍କ ଦିବ୍ୟ ପତିତପାବନ ରୂପ ଦର୍ଶନ କରିପାରୁ ନାହିଁ । ଯେଉଁ ଯାତ୍ରାର ନାମ ପତିତପାବନ ଯାତ୍ରା, ତାହା ବିନା ଭକ୍ତରେ କିପରି ସାର୍ଥକ ହେବ ? କ'ଣ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିର ଅଗ୍ରଭାଗରେ ପତିତ ଉଦ୍ଧାର ରହିଯିବ ? କ'ଣ ପ୍ରଭୁ ସତରେ 'ହଟିଆ' ହୋଇ 'ନାଟିଆ' ସାଜି ଏହି ମହାମାରୀକୁ ବିନାଶ କରୁନାହାନ୍ତି ? ଯେଉଁ ଶ୍ରୀକ୍ଷେତ୍ରରେ ଦିନେ ନୀଳମାଧବଙ୍କ ଉପସ୍ଥିତିରୁ ଯମଦଣ୍ଡ କାମ କରୁ ନ ଥିଲା, ଆଜି ସେ ଶ୍ରୀକ୍ଷେତ୍ରରେ ଯମ ମୃତ୍ୟୁର ଲୀଳା କରୁଛି । ବଡ଼ଦେଉଳର ଗର୍ଭଗୃହରେ ଥାଇ କାଳିଆ ସବୁ ଦେଖୁଛି, ବଳିଆ ସବୁ ଶୁଣୁଛି ନିଜ ସନ୍ତାନର କରୁଣ ଦୁଃଖ, ମା' ସୁଭଦ୍ରା ନିଶ୍ଚୟ ବୁଝୁଛି, ତେବେ ଡେରି କାହିଁକି ? 'ଚକ୍ର ପେଶି ନକ୍ର ନାଶି' ଉଦ୍ଧାର କର ହେ ମହାବାହୁ ।

ଅର୍ଜୁନକୁ ସେଦିନ କଥାରେ ବୁଝାଇ ପ୍ରଭୁ କହିଥିଲେ –'ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ' । ସକଳ ପ୍ରାଣୀଙ୍କ ଶରୀରରେ ରହୁଥିବା ପ୍ରାଣ ପ୍ରଭୁ ସ୍ୱୟଂ । ଯେଉଁ ପ୍ରାଣ ପ୍ରଭୁ ନିଜେ, ସେଇ ପ୍ରାଣ ଆଜି କେତେ ଅସହାୟ । ପାଣିଫୋଟକା ପରି ଆଖି ପିଛୁଳାକେ କେତେ ଲୋକ ଚାଲିଗଲେଣି, କେତେ ଯିବେ, ଏସବୁ ପ୍ରାଣ କ'ଣ ପ୍ରଭୁଙ୍କ କୃପାରୁ ବଞ୍ଚିତ ଥିଲେ ? ନା ତାଙ୍କ ସମୟ ସୀମିତ ଥିଲା । ସେଇ ପ୍ରଭୁ ଅର୍ଜୁନଙ୍କୁ ଆଗକୁ କହିଛନ୍ତି – 'ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ, କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ' । ଏହି ସଂସାରରେ ଦୁଇ ପ୍ରକାରର ପୁରୁଷ ଅଛନ୍ତି– ନାଶବାନ୍ (ଶରୀର) ଓ ଅବିନାଶୀ (ଜୀବାତ୍ମା) । ଶରୀରର ନାଶ ହୁଏ, ମାତ୍ର ଆତ୍ମାର ନାଶ ହୁଏନି । ଆତ୍ମାର ନାଶ ନ ହେବାର ଏକ କାରଣ ହେଲା ଈଶ୍ୱରଙ୍କ ଉପରେ ବିଶ୍ୱାସ । ଆଜି ଏହି ମହାମାରୀ କାଳରେ ଯେପରି ଭାବେ ହୃଦ ବିଦାରକ ମାନବ ବିନାଶର ଦୃଶ୍ୟ ଦେଖୁଛେ, ସେଥିରେ ଏହି ଈଶ୍ୱର ସତ୍ତା ଉପରେ ବିଶ୍ୱାସ ରଖିବାକୁ ହେଲେ ମଣିଷକୁ ନିଜର ମାନବ ଜୀବନର ଉଦ୍ଦେଶ୍ୟ ବୁଝିବାକୁ ପଡ଼ିବ ।

'ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ, ବେଦାନ୍ତକୃଦ୍ ବେଦବିଦେବ ଚାହମ୍ ।'ପରମେଶ୍ୱର ହିଁ ସର୍ବବେଦର ଏକମାତ୍ର ଜାଣିବାଯୋଗ୍ୟ ତତ୍ତ୍ୱ । ପ୍ରଭୁ ହିଁ 'ବେଦାନ୍ତକର୍ତ୍ତା' ଓ ସେ ହିଁ 'ବେଦଜ୍ଞ' । ସବୁ କାରଣର ଆରମ୍ଭ ଓ ଅନ୍ତ ଯଦି ପ୍ରଭୁ ନିଜେ, ତେଣୁ ଆମକୁ ବିଶ୍ୱାସ ରଖିବାକୁ ହେବ ଏହି ମହାମାରୀର ଆରମ୍ଭ ଓ ଅନ୍ତ ମଧ୍ୟ ସେ ହିଁ କରିବେ । ''ସର୍ବଯୋନିଷୁ କୌନ୍ତେୟ ମୂର୍ତ୍ତୟଃ ସମ୍ଭବନ୍ତି ଯାଃ,ତାସାଂ ବ୍ରହ୍ମ ମହଦ୍ ଯୋନିରହଂ ବୀଜପ୍ରଦଃ ପିତା ।'' ନାନା ପ୍ରକାର ଯୋନିରେ ଯେତେସବୁ ଶରୀରଧାରୀ ପ୍ରାଣୀ ଅଛନ୍ତି, ପ୍ରକୃତି ହେଉଛି ତାଙ୍କର ଗର୍ଭଧାରିଣୀ ମା' ଓ ପ୍ରଭୁ ସ୍ୱୟଂ ହେଉଛନ୍ତି ବୀଜ ସ୍ଥାପନ କରୁଥିବା ପିତା । ପିତା କ'ଣ ନିଜ ପୁତ୍ରର ସଂହାର କରିପାରିବ ? ପିତା ସଂରକ୍ଷଣର ଦ୍ୱିତୀୟ ସଂଜ୍ଞା । ମାତା ସ୍ନେହର ପ୍ରତିମୂର୍ତ୍ତି । ଶରୀରଧାରୀ ପ୍ରାଣୀ ତ କେବଳ ଆମେ ମଣିଷ ନୁହେଁ, ଆମ ଚାରିପାଖରେ ଥିବା ସମସ୍ତ ଜୀବ–ଜନ୍ତୁ, ବୃକ୍ଷ–ଲତା, କୀଟ–ପତଙ୍ଗ, ପଶୁ–ପକ୍ଷୀ ସମସ୍ତଙ୍କ ମାତା ପିତା ସେଇ ପରଂବ୍ରହ୍ମ । ଗୋଟିଏ ସନ୍ତାନର ଉଦଣ୍ଡ କାର୍ଯ୍ୟ ଦ୍ୱାରା ଅନ୍ୟ ଜୀବଙ୍କ ଉପରେ ହେଉଥିବା ଶୋଷଣର ଅନ୍ତ କରିବାର ଲୀଳା କ'ଣ ନୁହେଁ ଏହି ମହାମାରୀ ? ଟିକେ ଭାବି ଦେଖନ୍ତୁ । ଘରେ ବନ୍ଦ ରହି ଆମେ ଆଜି ଅଣନିଃଶ୍ୱାସି ହେଉଛେ, ମାତ୍ର ପ୍ରକୃତି ଆଜି ହସୁଛି । ବନସ୍ପତି ଆଜି ପୁଲକିତ ହୋଇଛି । ବାୟୁ ନିର୍ମଳ, ଜଳ ସ୍ୱଚ୍ଛ ହୋଇଛି । ୨୦୧୫ର ନବକଳେବର ପରେ ଆସିଥିବା ପରମପିତା ପ୍ରଭୁ ଆମକୁ ଅବାଟରୁ ବାଟକୁ ନେବାକୁ ଆସିଛନ୍ତି । ମତ୍ତ–ଗଜ ନିଜର ଅହଂକାରକୁ ତ୍ୟାଗ କରି ଯେବେ ଡାକ ଦେଇଛି ପ୍ରଭୁ ଆସିଛନ୍ତି, ଅଭିମାନିନୀ ଦ୍ରୌପଦୀ ଅଭିମାନ ତ୍ୟାଗ କରି ଦୁଇ ବାହୁ ଟେକି ଦେଲା ପରେ ପ୍ରଭୁ ତା'ର ଲଜ୍ଜା ରକ୍ଷା କରିଛନ୍ତି । ବଲ୍ଲଭ ଦାସଙ୍କ ଭାଷାରେ କହିବାକୁ ଗଲେ–ତୁରନ୍ତ ହେ ଆତ୍ମନ୍! ତୁ ନିଜ ଭୁଲକୁ ଚିହ୍ନ, ହରି ଭଜନରେ ମନକୁ ସ୍ଥିର କର । ତେବେ ଯାଇ ତୋର ଉଦ୍ଧାର ହେବ ।

''ଦେବ ଦେବ ଜଗନ୍ନାଥ ସଂସାରାର୍ଣ୍ଣବତାରକ, ଭକ୍ତାନୁଗ୍ରାହକସଦା ରକ୍ଷ ମାଂ ପାଦୟୋର୍ନତମ୍ ।''ଏହି ସ୍ତୁତି ଆମ ଜାତିକୁ ଅନେକ ବାର ଉଦ୍ଧାର କରିଛି । କାଞ୍ଚି ଅଭିଯାନ ହେଉ ବା ଯବନ ଆକ୍ରମଣ, ସବୁଥିରେ ତାଙ୍କରି ଇଚ୍ଛା ହିଁ ପ୍ରକାଶିତ । କଳିଯୁଗରେ 'ହରି ନାମ ହିଁ କେବଳମ୍' ତାରଣ କରିପାରିବ । ଦୁଇ ହାତ ଟେକି ରାଜା ହେଉ ଅବା ରଙ୍କ ହେଉ, ସେଦିନର ଗଜପତି ବୀରକେଶରୀ ଦେବଙ୍କ ଭାଷାରେ ଡାକ–''ଭୁଜ ତଳେ ମୋତେ ରଖ ମହାବାହୁ! ବାହୁତଳେ ମୋତେ ରଖ... ।

ଏନ୍– ୧/୧୮୩, ନୂଆପଲ୍ଲୀ
ମୋ–୯୬୭୮୦୩୦୪୯୪

# ପାଠକ ଶ୍ରେଷ୍ଠ ବିଚାରକ

## ମଧ୍ୟବିତ୍ତଙ୍କୁ ଭୁଲିଗଲେ

ମହାଶୟ,

୨୦୧୪ ମସିହାରେ କେନ୍ଦ୍ରରେ ଭାଜପା ସରକାର ଗଠିତ ଓ ସ୍ଥାନିତ ହେଲା । ସେହି ଦିନଠାରୁ ସରକାରଙ୍କର ଅଦ୍ଭୁତ ବିଚାର ଲାଗି ରହିଛି । ଖାଦ୍ୟ ସୁରକ୍ଷା କାର୍ଡ ଥିବା ଲୋକଙ୍କୁ ଏକଟଙ୍କିଆ ଚାଉଳ ଓ ଗହମ ଯୋଗା ହେଉଥିବା ବେଳେ ସରକାର ସମ୍ପୂର୍ଣ୍ଣଭାବେ ମଧ୍ୟବିତ୍ତଙ୍କୁ ଭୁଲିଗଲେ । ଗହମ, ଚାଉଳ ଗଣ୍ଡେ କିଣି ଖାଇବାକୁ ଲୋକମାନେ ପାଉନାହାନ୍ତି । କୌଣସି ଏକ ନିର୍ଦ୍ଧାରିତ ଦରରେ ଚାଉଳ ଓ ଗହମ ଯୋଗାଇଥିଲେ ମଧ୍ୟବିତ୍ତମାନେ ଉପକୃତ ହୋଇଥାଆନ୍ତେ । କରୋନା ମହାମାରୀ ସମୟରେ ଚାରି ମାସ ଓ ଛଅ ମାସ ଲୋକମାନଙ୍କୁ ମାଗଣା ଗହମ, ଚାଉଳ ଯୋଗାଉ ଥିବାବେଳେ ମଧ୍ୟବିତ୍ତମାନେ କ'ଣ ଏହା ପାଇବାକୁ ଯୋଗ୍ୟ ନୁହନ୍ତି । ତାଙ୍କୁ କ'ଣ କରୋନା ବାଧକ ହେଉନି । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କର ଏ ବୈମାତୃକଭାବ କାହିଁକି ? ଏମାନେ କ'ଣ ଦେଶର ନାଗରିକ ନୁହନ୍ତି ? ଏମାନେ ବିନା ଖାଦ୍ୟରେ ବଞ୍ଚିବେ ? ଏଥିପ୍ରତି ସରକାର ଧ୍ୟାନ ଦିଅନ୍ତୁ ।

–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

## କାଳିଆ ଯୋଜନାରୁ ବଞ୍ଚିତ କାହିଁକି

କାଳିଆ ଯୋଜନା ହେବାବେଳେ ମୋର ଠିକଣା ରାମଚନ୍ଦ୍ର ଦାଶ, ପି–ଦଇତାରି ଦାଶ(ଅଜା) ହେବାରୁ ତାହା ସେବାକେନ୍ଦ୍ରରେ ସଂଶୋଧନ କରି ଟୋକନ ସଂଖ୍ୟା ୪୯୮୯୩୫୮୨୦ ପାଇଲି । ମାତ୍ର କାଳିଆ ସହାୟତା ନ ଆସିବାରୁ ସରପଞ୍ଚ, ବିଡିଓଙ୍କ ସମେତ ସମସ୍ତଙ୍କୁ ଜଣାଇଲି । ମୁଖ୍ୟ ସଚିବଙ୍କ ସୁପାରିସ ଦରଖାସ୍ତ କୃଷି ଉତ୍ପାଦନ ବିଭାଗ, ଓଡ଼ିଶାଙ୍କ ନିକଟରେ ପହଞ୍ଚି ମଧ୍ୟ ବର୍ତ୍ତମାନ ସୁଦ୍ଧା ଗୋଟିଏ କିସ୍ତି କାଳିଆ କିମ୍ବା ପ୍ରଧାନମନ୍ତ୍ରୀଙ୍କ ସହାୟତା ମିଳିନାହିଁ । ଆକାଉଣ୍ଟ ନମ୍ବରରେ ଭୁଲ୍ ସଂଖ୍ୟା, ଆଧାରକାର୍ଡ ସଂଖ୍ୟା କିପରି ଭୁଲ ହେଲା ଜାଣି ହେଉନାହିଁ ।

–ଶ୍ରୀରାମଚନ୍ଦ୍ର ଦାଶ, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ମରଣ ଯାତନା ଜରା ବିୟୋଗ ବିଚ୍ଛେଦ ବ୍ୟଥା ବ୍ୟାଧି
ଜୀବନ–ମିଳନ ସୁଖ ସ୍ନେହ ପ୍ରେମ ଯେ ଆନନ୍ଦ ଆଦି
ସୃଷ୍ଟି ବିକାଶର ପଥେ ପ୍ରୟୋଜନ ତୁଲ୍ୟ
ସମାନ ଯେ ସକାଳର ମୂଲ୍ୟ ।
–(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଡିଟ୍‌ରେ ମୃତ୍ୟୁସଂଖ୍ୟା ବଢୁଛି

## ଆଉ ୬୫ ମୃତ ୨,୨୮୨ ଆକ୍ରାନ୍ତ



ଭୁବନେଶ୍ୱର, ୧୧।୭(ବ୍ୟୁରୋ)

ରାଜ୍ୟରେ କରୋନା ମୃତ୍ୟୁର ଅଡିଟ୍ ଚାଲିଛି। ଅଡିଟ୍ ପରେ ପୂର୍ବର ମୃତ୍ୟୁ ତଥ୍ୟ ନୂଆ ମୃତକଙ୍କ ସଂଖ୍ୟାରେ ମିଶୁଥିବାରୁ ଦୈନିକ ମୃତ୍ୟୁ ସଂଖ୍ୟା ବଢୁଛି। ଏବେ ପ୍ରତିଦିନ ଦିଆଯାଉଥିବା କରୋନା ମୃତ୍ୟୁ ତଥ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ଦିନର ନୁହେଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି। କରୋନା ପିକ୍‌ରେ ଥିବାବେଳେ ବହୁ ଆକ୍ରାନ୍ତଙ୍କ ମୃତ୍ୟୁ ଘଟୁଥିଲା। ଏପରିକି ମୃତଦେହ ସତ୍କାର ପାଇଁ ଶ୍ମଶାନରେ ଲମ୍ବା ଧାଡ଼ି ଲାଗୁଥିଲା। ଦିନରାତି ଜୁଇ ଜଳୁଥିବା ଦେଖିବାକୁ ମିଳୁଥିଲା। ହେଲେ ସମସ୍ତଙ୍କ ମୃତ୍ୟୁ କରୋନାରେ ନୁହେଁ, ଅନ୍ୟ ରୋଗରେ ବି ବହୁ ଆକ୍ରାନ୍ତଙ୍କ ମୃତ୍ୟୁ ଘଟୁଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ତେବେ ରାଜ୍ୟ ସରକାର କରୋନା ମୃତ୍ୟୁ ସଂଖ୍ୟା ଲୁଚାଉଥିବା ବିଭିନ୍ନ ରାଜନୈତିକ ତଥା ସାମାଜିକ ଅନୁଷ୍ଠାନ ପକ୍ଷରୁ ଅଭିଯୋଗ ଉଠିବା ପରେ ତତ୍ପରତା ପ୍ରକାଶ ପାଇଥିଲା। ଗତ ୬ ତାରିଖରୁ ବିଭାଗ ପକ୍ଷରୁ ଅଡିଟ୍ ଆରମ୍ଭ ହୋଇଥିବାବେଳେ ଏହାପରଠୁ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ୬ଦିନ ଭିତରେ ୩୫୧ ଜଣଙ୍କ ମୃତ୍ୟୁ ହୋଇଥିବା ତଥ୍ୟ ଦିଆଯାଇଛି। ଏବେ ଆଉ ୬୫ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ରବିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୧୪ଜଣ ଥିବାବେଳେ ପୁରୀ, କେନ୍ଦୁଝର ଓ ବରଗଡ଼ରୁ ୬ଜଣ ଲେଖାଏ, ଅନୁଗୋଳ ଓ ମୟୂରଭଞ୍ଜରୁ ୫ଜଣ ଲେଖାଏ, ନୟାଗଡ଼ରୁ ୪ଜଣ, ଗଞ୍ଜାମ, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ରୁ ୩ଜଣ ଲେଖାଏ, ବାଲେଶ୍ୱର, ବଲାଙ୍ଗୀର, ବୌଦ୍ଧ, କଟକ, ଢେଙ୍କାନାଳ, ଜଗତ୍‌ସିଂହପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ ଓ ସମ୍ବଲପୁରରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ ରାଜ୍ୟରେ ମୋଟ କରୋନା ମୃତ୍ୟୁ ୪,୫୯୯କୁ ବୃଦ୍ଧି ପାଇଛି।

ଅନ୍ୟପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୭୮,୪୬୬ ନମୁନା ପରୀକ୍ଷା ହୋଇଥିବାବେଳେ ୨,୨୮୨ଜଣ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୨.୯୧% ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୫୯୨ଜଣ ଥିବାବେଳେ କଟକରୁ ୨୮୯ଜଣ ରହିଛନ୍ତି। ସେହିଭଳି ବାଲେଶ୍ୱରରୁ ୧୪୬, ମୟୂରଭଞ୍ଜ ୧୪୧, ପୁରୀ ୧୨୭, ଯାଜପୁର ୧୧୧, ନୟାଗଡ଼ ୮୩, ଜଗତ୍‌ସିଂହପୁର ୭୩, ଭଦ୍ରକ ୭୧, ସୁନ୍ଦରଗଡ଼ ୬୭, କେନ୍ଦ୍ରାପଡ଼ା ୬୨,ଅନୁଗୋଳ ୬୧, ଢେଙ୍କାନାଳ ୫୫ ଓ କେନ୍ଦୁଝରରୁ ୫୧ଜଣ ଚିହ୍ନଟ ହୋଇଛନ୍ତି। ବାକି ସବୁ ଜିଲାରେ ସଂକ୍ରମିତ ସଂଖ୍ୟା ୫୦ ତଳକୁ ରହିଛି। ରାଜ୍ୟରେ ମୋଟ କରୋନା ଆକ୍ରାନ୍ତ ସଂଖ୍ୟା ୯,୩୯,୭୫୨ରେ ପହଞ୍ଚିଛି।

# କାର୍ଯ୍ୟାନୁଷ୍ଠାନ ପାଇଁ ଓଏଚ୍‌ଆର୍‌ସିରେ ପିଟିଶନ

## ଆଦିବାସୀଙ୍କୁ ଆକ୍ରମଣ, ବାସଗୃହରେ ନିଆଁ ଲଗାଇବା ଘଟଣା

ଭୁବନେଶ୍ୱର,୧୧।୭(ବ୍ୟୁରୋ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସାହାଜଖୋଲ ଜଙ୍ଗଲର ଗୋତାମୁଣ୍ଡାଠାରେ ବସବାସ କରୁଥିବା ଆଦିବାସୀଙ୍କ ଉପରେ ଜୁନ୍ ୩୦ରେ ଆକ୍ରମଣ ହୋଇଥିଲା। ଦୀର୍ଘ ୨୦ବର୍ଷରୁ ଅଧିକ ଦିନ ଧରି ସେଠାରେ ରହିଆସୁଥିବା ଏହି ଆଦିବାସୀଙ୍କୁ କେତେଜଣ ଦୁର୍ବୃତ୍ତ ସଂଘବଦ୍ଧ ଆକ୍ରମଣ କରିବା ସହ ଟଙ୍କା, ଛେଳିମେଣ୍ଢା ନେଇଯାଇ ସେମାନଙ୍କ ଘର ଜାଳିଦେଇଥିଲେ। ନିରୀହ ଆଦିବାସୀଙ୍କ ଉପରେ ଅତ୍ୟାଚାର କରିଥିବା ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରାୟ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ପିଟିଶନ କରିଛନ୍ତି।

ତାଙ୍କ ଅଭିଯୋଗ ଅନୁଯାୟୀ, ଘଟଣା ସମୟରେ ବନ ବିଭାଗର କେତେଜଣ କର୍ମଚାରୀ ଉପସ୍ଥିତ ଥିଲେ ମଧ୍ୟ ବିରୋଧ କରିବା ପରିବର୍ତ୍ତେ ଏହି ବର୍ବରତାକୁ ଉପଭୋଗ କରିଥିଲେ। ଏଥିରେ ଅନେକ ଆଦିବାସୀ ମହିଳା ଓ ପୁରୁଷ ଆହତ ହୋଇଥିଲେ। ଆକ୍ରମଣକାରୀଙ୍କ ହିଂସାରୁ ରକ୍ଷା ପାଇବା ପାଇଁ ଶେଷରେ ସେମାନେ ପଡୋଶୀ ଜିଲା ନବରଙ୍ଗପୁର ଚନ୍ଦାହାଣ୍ଡି ବ୍ଲକର ଏକ ସ୍ଥାନରେ ଆଶ୍ରୟ ନେଇଥିଲେ। ନିରୀହ ଆଦିବାସୀଙ୍କୁ ସେମାନଙ୍କ ଜାଗାରୁ ବିସ୍ଥାପିତ କରାଯିବାକୁ ଏଭଳି ଚକ୍ରାନ୍ତ କରାଯାଇଥିବା ନେଇ ପ୍ରଫୁଲ୍ଲ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି। ତେଣୁ ଘଟଣାର ତଦନ୍ତ କରି ଆଦିବାସୀ ପରିବାରଗୁଡ଼ିକୁ ନ୍ୟାୟ ଦେବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପଇଁ ସେ କମିଶନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ବିଜେଡି ରାଜ୍ୟ କାର୍ଯ୍ୟାଳୟ ରୂପ ବଦଳିବ

## ଆଜି ଶୁଭଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ପ୍ରଥମ ଥର ଲାଗି ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବେ। ବିଜେଡି ରାଜ୍ୟ କାର୍ଯ୍ୟାଳୟକୁ ନୂଆ ରୂପ ଦେବାଲାଗି ଦଳ ପକ୍ଷରୁ ନିଷ୍ପତ୍ତି ହୋଇଛି। ସେହି ଅନୁଯାୟୀ ରଥଯାତ୍ରା ଅବସରରେ ରାଜ୍ୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ଶୁଭ ଦେବେ ବୋଲି ସୂଚନା ମିଳିଛି। ସେହି ଅନୁଯାୟୀ ଦଳୀୟ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ସଜାଯାଇଛି। ସକାଳ ୯ଟା ୩୦ରେ ମୁଖ୍ୟମନ୍ତ୍ରୀ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ଭିତ୍ତିପ୍ରସ୍ତର ଦେବାକୁ ଥିବାବେଳେ ବହୁତ କମ୍ ସଦସ୍ୟଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯିବ। କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ବିଶେଷ ଗହଳି କରାଯିବ ନାହିଁ ବୋଲି ଜଣାପଡିଛି। ଗତବର୍ଷ ଅର୍ଥାତ୍ ୨୦୨୦ ମାର୍ଚ୍ଚ ୫ ତାରିଖ ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ଶେଷଥର ଲାଗି ମୁଖ୍ୟମନ୍ତ୍ରୀ ଦଳୀୟ କାର୍ଯ୍ୟାଳୟକୁ ଆସିଥିଲେ। ଏହାପରଠାରୁ ସେ ବିଭିନ୍ନ କାର୍ଯ୍ୟକ୍ରମ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ଆସୁଛନ୍ତି। ଏପରି ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଗତ ବର୍ଷକ ମଧ୍ୟରେ ହୋଇଥିବା ଉପନିର୍ବାଚନ, ଦଳୀୟ, ସରକାରୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଯୋଗଦେଇ ଆସୁଛନ୍ତି। ହେଲେ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଗହଳି ନ ହେବା ଲାଗି ହାତଗଣତି କିଛି ଟାଣୁଆ ନେତାଙ୍କୁ ଦେଖିବାକୁ ମିଳିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି।










“ କୌଣସି କନ୍ସୁଲେଟ କିମ୍ବା ଦୂତାବାସ ବନ୍ଦ ହେଉ ବୋଲି ଆଫଗାନିସ୍ତାନ ସରକାର ଚାହୁଁନାହାନ୍ତି। କିନ୍ତୁ ଭାରତ ସମେତ ଅନ୍ୟ ଯେଉଁ ଦେଶ ନିଜ ଡିପ୍ଲୋମାଟିକ୍ ଷ୍ଟାଫ୍‌ଙ୍କୁ ଫେରାଇ ନେଉଛନ୍ତି ସେମାନଙ୍କ ଚିନ୍ତାକୁ ଆଫଗାନିସ୍ତାନ ବୁଝିପାରୁଛି।

-ଫରିଦ୍ ମାମୁନ୍ଦଜଇ, ଭାରତରେ ଆଫଗାନିସ୍ତାନ ରାଷ୍ଟ୍ରଦୂତ



## ସଂକ୍ଷେପରେ

### ପଦ୍ମ ପୁରସ୍କାର ପାଇଁ ନାମ ପଠାଅ: ମୋଦି

ନୂଆଦିଲ୍ଲୀ, ୧୧।୭: ପଦ୍ମ ପୁରସ୍କାର ପାଇଁ ତୃଣମୂଳ ସ୍ତରରେ ଅସାଧାରଣ କାମ କରିଥିବା ନିଜ ପସନ୍ଦର ପ୍ରେରଣାଦାୟୀ ଲୋକଙ୍କ ନାମ ପଠାଇବାକୁ ରବିବାର ପ୍ରଧାନମନ୍ତ୍ରୀ ମୋଦି ଦେଶବାସୀଙ୍କୁ କହିଛନ୍ତି। ଦେଶରେ ଅନେକ ପ୍ରତିଭାଶାଳୀ ବ୍ୟକ୍ତିଙ୍କ କାମ ଲୋକଲୋଚନକୁ ଆସିପାରୁନାହିଁ। ଏଥିଯୋଗୁ ଅନେକ ସମୟରେ ଆମେ ସେମାନଙ୍କୁ ଜାଣିପାରୁନାହୁଁ। ଯଦି ଆପଣଙ୍କ ଭିତରୁ କେହି ସେଭଳି ବ୍ୟକ୍ତିତ୍ୱଙ୍କୁ ଜାଣିଥାନ୍ତି ତେବେ ପଦ୍ମ ପୁରସ୍କାର ପାଇଁ ସେମାନଙ୍କ ନାମ ଦେଇପାରିବେ ବୋଲି ମୋଦି ଏକ ଟୁଇଟରେ କହିଛନ୍ତି। ଏଥିପାଇଁ Http://padmaawards.Gov.In ୱେବସାଇଟ୍ ଯୋଗେ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ନାମାଙ୍କନ କରାଯାଇପାରିବ।

### ୧୧ ମାସର ଶିଶୁକୁ ମାରିଦେଲେ ମାଆ

ନୂଆଦିଲ୍ଲୀ, ୧୧।୭(ଆଇଏଏନ୍ଏସ୍): ଦିଲ୍ଲୀରେ ଜଣେ ମହିଳା ତାଙ୍କ ୧୧ ମାସର ଅସୁସ୍ଥ ଶିଶୁକୁ ଗଳାଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମହିଳାଙ୍କ ସ୍ୱାମୀ ଶିଶୁଟିକୁ ହସ୍ପିଟାଲ ନେବା ପାଇଁ ମନା କରିବାରୁ କ୍ରୋଧରେ ମହିଳା ଏପରି କରିଥିବା କହିଛନ୍ତି। ତେବେ ଶିଶୁକୁ ତାଙ୍କ ବାପା ହତ୍ୟା କରିଥିବା ମହିଳା ଜଣକ ପାଲଟା ଅଭିଯୋଗ କରିଥିବାରୁ ପୋଲିସ ପାଇଁ ଏହା ଚ୍ୟାଲେଞ୍ଜ ହୋଇଥିଲା। ଶେଷରେ ମହିଳା ଜଣକ ଦୋଷ ସ୍ୱୀକାର କରିବା ପରେ ରବିବାର ତାଙ୍କୁ ଗିରଫ କରାଯାଇଛି। ଦକ୍ଷିଣ ଦିଲ୍ଲୀର ଫତେପୁର ବେରି ଅଞ୍ଚଳରେ ଗୁରୁବାର ଏହି ହତ୍ୟାକାଣ୍ଡ ଘଟିଥିଲା।

### ମହାରାଷ୍ଟ୍ର ବିଧାନସଭାର ପରବର୍ତ୍ତୀ ବାଚସ୍ପତି କଂଗ୍ରେସରୁ

ପୁଣେ, ୧୧।୭: ମହାରାଷ୍ଟ୍ର ବିଧାନସଭାର ପରବର୍ତ୍ତୀ ବାଚସ୍ପତି କଂଗ୍ରେସ ଦଳରୁ ହେବେ। ଏନେଇ ଶାସକ ମହା ବିକାଶ ଅଘାଡ଼ି(ଏମ୍‌ଭିଏ) ନିଷ୍ପତ୍ତି ନେଇଥିବା ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ରବିବାର ସୂଚନା ଦେଇଛନ୍ତି। କଂଗ୍ରେସ ବିଧାୟକ ନାନା ପାଟୋଲ ଦଳର ରାଜ୍ୟ ଶାଖା ଦାୟିତ୍ୱ ନେବା ପାଇଁ ଗତ ଫେବୃୟାରୀରେ ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ। କଂଗ୍ରେସ ଯାହାଙ୍କୁ ବାଚସ୍ପତି ପ୍ରାର୍ଥୀ କରିବ ତାଙ୍କୁ ଶିବସେନା ଏବଂ ଏନ୍‌ସିପି ସମର୍ଥନ ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। ବାଚସ୍ପତି ପଦ ତୁରନ୍ତ ପୂରଣ କରିବା ପାଇଁ ରାଜ୍ୟପାଳ ବି.ଏସ୍. କୋଶ୍ୟାରି ନିକଟରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ପତ୍ର ଲେଖିଥିଲେ।

### କରଣଙ୍କୁ ଆଇକନ୍ ଆୱାର୍ଡ



ଲଣ୍ଡନ ୧୧।୭: ସିନେଜଗତରେ ଉଲ୍ଲେଖନୀୟ ଅବଦାନ ପାଇଁ ବଲିଉଡ୍ ଫିଲ୍ମ ନିର୍ମାତା କରଣ ଜୋହର ଏବଂ ଆସିଫ୍ କପାଡିଆଙ୍କୁ ଲଣ୍ଡନ ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ(ଏଲ୍ଆଇଏଫ୍ଏଫ୍)ରେ ଆଇକନ୍ ପୁରସ୍କାର ପ୍ରଦାନ କରାଯାଇଛି। କରଣଙ୍କ ଅନେକ ଫିଲ୍ମ ବକ୍ସ ଅଫିସ୍‌ରେ ହିଟ୍ ହୋଇଥିବାବେଳେ ବ୍ରିଟିଶ ଗାୟିକା ଏମି ୱାଇନ୍ ହାଉସ୍‌ଙ୍କ ଉପରେ ଓସ୍କାର ବିଜୟୀ ଚଳଚ୍ଚିତ୍ର ନିର୍ମାଣ କରିଥିବା କପାଡିଆଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିସହ ଅଭିନେତ୍ରୀ ଶ୍ରୁତି ହାସନ ଏବଂ ଜାହ୍ନବୀ କପୁର ମଧ୍ୟ ପୁରସ୍କୃତ ହୋଇଛନ୍ତି।

### ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ: ୬ ଗିରଫ

ଶ୍ରୀନଗର, ୧୧।୭: ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଜମ୍ମୁ-କଶ୍ମୀରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଇସ୍‌ଲାମିକ ସେମିନାରୀର ଅଧକ୍ଷଙ୍କ ସମେତ ୬ ଜଣଙ୍କୁ ଗିରଫ କରିଛି। ଏନ୍ଆଇଏ ଟିମ୍ ସମେତ ଜମ୍ମୁ-କଶ୍ମୀର ପୋଲିସ ଏବଂ ସିଆର୍‌ପିଏଫ୍ ଯବାନମାନେ ଅନନ୍ତନାଗ, ଶ୍ରୀନଗର ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଣେ ଏମ୍‌ବିଏ ତଥା ବ୍ୟବସାୟୀ ଜାଭାଏଦ୍ ଅହମଦ ମିର୍, ପୋଷାକ ବ୍ୟବସାୟ କରୁଥିବା ଉମାର ଭଟ୍ଟ, ଲାବରେଟୋରି ଟେକ୍‌ନିସିଆନ୍ ଓ୍ୱାଇସ ଅହମଦ ଭଟ୍ଟ, ବ୍ୟବସାୟୀ ତନ୍‌ଭିର ଅହମଦ ଭଟ୍ଟ, ଏବଂ ଜିଶନ ଅମିନ ମଲିକଙ୍କୁ ଗିରଫ କରାଯାଇଛି। ଆତଙ୍କବାଦୀଙ୍କ ପାଇଁ କାର୍ଯ୍ୟ କରୁଥିବା ଅଭିଯୋଗରେ ଶନିବାର ଜମ୍ମୁ-କଶ୍ମୀରର ୧୧ ଜଣ କର୍ମଚାରୀଙ୍କୁ ବହିଷ୍କାର କରାଯାଇଥିଲା।

# କାନ୍ଦାହାରରେ ତାଲିବାନ ଆତଙ୍କ

## ➩କନ୍‌ସୁଲେଟ୍ ବନ୍ଦ କଲା ଭାରତ ➩୫୦ କୂଟନୀତିଜ୍ଞଙ୍କୁ ଫେରାଇ ଅଣାଗଲା

କାବୁଲ/ନୂଆଦିଲ୍ଲୀ,୧୧।୭-

ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ଦୀର୍ଘ ୨୦ ବର୍ଷ ଧରି ଚାଲିଥିବା ଲଢ଼େଇକୁ ଅଧୁରା ଛାଡ଼ିଦେଇ ଆମେରିକା ନିଜ ୯୦% ସୈନ୍ୟଙ୍କୁ ଫେରାଇନେଉଛି। ସେପ୍ଟେମ୍ବର ୧୧ ସୁଦ୍ଧା ସମସ୍ତ ସୈନ୍ୟଙ୍କୁ ସ୍ୱଦେଶକୁ ଫେରାଇ ନିଆଯିବ ବୋଲି ଆମେରିକା ଧାର୍ଯ୍ୟ କରିଥିବାବେଳେ ଅଗଷ୍ଟ ୩୧ରେ ହିଁ ଏହି ପ୍ରତ୍ୟାହାର ସମ୍ପୂର୍ଣ୍ଣ ହେବ। ଆଫଗାନିସ୍ତାନର ୮୫% ଅଞ୍ଚଳ ତାଲିବାନ ନିଜ ନିୟନ୍ତ୍ରଣକୁ ନେଇସାରିଥିବା ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଦାବି କରାଯାଇଥିଲା। ଇରାନ ଓ ତୁର୍କମେନିସ୍ତାନ ସଂଲଗ୍ନ ସୀମା ତାଲିବାନ ଦଖଲରେ ଥିବା କୁହାଯାଇଥିଲା। ଏଭଳି ସମୟରେ ଆଫଗାନିସ୍ତାନ ନିଜ ଭାଗ୍ୟ ନିଜେ ସ୍ଥିର କରୁ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପରାମର୍ଶ ଦେବା ପରେ ଦେଶରେ ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ତାଲିବାନର କ୍ରମବର୍ଦ୍ଧିଷ୍ଣୁ ଶକ୍ତିର ଗଭୀର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିବାରେ ଲାଗିଛି। ଦକ୍ଷିଣରେ ଥିବା କାନ୍ଦାହାର ସହରସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସକୁ ଅସ୍ଥାୟୀ ଭାବେ ବନ୍ଦ କରିବାକୁ ପଡ଼ିଛି। ସେଠାରେ କାର୍ଯ୍ୟରତ ୫୦ କୂଟନୀତିଜ୍ଞ ଓ ସୁରକ୍ଷା କର୍ମଚାରୀଙ୍କୁ ଭାରତକୁ ଫେରାଇ ଅଣାଯାଇଛି। ସ୍ଥିତି ବିଗିଡ଼ିବାରେ ଲାଗିଥିବାରୁ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଥିବା ଭାରତ ପକ୍ଷରୁ କୁହାଯାଇଛି। ଆଫଗାନିସ୍ତାନରେ ଶାନ୍ତି ଓ ସ୍ଥିରତା ପାଇଁ ଭାରତ ଉଦ୍ୟମ ଜାରି ରଖିଛି। ଭାରତ ପକ୍ଷରୁ ସେଠାରେ ବିଭିନ୍ନ ପୁନଃ ନିର୍ମାଣ କାର୍ଯ୍ୟରେ ପ୍ରାୟ ୩ ବିଲିୟନ୍ ଡଲାର ନିବେଶ କରାଯାଇଛି। ଆହୁରି ଅନେକ ବିକାଶମୂଳକ କାର୍ଯ୍ୟ ଜାରି ରହିଛି। ଆମେରିକୀୟ ସୈନ୍ୟ ଓ ଗଣତାନ୍ତ୍ରିକ ସରକାରଙ୍କ ଉପସ୍ଥିତି ଯୋଗୁ ଏସବୁ ସମ୍ଭବ ହୋଇଛି। ଏବେ ତାଲିବାନର ବଳ ବୃଦ୍ଧି ଫଳରେ ସେସବୁ ବାଜିରେ ଲାଗିଛି।

ଆଫଗାନିସ୍ତାନରୁ ଆମେରିକୀୟ ସୈନ୍ୟଙ୍କ ଘରବାହୁଡ଼ା ତାଲିବାନର ଶକ୍ତି ବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିଛି। ତାଲିବାନ ଆତଙ୍କବାଦୀମାନେ ଦେଶର ୮୫% ଦଖଲ କରିଥିବା ଦାବି କରିବା ପରେ ଆହୁରି ଅଧିକ ଅଞ୍ଚଳ ଉପରେ କର୍ତ୍ତୃତ୍ୱ ଜାହିର କରିଛନ୍ତି। ବିପଦ ବଢ଼ୁଥିବା ଦେଖି କାନ୍ଦାହାରସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସରୁ ନୂଆଦିଲ୍ଲୀ ନିଜର ୫୦ କୂଟନୀତିଜ୍ଞଙ୍କୁ ଭାରତୀୟ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଫେରାଇ ଆଣିଛି। କୂଟନୀତିଜ୍ଞଙ୍କ ସହ ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ ଓ ଅନ୍ୟ ସିକ୍ୟୁରିଟି ଷ୍ଟାଫ୍‌ଙ୍କୁ ମଧ୍ୟ ଅଣାଯାଉଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ରବିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆଫଗାନିସ୍ତାନରେ ସ୍ଥିତି ବିଗିଡ଼ିବାରେ ଲାଗିଥିବାରୁ କନ୍‌ସୁଲେଟ୍‌ରୁ ଭାରତୀୟ କର୍ମଚାରୀମାନଙ୍କୁ ସାମୟିକ ଭାବେ ପ୍ରତ୍ୟାହାର କରାଯାଇଛି। ତେବେ ସ୍ଥାନୀୟ କର୍ମଚାରୀଙ୍କୁ ନେଇ କନ୍‌ସୁଲେଟ୍ କାର୍ଯ୍ୟ ଜାରି ରହିବ। ସେଠାକାର ସୁରକ୍ଷା ସ୍ଥିତି ଉପରେ ଭାରତ କଡ଼ା ନଜର ରଖିଛି। କର୍ମଚାରୀଙ୍କ ସୁରକ୍ଷାକୁ ଭାରତ ସର୍ବୋଚ୍ଚ ପ୍ରାଥମିକତା ଦେଉଛି। ଆଫଗାନିସ୍ତାନ ଆମର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ। ଏହାର ସାର୍ବଭୌମତ୍ୱ, ଶାନ୍ତି ଓ ଗଣତନ୍ତ୍ରକୁ ନେଇ ନୂଆଦିଲ୍ଲୀ ପ୍ରତିଶ୍ରୁତିବଦ୍ଧ। ପ୍ରକାଶ ଯେ, ୧୯୯୦ ଦଶକରେ କାନ୍ଦାହାରରେ ତାଲିବାନର ମୁଖ୍ୟାଳୟ ଥିଲା। ଏହି ସଙ୍ଗଠନର କାନ୍ଦାହାର ପୁନଃ ଦଖଲ ଉଦ୍ୟମ ଜାରି ରଖିଛି। ତେବେ କାବୁଲସ୍ଥିତ ଭାରତୀୟ ଦୂତାବାସ ଓ ମଜାର-ଏ-ଶରିଫ୍‌ରେ ଥିବା କନ୍‌ସୁଲେଟ୍‌କୁ ବନ୍ଦ କରାଯାଇ ନାହିଁ। କିନ୍ତୁ ତାଲିବାନ ଏପରି ଭାବେ ଅଗ୍ରସର ହେଲେ କାବୁଲ ଦୂତାବାସକୁ ମଧ୍ୟ ସୁରକ୍ଷିତ ରଖାଯାଇ ନ ପାରେ। ନିକଟରେ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କ୍ୟୁରେଶୀ କହିଥିଲେ, ଆଫଗାନିସ୍ତାନ ସହ ଭାରତର ସୀମା ଲାଗି ରହିନାହିଁ। ଏହାସତ୍ତ୍ୱେ ଭାରତ ସେଠାରେ ଚାରି ଚାରିଟି ଦୂତାବାସ ଖୋଲିଛି। ଏହା ପୂର୍ବରୁ ଏପ୍ରିଲ ୨୦ରେ ଭାରତ ସରକାର ଜଲାଲାବାଦ ଓ ହେରାତରେ ଥିବା ନିଜ ବାଣିଜ୍ୟିକ ଦୂତାବାସକୁ ବନ୍ଦ କରି ସେଠାରୁ ନିଜ ଷ୍ଟାଫ୍‌ଙ୍କୁ ଫେରାଇ ଆଣିଥିଲା। ସେହିପରି ରୁଷିଆ ମଧ୍ୟ ଉତ୍ତର ଆଫଗାନିସ୍ତାନର ମଜାର-ଏ-ଶରିଫ୍‌ସ୍ଥିତ ନିଜ ବାଣିଜ୍ୟିକ ଦୂତାବାସକୁ ସୁରକ୍ଷା କାରଣରୁ ଗତ ସପ୍ତାହରେ ବନ୍ଦ କରିଦେଇଥିଲା। ଚାଇନା ମଧ୍ୟ ନିକଟରେ ଆଫଗାନିସ୍ତାନରୁ ନିଜର ୨୧୦ ନାଗରିକଙ୍କୁ ଫେରାଇ ନେଇଥିଲା।





କାନ୍ଦାହାରସ୍ଥିତ ଭାରତର ବାଣିଜ୍ୟିକ ଦୂତାବାସ।



ଆଫଗାନିସ୍ତାନରେ ତାଲିବାନର ବଢ଼ୁଥିବା ପ୍ରଭାବ, ପାକିସ୍ତାନ ସହ ଏହାର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଏବଂ ଏହି ଆତଙ୍କବାଦୀ ସଙ୍ଗଠନ ଚାଇନାର ନିକଟତର ହେବା କେବଳ ଭାରତ ପାଇଁ ନୁହେଁ, ବରଂ ଅନ୍ୟ ଦେଶଗୁଡ଼ିକ ଲାଗି ମଧ୍ୟ ବିପଜ୍ଜନକ।

-ପ୍ରିୟଙ୍କା ଚତୁର୍ବେଦୀ, ଶିବସେନା ଏମ୍‌ପି

ଭାରତ ପୂର୍ବରୁ ସମ୍ବେଦନଶୀଳ ହେବା ଉଚିତ ଥିଲା। ଆଫଗାନିସ୍ତାନକୁ ପାକିସ୍ତାନ ବିରୋଧରେ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରି ନ ଥିଲେ ଭଲ ହୋଇଥାଆନ୍ତା। ସେହିପରି କଶ୍ମୀର ପ୍ରସଙ୍ଗରେ ମଧ୍ୟ ଭାରତ ପରିପକ୍ୱତା ପ୍ରଦର୍ଶନ କରିବା ଦରକାର ଥିଲା। ଅହଂକାରୀ ଭାରତ ସମ୍ପୃକ୍ତ ଅଞ୍ଚଳରେ ଅସ୍ଥିରତାର କାରଣ ସାଜିଛି। କ୍ୱାଡ୍ ଏହାର ଉଦାହରଣ।

-ଅବ୍‌ଦୁଲ ବାସିତ, ଭାରତରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରଦୂତ



## ‘ଷ୍ଟାନ୍ ସ୍ୱାମୀଙ୍କୁ ହତ୍ୟା କରାଯାଇଛି’

ମୁମ୍ବାଇ, ୧୧।୭



ସଞ୍ଜୟ ରାଉତ

ଆଦିବାସୀମାନଙ୍କ ଅଧିକାର ପାଇଁ ଲଢ଼େଇ କରୁଥିବା ୮୪ ବର୍ଷୀୟ ଫାଦର ଷ୍ଟାନ୍ ସ୍ୱାମୀଙ୍କ ମୃତ୍ୟୁ ପାଇଁ ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। ସ୍ୱାମୀଙ୍କୁ ଜେଲ୍‌ରେ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଦେଶର ମୂଳଦୁଆ କ’ଣ ଏତେ ଦୁର୍ବଳ ଯେ ଜଣେ ୮୪ ବର୍ଷୀୟ ବୃଦ୍ଧ ନରେନ୍ଦ୍ର ମୋଦି ସରକାରଙ୍କୁ ଉପାଡ଼ି ଫିଙ୍ଗିଦେଇପାରିବ ଆଶଙ୍କା କରି ତାଙ୍କୁ ହିଟଲର ଏବଂ ମୁସୋଲିନଙ୍କ ସହ ତୁଳନା କରାଯାଇଥିଲା ବୋଲି ସଞ୍ଜୟ ପ୍ରଶ୍ନ କରିଛନ୍ତି।

ଭୀମା କୋରେଗାଁଓ-ଏଲ୍‌ଗାର ପରିଷଦ ମାମଲାରେ ସ୍ୱାମୀଙ୍କୁ ଏନ୍ଆଇଏ ଗତବର୍ଷ ଅକ୍ଟୋବରରେ ଗିରଫ କରିଥିଲା। ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଗତ ୫ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଶିବସେନା ମୁଖପତ୍ର ‘ସାମନା’ର ସାପ୍ତାହିକ ସ୍ତମ୍ଭ ‘ରୋକ୍‌ଠୋକ୍’ରେ ରାଉତ୍ କେନ୍ଦ୍ର ସରକାରଙ୍କୁ ଇନ୍ଦିରା ଗାନ୍ଧୀଙ୍କ ସରକାର ସହ ତୁଳନା କରିଛନ୍ତି। ତତ୍କାଳୀନ ସରକାରଙ୍କୁ ଜର୍ଜ ଫର୍ଣ୍ଣାଣ୍ଡିସ୍ ଭାଙ୍ଗିଦେବାର ଯୋଜନା କରୁଛନ୍ତି ବୋଲି ଇନ୍ଦିରା ଅଭିଯୋଗ କରିଥିଲେ। ସେତେବେଳର ଯୁବନେତା ଫର୍ଣ୍ଣାଣ୍ଡିସ୍‌ଙ୍କୁ ଇନ୍ଦିରା ଭୟ କରୁଥିଲେ। ହେଲେ ବର୍ତ୍ତମାନର ସରକାର ୮୪ ବର୍ଷୀୟ ଷ୍ଟାନ୍ ସ୍ୱାମୀ ଏବଂ ୱାରାୱାରା ରାଓଙ୍କୁ ଭୟ କରୁଥିବା ଶିବସେନା ନେତା କହିଛନ୍ତି।

## ବିନୟ ପ୍ରକାଶ ଗ୍ରିଭାନ୍ସ ଅଫିସର ନିଯୁକ୍ତ

### କମ୍ପ୍ଲିଆନ୍ସ ରିପୋର୍ଟ ପ୍ରକାଶ କଲା ଟୁଇଟର

ନୂଆଦିଲ୍ଲୀ, ୧୧।୭

ନୂଆ ଡିଜିଟାଲ ନିୟମାବଳୀକୁ ନେଇ କେନ୍ଦ୍ର ସରକାରଙ୍କ ସହ ଟୁଇଟରର ବିବାଦ ଲାଗି ରହିଥିବାବେଳେ ରବିବାର ଏହା ପ୍ରଥମ କମ୍ପ୍ଲିଆନ୍ସ ରିପୋର୍ଟ ପ୍ରକାଶ କରିଛି। ମାସକ ମଧ୍ୟରେ ଟୁଇଟର ୯୪ଟି ଅଭିଯୋଗ ପାଇଥିବାବେଳେ ୧୩୩ ୟୁଆର୍‌ଏଲ୍ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କମ୍ପ୍ଲିଆନ୍ସ ରିପୋର୍ଟରେ କହିଛି। ସେଥିରେ ୨୦ଟି ମାନହାନି, ୬ଟି ଦୁର୍ବ୍ୟବହାର/ଉତ୍ପୀଡ଼ନ, ୪ଟି ସମ୍ବେଦନଶୀଳ ବିଷୟବସ୍ତୁ, ୩ଟି ଲେଖାଏ ପ୍ରତିରୂପଣ ଏବଂ ଗୋପନୀୟତା ଉଲ୍ଲଂଘନ ଅଭିଯୋଗ ରହିଛି। ଏଥିସହିତ ଏହି ମାଇକ୍ରୋବ୍ଲଗିଂ ସାଇଟ୍ ବିନୟ ପ୍ରକାଶଙ୍କୁ ଭାରତ ପାଇଁ ଏହାର ରେସିଡେଣ୍ଟ ଗ୍ରିଭାନ୍ସ ଅଫିସର ନିଯୁକ୍ତ କରିଛି।

ଉକ୍ତ ଆମେରିକା କମ୍ପାନୀ ଭାରତରେ ନୂଆ ଆଇଟି ନିୟମ ପାଳନ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଆସୁଛି। ନୂଆ ନିୟମାବଳୀ ଅନୁଯାୟୀ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ମୁଖ୍ୟ କମ୍ପ୍ଲିଆନ୍ସ ଅଫିସର, ନୋଡାଲ ଅଫିସର ଏବଂ ଗ୍ରିଭାନ୍ସ ଅଫିସର ପଦରେ ୩ ଜଣ ଭାରତୀୟଙ୍କୁ ନିଯୁକ୍ତି ଦେବା କଥା। ଟୁଇଟର ୱେବ୍‌ସାଇଟରେ ଅପ୍‌ଡେଟ୍ ତଥ୍ୟ ଅନୁଯାୟୀ ବିନୟ ପ୍ରକାଶ ରେସିଡେଣ୍ଟ ଗ୍ରିଭାନ୍ସ ଅଫିସର (ଆର୍‌ଜିଓ) ନିଯୁକ୍ତ ହୋଇଛନ୍ତି। ନୂଆ ଡିଜିଟାଲ ନିୟମ ଲାଗୁ ହେବାର ମାସେ ପରେ ଟୁଇଟର ୨୦୨୧ ମେ’ ୨୬ରୁ ଜୁନ୍ ୨୫ ଅବଧିର କମ୍ପ୍ଲିଆନ୍ସ ରିପୋର୍ଟ ପ୍ରକାଶ କରିଛି। ନୂଆ ଆଇଟି ରିପୋର୍ଟରେ ଅନ୍ୟାନ୍ୟ ଆବଶ୍ୟକତା ମଧ୍ୟରେ କମ୍ପ୍ଲିଆନ୍ସ ରିପୋର୍ଟ ଅନ୍ୟତମ ଥିଲା। ପୂର୍ବରୁ ଟୁଇଟର ଧର୍ମେନ୍ଦ୍ର ଚତୁରଙ୍କୁ ଭାରତ ପାଇଁ ଏହାର ରେସିଡେଣ୍ଟ ଗ୍ରିଭାନ୍ସ ଅଫିସର ନିଯୁକ୍ତ କରିଥିଲା। ତେବେ ଗତମାସରେ ଚତୁର ଏହି ପଦରୁ ଇସ୍ତଫା ଦେଇଥିଲେ।

ବାରମ୍ବାର ତାଗିଦ ସତ୍ତ୍ୱେ ଟୁଇଟର ଉଦ୍ଦେଶ୍ୟମୂଳକ ଭାବେ ନୂଆ ଆଇଟି ନିୟମ ଅନୁପାଳନ କରୁ ନ ଥିବା ସରକାରଙ୍କ ପକ୍ଷରୁ ଅଭିଯୋଗ ହୋଇଆସୁଛି। ଭାରତରେ ୧.୭୫ କୋଟି ୟୁଜର ଥିବା ଏହି ମାଇକ୍ରୋବ୍ଲଗିଂ ସାଇଟ୍ ଭାରତରେ ଏକ ଇଣ୍ଟରମିଡିଆରୀ ଭାବେ ଆଇନଗତ ସୁରକ୍ଷା ହରାଇଛି। ୟୁଜରମାନେ କୌଣସି ବେଆଇନ ବିଷୟବସ୍ତୁ ପୋଷ୍ଟ କଲେ ସେଥିପାଇଁ ଟୁଇଟରକୁ ଉତ୍ତରଦାୟୀ ହେବାକୁ ପଡ଼ିବ।

## ୪୧,୫୦୬ ଆକ୍ରାନ୍ତ, ୮୯୫ ମୃତ

ନୂଆଦିଲ୍ଲୀ, ୧୧।୭: ଦେଶରେ ଗତ ୨୪ ଘଣ୍ଟାରେ ୪୧,୫୦୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ମାମଲା ୩,୦୮,୩୭,୨୨୨ରେ ପହଞ୍ଚିଛି। ସେହିପରି ଦିନକରେ ୮୯୫ ଜଣଙ୍କ ମୃତ୍ୟୁ ଘଟିଛି। ସମୁଦାୟ କରୋନା ମୃତ୍ୟୁ ସଂଖ୍ୟା ୪,୦୮,୦୪୦କୁ ବୃଦ୍ଧି ପାଇଥିବା ରବିବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସକ୍ରିୟ ମାମଲା ୪,୫୪,୧୧୮କୁ ହ୍ରାସ ପାଇଛି। ଆରୋଗ୍ୟ ହାର ୯୭.୨୦%କୁ ବୃଦ୍ଧି ପାଇଛି। ଶନିବାର ୧୮,୪୩,୫୦୦ ନମୁନା ପରୀକ୍ଷା କରାଯାଇଥିବବେଳେ ଦୈନିକ ପଜିଟିଭ ହାର ୨.୨୫ ପ୍ରତିଶତ ରହିଛି।

## ଜଣଙ୍କ ଶରୀରରେ ୨ ଭାରିଆଣ୍ଟ

ବ୍ରସେଲ୍ସ, ୧୧।୭



ଏକା ଥରକରେ କରୋନା ଭୂତାଣୁର ଆଲ୍‌ଫା ଏବଂ ବିଟା ଭାରିଆଣ୍ଟରେ ଆକ୍ରାନ୍ତ ହୋଇଥିବା ବେଲ୍‌ଜିୟମର ଜଣେ ୯୦ ବର୍ଷୀୟା ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ଶନିବାର ଜଣାପଡ଼ିଛି। ମାର୍ଚ୍ଚ ୩ରେ ସେ ପ୍ରଥମେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଥିଲେ ହେଁ ପୁଣି ଦେହ ଖରାପ ହେବାରେ ଲାଗିଥିଲା। ଏହାର କିଛି ଦିନ ପରେ ତାଙ୍କ ମୃତ୍ୟୁ ଘଟିଥିଲା। ବ୍ରିଟେନ୍‌ରେ ପ୍ରଥମେ ଦେଖାଦେଇଥିବା ଆଲ୍‌ଫା ଓ ଦକ୍ଷିଣ ଆଫ୍ରିକାରେ ଚିହ୍ନଟ ହୋଇଥିବା ବିଟା ଭାରିଆଣ୍ଟରେ ସେ ସଂକ୍ରମିତ ହୋଇଥିଲେ ବୋଲି ଡାକ୍ତରମାନେ ଜାଣିବାକୁ ପାଇଛନ୍ତି।



ରାଞ୍ଚି ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପୂର୍ବରୁ ପୂଜାର୍ଚ୍ଚନା।

## ୟୁପିରେ ଅଲ୍-କାଏଦା

### ୨ ଆତଙ୍କବାଦୀ ଗିରଫ



### ବୋମା, ବନ୍ଧୁକ ଜବତ

### ହାଇଆଲର୍ଟ ଜାରି

ଲକ୍ଷ୍ନୌ, ୧୧।୭

ଆତଙ୍କବାଦୀ ଆକ୍ରମଣ ଯୋଜନା ସମ୍ପର୍କରେ ପୋଲିସ ଓ ଗୋଇନ୍ଦା ସଂସ୍ଥାକୁ ତଥ୍ୟ ମିଳିବା ପରେ ଉତ୍ତରପ୍ରଦେଶରେ ରବିବାର ହାଇ ଆଲର୍ଟ ଜାରି ହୋଇଛି। ବିଭିନ୍ନ ସ୍ଥାନରେ ସିରିଜ ଆକ୍ରମଣ ଲାଗି ଆତଙ୍କବାଦୀମାନେ ଯୋଜନା କରୁଥିବା ଜଣାପଡ଼ିବା ପରେ ଲକ୍ଷ୍ନୌ କମିଶନରେଟ ଅଞ୍ଚଳ ସମେତ ହାର୍ଦୋଇ, ସୀତାପୁର, ବାରବାଙ୍କି, ଉନ୍ନାଓ ଏବଂ ରାଏବରେଲି ସମେତ ପଶ୍ଚିମ ଉତ୍ତରପ୍ରଦେଶରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇଦିଆଯାଇଛି। ଶନିବାର ଏଟିଏସ୍ ଲକ୍ଷ୍ନୌର ଏକ ଘରେ ଚଢ଼ାଉ କରିଥିଲା। ଉକ୍ତ ଘରେ ୭ ଜଣ ରହୁଥିଲାବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ଖସି ପଳାଇବାରେ ସମର୍ଥ ହୋଇଥିଲେ। ସେମାନେ ସିରିଜ ଆକ୍ରମଣ ଯୋଜନା କରିଥିବା ସନ୍ଦେହ କରାଯାଉଛି। ଆଇନ ଶୃଙ୍ଖଳା ଏଡିଜି ପ୍ରଶାନ୍ତ କୁମାରଙ୍କ ସୂଚନା ଅନୁଯାୟୀ ଉତ୍ତରପ୍ରଦେଶ ଏଟିଏସ୍ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନାର ପର୍ଦ୍ଦାଫାସ୍ କରିଛି। ଅଲ୍-କାଏଦା ନେତା ଅନସାର ଘଜୱାତ୍-ଉଲ୍-ହିନ୍ଦ ସହ ସମ୍ପର୍କ ରଖିଥିବା ଦୁଇ ଆତଙ୍କବାଦୀ ଗିରଫ ହୋଇଛନ୍ତି। ଗିରଫ ମସିରୁଦ୍ଦିନ ଏବଂ ମିନ୍‌ହାଜ ଲକ୍ଷ୍ନୌ ବାସିନ୍ଦା। ଧରାପଡ଼ିବା ପୂର୍ବରୁ ସେମାନେ କେତେକ ଜରୁରୀ କାଗଜପତ୍ର ପୋଡ଼ିଦେଇଥିଲେ। ସନ୍ଦିଗ୍ଧମାନଙ୍କ ଘରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ, ବିଦେଶୀ ପିସ୍ତଲ, ଦୁଇଟି ପ୍ରେସର କୁକର୍ ବମ୍ ଜବତ ହୋଇଛି।

## ଆମେ ୨ ଆମର ୨

### ଯୋଗୀଙ୍କ ଜନସଂଖ୍ୟା ନିୟନ୍ତ୍ରଣ ସୂତ୍ରକୁ ନେଇ ତେଜିଲା ବିବାଦ

ଲକ୍ଷ୍ନୌ,୧୧।୭



ଦେଶର ଜନସଂଖ୍ୟା ଅଭିବୃଦ୍ଧି ହାର ୨.୭% ଥିବାବେଳେ ସବୁଠୁ ଜନବହୁଳ ରାଜ୍ୟ ଉତ୍ତରପ୍ରଦେଶ(ୟୁପି)ରେ ଏହା ୩.୧ ପ୍ରତିଶତ ରହିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ରାଜ୍ୟର ବିକାଶ ପଥରେ ବାଧକ ହୋଇଥିବାରୁ ଏହା ଉପରେ ନିୟନ୍ତ୍ରଣ ଜରୁରୀ। ଏଥିଲାଗି ଅଧିକ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି।

ଲକ୍ଷ୍ନୌସ୍ଥିତ ନିଜ ସରକାରୀ ବାସଭବନରେ ରବିବାର ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ଯୋଗୀ ଆଦିତ୍ୟନାଥ ‘ଉତ୍ତର ପ୍ରଦେଶ ଜନସଂଖ୍ୟା ନୀତି ୨୦୨୧-୨୦୩୦’ ଘୋଷଣା କରିଛନ୍ତି। ସେ କହିଛନ୍ତି, ସାରା ବିଶ୍ୱରେ ଜନସଂଖ୍ୟା ବୃଦ୍ଧିକୁ ନେଇ ଅନେକ ଅସୁବିଧା ଦେଖିବାକୁ ମିଳିଛି। ଏହା ବିକାଶରେ କିପରି ବାଧକ ହେଉଛି ସେନେଇ ବିଗତ ୪ ଦଶନ୍ଧି ଧରି ଆଲୋଚନା ଚାଲିଛି। ଏହାର ନିୟନ୍ତ୍ରଣ ଦିଗରେ ଉଦ୍ୟମ କରିଥିବା ଦେଶ ଓ ରାଜ୍ୟ ସକାରାତ୍ମକ ପରିଣାମ ପାଇଛନ୍ତି। ସମାଜର ସବୁ ବର୍ଗଙ୍କୁ ନେଇ ୟୁପି ସରକାର ‘ଆମେ ଦୁଇ ଆମର ଦୁଇ’ ନୀତିକୁ କାର୍ଯ୍ୟକାରୀ କରିବେ। ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ପାଇଁ ଏହାକୁ ସମସ୍ତେ ମାନିବା ଜରୁରୀ। ୨୦୨୬ ସୁଦ୍ଧା ଜନ୍ମହାର ୨.୧%କୁ ଖସାଇବାକୁ ପଡ଼ିବ। ଏହା ପୂର୍ବରୁ ଶୁକ୍ରବାର ୟୁପି ଲ’ କମିଶନ ଉକ୍ତ ନୀତିର ଚିଠା ଜାରି କରିଥିଲେ। ଦୁଇରୁ ଊର୍ଦ୍ଧ୍ୱ ସନ୍ତାନ ଥିବା ମା’ବାପା ସ୍ଥାନୀୟ ନିର୍ବାଚନ ଲଢ଼ିବା, ସରକାରୀ ଚାକିରି ପାଇଁ ଆବେଦନ କରିବା ଓ ରାଶନ ମିଳିବା ଭଳି ୭୭ ପ୍ରକାର ସୁବିଧାରୁ ବଞ୍ଚିତ ହେବେ ବୋଲି ଏଥିରେ ଦର୍ଶାଯାଇଛି। ଅନ୍ୟପକ୍ଷେ ଯେଉଁମାନଙ୍କ ଗୋଟିଏ କିମ୍ବା ଦୁଇଟି ସନ୍ତାନ ଥିବେ ସେମାନେ ସରକାରୀ ଚାକିରିରେ ବେତନ ବୃଦ୍ଧି ଓ ସ୍ୱାସ୍ଥ୍ୟ ବୀମା ଭଳି ଅନେକ ସୁବିଧା ପାଇବେ ବୋଲି ଉଲ୍ଲେଖ କରାଯାଇଛି।

ଯୋଗୀ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ମୁସଲମାନ ସମୁଦାୟକୁ ଟାର୍ଗେଟ କରିବା ପାଇଁ ଏପରି ବିଚିତ୍ର ନୀତି ଆଣିଥିବା ବିରୋଧୀ ସମାଲୋଚନା କରିଛନ୍ତି। କଂଗ୍ରେସ ଏହାକୁ ଏକ ‘ରାଜନୈତିକ କାର୍ଯ୍ୟସୂଚୀ’ ବୋଲି ଅଭିହିତ କରିଥିବାବେଳେ ସମାଜବାଦୀ ପାର୍ଟି (ଏସ୍‌ପି) ‘ଗଣତନ୍ତ୍ରର ହତ୍ୟା’ ବୋଲି ଅଭିହିତ କରିଛି। କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁକ୍ତାର ଅବ୍ବାସ ନକ୍‌ଭି କହିଛନ୍ତି, ୟୁପି ଜନସଂଖ୍ୟା ନିୟନ୍ତ୍ରଣ ଦିଗରେ କାର୍ଯ୍ୟ କରୁଛି। ଏହାକୁ ସ୍ୱାଗତ କରାଯିବା ଉଚିତ। ୧୯୭୦ ଦଶକରେ କଂଗ୍ରେସ ଏପରି ଉଦ୍ୟମ କରି ବିଫଳ ହୋଇଥିଲା। ଉନ୍ନତ ଉପାୟରେ ପଦକ୍ଷେପ ନିଆଗଲେ ସୁଫଳ ମିଳିବ। ଏହାକୁ ସାମ୍ପ୍ରଦାୟିକ ରଙ୍ଗ ଦେଉଥିବା ଲୋକେ ଦେଶର ଶତ୍ରୁ ବୋଲି ସେ ଅଭିହିତ କରିଛନ୍ତି। ଏହା ପୂର୍ବରୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରାଜ୍ୟର ମୁସଲମାନମାନଙ୍କୁ ଜନସଂଖ୍ୟା ହ୍ରାସ ପାଇଁ ସହଯୋଗ କରିବାକୁ ଅନୁରୋଧ କରିସାରିଛନ୍ତି।

# ପୁରରୁ ପୁରୀ

ଭାରତର ଅନେକ ସ୍ଥାନ ଅଛି, ଯାହାର ଶେଷରେ ରହିଛି 'ପୁର'। ଗାଁ ବି ଅଛି। ଓଡ଼ିଶାର କେତେକ ସହର ଓ ଗାଁ ନାମର ଶେଷରେ 'ପୁର' ଶବ୍ଦ ଜଡ଼ିତ। ପୁର ଶବ୍ଦ ଥିବା ସ୍ଥାନ ପ୍ରାଚୀନ ଐତିହ୍ୟର ଗୋଟିଏ ଗୋଟିଏ ସ୍ମାରକୀ। ଭାରତର ପ୍ରତ୍ୟେକ ଭାଷାରେ 'ପୁର' ଶବ୍ଦ ଥାଇ ଗାଁ ଅଛି, ନଗର ବି ଅଛି। ଯେପରିକି ଏଇ ଶବ୍ଦ ଆମ ପରମ୍ପରାରେ ଜଗତ ସହିତ ରହିଛି। ଉଦାହରଣ ସ୍ୱରୂପ ମର୍ତ୍ତ୍ୟପୁର, ଯମପୁର, ବୈକୁଣ୍ଠପୁର ଓ ସ୍ୱର୍ଗପୁର। ସ୍ୱର୍ଗପୁରରେ ଇନ୍ଦ୍ର ଯେଉଁଠି ରହୁଛନ୍ତି, ତାକୁ କହୁଛୁ ଇନ୍ଦ୍ରପୁରୀ। ସେହିପରି ମର୍ତ୍ତ୍ୟପୁରରେ ଯେଉଁଠି ଦାରୁଦିଅଁ ବିଜେ କରିଛନ୍ତି ତାହାକୁ କହୁଛୁ 'ଶ୍ରୀଜଗନ୍ନାଥପୁରୀ'।



ପୁର ଶବ୍ଦର ରହସ୍ୟ ଜାଣିବାକୁ ହେଲେ ଦର୍ଶନଶାସ୍ତ୍ରକୁ ଯିବାକୁ ହୁଏ। ଆମ୍ଭର କେନ୍ଦ୍ର ହେଉଛନ୍ତି ଅବ୍ୟୟପୁରୁଷ। ମଣିଷ ମଧ୍ୟରେ ଥିବା ମନକୁ କୁହାଯାଏ 'ଅବ୍ୟୟମନ'। ଅବ୍ୟୟମନର ସୃଷ୍ଟି ମୂଳରେ ରହିଛନ୍ତି ଅବ୍ୟୟପୁରୁଷ। ଅବ୍ୟୟମନ ସାକ୍ଷୀ ହୁଏ ମୁକ୍ତିକାଳରେ। ମୁକ୍ତି ସମୟରେ ମାୟାର ବନ୍ଧନ ଖୋଲି ଖୋଲି ଯାଏ। ତେଣୁ ଜୀବର ମାୟାଭାବ ଦୂର କରନ୍ତି ସେହି ଅବ୍ୟୟପୁରୁଷ। ମାଧ୍ୟମ ହେଉଛି ତାଙ୍କରି ଦ୍ୱାରା ସୃଷ୍ଟି ହୋଇଥିବା 'ମନ'। ଅବ୍ୟୟମନକୁ କୁହାଯାଏ 'ପୁର'। ଅର୍ଥାତ୍ ମାୟାଭାବ ଯେଉଁଠି ସଙ୍କୁଚିତ ହୁଏ ତାହା ହେଉଛି ପୁର। ମୁକ୍ତିର ସାକ୍ଷୀ ହେଲା ପରି ମନ ମଧ୍ୟ ମାୟାଭାବର ଅପସାରଣ କାଳରେ ସାକ୍ଷୀ ହୁଏ। ଯେଉଁଠି ମାୟାଭାବ ଅପସାରଣ ହୋଇଯାଏ, ତାହା ହେଉଛି ପୁର। ଆମେ ଜାଣିଛେ, ମାୟାଭାବ ଅପସାରଣ ପରେ ମନ ହୋଇଯାଏ ପରାତ୍ପର। ଯାର ଅର୍ଥ ଆତ୍ମା ଅଲଗା, ମାୟା ବି ଅଲଗା। ଏହା ମନର ଏକ ଅବସ୍ଥା। ପୁରର ଭାବ ପୁରୀ। ଯେଉଁଠି ପୁର ଭାବ (ପରାତ୍ପରଭାବ) ନଷ୍ଟ ହୋଇଯାଏ, ଅର୍ଥାତ୍ ଆଉ 'ଦୁଇ' ଭାବ ନ ଥାଏ। ଏକ ଭାବ ଥାଏ, ତାହା ହେଉଛି 'ପୁରୀ'।

ଯେଉଁଠି ସୃଷ୍ଟି ପୂର୍ଣ୍ଣ, ଅନ୍ତରୀକ୍ଷ ପୂର୍ଣ୍ଣ ଆଉ ମହୋଦଧି ବି ପୂର୍ଣ୍ଣ। ଯେଉଁଠି ସମଗ୍ର ସ୍ଥୂଳଭାଗ ବି ପୂର୍ଣ୍ଣ। ସମଗ୍ର ସୂକ୍ଷ୍ମଭାବ ବି ପୂର୍ଣ୍ଣ। ସମସ୍ତ ଅସ୍ତିତ୍ୱପୂର୍ଣ୍ଣ, ପୁଣି ଶୂନ୍ୟ ବି ପୂର୍ଣ୍ଣ। ତେଣୁ 'ପୁରୀ'ରେ କର୍ତ୍ତାଭାବ ଅଲଗା ହୋଇଯାଏ। କର୍ମଭାବ ହିଁ ଅନୁଭବ ହୁଏ। ଏଠି ଅକର୍ମ ଅଲଗା, ସମର୍ପଣ ଅଲଗା, ବିଦ୍ୟା ବି ଅଲଗା। ଅବିଦ୍ୟାର ପ୍ରଭାବ ବଦଳି ବଦଳି ଯାଏ ପ୍ରତି ମୁହୂର୍ତ୍ତରେ।

ଜୀବନର ପ୍ରଥମ ଓ ଶେଷ ପ୍ରଶ୍ନ 'ମୁଁ କିଏ?'। ମାୟାଜାଲରେ ତା'ର ଉତ୍ତର ପାଏନି ମଣିଷ। ମନ କେବେ ବି ସହଜରେ ନିଜ ସ୍ୱରୂପକୁ ଠଉରେଇପାରେ ନାହିଁ। ତେଣୁ ତ ପ୍ରଶ୍ନ କରେ ମୁଁ କିଏ? ଯେଉଁଠି ମାୟାଜାଲରୁ ମୁକୁଳି ଯିବାର ଉତ୍ତର ମିଳେ, ତାହା ହେଉଛି ପୁରୀ। ମୁକୁଳିଗଲେ ପ୍ରଶ୍ନ ପଚାରୁଥିବା ବ୍ୟକ୍ତିସତ୍ତା ଆଉ ନ ଥାଏ। ସେଇ ହେଉଛି ମୁକ୍ତି। ମୁକ୍ତି ଯେଉଁଠି ପୁରୀ ସେଇଠି, ଅନୁଭବ ହୁଏ କର୍ତ୍ତା ସେଇ, ଭୋକ୍ତା ସେଇ, ସାକ୍ଷୀ ବି ସେଇ। ତେଣୁ କୁହାଯାଏ ମୁକ୍ତି ହେଉଛି ଏକ ଭାବ। ବ୍ୟକ୍ତି ହେଉଛି ପ୍ରତିବିମ୍ବ ମାତ୍ର। କେଉଁଠି? ଜଗତରେ। ଜଗତ କ'ଣ? ବ୍ରହ୍ମଙ୍କର ପୂର୍ଣ୍ଣ ଅଭିବ୍ୟକ୍ତି। ସେ ପୂର୍ଣ୍ଣଭାବ ଯେଉଁଠି ପ୍ରାପ୍ତ ହୁଏ, ତାହା ହେଉଛି ଶ୍ରୀଜଗନ୍ନାଥ ପୁରୀ। ପୂର୍ଣ୍ଣଭାବ ପରେ ବ୍ୟକ୍ତି ଅନୁଭବ କରେ ନା ସ୍ୱର୍ଗ, ନା ନର୍କ, ନା ମୋକ୍ଷ। ତା'ହେଲେ ରହେ କ'ଣ? ରହେ କେବଳ ପୁରୀଭାବ ଅର୍ଥାତ୍ 'ପୂର୍ଣ୍ଣ' ଭାବ। 'ପୁର' ଭାବ ବି ତା'ର ନଷ୍ଟ ହୋଇ ସାରିଥାଏ।















କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ରରେ ଠାକୁରଙ୍କ ପହଣ୍ଡି।

# ପାହାଡ଼ ଉପରୁ ପହଣ୍ଡି ହୋଇ ଆସନ୍ତି ଠାକୁର

ଶ୍ରୀମନ୍ଦିର ଉପରେ ଅଠର ଥର ଆକ୍ରମଣ ହୋଇଥିବା ଇତିହାସରୁ ଜଣାଯାଏ। ସେଥିମଧ୍ୟରୁ ରକ୍ତବାହୁଙ୍କ ଆକ୍ରମଣ ଥିଲା ପ୍ରଥମ। ରକ୍ତବାହୁଙ୍କ ଶ୍ରୀକ୍ଷେତ୍ର ଆକ୍ରମଣ ସମୟରେ ମହାପ୍ରଭୁ ଜଳଯାତ୍ରାରେ ଯାଇ ସୁବର୍ଣ୍ଣପୁର ଜିଲା କୋଟସମଲାଇସ୍ଥିତ ଛଲିଆ ପାହାଡ଼ ଗୁମ୍ଫାରେ ପାତାଳି ହୋଇଥିଲେ। ମହାପ୍ରଭୁ ଏହିଠାରେ ୧୪୪ ବର୍ଷ ଧରି ଗୋପନ ପାତାଳି ଲୀଳା କରିଥିଲେ, ଯାହାକି ପ୍ରାମାଣିକ ତଥ୍ୟ ଭାବେ ମାଦଳା ପାଞ୍ଜି ସମେତ ବହୁ ଐତିହାସିକ ସ୍ୱୀକୃତି ରହିଛି। ଏଠାରେ ୨୦୧୧ରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପ୍ରଦତ୍ତ ଚତୁର୍ଦ୍ଧା ମୂର୍ତ୍ତି ଏକ ଅସ୍ଥାୟୀ ଘରେ ପୂଜା ପାଉଛନ୍ତି। ଗତ ୧୧ବର୍ଷ ଧରି ପୁରୀ ଶ୍ରୀମନ୍ଦିରର ରୀତିନୀତି ଅନୁଯାୟୀ ଏଠାରେ ରଥଯାତ୍ରା ପାଳନ ହୋଇଆସୁଛି। ଛଲିଆ ପାହାଡ଼ ତଳେ ରଥଯାତ୍ରା ଅନୁଷ୍ଠିତ ହୁଏ। ଛେରାପହଁରା ଗାଁର ଗଉନ୍ତିଆ କରନ୍ତି। ଏଠାକାର ପ୍ରାକୃତିକ ପରିବେଶରେ ପହଣ୍ଡି ଦୃଶ୍ୟ ବେଶ୍ ମନଲୋଭା। ୫୦ ମିଟର ପାହାଡ଼ ଉପରୁ ଠାକୁର ପହଣ୍ଡି ହୋଇ ତଳକୁ ଆସନ୍ତି। ଏହି ସମୟରେ ସେବାୟତ ଓ ପଣ୍ଡିତଗଣ ପହଣ୍ଡି ଗୀତ ବୋଲନ୍ତି। ସୁଭଦ୍ରାଙ୍କ ଦେବଦଳନ ରଥକୁ ଏଠାରେ କେବଳ ମହିଳାମାନେ ଟାଣିଥାଆନ୍ତି। ରଥ ନିର୍ମାଣ ସରିଥିଲେ ହେଁ ପାତାଳି ଶ୍ରୀକ୍ଷେତ୍ରରେ ଚଳିତବର୍ଷ କରୋନା ମହାମାରୀ ପାଇଁ ରଥ ଗଡ଼ିବ ନାହିଁ।

– ମୃତ୍ୟୁଞ୍ଜୟ ଶତପଥୀ

# ଶ୍ରୀକ୍ଷେତ୍ର ବାହାରେ ଚନ୍ଦନ ଯାତ

ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଚନ୍ଦନ ଯାତ ବା ଯାତ୍ରା ଅନ୍ୟତମ। ଏହି ଯାତ୍ରା ବୈଶାଖ ଶୁକ୍ଳପକ୍ଷ ତୃତୀୟା ତିଥିରେ ଆରମ୍ଭ ହୁଏ। ଓଡ଼ିଶାରେ ଏହି ଦିନଟି ଅକ୍ଷୟତୃତୀୟା ନାମରେ ପ୍ରସିଦ୍ଧ। ଶ୍ରୀମନ୍ଦିରରେ ସବୁଠାରୁ ଦୀର୍ଘକାଳୀନ ଯାତ୍ରା ଭାବରେ ଚନ୍ଦନ ଯାତ୍ରା ପରିଚିତ। ଏହା ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀରେ ସମାପ୍ତ ହୁଏ। ଅର୍ଥାତ୍ ୪୨ ଦିନ। ଏଥିମଧ୍ୟରୁ ବାହାର ଚନ୍ଦନ ୨୧ ଦିନ, ଭିତର ଚନ୍ଦନ ୨୧ ଦିନ ହୁଏ।

ବାହାର ଚନ୍ଦନରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ, ଶ୍ରୀରାମ, ଶ୍ରୀକୃଷ୍ଣ ଏବଂ ପଞ୍ଚ ମହାଦେବ ବିଜେ କରନ୍ତି ଚନ୍ଦନ ପୋଖରୀକୁ। ମହାପ୍ରଭୁଙ୍କ ଚନ୍ଦନ ପୁଷ୍କରିଣୀ ହେଉଛି ନରେନ୍ଦ୍ର। ଶ୍ରୀମନ୍ଦିରରୁ ମଣିବିମାନ ଓ ହାନ୍ଦୋଳା (ବିଶେଷ ପ୍ରକାରର ପାଲିଙ୍କି)ରେ ଦେବଦେବୀ ବଡ଼ଦାଣ୍ଡ ଦେଇ ବିଜେ କରୁଥିବାବେଳେ, ପଞ୍ଚମହାଦେବ ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀଲୋକନାଥ, ଶ୍ରୀଯମେଶ୍ୱର, ଶ୍ରୀ ନୀଳକଣ୍ଠେଶ୍ୱର ଓ ଶ୍ରୀକପାଳମୋଚନ ନିଜ ନିଜ ମନ୍ଦିରରୁ 'ଚଉଦୋଳ'ରେ ବିଜେ କରି ସିଂହଦ୍ୱାରକୁ ଆସିବା ପରେ ମଣିବିମାନ ସହିତ ପଟୁଆରରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରନ୍ତି। ଚନ୍ଦନ ପୋଖରୀର ଚନ୍ଦନ ଚକଡ଼ାରେ ବିମାନସବୁ ପହଞ୍ଚିବା ପରେ ନନ୍ଦା ଓ ଭଦ୍ରା ନାମରେ ୨ଟି ଚାପ ସୁସଜ୍ଜିତ ହୋଇଥାଏ। ଦିଅଁ ଚନ୍ଦନ ଚକଡ଼ାରେ ପହଞ୍ଚିବା ପରେ ପ୍ରଥମେ କର୍ପୂର ଓ ମଣୋହି କରାଯାଏ। ଏହା ପରେ ୨ଟି ଚାପରେ ଦିଅଁମାନେ ବସିବା ପରେ ପ୍ରସାଦ ଲାଗି ଓ ବିଡ଼ିଆ ମଣୋହି ହେବା ପରେ ନୌ–ବିହାର ଆରମ୍ଭ ହୁଏ। ଏହାକୁ ଦିନ ଚାପ କୁହାଯାଏ। ଗୋଟିଏ ଘେରା ନୌବିହାର ହୁଏ। ରାତି ଚାପରେ ୩ ଘେରା ନୌବିହାର କରନ୍ତି। ନୀତି ପରେ ଶ୍ରୀମନ୍ଦିରକୁ ଫେରିଆସନ୍ତି। ବାହାର ଚାପ ୨୧ ଦିନ ମଧ୍ୟରୁ ୨୦ ଦିନ ରାତି ଚାପ ୨୧ ଘେରା ହୁଏ। ଏହାକୁ ଭଉଁରି ଯାତ୍ରା କୁହାଯାଏ। ୨୧ ଦିନରେ ହିଁ ରାତି ଚାପ ହୁଏ ନାହିଁ।

ଶ୍ରୀମନ୍ଦିର ଆକ୍ରମଣ କାଳରେ ଅନେକ ଥର ଚନ୍ଦନଯାତ୍ରା ବନ୍ଦ ହୋଇଥିବାର ଜଣାଯାଏ। ୧୬୦୧ ମସିହାରେ ମିର୍ଜା ଖୁରୁମ୍ ଆକ୍ରମଣ କାଳରେ ମହାପ୍ରଭୁଙ୍କ ଚନ୍ଦନ ଚାପ କପିଳେଶ୍ୱରପୁରଠାରେ ହୋଇଥିବାର ଜଣାଯାଏ। ସେହିପରି ୧୬୨୧ ମସିହାରେ ଗଡ଼ମାଣତ୍ରୀଠାରେ, ୧୬୯୨ ମସିହାରେ ଗଡ଼କୋକଲଠାରେ ଚନ୍ଦନ ଚାପ ହୋଇଥିଲା। ଚନ୍ଦନ ଚାପ ଉତ୍ସବ ଗଙ୍ଗବଂଶର ଗଜପତି ୨ୟ ନରସିଂହ ଦେବ (୧୨୭୮–୧୩୦୬ ମସିହା)ଙ୍କ ସମୟରେ ଆରମ୍ଭ ହୋଇଥିବା କଥା ଇତିହାସ କୁହେ।

# ପ୍ରଭୁଙ୍କ କୃପାରୁ ଭଜନ ଗାଉଛି: ପ୍ରଶାନ୍ତ ପାଢ଼ୀ



**ଓଡ଼ିଆ ଭଜନ ଜଗତର ଅନ୍ୟତମ ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସ୍ୱର ସଂଯୋଜକ ପ୍ରଶାନ୍ତ ପାଢ଼ୀ ଜଗନ୍ନାଥଙ୍କ ଅନୁଭୂତିକୁ ନେଇ ଯାହା କହନ୍ତି...**

ଭଜନଟିଏ ଗାଇବା ଏବଂ ତାହା ଶ୍ରୋତାଙ୍କୁ ପ୍ରଭାବିତ କରିବା ଛୋଟିଆ କଥା ନୁହେଁ। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ମୁଁ ପ୍ରଭୁଙ୍କ ଭଜନ ଗାଇଆସୁଛି। ଅନେକ ମଞ୍ଚରେ ଜଗନ୍ନାଥଙ୍କ ଭଜନ ପରିବେଷଣ କରିଛି। ସତ କଥା କହିବାକୁ ଗଲେ ଜଗନ୍ନାଥଙ୍କ ଭଜନ ଗାଇବାରେ ଯେଉଁ ଆନନ୍ଦ ଥାଏ, ତାହା ମୋତେ ଆଉ କେଉଁଠି ମିଳେନା। ତାଙ୍କର ଭଜନ ଗାଇବା ବେଳେ ମୋତେ ଅନୁଭବ ହୁଏ ସତେ ଯେମିତି ତାଙ୍କର ଆଶୀର୍ବାଦ ମୋ ମୁଣ୍ଡ ଉପରେ ସଦାବେଳେ ରହିଛି। ଥରେ ଏକ କାର୍ଯ୍ୟକ୍ରମରେ ଭଜନ ଗାଉଥାଏ। ମୋତେ ଲାଗିଲା ସତେଯେମିତି ମୋ ସାମ୍ନାରେ ସ୍ୱୟଂ ଜଗନ୍ନାଥ ଉଭା ହୋଇଛନ୍ତି। ଯେମିତି ଆଖି ଖୋଲିଦେଇଛି ମୋ ଦୁଇ ଆଖିରୁ ଆନନ୍ଦାଶ୍ରୁ ଗଡିପଡିଲା। ମୁଁ ଗାଉଥିବା ଭଜନଟିରେ ମୋ ସାମ୍ନାରେ ଉପସ୍ଥିତ ଶ୍ରୋତା ସତେଯେମିତି ତଲ୍ଲୀନ ହୋଇ ଯାଇଥାଆନ୍ତି। ଆଜି ମୁଁ ପୁରପଲ୍ଲୀରେ ଜଗନ୍ନାଥଙ୍କ ଭଜନ ଗାଇ ଶ୍ରୋତାଙ୍କୁ ଖୁସି କରିପାରିଛି ତାହା ମୋ ପାଇଁ ବଡ଼ କଥା। ଆଉ ଏସବୁ ସମ୍ଭବ ହୋଇଛି ଜଗତର ନାଥ ଜଗନ୍ନାଥଙ୍କ କୃପାରୁ। ତାଙ୍କ ନିକଟରେ ମୁଁ ସବୁବେଳେ ଋଣୀ। କୌଣସି ଭଜନ ଗାଇବା ପୂର୍ବରୁ ମୁଁ ତାଙ୍କୁ କିଛି ସମୟ ଧ୍ୟାନ କରେ, ତା'ପରେ ଭଜନ ପରିବେଷଣ କରେ। କେବଳ ତାଙ୍କ କୃପାରୁ ମୋର କଳା ଚଢ଼େଇ , ମନ୍ଦାର ହାର, ଭାବ ବଣିକ, ଜଗାକୁ ଦେଖାନା ମଲ୍ଲୀମାଳ , କଳାନିଧି, ପୁରୀଧାମ, ସୁଦର୍ଶନ, କାଳିଆ କୃପା, ଦାରୁ ଦର୍ଶନ, ସ୍ନାନପୂର୍ଣ୍ଣିମା ଓ ରଥ ଦର୍ଶନ ଆଦି ଶତାଧିକ ଭଜନ କ୍ୟାସେଟ୍ ବେଶ୍ ଲୋକପ୍ରିୟ ହୋଇପାରିଛି।

– ଶୁଭ୍ରପ୍ରକାଶ ମହାପାତ୍ର

## ଦାରୁଦିଅଁଙ୍କ ପ୍ରିୟ ଅରୁଆ ପଖାଳ

ଓଡ଼ିଆ ପରମ୍ପରାରେ ଖାଦ୍ୟର ଯେଉଁ ବିଶେଷତ୍ୱ ରହିଛି, ତାହା ମଧ୍ୟରୁ ପଖାଳ ଅନ୍ୟତମ। ଲୋକଜୀବନରେ ଉଷୁନା ପଖାଳ ଓ ଅରୁଆ ପଖାଳ ପାଞ୍ଚଟି ନାମ ଧାରଣ କରିଛି। ମହାପ୍ରଭୁଙ୍କ ଉପାସନାରେ କେବଳ ଅରୁଆ ପଖାଳ ପ୍ରଚଳନର ବ୍ୟବସ୍ଥା ରହିଛି। ଆଠକାଳୀ ବାରମାସୀ ପଖାଳ ପରମ୍ପରା ପ୍ରଚଳିତ ଥିବା ବେଳେ ମହାପ୍ରଭୁଙ୍କ ସେବାରେ ମଧ ସବୁ ଋତୁରେ ବାରମାସି ଏହି ପରମ୍ପରା ଦେଖାଯାଏ। ସାଧାରଣ ଜୀବନର ଆବଶ୍ୟକତା ଅନୁଯାୟୀ ମଣିଷଟିଏ ଦିନରେ ଓ ରାତିରେ ପଖାଳ ଗ୍ରହଣ କରୁଥିବା ବେଳେ ମହାପ୍ରଭୁ କେବଳ ସନ୍ଧ୍ୟାଧୂପରେ ପଖାଳ ଭୋଗ ଗ୍ରହଣ କରନ୍ତି। ପ୍ରକାର ଭେଦରେ ଏଗୁଡ଼ିକ ବିଭିନ୍ନ ପ୍ରକାରର ହୋଇଥାଏ। ଅଦା ପକାଯାଇ ଚିପୁଡ଼ା ପଖାଳ, ଟଭାରେ ଟଭା ପଖାଳ ଓ ଦହିରେ ହୋଇଥାଏ ଦହି ପଖାଳ। ଶ୍ରୀଗୁଣ୍ଡିଚା ଦିନଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମୟକୁ ଛାଡ଼ିଦେଲେ ବର୍ଷର ଅନ୍ୟ ସମସ୍ତ ଦିନରେ ଦାରୁଦିଅଁ ପଖାଳରେ ଆତ୍ମସନ୍ତୋଷ ପାଇଥାଆନ୍ତି।

## ଲୀଳା ବୈକୁଣ୍ଠ

ନୀଳାଦ୍ରି ବୈକୁଣ୍ଠ ବା ରତ୍ନବେଦି ସମ୍ମୁଖରେ ଗରୁଡ଼ ସ୍ତମ୍ଭଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଜଗମୋହନକୁ ଲୀଳା ବୈକୁଣ୍ଠ କୁହାଯାଏ। ମହାପ୍ରଭୁଙ୍କ ପ୍ରତିନିଧି ଅର୍ଚ୍ଚା ବିଗ୍ରହମାନେ ଏହିଠାରେ ଲୀଳା କରିଥାଆନ୍ତି। ମହାପ୍ରଭୁଙ୍କ ଘୋଷଯାତ୍ରାରେ ଆଡ଼ପମଣ୍ଡପରୁ ଆସିଲା ବେଳେ ଏହି ବୈକୁଣ୍ଠରେ ଦଣ୍ଡାୟମାନ ହୋଇ ବନ୍ଦାପନା ଲୀଳା ହୋଇଥାଏ ବୋଲି ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି।






















**ପ୍ରଥମ ପୃଷ୍ଠାରୁ...**

## ଇତିହାସ ରଚିଲେ ...

ଟୁଇଟରରେ ଲାଇଭ୍ ଷ୍ଟ୍ରିମ୍ ହୋଇଥିଲା। ମହାକାଶକୁ ଯାତ୍ରା କରିବାରେ ସିରିଶା ହେଉଛନ୍ତି ତୃତୀୟ ଭାରତୀୟ ବଂଶୋଭବ। ଏହା ପୂର୍ବରୁ କଳ୍ପନା ଚାୱଲା ଓ ସୁନିତା ୱିଲିୟମସ୍ ମହାକାଶକୁ ଯାଇଥିଲେ। ମହାକାଶରେ ଓଜନବିହୀନ ଶରୀରର ଅନୁଭବ ନେବା ପରେ ବ୍ରାନ୍‌ସନଙ୍କ ସ୍ପେସ୍ ଫ୍ଲାଇଟ୍ ରାତି ପ୍ରାୟ ୯ଟା ୧୦ରେ ଆମେରିକା ସ୍ପେସ୍‌ପୋର୍ଟରେ ସାଧାରଣ ବିମାନ ପରି ଅବତରଣ କରିଥିଲା। ଭୂପୃଷ୍ଠରେ ଅବତରଣ ପରେ ଏହି ଯାତ୍ରାକୁ 'ଜୀବନବ୍ୟାପୀ ଅଭିଜ୍ଞତା' ବୋଲି ବ୍ରାନ୍‌ସନ କହିଛନ୍ତି। ମହାକାଶକୁ ଯିବା ପିଲାଦିନର ସ୍ୱପ୍ନ ଥିଲା। କିନ୍ତୁ ଯେପରି କଳ୍ପନା କରିଥିଲି ତା'ଠାରୁ ଏହି ଅନୁଭୂତି ଆହୁରି ଚମତ୍କାର ଥିଲା ବୋଲି ସେ ଟୁଇଟ୍ କରିଛନ୍ତି।

ଆମେରିକୀୟ ବିଲିୟନେୟାର ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ଓ ବ୍ରିଟେନ୍ ବିଲିଓନେୟାର ବ୍ରାନ୍‌ସନ୍ ମହାକାଶ ଯାତ୍ରା ପାଇଁ ଏକ ପ୍ରକାର ପ୍ରତିଯୋଗିତାକୁ ଓହ୍ଲାଇଛନ୍ତି। ଆସନ୍ତା ୨୦ ତାରିଖରେ ବେଜୋସ୍ ତାଙ୍କ କମ୍ପାନୀ ବ୍ଲୁ ଅରିଜିନ୍‌ର ସବ୍-ଅର୍‌ବିଟାଲ ସ୍ପେସ୍‌କ୍ରାଫ୍ଟ ନ୍ୟୁ ସେଫାର୍ଡ ଯୋଗେ ମହାକାଶ ଯାତ୍ରା କରିବାକୁ ଘୋଷଣା କରିଥିବାବେଳେ ଏହାର ୯ ଦିନ ପୂର୍ବରୁ ରିଚାର୍ଡ ସ୍ପେସ୍‌ରେ ପହଞ୍ଚିଛନ୍ତି। ତେବେ ପଛରେ ଯାତ୍ରା କରିବାକୁ ଥିବା ବେଜୋସ୍ କିନ୍ତୁ ମହାକାଶ ଯାତ୍ରାରେ ପ୍ରକୃତରେ ବିଜୟୀ ହେବେ। ବ୍ରାନ୍‌ସନ୍‌ଙ୍କ ଯାତ୍ରା ପୂର୍ବରୁ ବେଜୋସ୍ ଟୁଇଟ କରି କହିଥିଲେ ଯେ, ତାଙ୍କ ରକେଟ୍ ସମୁଦ୍ର ପତ୍ତନରୁ ୬୨ ମାଇଲ ଉଚ୍ଚ ଅନ୍ତର୍ଜାତୀୟସ୍ତରରେ ମାନ୍ୟତା ପାଇଥିବା 'କାରାମାନ୍ ଲାଇନ୍'କୁ ଯିବ। କିନ୍ତୁ ରିଚାର୍ଡସନ୍ ମାତ୍ର ୫୦ ମାଇଲ ଉପରକୁ ଯିବେ। ବେଜୋସ୍‌ଙ୍କ ସହ ବନ୍ଧୁତାପୂର୍ଣ୍ଣ ପ୍ରତିଯୋଗିତା ରହିଛି ଏବଂ ମହାକାଶରେ ଜଣେ ଅନ୍ୟ ଜଣଙ୍କୁ ପଛରେ ପକାଇବାରେ କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ ନ ଥିବା ବ୍ରାନ୍‌ସନ କହିଛନ୍ତି। ଅନ୍ୟପକ୍ଷରେ ସିଭିଲିଆନ୍ କ୍ରୁ ସଦସ୍ୟଙ୍କୁ ଆସନ୍ତା ସେପ୍ଟେମ୍ବରରେ ପୃଥିବୀ କକ୍ଷପଥକୁ ପଠାଇବାର ଯୋଜନା କରିଛନ୍ତି ସ୍ପେସ୍‌ଏକ୍ସ ମାଲିକ ଏଲନ ମସ୍କ। ପୂର୍ବରୁ ସେ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନକୁ ଅନେକ କାର୍‌ଗୋ ପେଲୋଡ୍ ଏବଂ ମହାକାଶଚାରୀଙ୍କୁ ପଠାଇସାରିଛନ୍ତି।

ଘରୋଇ ସ୍ପେସ୍ ମିଶନ ଜରିଆରେ ମହାକାଶ ପର୍ଯ୍ୟଟନକୁ ନୂତନ ଦିଗ ଦେବା ଲକ୍ଷ୍ୟରେ ବ୍ରାନ୍‌ସନ ଏହି ଯାତ୍ରା ଆରମ୍ଭ କରିଛନ୍ତି। ଆସନ୍ତା ବର୍ଷ ତାଙ୍କ କମ୍ପାନୀ ଭର୍ଜିନ ଗାଲାକ୍ଟିକ୍ ବ୍ୟବସାୟିକ ଭିତ୍ତିରେ ସ୍ପେସ୍ ଟୁରିଜମ୍ ଆରମ୍ଭ କରିବାକୁ ଯାଉଛି। ଏହି ମିଶନ ପାଇଁ ଯାନ ପ୍ରସ୍ତୁତ କରିବାରେ ବ୍ରାନ୍‌ସନଙ୍କୁ ପ୍ରାୟ ୨ ଦଶନ୍ଧି ସମୟ ଲାଗିଯାଇଥିଲା। ୟୁନିଟି ୨୨ ମିଶନ ଭିଏସ୍‌ଏସ୍ ୟୁନିଟିର ୨୦ ସେକେଣ୍ଡର ଟେଷ୍ଟ ଫ୍ଲାଇଟ୍ ହେବ। ମହାକାଶ ପର୍ଯ୍ୟଟନ ପାଇଁ ବିପୁଳ ଅର୍ଥ ଆବଶ୍ୟକ ହୋଇଥିଲେ ହେଁ ଅନେକ ବିତ୍ତଶାଳୀ ବ୍ୟକ୍ତି ଟିକେଟ୍ ପିଛା ୨ ଲକ୍ଷ ୫୦ ହଜାର ଆମେରିକୀୟ ଡଲାର ଦେଇ ସିଟ୍ ବୁକ୍ କରିଥିବା ଜଣାଯାଇଛି। ସୁଇସ୍ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ ୟୁବିଏସ୍‌ର ଆକଳନ ଅନୁଯାୟୀ, ସ୍ପେସ୍ ଟୁରିଜମ୍‌ର ସମ୍ଭାବ୍ୟ ବଜାର ମୂଲ୍ୟ ୨୦୩୦ ସୁଦ୍ଧା ବର୍ଷକୁ ୩ ବିଲିୟନ ଡଲାର ଟପିଯିବ।

### କାରାମାନ୍ ଲାଇନ କ'ଣ

ନ୍ୟାଶନାଲ ଜିଓଗ୍ରାଫିକ୍ ଅନୁସାରେ, ହଙ୍ଗେରୀର ପଦାର୍ଥ ବିଜ୍ଞାନୀ ଥିଓଡୋର୍ ଭନ୍ କାରାମାନ୍ କାଳ୍ପନିକ ମହାକାଶ ସୀମାରେଖା କାରାମାନ୍ ଲାଇନ୍‌କୁ ଚିହ୍ନଟ କରିଥିଲେ। ୧୯୯୦ରେ ଏହି ସୀମା ସମୁଦ୍ର ପତ୍ତନଠାରୁ ୫୦ ମାଇଲ ବା ୮୦ କିଲୋମିଟର ଦୂରରେ ଥିଲା। ବର୍ତ୍ତମାନ ନ୍ୟାଶନାଲ ଓସେନିକ୍ ଆଣ୍ଡ ଆଟ୍‌ମୋସ୍ଫିୟରିକ୍ ଆଡମିନିଷ୍ଟ୍ରେଶନ (ଏନ୍‌ଓଏଏ) କହିବା ଅନୁସାରେ, ଏହି କାଳ୍ପନିକ ସ୍ପେସ୍ ସୀମାରେଖା ସମୁଦ୍ର ପତ୍ତନଠାରୁ ୬୨ ମାଇଲ ବା ଆନୁମାନିକ ୧୦୦ କି.ମି. ଦୂରରେ ରହିଥିବା ଚିହ୍ନଟ ହୋଇଛି। ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ କାରାମାନ୍ ଲାଇନ୍‌କୁ ସ୍ପେସ୍ ସୀମା ଭାବେ ମାନ୍ୟତା ମିଳିଛି। ଫେଡେରେଶନ ଏରୋନଟିକ୍ ଇଣ୍ଟରନ୍ୟାଶନାଲ (ଏଫ୍‌ଏଆଇ) ମଧ୍ୟ କାରାମାନ ଲାଇନ ପରଠାରୁ ସ୍ପେସ୍ ବା ମହାକାଶ ଆରମ୍ଭ ହେଉଥିବା ଦର୍ଶାଏ। ତେବେ ଫେଡେରାଲ ଆଭିଏଶନ୍ ଆଡ୍‌ମିନିଷ୍ଟ୍ରେଶନ, ଆମେରିକା ବାୟୁସେନା, ଏନ୍‌ଓଏଏ ଏବଂ ନାସା ସମୁଦ୍ରପତ୍ତନରୁ ୫୦ ମାଇଲ ବା ୮୦ କି.ମି. ପରେ ସୀମାକୁ କାରାମାନ୍ ଲାଇନ ଭାବେ ଗ୍ରହଣ କରିଥାନ୍ତି। ଜେଫ୍ ବେଜୋସ୍ ରକେଟ୍ ଯୋଗେ ୬୨ ମାଇଲ ଯାତ୍ରା କରିବେ ବୋଲି ଟୁଇଟ୍ କରିଛନ୍ତି।

# ଲାମ୍ବଡା, ଡେଲ୍‌ଟା ପ୍ଲସ୍ ଭାରିଆଣ୍ଟ ତୃତୀୟ ଲହରର କାରଣ ହୋଇପାରେ

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

ରାଜ୍ୟରେ ଦ୍ୱିତୀୟ ଲହର ସଂକ୍ରମଣ ହ୍ରାସ ପାଉଥିବାବେଳେ ତୃତୀୟ ଲହରକୁ ନେଇ ଚିନ୍ତା ବଢ଼ୁଛି। ପ୍ରତିଦିନ ନୂଆ ନୂଆ ତଥ୍ୟ ଆସୁଥିବାବେଳେ ଏହାକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ଲାମ୍ବଡା ଓ ଡେଲ୍‌ଟା ପ୍ଲସ୍ ଭାରିଆଣ୍ଟ ତୃତୀୟ ଲହରର କାରଣ ହୋଇପାରେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର। ସେ କହିଛନ୍ତି, ଲାମ୍ବଡା ଭାରିଆଣ୍ଟ ନେଇ ବର୍ତ୍ତମାନ ସ୍ଥିତିରେ ବିସ୍ତୃତ ଅନୁଧ୍ୟାନ ହୋଇନାହିଁ। ଲାମ୍ବଡା ବ୍ରିଟେନରେ ଦେଖାଯାଇଛି। ଯେହେତୁ ବର୍ତ୍ତମାନ ବ୍ରିଟେନରେ ଏହା ଦେଖାଗଲାଣି, ଆଉ ବ୍ରିଟେନରୁ ଭାରତକୁ ଅଧିକ ଲୋକ ଯାତାୟାତ କରୁଛନ୍ତି, ତେଣୁ ଏହା ଉପରେ ସତର୍କ ଦୃଷ୍ଟି ଦେବା ଆବଶ୍ୟକ। ଅନ୍ୟପଟେ ଲୋକଙ୍କ ବେପରୁଆ ଚାଲିଚଳନ ତୃତୀୟ ଲହରକୁ ଶୀଘ୍ର ଆଣିବ ବୋଲି ମଧ୍ୟ କୁହାଯାଉଛି। ତେଣୁ କୋଭିଡ୍ ଗାଇଡ୍‌ଲାଇନ୍ କଡ଼ାକଡ଼ି ଭାବେ ଅନୁପାଳନ କରିବାର ଆବଶ୍ୟକତା ରହିଥିବା ଡା. ମିଶ୍ର କହିଛନ୍ତି।































## ସଂକ୍ଷେପରେ

### ଏସ୍‌ବିଆଇ ଜେନେରାଲର ଆରୋଗ୍ୟ ସୁପ୍ରିମ

ଭୁବନେଶ୍ୱର,୧୧ା୭: ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ ପକ୍ଷରୁ ବ୍ୟାପକ ସ୍ୱାସ୍ଥ୍ୟ ବୀମା ପ୍ଲାନ୍ 'ଆରୋଗ୍ୟ ସୁପ୍ରିମ'ର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ନିର୍ଦ୍ଦିଷ୍ଟ ପ୍ଲାନ ଡିଜାଇନ୍ ଗ୍ରାହକମାନଙ୍କର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ବୀମା କଭରେଜକୁ ସୁନିଶ୍ଚିତ କରିବ। ଏଥିରେ ୨୦ଟି ମୌଳିକ କଭର ଓ ୮ଟି ଇଚ୍ଛାଧୀନ କଭର ସାମିଲ ରହିଛି। ଏହି ପଲିସି ୫ କୋଟି ପର୍ଯ୍ୟନ୍ତ ବ୍ୟାପକ ଶ୍ରେଣୀୟ ବୀମା ବିକଳ୍ପ ପ୍ରଦାନ କରେ। ଯେଉଁଥିରେ ଗ୍ରାହକମାନେ ୩ଟି ବିକଳ୍ପ ବାଛିପାରିବେ। ଏହା ମଧ୍ୟରେ ପ୍ରୋ, ପ୍ଲସ୍ ଓ ପ୍ରିମିୟମ ଯାହାକି ବୀମା ଅର୍ଥ ଓ କଭରେଜ୍ ବୈଶିଷ୍ଟ୍ୟ ଉପରେ ନିର୍ଭର କରେ। ଅନ୍ୟାନ୍ୟ ଗ୍ରାହକ ଉପଯୋଗୀ କଭରେଜ୍ ଯଥା ସମ୍ ଇନ୍‌ସିଓରଡ୍ ରିଫିଲ୍, ରିକଭରି ବେନିଫିଟ୍, କମ୍ପାସନେଟ୍ ପରିଦର୍ଶନ ଇତ୍ୟାଦି ସହିତ ଗ୍ରାହକମାନେ ୧ରୁ ୩ ବର୍ଷ ପର୍ଯ୍ୟନ୍ତ ପଲିସି ଅବଧିକୁ ବାଛିପାରିବେ। ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀର ଏମ୍‌ଡି ଓ ସିଇଓ, ପିସି କାଣ୍ଡପାଲ୍ କହିଛନ୍ତି, ଆଜିର ପରିସ୍ଥିତିରେ ସ୍ୱାସ୍ଥ୍ୟ ବୀମା ଏକ ବିକଳ୍ପ ନ ହୋଇ ଏକ ଆବଶ୍ୟକତାରେ ପରିଣତ ହୋଇଛି।

### ମେଡିକଭର ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୧ା୭: ମେଡିକଭର ହସ୍ପିଟାଲ ପକ୍ଷରୁ ଜଣେ ୬୫ ବର୍ଷିୟା ପକ୍ଷାଘାତଗ୍ରସ୍ତ ଚାଷୀଙ୍କଠାରେ ଜଟିଳ ସୁଷୁମ୍ନାକାଣ୍ଡ ଅସ୍ତ୍ରୋପଚାର କରାଯାଇଛି। ବି. କ୍ରିଷ୍ଣା ମୂର୍ତ୍ତି ନାମକ ଜଣେ ଗରିବ ଚାଷୀ ହଠାତ୍ ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ହୋଇପଡ଼ିଥିଲେ। ମେଡିକଭର ହସ୍ପିଟାଲ, ଏରିଲୋଭା ଏବଂ ବିଶାଖାପାଟଣାର ବରିଷ୍ଠ ସ୍ନାୟୁ ବିଶେଷଜ୍ଞ ଡ. ଶିବଶଙ୍କର ଦଲାଇ ନେତୃତ୍ୱରେ ଏହି ସଫଳ ଚିକିତ୍ସା କରାଯାଇଛି। ରୋଗୀ ଜଣଙ୍କ ଫିଲମ ଟର୍ମିନାଲେର ସ୍ପାଇନାଲ ଡ୍ୟୁରାଲ ଏଭି ଫିଷ୍ଟୁଲ ଭଳି ଏକ ବିରଳ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିଲେ। ବିନା କୌଣସି କଟାକଟି ବା ସିଲେଇ ବିନା ଆଧୁନିକ ଜ୍ଞାନକୌଶଳ ପଦ୍ଧତିରେ ଚିକିତ୍ସା କରାଯାଇଛି। ଡା. ଦଲେଇ ଏବଂ ତାଙ୍କ ଟିମ ଏହି ବିରଳ ରୋଗର ସଫଳ ଅସ୍ତ୍ରୋପଚାର କରିଥିଲେ। ଏହି ଟିମରେ ଡା. ସୁମେଧା ମୋହନ, ଡା. ରାଜଶେଖର, ଡା. ଅରବିନ୍ଦ ଏବଂ ଡା. ନୂପୁରଙ୍କ ସମେତ ଅନ୍ୟ ସହଯୋଗୀଙ୍କ ଜରିଆରେ ଏହି ବିରଳ ଅସ୍ତ୍ରୋପଚାର ସାଙ୍ଗକୁ ଇଣ୍ଟେନସିଭ କେୟାର ଚିକିତ୍ସା ଦ୍ୱାରା ରୋଗୀ ଜଣକ ଏକ ପ୍ରକାର ସୁସ୍ଥ ହୋଇପାରିଛନ୍ତି।

# ଆଇଡିବିଆଇ ବ୍ୟାଙ୍କର ଘରୋଇକରଣ ହେବ

## ସମ୍ପୂର୍ଣ୍ଣ ଅଂଶଧନ ବିକିବେ ସରକାର, ଏଲ୍‌ଆଇସି

ନୂଆଦିଲ୍ଲୀ,୧୧ା୭




ଆଇଡିବିଆଇ ବ୍ୟାଙ୍କ ଘରୋଇକରଣ କାର୍ଯ୍ୟକ୍ରମ ଉପରେ ସରକାର ବର୍ତ୍ତମାନ କାର୍ଯ୍ୟ କରୁଛନ୍ତି। ସରକାର ଏବଂ ଏଲ୍‌ଆଇସି ଏହି ବ୍ୟାଙ୍କରେ ରହିଥିବା ସମ୍ପୂର୍ଣ୍ଣ ଅଂଶଧନକୁ ବିକ୍ରି କରିବାକୁ ଯୋଜନା ରଖିଛନ୍ତି। ପୁଞ୍ଜି ପ୍ରତ୍ୟାହାର ପ୍ରକ୍ରିୟା ଚୂଡ଼ାନ୍ତ ହେଲେ କେତେ ଅଂଶଧନ ଖସିଲା ତାହା ଜଣାପଡ଼ିବ। ଆଗାମୀ ଦିନରେ ଆଇଡିବିଆଇ ବ୍ୟାଙ୍କ ଲାଗି ଏଲ୍‌ଆଇସି ଏବଂ ସରକାର ସହ ପ୍ରମୋଟର ରହିବେ କି ନାହିଁ ସେ ନେଇ ମଧ୍ୟ ଶେଷ ନିଷ୍ପତ୍ତି ହୋଇନାହିଁ। ବିଭିନ୍ନ କମ୍ପାନୀର ଘରୋଇକରଣ ଉପରେ ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ବର୍ତ୍ତମାନ କାର୍ଯ୍ୟପନ୍ଥା ଗ୍ରହଣ କରୁଛି। ନୂଆ ସଂସ୍ଥା ହାତକୁ ଗଲେ ବ୍ୟାଙ୍କ ଯେଭଳି ସମ୍ପୂର୍ଣ୍ଣ ଭାବେ ନିଜର ଯୋଜନା ଗ୍ରହଣ କରିବ ସେ ନେଇ ନୀତି ପ୍ରସ୍ତୁତ କରାଯାଇଛି। ସେହିଭଳି ବ୍ୟାଙ୍କର ଘରୋଇକରଣ ପରେ ଯେଭଳି କୌଣସି ସମସ୍ୟା ସୃଷ୍ଟି ନ ହୁଏ ତାକୁ ନେଇ ମଧ୍ୟ ନୀତି ଆୟୋଗ ସରକାରଙ୍କୁ ପରାମର୍ଶ ପ୍ରଦାନ କରିଥିବା ଜଣାପଡିଛି।

ଆଇଡିବିଆଇ ପାଇଁ ନୀତି ଆୟୋଗ ଏକକ ବିଡିଂ ସପକ୍ଷରେ ରହିଛି। ଅର୍ଥାତ୍ ଏହି ବ୍ୟାଙ୍କ ପରିଚାଳନା ଯିଏ ବି ନେବେ ଏକାକୀ ନେବେ। ଗୋଷ୍ଠୀଗତ ବା କନସୋର୍ଟିୟମ ସପକ୍ଷରେ ସରକାର ନାହାନ୍ତି। ଅଂଶଧନ ବିକ୍ରି ଲାଗି ରିଜର୍ଭ ବ୍ୟାଙ୍କର ଚୂଡ଼ାନ୍ତ ମଞ୍ଜୁରୀ ଲୋଡ଼ା ପଡ଼ିବ। ଉକ୍ତ ବ୍ୟାଙ୍କରେ ରହିଥିବା ୧୦୦% ଅଂଶଧନକୁ ସରକାର ଏବଂ ଏଲ୍‌ଆଇସି ଖସାଇପାରିବେ ବୋଲି ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି(ସିସିଇଏ) ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ଏହାବାଦ୍ ପରିଚାଳନା ନିୟନ୍ତ୍ରଣ ମଧ୍ୟ ହସ୍ତାନ୍ତର କରାଯିବ। ନିବେଶକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯିବ ବୋଲି ନୀତି ଆୟୋଗ କହିସାରିଛି। ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ ପକ୍ଷରୁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହ ଟ୍ରାଞ୍ଜାକ୍ସନ ଆଡଭାଇଜରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖାଯାଇଛି। ସେହିଭଳି ଟ୍ରାଞ୍ଜାକ୍ସନ ଆଡ୍‌ଭାଇଜରଙ୍କ ଲାଗି ଆବେଦନ କରିବା ଅବଧିକୁ ଚଳିତବର୍ଷ ଜୁଲାଇ ୨୩ କରାଯାଇଛି। ଉଲ୍ଲେଖଯୋଗ୍ୟ, ଆଇଡିବିଆଇ ବ୍ୟାଙ୍କରେ ବର୍ତ୍ତମାନ ସରକାରଙ୍କ ୪୫.୫% ଏବଂ ଏଲ୍‌ଆଇସିର ୪୯% ଅଂଶଧନ ରହିଛି। ବ୍ୟାଙ୍କ ଗତ କିଛିବର୍ଷ ହେବ ଆର୍ଥିକ ସମସ୍ୟା ଦେଇ ଗତି କରୁଛି।

# ହିନ୍ଦୀ ୱେବସାଇଟ ଆଣିଲା ରେନୋ

ନୂଆଦିଲ୍ଲୀ,୧୧ା୭



ରେନୋ ଇଣ୍ଡିଆ ପକ୍ଷରୁ ସମ୍ପୂର୍ଣ୍ଣ ନୂଆ ହିନ୍ଦୀ ୱେବସାଇଟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତରେ ଉପସ୍ଥିତି ଦୃଢ କରିବା ଏବଂ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦା ପୂରଣକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। ହିନ୍ଦୀ ଏବଂ ଇଂରାଜୀ ଭଳି ଦ୍ୱିଭାଷୀ ୱେବସାଇଟ ପ୍ରସ୍ତୁତ କରିବାରେ ରେନୋ ଦେଶର ପ୍ରଥମ କମ୍ପାନୀ। ଏହା ଦ୍ୱାରା ବ୍ରାଣ୍ଡ୍ ଗ୍ରାହକଙ୍କ ସହ ଅଧିକ ମାତ୍ରାରେ ଯୋଡିହେବାରେ ସହାୟକ ହେବ ବୋଲି କମ୍ପାନୀ ଆଶାବାଦି ରହିଛି। ରେନୋର ସମ୍ପୂର୍ଣ୍ଣ ପ୍ରଡକ୍ଟ ରେଞ୍ଜ ଏବଂ ସେବା ସମ୍ପର୍କିତ ସୂଚନା ଏହି ୱେବସାଇଟରେ ଗ୍ରାହକ ଲାଭ କରିପାରିବେ। ସେହିଭଳି ଇଣ୍ଟରନେଟ ବ୍ୟବହାର କରୁଥିବା ସମ୍ଭାବ୍ୟ ଗ୍ରାହକଙ୍କ ନିକଟରେ କମ୍ପାନୀ ଏହା ଦ୍ୱାରା ସହଜରେ ପହଞ୍ଚିବାକୁ ଯୋଜନା ରଖିଛି। ଭାରତରେ ୬୨୪ ନିୟୁତ ଇଣ୍ଟରନେଟ ୟୁଜର ରହିଛନ୍ତି। ଆଞ୍ଚଳିକ ଭାଷାରେ ମଧ୍ୟ ଲୋକମାନେ କଣ୍ଟେଟ ବ୍ୟବହାର ବୃଦ୍ଧି କରୁଥିବା ଦେଖାଯାଇଛି। ମୋଟ ଇଣ୍ଟରନେଟ ଗ୍ରାହକଙ୍କ ମଧ୍ୟରୁ ପ୍ରାୟ ୯୦% ହିନ୍ଦୀ କିମ୍ବା ଆଞ୍ଚଳିକ ଭାଷାରେ କଣ୍ଟେଟ ବ୍ୟବହାର କରୁଛନ୍ତି। ଏଣୁ ଅଧିକ ଆଞ୍ଚଳିକ ଭାଷାରେ ଏଭଳି ପଦକ୍ଷେପ ଦ୍ୱାରା ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ରେନୋ ଯୋଜନା ରଖିଥିବା କହିଛି।

# 'ତୃତୀୟ ଲହର ପାଇଁ ଦେଶ ପ୍ରସ୍ତୁତ'

ନୂଆଦିଲ୍ଲୀ,୧୧ା୭



ସାରା ବିଶ୍ୱରେ ଆତଙ୍କ ଖେଳାଇଥିବା କୋଭିଡ୍ ମହାମାରୀ ଭାରତରେ ମଧ୍ୟ ତା'ର କାୟା ବିସ୍ତାର କରିଛି। ପ୍ରଥମ ଓ ଦ୍ୱିତୀୟ ପରେ ଯଦି କୋଭିଡ୍ ସଂକ୍ରମଣର ତୃତୀୟ ଲହର ଦେଶରେ ଦେଖାଦିଏ, ତେବେ ଏହାର ମୁକାବିଲା ଲାଗି ଭାରତ ବର୍ତ୍ତମାନ ସମୟରେ ପ୍ରସ୍ତୁତ ଓ ବେଶ୍ ମଜଭୁତ ସ୍ଥିତିରେ ରହିଛି ବୋଲି କହିଛନ୍ତି ନୀତି ଆୟୋଗ ଉପାଧ୍ୟକ୍ଷ ଡ. ରାଜୀବ କୁମାର।

ସେହିଭଳି ଏହି ମହାମାରୀର ମୁକାବିଲା ଲାଗି ରାଜ୍ୟମାନେ ମଧ୍ୟ ପୂର୍ବ ସଂକ୍ରମଣରୁ ଆବଶ୍ୟକ ପଦକ୍ଷେପ ଓ ଉଚିତ ଶିକ୍ଷା ପାଇଛନ୍ତି। ତେଣୁ ଦେଶରେ ଯଦି ତୃତୀୟ ଲହରର ପ୍ରକୋପ ଦେଖାଦିଏ ତେବେ ଏହାକୁ ଠିକ ଭାବେ ମୁକାବିଲା କରାଯାଇପାରିବ ବୋଲି ସେ କହିଛନ୍ତି। କ୍ରମାଗତ ଭାବେ ମହାମାରୀର ୨ଟି ଲହର ଆସିବା ଯୋଗୁ ଦେଶର ଅର୍ଥବ୍ୟବସ୍ଥା ବେଶ୍ ପ୍ରଭାବିତ ହୋଇଛି। ତେଣୁ ଏଭଳି ସମୟରେ ସରକାର ଯଦି ଚାହିଁବେ ଅଧିକ ଋଣ ନେବାରେ ବର୍ତ୍ତମାନ କୌଣସି ଅସୁବିଧା ନାହିଁ। ଏହା ଦ୍ୱାରା ଦେଶକୁ ଘରୋଇ ନିବେଶର ମାର୍ଗ ଉନ୍ମୁକ୍ତ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସେହିପରି ଦେଶର ଆର୍ଥିକ ଅଭିବୃଦ୍ଧି ସମ୍ଭାବନା ମଧ୍ୟ ବେଶ୍ ଭଲ ରହିଛି। ଏଣୁ ଡିସ ଇନଭେଷ୍ଟମେଣ୍ଟ ଜରିଆରେ ସରକାର ଆର୍ଥିକ ପ୍ରବନ୍ଧ କରିବାକୁ ମଧ୍ୟ ସମର୍ଥ ହୋଇପାରିବେ। ଚଳିତ ଆର୍ଥିକବର୍ଷରେ ଭାରତ ୧୦%ରୁ ଉର୍ଦ୍ଧ୍ୱ ଅଭିବୃଦ୍ଧି ହାସଲ କରିପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଅପରପକ୍ଷରେ ଭାରତୀୟ ଉଦ୍ୟୋଗ ପରିସଂଘ (ସିଆଇଆଇ) ମଧ୍ୟ ଦେଶର ଅର୍ଥ ବ୍ୟବସ୍ଥା ଓ କୋଭିଡ୍ ଦ୍ୱିତୀୟ ଲହରରୁ ଖୁବ୍‌ଶୀଘ୍ର ବାହାରି ଆସିବ ବୋଲି ଆକଳନ କରିଛି। ସରକାର ମହାମାରୀର ଦ୍ୱିତୀୟ ଲହରରୁ ସବୁ କ୍ଷେତ୍ର ଓ ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ବିଭିନ୍ନ ସାମାଜିକ ଆୟୋଜନ ଓ ଭିଡ ନିୟନ୍ତ୍ରଣ ଭଳି ପରିସ୍ଥିତିକୁ ଏଡାଇବା ପାଇଁ ଲକ୍‌ଡାଉନ କଟକଣା ଜାରି କରିଥିଲେ। ହେଲେ ଏଥିଯୋଗୁ ଦେଶର ଆର୍ଥିକ ଗତିବିଧି ସେପରି କିଛି ପ୍ରଭାବିତ ହୋଇନାହିଁ; ଯାହାଫଳରେ ସିଆଇଆଇଙ୍କ ସର୍ଭେରେ ୬୦%ରୁ ଉର୍ଦ୍ଧ୍ୱ ମୁଖ୍ୟ କାର୍ଯ୍ୟ ନିର୍ବାହୀ (ସିଇଓ) ଅଧିକାରୀମାନେ ସେମାନଙ୍କ କମ୍ପାନୀଗୁଡ଼ିକର ବିକ୍ରି ସୁଧାର ମଧ୍ୟ ମହାମାରୀ ପ୍ରଥମ ଲହରଠାରୁ ସତର୍କ ଓ ବେଶ୍ ଦ୍ରୁତ ଥିବା କହିଛନ୍ତି। ଏହି ପରିପ୍ରେକ୍ଷୀରେ ସିଆଇଆଇ ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ ସିଇଓଙ୍କ ଏହି ସର୍ଭେରେ ଦେଶର ଶୀର୍ଷ ୧୧୯ କମ୍ପାନୀଙ୍କ ବିଚାରକୁ ସାମିଲ କରାଯାଇଥିଲା।

# ମାଇକ୍ରୋସଫ୍ଟ ଦେଲା ୧.୧୨ ଲକ୍ଷର ବୋନସ୍

ନୂଆଦିଲ୍ଲୀ,୧୧ା୭

ଅଗ୍ରଣୀ ସଫ୍ଟୱେର କମ୍ପାନୀ ମାଇକ୍ରୋସଫ୍ଟ ପକ୍ଷରୁ ୧୫୦୦ ଡଲାର ବୋନସ୍ ତା'ର କର୍ମଚାରୀଙ୍କୁ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। କୋଭିଡ୍ ମହାମାରୀ ସମୟରେ କମ୍ପାନୀର ସମସ୍ତ କର୍ମଚାରୀମାନେ କଠିନ ପରିଶ୍ରମ କରିଥିବାରୁ ସେମାନଙ୍କ ପାଇଁ ଏହି ସ୍ପେଶାଲ ପ୍ୟାକେଜ୍ ବୋନସ୍ ଆକାରରେ ଦେବାକୁ କମ୍ପାନୀ ଘୋଷଣା କରିଛି। କମ୍ପାନୀ ପକ୍ଷରୁ କର୍ପୋରେଟର ଉପାଧ୍ୟକ୍ଷ ସ୍ତରରୁ ତଳକୁ ଥିବା ସମସ୍ତ କର୍ମଚାରୀଙ୍କୁ ଏହି ବୋନସ୍ କମ୍ପାନୀ ୧୫୦୦ ଡଲାର ବା ପ୍ରାୟ ୧.୧୨ ଲକ୍ଷ ଟଙ୍କା ପ୍ରଦାନ କରିବ ବୋଲି ଜଣାପଡିଛି। ଏହି ବୋନସ୍ ସେହି କର୍ମଚାରୀଙ୍କ ପାଇଁ ମଧ୍ୟ ଉପଲବ୍ଧ ହେବ; ଯେଉଁମାନେ ପାର୍ଟ ଟାଇମ୍ ଭାବେ କମ୍ପାନୀ ସହ କାମ କରିଛନ୍ତି କିମ୍ବା ଘଣ୍ଟା ହାରରେ କମ୍ପାନୀ ସହିତ ଜଡିତ ହେବା ସହ ୩୧ ମାର୍ଚ୍ଚ ୨୦୨୧ ପୂର୍ବରୁ କମ୍ପାନୀରେ ଯୋଗଦେଇଛନ୍ତି। ମହାମାରୀ ସମୟରେ ମାଇକ୍ରୋସଫ୍ଟ ଅନେକ ସମସ୍ୟା ମଧ୍ୟରେ ଆର୍ଥିକ ବର୍ଷ ପୂରଣ କରିଛି।

# ଅକ୍ସିଜେନ୍ ସିଲିଣ୍ଡର ଦେଲା ଏଏମ୍‌ଏନ୍‌ଏସ୍



ଭୁବନେଶ୍ୱର,୧୧ା୭

ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ(ଏଏମ୍‌ଏନ୍‌ଏସ୍ ଇଣ୍ଡିଆ) କୋଭିଡ୍-୧୯ ପୀଡ଼ିତମାନଙ୍କୁ ସହାୟତା ପାଇଁ ପାରାଦୀପ ପୋର୍ଟ ଟ୍ରଷ୍ଟ (ପିପିଟି)କୁ ୧୦୦ଟି ମେଡିକାଲ ଗ୍ରେଡ୍ ଅକ୍ସିଜେନ୍ ସିଲିଣ୍ଡର ପ୍ରଦାନ କରିଛି। ଏହି ଅବସରରେ ପିପିଟିର ଉପାଧ୍ୟକ୍ଷ ଆଶିଷ କୁମାର ବୋଷଙ୍କ ସହ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରହଲ୍ଲାଦ ପଣ୍ଡା ତଥା ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପିପିଟିର ଡିଆଇ ଆଶିଷ କୁମାର ବୋଷ କହିଥିଲେ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଦ୍ୱାରା ନିଆଯାଇଥିବା ପ୍ରୟାସ ଫଳରେ ଆମକୁ କୋଭିଡ୍-୧୯ ମହାମାରୀ ବିରୋଧରେ ଲଢିବାରେ ସାହାଯ୍ୟ କରିବ। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଓଡ଼ିଶା ଅପରେଶନ) ଜି. ସୁରେଶ କହିଛନ୍ତି, ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଭିନ୍ନ ସହଯୋଗ ପ୍ରଦାନ କରିବା ଆମର ଦାୟିତ୍ୱ। କାର୍ଯ୍ୟକ୍ରମରେ ମୁଖ୍ୟ ମାନବ ସମ୍ବଳ ଏବଂ ପ୍ରଶାସନର ମୁଖ୍ୟ ପି.କେ. ମହାନ୍ତି ଏବଂ ଶୁଭକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ଜନ୍ମବାର୍ଷିକ ଶୁଭେଚ୍ଛା



(ସିଦ୍ଧି)
ଶିବାଂଶୀ ମଲ୍ଲିକ
ଆଜି ତୋର ଚତୁର୍ଥ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ ଏତିକି କାମନା। ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ବାପା, ମାଆ, ବଡ଼ବାପା, ବଡ଼ମାଆ, ଦାଦା, ଖୁଡୀ, ଅଜା, ଆଈ, ମାମୁ, ମାଉସୀ ଏବଂ ବନ୍ଧୁ ପ୍ରିୟଜନବର୍ଗ।
ଧ-୨୧୦୬୨

୨୩ତମ ଜନ୍ମଦିନ ଶୁଭେଚ୍ଛା



ଅନିଲ କୁମାର ପ୍ରଧାନ
ନାଟୁଣି, ଖୋର୍ଦ୍ଧା
ଚଲାପଥ କୁସୁମିତ ହେଉ ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା।
-::::ଶୁଭେଚ୍ଛା ସହ::::-
ପରିବାର, ଆତ୍ମୀୟସ୍ୱଜନ।
D-70333


ଫୁର୍‌ସତ୍

# 'ଧାକଡ'କୁ ଫେରିଲେ କଙ୍ଗନା



ମୁମ୍ବାଇ: ବଲିଉଡ ନାୟିକା କଙ୍ଗନା ରାନାୱତ ପୁଣିଥରେ ଶୁଟିଂ ସେଟ୍‌କୁ ଫେରିଛନ୍ତି। କରୋନା ପାଇଁ ବନ୍ଦ ଥିବା ଫିଲ୍ମ 'ଧାକଡ'ର ଶୁଟି ପାଇଁ ସେ ଏବେ ବୁଦାପେଷ୍ଟରେ। ସେଠାରୁ ଏକ ଫଟୋ ସେ ପ୍ରଶଂସକଙ୍କ ପାଇଁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହାର ପ୍ରଥମଭାଗ ମଧ୍ୟପ୍ରଦେଶରେ ଶୁଟିଂ ସରିଛି। ଏଥିରେ ଅଭିନେତ୍ରୀ ଏକ ଏଜେଣ୍ଟ ଭୂମିକାରେ ନଜର ଆସିବେ। ଯାହାର ନାମ ରଖାଯାଇଛି ଅଗ୍ନୀ। ଅର୍ଜୁନ ରାମପାଲ ବି ଏଥିରେ ପ୍ରମୁଖ ଭୂମିକାରେ ନଜର ଆସିବେ।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି
ଜାତ ଯେ ହୋଇ ଏ ସଂସାର
ମରଣ ଧ୍ରୁବଟି ତାହାର



୰କେଶବ ଚରଣ ପଣ୍ଡା
ଗ୍ରା/ପୋ: ମୁଗୁପାଳ, ଜିଲ୍ଲା-ଯାଜପୁର
ଆବିର୍ଭାବ: ୧୫.୦୭.୧୯୩୩ (ଜନ୍ମାଷ୍ଟମୀ)
ତିରୋଧାନ: ୦୨.୦୭.୨୦୨୧ (କୃଷ୍ଣାଷ୍ଟମୀ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
:: ଶୋକସନ୍ତପ୍ତ ::
ପରିବାର ବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ
ଧ-୨୧୦୬୪

୧୫ ତମ ଶ୍ରାଦ୍ଧବାର୍ଷିକୀ



୰ ଦିଲୀପ ମିଶ୍ର
୧୮୫, ଜନପଥ,ଭୁବନେଶ୍ୱର
ଆର୍ବିଭାବ: ତା ୨୧.୦୯.୧୯୪୦
ତିରୋଧାନ: ତା ୨୭.୦୬.୨୦୦୬
(ଶ୍ରୀ ଗୁଣ୍ଡିଚା)
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ :
ବନ୍ଧୁ ଓ ପରିବାର ବର୍ଗ
ଧ-୨୧୦୫୧

ଷଷ୍ଠ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ତମାଳଲତା ରଥ
୨୬୭/୩୩୫୫, ଜୟଦେବ ବିହାର
ତିରୋଧାନ: ୧୮ା୦୭ା୨୦୧୫
ବୋଉ, ଆଜି ତୁମ୍ଭର ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୁମ୍ଭ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ତୁମ୍ଭର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ୍ଭମାନଙ୍କ ପ୍ରତି ସର୍ବଦା ଅତୁଟ ରହିଥାଉ।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୨୧୦୬୧

୨୦ତମ ଶ୍ରାଦ୍ଧବାର୍ଷିକ



୰ଚିତ୍ତ ରଞ୍ଜନ ଦାସ
ଗ୍ରାମ: ପଟିଆ, ଜି: ଖୋର୍ଦ୍ଧା, ଭୁବନେଶ୍ୱର
ଆବିର୍ଭାବ: ୨୪ା୦୬ା୧୯୨୪
ତିରୋଧାନ:୨୨ା୦୬ା୨୦୦୧
ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠତା, ତ୍ୟାଗ, ସଚ୍ଚୋଟତା ଆମର ଚିରସ୍ମରଣୀୟ ଓ ଅନୁକରଣୀୟ ହୋଇ ରହୁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ଓ ମୁକ୍ତି ହେଉ। ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୫୯୫୪୦


# ଭବିଷ୍ୟତ ପିଢ଼ିର ସୁରକ୍ଷା ପାଇଁ ଏକ ଆହ୍ୱାନ

## କାଗଜ ବ୍ୟାଗ୍ ଦିବସ

ସୌଖୀନ, ଶସ୍ତା, ସହଜରେ ଉପଲବ୍ଧ ଆଦି କାରଣରୁ ଆମ ଜୀବନଶୈଳୀରେ ପ୍ଲାଷ୍ଟିକ୍‌ର ବ୍ୟବହାର ଯଥେଷ୍ଟ ବୃଦ୍ଧି ପାଇଛି। ହେଲେ ଏହାର ବର୍ଜ୍ୟବସ୍ତୁ କ୍ଷୟ ହେବାକୁ ଲାଗୁଛି ହଜାରେ ବର୍ଷ, ଯାହାକି ପ୍ରକୃତି ପ୍ରତି ଗୁରୁତର ବିପଦ ଘନେଇଛି। ପରିବେଶ ବିଜ୍ଞାନୀଙ୍କ କହିବାନୁଯାୟୀ, ବର୍ତ୍ତମାନ ପୃଥିବୀରେ ପ୍ରତିଦିନ ଜମା ହେଉଥିବା ପ୍ଲାଷ୍ଟିକ ଯଦି ନିୟନ୍ତ୍ରଣ ନ ହୁଏ, ତେବେ ୨୦୫୦ ସୁଦ୍ଧା ମହାସାଗରରେ ମାଛର ଓଜନ ଅପେକ୍ଷା ଅଧିକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଜମା ହୋଇଯିବ। ଏଥିପ୍ରତି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ବିଶ୍ୱରେ ଜୁଲାଇ ୧୨ରେ ପାଳନ କରାଯାଉଛି 'କାଗଜ ବ୍ୟାଗ୍ ଦିବସ'। ଭବିଷ୍ୟତ ପିଢ଼ି ପାଇଁ ଆମ ଗ୍ରହକୁ ସୁରକ୍ଷିତ ରଖିବା କ୍ଷେତ୍ରରେ ଏହି ଦିବସ ପାଳନ ଏକ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟଆ ବିବେଚନା କରାଯାଉଛି। କାରଣ କାଗଜ ବ୍ୟାଗଗୁଡ଼ିକ ପ୍ରାକୃତିକ ଉପାୟରେ ନଷ୍ଟ ହୋଇପାରୁଛି।

୧୮୫୨ରେ ଆମେରିକୀୟ ଉଦ୍ଭାବକ ଫ୍ରାନ୍ସିସ ୱୋଲ ପ୍ରଥମ କାଗଜ ବ୍ୟାଗ୍ ମେଶିନ ପ୍ରତିଷ୍ଠା କରିଥିଲେ। ୧୮୭୧ ମସିହାରେ ଅନ୍ୟତମ ଆମେରିକୀୟ ମହିଳା ମାର୍ଗେଟ ଇ ନାଇଟ୍ ଅନ୍ୟ ଏକ ମେଶିନ ଡିଜାଇନ କରିଥିଲେ,



ଯାହା ଫ୍ଲାଟ-ବଟମ୍ ପେପର ବ୍ୟାଗ ଉତ୍ପାଦନ କରି ପ୍ରସିଦ୍ଧ ହୋଇଥିଲେ। ସେ 'ଦ ମଦର ଅଫ୍ ଗ୍ରୋସେରି ବ୍ୟାଗ' ଭାବେ ମଧ୍ୟ ପରିଚିତ ହୋଇଥିଲେ। ପେପର ବ୍ୟାଗ୍ ପ୍ରସ୍ତୁତିରେ ଉନ୍ନତି ଆଣିବା ଦିଗରେ ଆଉ ୨ଜଣ ଆମେରିକୀୟ ଉଦ୍ଭାବକଙ୍କ ଉଲ୍ଲେଖନୀୟ ଭୂମିକା ରହିଛି। ସେମାନଙ୍କ ମଧ୍ୟରୁ ଚାର୍ଲ୍ସ ଷ୍ଟିଲୱେଲ ୧୮୮୩ରେ ଆଉ ଏକ ମେଶିନ ଉଦ୍ଭାବନ କରିଥିଲେ, ଯାହା ସ୍କୁଏର-ବଟମ୍ ପେପର ବ୍ୟାଗ ପ୍ରସ୍ତୁତ କରିପାରିଥିଲା, ଯାହାକୁ ଫୋଲ୍ଡ କରି ସାଇତି ରଖାଯାଇପାରୁଥିଲା। ସେହିପରି ୧୯୧୨ରେ ୱାଲ୍ଟର ଡୁବେନର୍ ଦଉଡି ବ୍ୟବହାର କରି ମଜଭୁତିଆ ପେପର ବ୍ୟାଗ୍ ପ୍ରସ୍ତୁତ କରିଥିଲେ। ଫଳରେ ତାହାକୁ ଲୋକେ ହାତରେ ସହଜରେ ଝୁଲାଇ ନେଇପାରିଥିଲେ। ପରବର୍ତ୍ତୀ ସମୟରେ ଅନେକ ଉଦ୍ଭାବକ ଆକର୍ଷଣୀୟ ଏବଂ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି କାଗଜ ବ୍ୟାଗ୍ ପ୍ରସ୍ତୁତିରେ ନିଜ ଜ୍ଞାନକୌଶଳକୁ ବ୍ୟବହାର କରିପାରିଛନ୍ତି। କାଗଜ ଦିବସର ମୂଳ ଉଦ୍ଦେଶ୍ୟ ହେଉଛି, ପରିବେଶ ପାଇଁ କ୍ଷତିକାରକ ପ୍ଲାଷ୍ଟିକ ବ୍ୟାଗ୍‌କୁ ବଦଳାଇବା ନିମନ୍ତେ କାଗଜ ବ୍ୟାଗ୍ ବ୍ୟବହାରକୁ ପ୍ରୋତ୍ସାହିତ କରିବା। ଏଥିପାଇଁ ବିଭିନ୍ନ ସଂଗଠନ, ସଂସ୍ଥା ଅଭିଯାନ ଚଳାଇ ଲୋକଙ୍କୁ ସଚେତନ କରାଉଛନ୍ତି। କାଗଜ ବ୍ୟାଗ୍ ବ୍ୟବହାର ପରିବେଶ ପାଇଁ ବହୁତ ଉପକାରୀ। କିନ୍ତୁ କାଗଜ ନଷ୍ଟ କରିବା ଉଚିତ ନୁହେଁ।




## ଶ୍ରୀମନ୍ଦିର ଗର୍ଭଗୃହର ଲେଜର ସ୍କାନିଂ ହେବ ନାହିଁ

ପୁରୀ ଅଫିସ : ଶ୍ରୀମନ୍ଦିର ଭିତରେ ମରାମତି କାର୍ଯ୍ୟ ବୁଧବାରଠାରୁ ଆରମ୍ଭ ହେବ। ଶ୍ରୀମନ୍ଦିର ନାଟମଣ୍ଡପ, ଜଗମୋହନ ଓ ଭୋଗମଣ୍ଡପ ମରାମତି କାର୍ଯ୍ୟରେ ଲେଜର ସ୍କାନିଂ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରାଯିବାକୁ ଶ୍ରୀମନ୍ଦିର ପ୍ରଶାସନ ଅନୁମତି ଦେଇଥିବାବେଳେ ଗର୍ଭଗୃହର ଲେଜର ସ୍କାନିଂ ନ କରିବା ପାଇଁ ନିଷ୍ପତ୍ତି ନେଇଛି। ଏହି ସ୍କାନିଂ ଅନୁଧ୍ୟାନ ନିମନ୍ତେ ଏକ ସେବାୟତ କମିଟି ଗଠନ କରାଯାଇଛି। ନବଦିନାତ୍ମକ ଯାତ୍ରା ମଧ୍ୟରେ ସମସ୍ତ ମରାମତି କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି।


ପୁରୀ : ରଥରେ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗିକରାଯାଉଛି।


ରଥରେ ଲାଗିବା ପାଇଁ ପ୍ରସ୍ତୁତ ହୋଇ ରହିଥିବା ଘୋଡ଼ା।


ରଥ ସାରଥିଙ୍କୁ ଭୋଇ ସେବକମାନେ ଆଣୁଛନ୍ତି।

## ସଂକ୍ଷେପରେ

### ଭିକ ମାଗିବା ଆଳରେ ଚୋରି, ୨ ଯୁବତୀ ଗିରଫ

ଭୁବନେଶ୍ୱର,୧୧।୭(ବ୍ୟୁରୋ): ଭିକ ମାଗିବା ଆଳରେ ଜଣେ ବ୍ୟକ୍ତିଙ୍କ ଘରୁ ଦୁଇଜଣ ଯୁବତୀ ଚୋରି କରିଛନ୍ତି। ଶହୀଦ ନଗର ଥାନାରେ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ୨ଯୁବତୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାପଲ୍ଲୀ ଥାନା ସାଲିଆ ସାହିର ସଞ୍ଜବତୀ ଶବର ଓରଫ ମାମୁନି(୩୦) ଓ ଶର୍ମିଳା ଶବର ଓରଫ ଚୁମ୍‌କି (୨୨)। ଉଭୟଠାରୁ ଗୋଟିଏ ମୋବାଇଲ ଫୋନ୍ ଓ ଗୋଟିଏ ଲାପଟପ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ଶନିବାର ଆଚାର୍ଯ୍ୟ ବିହାରରେ ରହୁଥିବା ପି. ହନୁମନ୍ତ ପ୍ରସାଦ ଘର ଖୋଲାରଖି ଖାଇସାରି ମୁହଁ ଧୋଇବାକୁ ଯାଇଥିଲେ। ଏହି ସମୟରେ ଯୁବତୀଦ୍ୱୟ ଭିକ ମାଗିବା ଆଳରେ ଆସି ଘର ଭିତରୁ ମୋବାଇଲ୍ ଫୋନ୍ ଓ ଲ୍ୟାପଟପ୍ ନେଇଯାଇଥିଲେ। ଏନେଇ ହନୁମନ୍ତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୨୭୨/୨୧)ରୁଜୁ କରି ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରିଥିଲା।

### ଲାଗିଲା ଫଳଗଛ ଚାରା

ବାରଙ୍ଗ,୧୧।୭(ଡି.ଏନ୍.ଏ.): କୁଞ୍ଜବିହାରୀ ମହାବିଦ୍ୟାଳୟ ପାର୍ଶ୍ୱ ଜଙ୍ଗଲରେ ରବିବାର ୧୫୦ରୁ ଊର୍ଦ୍ଧ୍ୱ ଫଳଗଛ ଚାରା ରୋପଣ କରାଯାଇଛି। ଅବସରପ୍ରାପ୍ତ ସଚିବାଳୟ ସେନା ଅଧିକାରୀ ବସନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚାରାରୋପଣ କାର୍ଯ୍ୟକ୍ରମରେ କୃଷି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମନ୍ମଥ କୁମାର ପାଣି, ସର୍ବେଶ୍ୱର ସାହୁ, ମାଲ୍ୟବନ୍ତ ରାଉତରାୟ, ବିଜୟ କୁମାର ମହାପାତ୍ର, ଦେବୀପ୍ରସାଦ ମହାପାତ୍ର, ତାରିଣୀ ମହାପାତ୍ର, ରମେଶ ବାବା ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

# ରାଜଧାନୀରେ ଗଡ଼ିବନି ରଥ, ଇସ୍କନ୍‌ରେ ଭିନ୍ନ ବ୍ୟବସ୍ଥା

ଭୁବନେଶ୍ୱର, ୧୧।୭ (ବ୍ୟୁରୋ)

ଆଜି ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା। କୋଟି ଓଡ଼ିଆଙ୍କ ପ୍ରାଣର ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସବୁଠାରୁ ବଡ଼ ପର୍ବ। ପ୍ରତିବର୍ଷ ଏହି ତିଥିରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ମାତ୍ର କରୋନା ମହାମାରୀ ପାଇଁ ଦୁଇବର୍ଷ ଧରି ବିନା ଭକ୍ତରେ ରଥଯାତ୍ରା ଅନୁଷ୍ଠିତ ହେଉଛି। ଚଳିତ ବର୍ଷ କେବଳ ପୁରୀରେ ରଥଯାତ୍ରା ପାଳନ ପାଇଁ ଅନୁମତି ଦିଆଯାଇଛି। ତେଣୁ ରାଜଧାନୀରେ ଗଡ଼ିବନି ରଥ। ତେଣୁ କୌଣସି ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଇଁ ପ୍ରସ୍ତୁତି ହୋଇନାହିଁ। କେବଳ ପରମ୍ପରା ପାଳନ ପୂର୍ବକ ନିରାଡମ୍ବର ଭାବେ ରଥଯାତ୍ରା ପାଳନ କରାଯିବ। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି ବୋଲି ଇସ୍କନ ମନ୍ଦିରର ସହସଭାପତି ଉପେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।


ଇସ୍କନ୍ ମନ୍ଦିରରେ ପ୍ରସ୍ତୁତ ରଥ।

ତାଙ୍କ ସୂଚନାନୁସାରେ, ମହାପ୍ରଭୁଙ୍କ ରଥଯାତ୍ରା ମନ୍ଦିର ଭିତରେ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହେବ। ଶଗଡ଼ ରଥ ସହ ମନ୍ଦିର ଭିତରେ ଥିବା ପ୍ରସାଦ ହଲ୍‌ରେ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର ତିଆରି ହୋଇଛି। ପ୍ରାତଃ ୪ଟାରେ ଶ୍ରୀବିଗ୍ରହଙ୍କ ମଙ୍ଗଳ ଆଳତି କରାଯିବ। ସକାଳ ୭ଟାରେ ଦର୍ଶନ ଆଳତି ଓ ୧୨ରେ ମଧ୍ୟାହ୍ନ ଆରତି ହେବ। ଅପରାହ୍ନ ୩ଟା ୪୫ରେ ଠାକୁରଙ୍କ ପହଣ୍ଡି କରାଯାଇ ରଥାରୂଢ଼ କରାଯିବ। ରଥରେ ପୋଡ଼ପିଠା ସହ ଅନ୍ୟାନ୍ୟ ପିଠା ଓ ମିଠା ଭୋଗଲାଗି କରାଯିବ। ଏହାପରେ ରଥରେ ବସାଇ କୀର୍ତ୍ତନ କରି ତିନି ଠାକୁରଙ୍କୁ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରକୁ ନିଆଯିବ। ଏହାପରେ ସନ୍ଧ୍ୟା ୬ଟା ସୁଦ୍ଧା ଚତୁର୍ଦ୍ଧାମୂର୍ତ୍ତି ବେଦିରେ ବସିବେ। ପରେ ଗୁଣ୍ଡିଚା ମନ୍ଦିରରେ ଭୋଗ ଲାଗି କରି ୬ଟା ୪୫ ବେଳକୁ ସନ୍ଧ୍ୟା ଆଳତି କରାଯିବ। ୯ ଦିନ ଯାଏ ଠାକୁର ଗୁଣ୍ଡିଚା ମନ୍ଦିରରେ ରହିବେ। ପ୍ରତିଦିନ ପ୍ରାତଃ ୪ଟା ୧୫ରେ ମଙ୍ଗଳ ଆଳତି, ୭ଟା ୩୦ରେ ଦର୍ଶନ ଆଳତି ସହ ବାଲ୍ୟଭୋଗ ଲାଗି କରାଯିବ। ଏହାସହିତ ପ୍ରତିଦିନ ୨ଥର ପ୍ରବଚନ ଓ ଭଜନ କୀର୍ତ୍ତନ କରାଯିବ। ପୂର୍ବରୁ ରଥଯାତ୍ରାରେ ଯେଭଳି ସେବା କରାଯାଉଥିଲା ତାହା କରାଯିବ। କେବଳ ଭକ୍ତମାନେ ଏଥିରେ ଅଂଶଗ୍ରହଣ କରିବେ ନାହିଁ ବୋଲି ମନ୍ଦିର ସହସଭାପତି ମିଶ୍ର କହିଛନ୍ତି।

# ରାସ୍ତା ବନ୍ଦରୁ ଉତ୍ତେଜନା

## ୨୩ ପରିବାର ଥାନାର ଦ୍ୱାରସ୍ଥ

ଭୁବନେଶ୍ୱର,୧୧।୭(ବ୍ୟୁରୋ): ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ହାଇଟେକ୍ ଛକ ନିକଟରେ ୨୩ ପରିବାରଙ୍କ ଘରୁ ଯିବା ଆସିବା ରାସ୍ତାକୁ ପଥର ପକାଇ ବନ୍ଦ କରିଦିଆଯାଇଛି। ଏ ନେଇ ରବିବାର ସମ୍ପୃକ୍ତ ନିର୍ମାଣକାରୀ ସଂସ୍ଥାର କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ବଚସା ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ଘରୁ ବାହାରିବାକୁ ରାସ୍ତା ବନ୍ଦ ହୋଇଥିବାରୁ ପଥର ହଟାଇବାକୁ ଦାବି ଜଣାଇ ୨୩ ପରିବାର ଦିନ ତମାମ ଥାନାରେ ବସି ରହିଥିଲେ।

ଅଭିଯୋଗ ଅନୁଯାୟୀ, ୨୦୦୭ରେ ପ୍ରମୋଦ କୁମାର ସାମଲ, ଲଳିତ କୁମାର ଏବଂ ଅନ୍ୟ ୨୧ ପରିବାରର ସଦସ୍ୟ ସେଠାରେ ଏକ ସଂସ୍ଥାର ବିଲ୍‌ଡରଙ୍କଠାରୁ ଜମି କିଣିଥିଲେ। ୨୦୧୦ରେ ସେହି ଜମିରେ ସମସ୍ତ ପରିବାର ଘର କରି ପ୍ରାୟ ୧୦ ବର୍ଷ ହେବ ରହିଆସୁଛନ୍ତି। କିନ୍ତୁ ରବିବାର ସକାଳେ ନିର୍ମାଣ ସଂସ୍ଥାର କେତେଜଣ କର୍ମଚାରୀ ପଥର ପକାଇ ଉକ୍ତ ରାସ୍ତା ବନ୍ଦ କରିଦେଇଥିଲେ। ଚଳିତବର୍ଷ ଉକ୍ତ ରାସ୍ତାକୁ ବିଲ୍‌ଡର ବିକ୍ରି କରିଦେଇଥିବା କହି କାହାରିକୁ ଛାଡ଼ି ନ ଥିଲେ। ଟିକା ନେବାଠାରୁ ଆରମ୍ଭ କରି ବିଭିନ୍ନ ଜରୁରୀ କାମରେ ବାହାରକୁ ଯିବା ଆସିବା ନେଇ ଲୋକେ ହଇରାଣ ହୋଇଥିଲେ। ଫଳରେ ସମ୍ପୃକ୍ତ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସମ୍ପୃକ୍ତ ଯୁବକମାନଙ୍କ ସହ ସେମାନଙ୍କର ବଚସା ହୋଇଥିଲା। ଉତ୍ତେଜନା ପ୍ରକାଶ ପାଇବାରୁ ଖବର ପାଇ ପୋଲିସ ପହଞ୍ଚିଥିଲା। ପରେ ୨୩ ପରିବାର ସଦସ୍ୟ ଥାନାକୁ ଯାଇ ନ୍ୟାୟ ଦାବି କରିଥିଲେ। ରାତି ସୁଦ୍ଧା ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଥାନା ଘେରାଉ କରାଯିବ ବୋଲି ସେମାନେ ଗଣମାଧ୍ୟମକୁ କହିଛନ୍ତି। ଏ ନେଇ ଥାନା ଅଧିକାରୀ ରାଧାକାନ୍ତ ସାହୁ କହିଛନ୍ତି, ସମ୍ପୃକ୍ତ ବିଲ୍‌ଡରକୁ ଥାନାକୁ ଡାକି ଓ ତହସିଲ ଅଫିସ ସହ ଯୋଗାଯୋଗ କରାଯାଇ ସମସ୍ୟାର ସମାଧାନ କରାଯିବ।

# ରାପ୍‌ରେ ଜଗନ୍ନାଥଙ୍କୁ ଭକ୍ତି ଜଣାଇଲେ ରାପର୍ ବିଗ୍‌ଡିଲ

ଭୁବନେଶ୍ୱର, ୧୧।୭ (ବ୍ୟୁରୋ)

ରାପର୍ ବିଗ୍‌ଡିଲ ଭାବେ ପରିଚିତ ସମୀର ରିଷୁ ମହାନ୍ତି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ରବିବାର ନୂତନ ରାପ୍ 'କାଳିଆ' ଜୟ ଜଗନ୍ନାଥ ରିଲିଜ୍ କରିଛନ୍ତି। 'ନାଁ ତୋ କାଳିଆ, ଚକା ଡୋଳିଆ' ରାପ୍‌ଟିକୁ ସମୀର ୬ମାସ ପୂର୍ବରୁ ଲେଖି ସାରିଥିଲେ ବି ରଥଯାତ୍ରା ଅବସରରେ ରିଲିଜ୍ କରିଛନ୍ତି। ଏହାକୁ ଅପ୍‌ଲୋଡ୍ କରିବାର ମାତ୍ର କିଛି ଘଣ୍ଟା ମଧ୍ୟରେ ୮ହଜାରରୁ ଊର୍ଦ୍ଧ୍ୱ ଲୋକ ଏହାକୁ ଦେଖିବା ସହ ପସନ୍ଦ ମଧ୍ୟ କରିଛନ୍ତି। ୪ ମିନିଟ୍ ୨୪ ସେକେଣ୍ଡର ଏହି ରାପ୍‌ରେ ପ୍ରଭୁ ଶ୍ରୀ ଜଗନ୍ନାଥ କିପରି ଅସହାୟ ଲୋକଙ୍କୁ ସାହାଯ୍ୟ କରୁଛନ୍ତି ତାହା ଦେଖାଯାଇଛି। ଏଥିରେ ଇଂଲିଶ ସବ୍‌ଟାଇଟଲ ମଧ୍ୟ ରହିଛି। ଫଳରେ ବାହାର ରାଜ୍ୟ ଓ ଦେଶର ଲୋକ ମଧ୍ୟ ଜଗନ୍ନାଥଙ୍କ କୃପା ସମ୍ପର୍କରେ ଜାଣି ପାରିବେ ବୋଲି ସେ କହିଛନ୍ତି। ରାପ୍‌ରେ ଅଭିନେତା ପାର୍ଥ ସାରଥି ରାୟ ଜଗନ୍ନାଥଙ୍କ ଭୂମିକାରେ ନଜରକୁ ଆସିଥିବାବେଳେ ଛୋଟପିଲା ଭୂମିକାରେ ମିଭାନ୍ ତିୱାରୀ ଅଭିନୟ କରିଛନ୍ତି। ଭୁବନେଶ୍ୱର ଓ ପୁରୀରେ ଏହାର ଶୁଟିଂ କରାଯାଇଛି। ସେହିପରି କଣ୍ଠଶିଳ୍ପୀ କୁଳଦୀପ୍ ପଟ୍ଟନାୟକ କଣ୍ଠଦାନ କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ୟୁରେକା ଆପ୍ତା। ସମୀରଙ୍କ ଘର ପୁରୀରେ ହୋଇ ଥିବାରୁ ସେ ଛୋଟବେଳୁ ହିଁ ଜଗନ୍ନାଥଙ୍କ ନାଁ ଶୁଣି ଆସିଛନ୍ତି। ଜଗନ୍ନାଥଙ୍କ କୃପାରୁ ସେ ଦ୍ୱିତୀୟ ଜୀବନ ମଧ୍ୟ ପାଇଛନ୍ତି ବୋଲି ସମୀର କହିଛନ୍ତି।


ସମୀର ରିଷୁ ମହାନ୍ତି

# ଅନ୍‌ଲାଇନ୍‌ରେ ହେବ ଆଲଟ୍‌ମେଣ୍ଟ ପରବର୍ତ୍ତୀ କାର୍ଯ୍ୟ

## ବିଡିଏ ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି

ଭୁବନେଶ୍ୱର,୧୧।୭ (ବ୍ୟୁରୋ)

ରାଜଧାନୀରେ ବ୍ୟବସାୟିକ ଓ ବାସଗୃହ ଯୋଗାଇବା ବ୍ୟବସ୍ଥାକୁ ସରଳୀକରଣ କରିବାକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଗୁରୁତ୍ୱ ଦେଇଛି। ଘର ଆଲଟ୍‌ମେଣ୍ଟ ପରବର୍ତ୍ତୀ ସମସ୍ତ ବ୍ୟବସ୍ଥାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅନ୍‌ଲାଇନ୍‌ରେ କରାଯିବ ବୋଲି ବିଡିଏ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ଆଲଟ୍‌ମେଣ୍ଟ ପାଇଥିବା ଆବେଦନକାରୀଙ୍କୁ ବିଡିଏ ଏକ ସ୍ୱତନ୍ତ୍ର ଆକାଉଣ୍ଟ ନମ୍ବର (ୟୁଏନ୍) ପ୍ରଦାନ କରିବେ। ଉକ୍ତ ନମ୍ବରକୁ ସମ୍ପୃକ୍ତ ବ୍ୟକ୍ତିଜଣକ ଅନ୍‌ଲାଇନ୍‌ରେ ଉପଲବ୍ଧ ଥିବା 'ପ୍ରପର୍ଟି ଆଲଟ୍‌ମେଣ୍ଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍' (ପିଏଏମ୍‌ଏସ୍) ଆପ୍‌ରେ ଯୋଡ଼ିବେ। ସେହିପରି ଲିଜ୍ ଡିଡ୍ ଫର୍ମ, ୧୦ଟଙ୍କିଆ ନନ୍‌ଜୁଡିସିଆଲ ଷ୍ଟାମ୍ପ ପେପର ୨ଟି, ୩ ସେଟ୍ ମ୍ୟୁଟେଶନ ଫର୍ମ ନଂ.୩, ବିଡିଏ ଦ୍ୱାରା ଜାରି କରାଯାଇଥିବା ସତ୍ୟପାଠ ଫର୍ମ ଓ ବଣ୍ଡ ପେପର, ବ୍ୟାଙ୍କରୁ ମିଳିଥିବା ଏନ୍‌ଓସି ପ୍ରମାଣପତ୍ର ଆଦି ଦଲିଲଗୁଡ଼ିକ ଅନ୍‌ଲାଇନ୍‌ରେ ଦାଖଲ କରିବାକୁ ପଡ଼ିବ। ତେବେ ଆଲଟ୍‌ମେଣ୍ଟ ପରେ ଲୋକେ ଭିନ୍ନ ଭିନ୍ନ ଘର ତିଆରି କରୁଥିବାରୁ ବିଡିଏ ପକ୍ଷରୁ ପ୍ରୋସେସିଂ ବାବଦକୁ ଭିନ୍ନ ଭିନ୍ନ ଶୁଳ୍କ ଧାର୍ଯ୍ୟ କରାଯାଇଛି। ଇଡବ୍ଲ୍ୟୁଏସ୍ ଓ ଏଲ୍‌ଆଇଜି ବର୍ଗର ଘର ପାଇଁ ଯଥାକ୍ରମେ ୮ହଜାର ଓ ୧୨ହଜାର ରଖାଯାଇଛି। ସେହିପରି ଏମ୍‌ଆଇଜି ଓ ଏଚ୍‌ଆଇଜି ଭଳି ଆପାର୍ଟମେଣ୍ଟ ପାଇଁ ଯଥାକ୍ରମେ ୩୦ ହଜାର ଏବଂ ୬୦ ହଜାର ଶୁଳ୍କ ରଖାଯାଇଛି। ଅନୁରୂପ ଭାବେ ବ୍ୟବସାୟ ତଥା ବ୍ୟବସାୟ ସହ ଘରୋଇ ଆବାସ ପାଇଁ ମଧ୍ୟ ଭିନ୍ନ ଶୁଳ୍କ ଧାର୍ଯ୍ୟ କରାଯାଇଥିବା ବିଡିଏ ପକ୍ଷରୁ ପ୍ରକାଶ ପାଇଛି। ସମସ୍ତ ପ୍ରକାର କାଗଜାଦି ଏବଂ ଶୁଳ୍କ ଦାଖଲ ପରେ ଏହି ଆବେଦନକୁ ଯାଞ୍ଚ କରାଯିବ। ଏହାପରେ ଚୂଡ଼ାନ୍ତ ଲିଜ୍ ଡିଡ୍ ସମ୍ପନ୍ନ କରାଯିବ। ଏଥିସହ ଆଲଟ୍‌ମେଣ୍ଟ ପରବର୍ତ୍ତୀ ସେବା ଯେପରି ସମ୍ପତ୍ତି ପରିବର୍ତ୍ତନ, ବ୍ୟାଙ୍କ ଋଣ ପାଇବା ପାଇଁ ଆପତ୍ତିବିହୀନ ପ୍ରମାଣପତ୍ର ଏବଂ ଘର ପାଇଥିବା ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀ ନାମରେ ଦାଖଲଖାରଜ ପ୍ରକ୍ରିୟା ମଧ୍ୟ ଅନ୍‌ଲାଇନ୍‌ରେ ହେବ ବୋଲି ବିଡିଏ ଉପାଧ୍ୟକ୍ଷ ସଞ୍ଜୟ ସିଂ କହିଛନ୍ତି।

# ସ୍ତ୍ରୀଙ୍କୁ ନିର୍ଯାତନା, ହତ୍ୟା ଉଦ୍ୟମ: ସ୍ୱାମୀ ଗିରଫ

ଭୁବନେଶ୍ୱର,୧୧।୭ (ବ୍ୟୁରୋ)

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସ୍ୱାମୀ ଗାଡ଼କଣ ଗ୍ରାମର ଶିବେନ୍ଦ୍ର ବେହେରା(୩୫)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଜାମିନ୍ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଶିବେନ୍ଦ୍ର ୨ ବର୍ଷ ତଳେ ଚନ୍ଦକା ଥାନା କୁଜିମହଲ ଗ୍ରାମର ଜଣେ ଯୁବତୀଙ୍କୁ ବୈଦୀକ ରୀତିରେ ବିବାହ କରିଥିଲେ। ତେବେ ଆଉଜଣେ ଯୁବତୀଙ୍କ ସହ ଶିବେନ୍ଦ୍ରଙ୍କର ସମ୍ପର୍କକୁ ନେଇ ଜୁନ ୨୮ ରାତିରେ ପୁଣି ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଶିବେନ୍ଦ୍ର ତାଙ୍କ ସ୍ତ୍ରୀଙ୍କୁ ଗୋଇଠା ଓ ବିଧା ମାରି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୧୮୬/୨୧) ରୁଜୁ କରିଥିଲା।

# ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ଶୀଘ୍ର ଶେଷ ହେବ

ଭୁବନେଶ୍ୱର,୧୧।୭ (ବ୍ୟୁରୋ)

ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ନିର୍ମାଣାଧୀନ ଜୁଡିସିଆଲ କମ୍ପ୍ଲେକ୍ସ କାମ ଶୀଘ୍ର ଶେଷ କରାଯିବ। ଏଥିସହ ଭୁବନେଶ୍ୱର ଫ୍ୟାମିଲି କୋର୍ଟ, ସବଜଜ୍ କୋର୍ଟ, ମୁନ୍‌ସିଫ୍ କୋର୍ଟର ବିଚାରପତିଙ୍କ ସମେତ ୫ଜଣିଆ ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟଙ୍କୁ ଅଗ୍ରାଧିକାର ଭିତ୍ତିରେ ଏଠାରେ ନିଯୁକ୍ତି ଦିଆଯିବ। ଫଳରେ ବିଚାରାଧୀନ ମାମଲାଗୁଡ଼ିକର ତ୍ୱରିତ ସମାଧାନ ହୋଇପାରିବ। ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏହି ଅନୁରୋଧ ରକ୍ଷା କରି କାର୍ଯ୍ୟକୁ ଅଗ୍ରାଧିକାର ଦେବା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାର ବିଭିନ୍ନ କୋର୍ଟରେ ଆବଶ୍ୟକ ସଂଖ୍ୟକ ବିଚାରପତି ଅଭାବରୁ ଅନେକ ମାମଲା ସମାଧାନ ନ ହୋଇ ଦୀର୍ଘଦିନ ଧରି ପଡ଼ିରହିଛି। ଭୁବନେଶ୍ୱର କୋର୍ଟରେ ସବୁଠୁ ଅଧିକ ମାମଲା ପଡ଼ିରହିଛି। ଜୁଲାଇ ୧ରେ ମୁଖ୍ୟ ବିଚାରପତି ଭୁବନେଶ୍ୱର କୋର୍ଟ ପରିଦର୍ଶନରେ ଆସି ସ୍ଥିତି ଦେଖିଥିଲେ। ମଙ୍ଗଳବାର ମୁଖ୍ୟ ବିଚାରପତି ଭୁବନେଶ୍ୱର ଓକିଲ ସଂଘ ସଭାପତି ନିର୍ମଳ କିଶୋର ରଥ ଓ ସମ୍ପାଦକ ରାଜକିଶୋର ଦାସଙ୍କ ସହ ଭର୍ଚୁଆଲ ମାଧ୍ୟମରେ ଆଲୋଚନା କରିଥିଲେ। ଏହି ଅବସରରେ ଓକିଲ ସଂଘ ପକ୍ଷରୁ ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରାଯାଇଥିଲା।

# ଖାଦ୍ୟ ଅର୍ଡର ବିଳମ୍ବକୁ ନେଇ ତାତିଲେ ଡେଲିଭରି ବୟ

ଭୁବନେଶ୍ୱର,୧୧।୭(ବ୍ୟୁରୋ)

ଖାଦ୍ୟ ଅର୍ଡର ବିଳମ୍ବକୁ ନେଇ ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ଏସ୍‌ପ୍ଲାନେଡ୍ ମଲ୍‌ରେ ଉତ୍ତେଜନା ଦେଖାଦେଇଥିଲା। ମଲ୍‌ରେ ରହିଥିବା ବିଭିନ୍ନ ରେଷ୍ଟୁରାଣ୍ଟ ଅର୍ଡର ରଖି ବିଳମ୍ବରେ ଖାଦ୍ୟ ଦେଉଥିବାରୁ ସ୍ୱେଗୀ ଓ ଜୋମାଟୋର ପ୍ରାୟ ୩୦୦ ଡେଲିଭରି ବୟ ରାତି ପ୍ରାୟ ୮ଟାରେ ଏକାଠି ହୋଇ ହୋହଲ୍ଲା କରିଥିଲେ। ଶହୀଦନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ରେଷ୍ଟୁରାଣ୍ଟ ମ୍ୟାନେଜର ଓ କର୍ମଚାରୀଙ୍କ ସହ ଆଲୋଚନା କରି ତୁରନ୍ତ ଅର୍ଡର ଖାଦ୍ୟ ଦିଆଯିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ସୂଚନା ଅନୁଯାୟୀ, ମଲ୍‌ରେ ଥିବା ବିଭିନ୍ନ ରେଷ୍ଟୁରାଣ୍ଟ ବିଳମ୍ବରେ ଖାଦ୍ୟ ଦେଉଥିବାରୁ ଡେଲିଭରି ବୟମାନେ କାମ କରୁଥିବା କମ୍ପାନୀଙ୍କୁ ଜରିମାନା ଦେଉଛନ୍ତି।


ଏସ୍‌ପ୍ଲାନେଡ଼ ମଲ୍ ଆଗରେ ଖାଦ୍ୟ ଡେଲିଭରି ବୟଙ୍କ ହୋ ହଲ୍ଲା।

# ଚିହ୍ନଟ ହେଲେଣି ୫୧ ଡେଙ୍ଗୁ ରୋଗୀ

## ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟାବସ୍ଥା ତଦାରଖ କଲା ଆର୍‌ଆର୍‌ଟି

ଭୁବନେଶ୍ୱର, ୧୧।୭ (ବ୍ୟୁରୋ)

କରୋନା ସଙ୍କଟ ଜାରି ରହିଥିବାବେଳେ ଭୁବନେଶ୍ୱରରେ ଡେଙ୍ଗୁ କାୟା ମେଲି ଚାଲିଛି। ଏଯାଏ ସହରରୁ ୫୧ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପଦକ୍ଷେପ ଜାରି ରହିଛି। ରବିବାର ବିଏମ୍‌ସିର ରାପିଡ୍ ରେସପନ୍ସ ଟିମ୍ (ଆରଆରଟି) ମାଧ୍ୟମରେ ନିୟୋଜିତ ଡାକ୍ତରୀ ଦଳ ପ୍ରଭାବିତ ଉତ୍ତର ଜୋନ୍ ଅନ୍ତର୍ଗତ ୱାର୍ଡ ନଂ. ୭ ଓ ୧୪ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଡାକ୍ତରୀ ଦଳ କେତେଜଣ ସନ୍ଦିଗ୍ଧ ମାମଲା ଉପରେ ନଜର ରଖିବା ସହ ଡେଙ୍ଗୁ ରୋଗର ଲକ୍ଷଣ ବିଷୟରେ କହିଥିଲେ। ସେହିପରି ସରକାରୀ ସ୍ତରରେ କ୍ୟାପିଟାଲ୍ ହସ୍ପିଟାଲ୍ ଓ ଆଞ୍ଚଳିକ ମେଡିକାଲ୍ ରିସର୍ଚ୍ଚ ସେଣ୍ଟର (ଆରଏମ୍‌ଆର୍‌ସି)ରେ ମାଗଣାରେ ଏଲିସା ପରୀକ୍ଷା ସୁବିଧା ରହିଥିବା ସେମାନେ ସୂଚନା ଦେଇଥିଲେ। କୌଣସି ଜ୍ୱରକୁ ଆମେ ଡେଙ୍ଗୁ ନାମରେ ନାମିତ କରିବା ଉଚିତ ନୁହେଁ। ଏହାଦ୍ୱାରା ଲୋକଙ୍କ ମନରେ ଆତଙ୍କ ସୃଷ୍ଟି ହେବ ବୋଲି ଡାକ୍ତରମାନେ ପରାମର୍ଶ ଦେଇଛନ୍ତି।


ଦୁଇଜଣ ସ୍ୱାସ୍ଥ୍ୟକର୍ମୀ ପାଚେରିରେ ଡେଙ୍ଗୁ ସଚେତନତା ପୋଷ୍ଟର ଲଗାଉଛନ୍ତି।

ଅନ୍ୟପକ୍ଷରେ ଜ୍ୱରରେ ପୀଡିତ ଲୋକଙ୍କୁ ସ୍ୱାସ୍ଥ୍ୟକର୍ମୀମାନେ ପାରାସିଟାମୋଲ ଟାବଲେଟ୍ ଏବଂ ଓଆରଏସ୍ ପ୍ୟାକେଟ୍ ଯୋଗାଇ ଦେଉଛନ୍ତି। ଏଥିସହ ପୋଷ୍ଟର ମାରି ଓ ଘରକୁ ଘର ବୁଲି ସଚେତନ କରୁଛନ୍ତି। କରୋନା ମହାମାରୀ ମଧ୍ୟରେ ନଗର ପ୍ରଶାସନ ଦ୍ୱାରା ଡେଙ୍ଗୁ ରୋଗର ଲକ୍ଷଣ ତଥା ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଉଛି। ଡେଙ୍ଗୁର କୌଣସି ଲକ୍ଷଣ ପ୍ରକାଶ ପାଇଲେ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ କିମ୍ବା ବିଏମ୍‌ସି କର୍ମଚାରୀଙ୍କ ସହ ଯୋଗାଯୋଗ କରିବା ଉଚିତ ବୋଲି ବିଏମସି କମିଶନର ସଞ୍ଜୟ କୁମାର ସିଂହ କହିଛନ୍ତି। ବିଏମ୍‌ସି ଉତ୍ତର ଜୋନର ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଅନ୍ତର୍ଯାମୀ ମିଶ୍ର, ନଗର ସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ ମିଶ୍ର ଓ ଏଣ୍ଟୋମୋଲୋଜିଷ୍ଟମାନେ ମଧ୍ୟ ଏହି ଅଞ୍ଚଳକୁ ନିୟମିତ ପରିଦର୍ଶନ କରୁଥିବା ସୂଚନା ଦିଆଯାଇଛି।

## ବଡ଼ଭାଇଙ୍କୁ ହତ୍ୟା
### ୨ସାନଭାଇ ଗିରଫ

**ଟେନ୍ସା, ୧୧।୭(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ବନ୍ଦଲ ଗ୍ରାମରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ବଡ଼ ଭାଇ ପତ୍ରାସ ମୁଣ୍ଡାଙ୍କୁ ବାଡ଼ିରେ ପିଟି ଦୁଇ ସାନ ଭାଇ, ସାନଭାଇଙ୍କ ସ୍ତ୍ରୀ ମିଶି ହତ୍ୟା କରିଛନ୍ତି। ରବିବାର କୋଇଡା ପୋଲିସ ପହଞ୍ଚି ଦୁଇ ସାନ ଭାଇ ସମା ମୁଣ୍ଡା, ବିରିକାର ମୁଣ୍ଡାଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ସମାଙ୍କ ସ୍ତ୍ରୀ ଫେରାର୍ ହୋଇଯାଇଛନ୍ତି। ଏନେଇ କୋଇଡ଼ା ଥାନାରେ ଏକ ମାମଲା (ନଂ. ୬୨।୨୧) ରୁଜୁ ହୋଇଛି। ଖବର ଅନୁଯାୟୀ ବନ୍ଦଲ ଗ୍ରାମରେ ପତ୍ରାସ ଓ ତାଙ୍କର ତିନି ସାନ ଭାଇ ସମା, ବିରିକାର, ରବେଟେ ମିଳିମିଶି ହସଖୁସିରେ ଚଳୁଥିଲେ। ବଡ଼ଭାଇ ପତ୍ରାସ ବିବାହ କରି ନ ଥିବାବେଳେ ସମା କାହାକୁ କିଛି ନ କହି ଅନ୍ୟ ଏକ ଜାତିର ଝିଅକୁ ବାହା ହୋଇ ଘରକୁ ନେଇ ଆସିଲେ। ବଡ଼ ଭାଇ ଏହାକୁ ବିରୋଧ କରିବାରୁ ଘରେ ଝଗଡ଼ା, ଅଶାନ୍ତି ସୃଷ୍ଟି ହୋଇଥିଲା। ଗତ ୪ମାସ ଧରି ଏହି ଘଟଣାକୁ ନେଇ ଝଗଡ଼ା ଲାଗି ରହିଥିଲା। ଗତ ଶନିବାର ରାତିରେ ରବେଟେ ଘରେ ନ ଥିବାବେଳେ ସମା ତାଙ୍କ ସ୍ତ୍ରୀ ଯାତ୍ରି ଏବଂ ବିରିକାର ତିନି ଜଣ ମିଶି ପତ୍ରାସଙ୍କୁ ବାଡ଼ିରେ ପିଟିଥିଲେ। ଘରେ ଥିବା ଜଣେ ନାବାଳିକା ସାନ ଭଉଣୀ ଏହାକୁ ବିରୋଧ କରିବାରୁ ତାଙ୍କୁ ଧମକ ଦେଇଥିଲେ। ୩ଜଣ ପତ୍ରାସଙ୍କୁ ପିଟି ହତ୍ୟା କରିବା ପରେ ଫେରାର୍ ହୋଇଯାଇଥିଲେ। ସାନଭାଇ ରବେଟେ ରବିବାର ଘରକୁ ଆସି ବଡ଼ ଭାଇର ମୃତ୍ୟୁ ଘଟିଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

# ପୁଣି କୂଳ ଲଙ୍ଘିଲା, ୩ ଘର ଭାଙ୍ଗିଲା

**ଗୋପାଳପୁର,୧୧।୭**

ଗତ କିଛି ବର୍ଷ ଧରି ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ରାମେୟାପାଟଣା ଗ୍ରାମରେ ସମୁଦ୍ର ଜୁଆର ମାଡ଼ିଆସି ବହୁ ଧନ ସମ୍ପତ୍ତି ନଷ୍ଟ କରୁଛି। ଗତ ୧ ତାରିଖରେ ସମୁଦ୍ରରେ ଜୁଆର ଆସି ତିନୋଟି ଘର ଭାଙ୍ଗି ଯାଇଥିଲା। ରବିବାର

**ଭୟଭୀତ ରାମେୟାପାଟଣାବାସୀ**

ପୁଣି ଜୁଆର ମାଡ଼ରେ ଆର.ଚନ୍ଦ୍ରମ୍ମା, ଆର.ତ୍ରିନାଥ ଓ ଏଲ.ହେମାବତୀଙ୍କ ୩ଟି ଘର ଭାଙ୍ଗିଯାଇଛି। ଆହୁରି ଅନେକ ଘର ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ ଗ୍ରାମବାସୀ ଭୀତତ୍ରସ୍ତ ଅଛନ୍ତି। ଖବର ପାଇ ଚିକିଟି ତହସିଲଦାର ଓ ବିଡିଓ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାର ସ୍ଥାୟୀ ପ୍ରତିକାର ପାଇଁ ଗ୍ରାମବାସୀ ଦୀର୍ଘଦିନ ଧରି ସରକାରଙ୍କଠାରେ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ଓ ରାଜନୈତିକ ବ୍ୟକ୍ତିଙ୍କ ଇଚ୍ଛାଶକ୍ତି ଅଭାବରୁ ତାହା ସମ୍ଭବ ହୋଇପାରୁନାହିଁ। ଏନେଇ ଗତ ୩ ତାରିଖରେ ଜଳ ସମ୍ପଦ


ସମୁଦ୍ର ଜୁଆର ପାଣିରେ ଭାଙ୍ଗିଯାଇଥିବା ଘର।

ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଧୀରେନ୍ କୁମାର ସାମଲ ଘଟଣାସ୍ଥଳ ପରିଦର୍ଶନ କରି ୧୦ ଦିନ ମଧ୍ୟରେ ଟେଣ୍ଡର ଡକାଯାଇ ଗାର୍ଡ ୱାଲ କାର୍ଯ୍ୟ ଆରମ୍ଭ ହେବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି କାମ ଆରମ୍ଭ ହୋଇନାହିଁ। ଫଳରେ ସମୁଦ୍ର କୂଳ ଲଙ୍ଘୁଛି। ତେବେ ଏହାର ସ୍ଥାୟୀ ପ୍ରତିକାର କରାନଗଲେ ଆଗାମୀ ଦିନରେ ଗ୍ରାମ ସମୁଦ୍ରରେ ଲୀନ ହୋଇଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି।

ସୂଚନାନୁସାରେ, ରାମେୟାପାଟଣା ଗ୍ରାମର ୬୫୦ ପରିବାର ସମୁଦ୍ରରେ ମାଛ ମାରି ଜୀବିକା ନିର୍ବାହ କରିଥାନ୍ତି। ୨୦୧୬ରେ ବାହୁଦା ନଦୀ ମୁହାଣରେ ବାଲି ଭର୍ତ୍ତି ହେବା ଫଳରେ ଦକ୍ଷିଣା ପବନ ବହିବା ଯୋଗୁ ସମୁଦ୍ର ଦିଗ ପରିବର୍ତ୍ତନ କରି ରାମେୟାପାଟଣା ଗ୍ରାମ ଭିତରେ ଜୁଆର ପାଣି ପଶି ବହୁ ଧନସମ୍ପତ୍ତି ନଷ୍ଟ ହୋଇଥିଲା। ସେହି ସମୟରେ ଏକ ସାହି ମଧ୍ୟ ସମୁଦ୍ରରେ ଲୀନ ହୋଇଯାଇଥିଲା।

## ଜମିଜମା ବିବାଦରୁ ଗୋଷ୍ଠୀ ସଂଘର୍ଷ: ୨ମୃତ, ୮ ଗୁରୁତର

**ଦଶମନ୍ତପୁର, ୧୧।୭ ( ଡି.ଏନ.ଏ.)**

ଜମିଜମା ବିବାଦକୁ କେନ୍ଦ୍ରକରି ଶନିବାର ବିଳମ୍ବିତ ରାତିରେ କୋରାପୁଟ ଜିଲା ହାତୀମୁଣ୍ଡାରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଘଟଣା ସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ୮ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗ୍ରାମର ଧନପତି ଜାନି (୪୩), ସହଦେବ ଜାନି (୪୫) । ଗୁରୁତର ଆହତଙ୍କ ମଧ୍ୟରେ ଧନେଶ୍ୱର ଜାନି, ରାଜୁ ଜାନି, ଦିବା ପରଜା, ଛେଣ୍ଡିଆ ଜାନି, ମନୋହର ଜାନି, ଅଙ୍ଗରା ଜାନି, ସେନାପତି ଜାନି ଏବଂ ଅଞ୍ଜି ଜାନି ରହିଛନ୍ତି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି।

ଖବରରୁ ଜଣାପଡ଼ିଛି, ମୃତକ ଏବଂ ଆହତ ବ୍ୟକ୍ତିମାନେ ସମସ୍ତେ ସମ୍ପର୍କରେ ଦାଦା ପୁତୁରା ଭାଇ ଭାଇ ଭାବେ ପରିଚିତ। ସେମାନଙ୍କ ମଧ୍ୟରେ ଗାଁ ନିକଟରେ ଥିବା ଏକ ପୈତୃକ ସମ୍ପତ୍ତି ଗାଇହାଡ ଜମିକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଶନିବାର ରାତି ପ୍ରାୟ ୧୦ଟାରେ ସେମାନଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇ ଯୁକ୍ତିତର୍କ ହୋଇଥିଲା। ପରେ ଏହା ଗୋଷ୍ଠୀ ସଂଘର୍ଷରେ ପରିଣତ ହୋଇଥିଲା। ଫଳରେ ଘଟଣା ସ୍ଥଳରେ ଧନପତି ଓ ସହଦେବଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ସମସ୍ତ ଆହତଙ୍କୁ ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ଘଟଣା ନେଇ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଗ୍ରାମରେ ପହଞ୍ଚି ତଦନ୍ତ କରିଛି। ଥାନା ଅଧିକାରୀ ବିଜୟ ରାଜ ମାଝୀ ଓ ଡିଏସ୍‌ପି ନିରଞ୍ଜନ ବେହେରା ଗ୍ରାମରେ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସେକେଣ୍ଡ ଅଫିସର ବାବୁଲା ପ୍ରଧାନ କହିଛନ୍ତି।


ଚିକିତ୍ସାଧୀନ ଜଣେ ଗୁରୁତର ବ୍ୟକ୍ତି।

# ରଥଯାତ୍ରା ପାଇଁ ଶଙ୍କରାଚାର୍ଯ୍ୟଙ୍କୁ ନିମନ୍ତ୍ରଣ


ଶଙ୍କରାଚାର୍ଯ୍ୟଙ୍କୁ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର ନିମନ୍ତ୍ରଣ କରୁଛନ୍ତି।

**ପୁରୀ ଅଫିସ,୧୧।୭**

- ଶ୍ରୀମନ୍ଦିର ପ୍ରଶାସନ ଉପରେ କ୍ଷୋଭ ପ୍ରକାଶ କଲେ
- ପରିଚାଳନା କମିଟି ବୈଠକକୁ ଡକାଯାଉ ନ ଥିବା କହିଲେ

ରଥଯାତ୍ରାରେ ଯୋଗଦେବା ପାଇଁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ପରମ୍ପରା ଅନୁଯାୟୀ ରବିବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର ଗୋବର୍ଦ୍ଧନ ପୀଠରେ ପହଞ୍ଚି ଶଙ୍କରାଚାର୍ଯ୍ୟଙ୍କୁ ଭେଟି ଆଶୀର୍ବାଦ ନେବା ସହ ଏହି ନିମନ୍ତ୍ରଣ ଦେଇଛନ୍ତି। ମୁଖ୍ୟ ପ୍ରଶାସକଙ୍କ ନିମନ୍ତ୍ରଣ ରକ୍ଷାକରି ନିଜର ୬ଜଣ ଅନୁଗାମୀଙ୍କ ସହ ରଥାରୂଢ଼ ତିନିଦିଅଁଙ୍କ ଦର୍ଶନ ନିମନ୍ତେ ଆସିବେ ବୋଲି ଶଙ୍କରାଚାର୍ଯ୍ୟ ସମ୍ମତି ପ୍ରଦାନ କରିଛନ୍ତି। ଏହି ଅବସରରେ ଶ୍ରୀମନ୍ଦିର ପୁରୋହିତଙ୍କ ଦ୍ୱାରା ଶଙ୍କରାଚାର୍ଯ୍ୟଙ୍କ ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆସିଥିବା ଫଳମୂଳ ଶଙ୍କରାଚାର୍ଯ୍ୟଙ୍କୁ ଭେଟି ଦିଆଯାଇଛି।

ଶଙ୍କରାଚାର୍ଯ୍ୟ କହିଛନ୍ତି, କରୋନା ମହାମାରୀ ସ୍ଥିତିରେ ରଥଯାତ୍ରା ହେଉଥିବାରୁ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ଦର୍ଶନରୁ ଭକ୍ତ ବଞ୍ଚିତ ହୋଇଛନ୍ତି। ତେବେ ସିଧା ପ୍ରସାରଣ ମାଧ୍ୟମରେ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରନ୍ତୁ। ସେହିପରି ବିନା ଭକ୍ତରେ ରଥଯାତ୍ରା ହେଉଥିବା ପ୍ରସଙ୍ଗରେ ସେ କହିଛନ୍ତି, ସେବାୟତମାନେ ମଧ୍ୟ ଭକ୍ତ। ସେମାନେ ପ୍ରଥମେ ଭକ୍ତ ଓ ପରେ ସେବାୟତ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଉପରେ କ୍ଷୋଭ ପ୍ରକାଶ କରି ଶଙ୍କରାଚାର୍ଯ୍ୟ କହିଛନ୍ତି, ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ତାଙ୍କୁ ଡ଼କାଯାଉ ନାହିଁ କିମ୍ବା କୌଣସି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯାଉନାହିଁ। ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ, ଶଙ୍କରାଚାର୍ଯ୍ୟଙ୍କ ଉପସ୍ଥିତିରେ କମିଟି ବୈଠକ ହେବା କଥା। ମାତ୍ର ସେଭଳି କିଛି ହେଉନାହିଁ। ରାଜ୍ୟ ସରକାର ଜାଣିଶୁଣି ଏଭଳି କରୁଥିବା ସେ ଅଭିଯୋଗ କରିଛନ୍ତି। କରୋନା ସମୟରେ ରାଜନୈତିକ ସମାଗମ ଲାଗି ରାଜ୍ୟ ଓ କେନ୍ଦ୍ର ସରକାର ଅନୁମତି ଦେଉଥିଲେ ମଧ୍ୟ ଧାର୍ମିକ ସମାଗମକୁ ଅନୁମତି ଦେବାରେ କୁଣ୍ଠାବୋଧ କରୁଛନ୍ତି। କରୋନା ପ୍ରଶାସନର କଥା ମାନି ରହିଛି ବୋଲି ସେ ତାଗିଦ୍ କରିଛନ୍ତି। ରଥଯାତ୍ରା ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନୈରାଶ୍ୟଜନକ ମନୋଭାବ ରହିଛି। ଗତବର୍ଷ ରଥଯାତ୍ରା ପାଇଁ ସୁପ୍ରିମ୍‌କୋର୍ଟ ରାୟ ପୂର୍ବରୁ ଶଙ୍କରାଚାର୍ଯ୍ୟଙ୍କୁ ପରାମର୍ଶ ମାଗିଥିଲେ। ସେତେବେଳେ ସେ ଦେଇଥିବା ପରାମର୍ଶ ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ରାୟ ଭାବେ ପ୍ରତିଫଳିତ ହୋଇଥିବା ଶଙ୍କରାଚାର୍ଯ୍ୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର କହିଛନ୍ତି, ଘୋଷଯାତ୍ରାକୁ ଶଙ୍କରାଚାର୍ଯ୍ୟଙ୍କୁ ନିମନ୍ତ୍ରଣ ଦିଆଯାଇଛି। ନିଜ ଅନୁଗାମୀଙ୍କ ସହ ଆସିବେ ବୋଲି ସେ ସମ୍ମତି ପ୍ରଦାନ କରିଛନ୍ତି।

# ଚାପମୁକ୍ତ ହେବ ପରୀକ୍ଷା

**ଭୁବନେଶ୍ୱର,୧୧।୭(ବ୍ୟୁରୋ)**

କରୋନା ଯୋଗୁ ପିଲାଙ୍କ ପାଠପଢ଼ା ପ୍ରଭାବିତ ହୋଇଥିବାରୁ ପରୀକ୍ଷାକୁ ଚାପମୁକ୍ତ କରିବାକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ପଦକ୍ଷେପ ନେଇଛି। ଦଶମ ଓ ଦ୍ୱାଦଶ ପରୀକ୍ଷା ଢାଞ୍ଚାରେ କେତେକ ପରିବର୍ତ୍ତନ କରିଛି। ୨୦୨୧-୨୨ ଶିକ୍ଷାବର୍ଷର ଛାତ୍ରୀଛାତ୍ର ବର୍ଷକୁ ଦୁଇଟି ବୋର୍ଡ ପରୀକ୍ଷା ଦେବେ। ଏହାକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ମୋଟ ସିଲାବସ୍‌ର ୫୦:୫୦ ଅନୁସାରେ ଟର୍ମ-୧ ଓ ଟର୍ମ-୨ ପରୀକ୍ଷା କରାଯିବ। ଟର୍ମ-୧ ରେ କେବଳ ଅବ୍‌ଜେକ୍ଟିଭ୍ ପ୍ରଶ୍ନ ରହିବ ଓ ପରୀକ୍ଷା ଅବଧି ୯୦ ମିନିଟ୍ ହେବ। ସେହିପରି ଟର୍ମ-୨ରେ ସଂକ୍ଷିପ୍ତ ଓ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ରହିବ, ଅବଧି ୨ଘଣ୍ଟା ହେବ। ଉଭୟ ପରୀକ୍ଷାର ମାର୍କକୁ ନେଇ ଚୂଡ଼ାନ୍ତ ରେଜଲ୍ଟ ପ୍ରକାଶ ପାଇବ। ତେବେ ସିବିଏସ୍‌ଇର ଏହି ନିଷ୍ପତ୍ତି ସଂକ୍ରାନ୍ତରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମତାମତକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।

### ଏକାଥରକେ ବହୁତ ପାଠ ପଢ଼ିବାକୁ ପଡ଼ିବ ନାହିଁ



"ବର୍ତ୍ତମାନ ପିଲାଙ୍କ ପାଠପଢ଼ାରେ ବହୁତ କ୍ଷତି ହୋଇଛି। ପରୀକ୍ଷା ପାଇଁ ନୂଆ ନିଷ୍ପତ୍ତି ନେଇ ସିବିଏସ୍‌ଇ ଆଗୁଆ ଜଣାଇଥିବାରୁ ଆମେ ସେହି ଅନୁଯାୟୀ ପ୍ରସ୍ତୁତ ହୋଇପାରିବୁ। ଟର୍ମ-୧, ଟର୍ମ ୨ ନିଷ୍ପତ୍ତି ବେଶ୍ ସହାୟକ ହେବ। ଆମକୁ ଏକାଥରରେ ବହୁତ ପାଠ ପଢ଼ିବାକୁ ପଡ଼ିବ ନାହିଁ। ଫଳରେ ପରୀକ୍ଷା ପାଇଁ ଚିନ୍ତା ଟିକେ କମିଯିବ। ସେହିଭଳି ପୂର୍ବରୁ ଆମକୁ ୩ଘଣ୍ଟା ବସି ପରୀକ୍ଷା ଦେବାକୁ ପଡୁଥିଲା। ନୂଆ ନିଷ୍ପତ୍ତିରେ ପରୀକ୍ଷା ସମୟ କମାଇ ଦିଆଯାଇଥିବାରୁ ସୁବିଧା ହେବ। ଅନ୍‌ଲାଇନ ଶିକ୍ଷା ଯୋଗୁ ଆମର ଲେଖା ଅଭ୍ୟାସ କମିଯାଇଛି। ତେଣୁ ଏତେ ସମୟ ଧରି ପରୀକ୍ଷାରେ ବସିବା କଷ୍ଟ ହୋଇଥାନ୍ତା।

**- ସ୍ନେହା ସୁଚରିତା, ସିବିଏସ୍‌ଇ ଦ୍ୱାଦଶ ଛାତ୍ରୀ**

### ଠିକ୍ ଲାଗୁଛି, ଅନ୍‌ଲାଇନ୍‌ରେ ପରୀକ୍ଷା ହେଉ



"କରୋନାକୁ ଦୃଷ୍ଟିରେ ରଖି ସିବିଏସ୍‌ଇ ଯେଉଁ ନିଷ୍ପତ୍ତି ନେଇଛି ତାହା ତ ଠିକ୍ ଲାଗୁଛି। ପିଲାଙ୍କର ଚିନ୍ତା ମଧ୍ୟ କମିଯିବ। ଯେତେ ଟେକ୍ନୋଲୋଜି ଆଡ୍‌ଭାନ୍ସ ଥିଲେ ମଧ୍ୟ ଅଫ୍‌ଲାଇନ୍ ଶିକ୍ଷା ସହିତ କେବେ ବି ଅନ୍‌ଲାଇନ ଶିକ୍ଷା ସମାନ ହୋଇପାରିବ ନାହିଁ। ତେବେ କରୋନା ସ୍ଥିତି ଓ ଆମ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଫ୍‌ଲାଇନ ପରୀକ୍ଷା ବଦଳରେ ଅନ୍‌ଲାଇନ୍ ପରୀକ୍ଷା କରାଗଲେ ଭଲ ହେବ।

**- ଶ୍ରେୟାଂଶ ବିକାଶ ମିଶ୍ର, ସିବିଏସ୍‌ଇ ଦଶମ ଶ୍ରେଣୀ ଛାତ୍ର**

### ଛାତ୍ରୀଛାତ୍ରଙ୍କ ପାଇଁ ବେଶ୍ ଲାଭଦାୟକ



"ସିବିଏସ୍‌ଇର ନୂଆ ପରୀକ୍ଷା ନିଷ୍ପତ୍ତି ଆମକୁ ନିଶ୍ଚିତ ଭାବେ ଲାଭଦାୟକ ହେବ। ବର୍ଷ ଶେଷକୁ ବୋର୍ଡ ପରୀକ୍ଷା ପାଇଁ ଯେଉଁ ଚିନ୍ତା ରହୁଥିଲା ତାହା କମିଯିବ। ସବ୍‌ଜେକ୍ଟିଭ୍ ପ୍ରଶ୍ନ ବହୁତ ରହୁଥିଲା। ସେଥିପାଇଁ ବହୁତ ଲେଖାଲେଖି ଓ ପ୍ରାକ୍ଟିସ କରିବାକୁ ପଡୁଥିଲା। ଏବେ ଅବ୍‌ଜେକ୍ଟିଭ୍ ବେଶି ରହୁଥିବାରୁ ଚାପ କମିଯିବ। ସେହିପରି ଟର୍ମ-୧ ପରୀକ୍ଷା ସରିବା ପରେ ଆମେ ଅନ୍ୟ ବିଷୟ ପାଇଁ ପ୍ରସ୍ତୁତ ହେବୁ, ଯାହା ଭଲ ରେଜଲ୍ଟ ପାଇଁ ସହାୟକ ହେବ।

**- ମାନଶ୍ରୀ ରାଉତ, ସିବିଏସ୍‌ଇ ଦ୍ୱାଦଶ ଛାତ୍ରୀ**

### ପିଲାଙ୍କ ସ୍କୋର୍ ଭଲ ହେବ



"ପରୀକ୍ଷା କିପରି ହେବ ଜଣାଯିବା ପରେ ଆମେ ଏବେଠାରୁ ସେହିଭଳି ପ୍ରସ୍ତୁତ ହେବୁ। ସିବିଏସ୍‌ଇର ଏପରି ନିଷ୍ପତ୍ତି ଆମକୁ ବହୁ ସହାୟକ ହେବ। ଟର୍ମ-୧ରେ କେବଳ ଅବ୍‌ଜେକ୍ଟିଭ୍ ରହିବ। ଏହାପରେ ଟର୍ମ-୨ରେ ସବ୍‌ଜେକ୍ଟିଭ୍ ପାଇଁ ଆମକୁ ବହୁତ ସମୟ ମିଳିବ। ତେଣୁ ପିଲାଙ୍କ ସ୍କୋର ମଧ୍ୟ ଭଲ ହେବ ବୋଲି ଭାବୁଛି।

**-ବିଶ୍ୱଜିତ ପରିଜା, ସିବିଏସ୍‌ଇ ଦଶମ ଶ୍ରେଣୀ ଛାତ୍ର**

### ସିବିଏସ୍‌ଇର ନିଷ୍ପତ୍ତି ସ୍ୱାଗତଯୋଗ୍ୟ



"କରୋନା ସମୟରେ ସିବିଏସ୍‌ଇର ପରୀକ୍ଷା ସଂକ୍ରାନ୍ତ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହା ନିଶ୍ଚିତ ଭାବେ ଫଳପ୍ରଦ ହେବ। ପିଲାଙ୍କ ପାଇଁ ବହୁତ ଭଲ, କାରଣ ଅଧା ପାଠପଢ଼ା ଚାପ କମିଯିବ। ବର୍ଷ ଶେଷକୁ ଯେଉଁ ଚିନ୍ତା ରହୁଥିଲା ତାହା ବି ରହିବ ନାହିଁ।

**- ସତ୍ୟବ୍ରତ ପରିଜା, ଅଭିଭାବକ**

# ରାଜ୍ୟର ୬ ବେଳାଭୂମିରେ ଜମିବ ନାଚ ଗୀତର ଆସର

**ଭୁବନେଶ୍ୱର, ୧୧।୭(ବ୍ୟୁରୋ)**

ଓଡ଼ିଶା ବେଳାଭୂମିର ରୂପ ବଦଳିବ। ସୌଖୀନ ଖାଦ୍ୟ ସାଙ୍ଗକୁ ନାଚ ଗୀତର ଆସର ଜମିବ। ପର୍ଯ୍ୟଟକମାନେ ମଦ୍ୟପାନ ସହ ନାଚ ଗୀତର ମଜା ନେଇପାରିବେ। ବେଳାଭୂମିକୁ ଏକ ପ୍ରକାର ରଙ୍ଗିନ କରାଯିବା ଲାଗି ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି। ସମୁଦ୍ର ବେଳାଭୂମିକୁ ନେଇ ଏପରି ପରିକଳ୍ପନା କରାଯିବା ସହିତ ଗୋଆ ବିଚ୍ ଭଳି ରୂପ ଦେବା ନେଇ ସରକାର ଯୋଜନା କରିଛନ୍ତି। ବେଳାଭୂମିରେ ମୁଖ୍ୟତଃ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଲାଗି ସଙ୍ଗୀତ ସାଙ୍ଗକୁ ସୁସ୍ୱାଦୁ ଖାଦ୍ୟ ଏବଂ ମୃଦୁ ପାନୀୟ ବ୍ୟବସ୍ଥା ରହିବ। ରାଜ୍ୟରେ ମୋଟ ୬ଟି ବେଳାଭୂମିରେ ଓଟିଡିସି ପକ୍ଷରୁ ଝୁମ୍ପୁଡି ତିଆରି ଲାଗି ନିଷ୍ପତ୍ତି ହୋଇଛି। ଝୁମ୍ପୁଡି ନିର୍ମାଣ ଲାଗି ଓଟିଡିସି ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ପୁରୀ-କୋଣାର୍କ ମେରାଇନ ଡ୍ରାଇଭ, ଗଞ୍ଜାମ ଜିଲାର ଗୋପାଳପୁର, ବାଲେଶ୍ୱର ଜିଲା ତାଳସାରି-ଉଦୟପୁର ଏବଂ ଚାନ୍ଦିପୁର, ଜଗତ୍‌ସିଂହପୁର ଜିଲାର ପାରାଦୀପ ଏବଂ ଗଞ୍ଜାମ ଜିଲାର ପାତି ସୋନାପୁର ବେଳାଭୂମିରେ ଏହି ବ୍ୟବସ୍ଥା କରାଯିବ। ଉକ୍ତ ବେଳାଭୂମିରେ ନିର୍ମାଣ ହେବାକୁ ଥିବା ଝୁମ୍ପୁଡିରେ ମଦ ଦୋକାନ ରହିବ। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଲାଗି ଏହି ବ୍ୟବସ୍ଥା କରାଯିବ। ଯେଉଁମାନେ ସେହିଠାରେ ବସି ମଦ ପିଇ ଖାଇବେ ସେମାନଙ୍କୁ ମଦ ମିଳିବ ବୋଲି ସରକାରଙ୍କ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ସୁରକ୍ଷା ସ୍ଥିତି ସମୀକ୍ଷା କଲେ ଡିଜିପି

**ପୁରୀ ଅଫିସ,୧୧।୭**

**ଶୃଙ୍ଖଳିତ ରଥଯାତ୍ରାକୁ ଗୁରୁତ୍ୱ**

ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ରବିବାର ପୁରୀରେ ପହଞ୍ଚି ରଥଯାତ୍ରା ପାଇଁ ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର ଚାରିପାଖ ବୁଲି ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି। ସେହିପରି ପୋଲିସ ପ୍ରଶାସନ ସହ ବୈଠକ କରି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଛନ୍ତି। ପରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ଡିଜି ଅଭୟ କହିଛନ୍ତି, ଘୋଷଯାତ୍ରା ଲାଗି ପୋଲିସ ଅଧିକାରୀମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ ହୋଇଛି ଓ ସମସ୍ତେ ନିଜ ଦାୟିତ୍ୱ ତୁଲାଇବା ପାଇଁ ପ୍ରସ୍ତୁତ ରହିଛନ୍ତି। କଟକଣା ପାଳନ କରାଇବା ପାଇଁ ଥିବା ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ହୋଇସାରିଛି। ପୋଲିସ ଟିମ୍ ନିଜ ନିଜ ସ୍ଥାନରେ ରହି ସୁରକ୍ଷା ଦାୟିତ୍ୱ ତୁଲାଇବେ। ଦାୟିତ୍ୱରେ ଥିବା ଅତିରିକ୍ତ ଏସ୍‌ପି, ଡିଏସ୍‌ପି ଓ ପୋଲିସ ଅଧିକାରୀମାନଙ୍କୁ ଏସ୍‌ପିଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଛି। ସାଧାରଣ ଲୋକଙ୍କ ଜରୁରୀକାଳୀନ ସ୍ୱାସ୍ଥ୍ୟ ସମସ୍ୟା ସମୟରେ ଯେପରି ପୋଲିସ ପକ୍ଷରୁ କୌଣସି ସମସ୍ୟା ନ ହୁଏ ସେଥିଲାଗି ଧ୍ୟାନ ଦେବା ଲାଗି ପରାମର୍ଶ ଦିଆଯାଇଛି। ଗଳିକନ୍ଦିରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇବା, ସିସିଟିଭିକୁ ଠିକ ଭାବେ ପରିଚାଳନା କରିବା ଓ କଡ଼ାକଡ଼ି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପୁରୀ ସହରବାସୀ କଟକଣା ମାନନ୍ତୁ ଓ ସହଯୋଗ କରନ୍ତୁ ବୋଲି ଡିଜିପି ନିବେଦନ କରିଛନ୍ତି।


ପୋଲିସ ମହାନିର୍ଦ୍ଦେଶକ ଅଭୟ ରବିବାର ପୁରୀରେ ରଥଯାତ୍ରା ପୂର୍ବରୁ ସ୍ଥିତି ଦେଖୁଛନ୍ତି।



ରଥଯାତ୍ରା ଅବ୍ୟବହିତ ପୂର୍ବରୁ ରବିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ନିକଟରେ ଶିଳ୍ପୀ ସୁବଳ ମହାରଣାଙ୍କ ଦ୍ୱାରା ବାଲୁକା କଳା।

## ସଂକ୍ଷେପରେ

### ନବଜାତକଙ୍କ ସହ ଘରକୁ ଫେରିଲେ ମା'
#### ଟ୍ରେନରେ ପ୍ରସବ ଘଟଣା

**ଭୁବନେଶ୍ୱର,୧୧।୭ (ବ୍ୟୁରୋ):** ଟ୍ରେନରେ ଜନ୍ମ ହୋଇଥିବା ଶିଶୁପୁତ୍ର ସହ ମା' ସୁସ୍ଥ ହେବାପରେ ରବିବାର ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି। ଏହାପରେ ରେଳପଥ କର୍ତ୍ତୃପକ୍ଷ ଓ ଆର୍‌ପିଏଫ ସହଯୋଗରେ ସେମାନଙ୍କୁ ଗନ୍ତବ୍ୟ ସ୍ଥଳକୁ ପଠାଇ ଦେଇଛନ୍ତି। ସୂଚନା ମୁତାବକ, ଆସାମର ଆଇସା ଖାତୁନ ଶାଶୁଙ୍କ ସହ ଶନିବାର ସ୍ୱାମୀଙ୍କ ପାଖକୁ ହାୱଡ଼ା ଯଶବନ୍ତପୁର ଟ୍ରେନରେ ବେଙ୍ଗାଲୁର ଯାଉଥିଲେ। ବାଟରେ ପ୍ରସବକାଳୀନ କଷ୍ଟ ଅନୁଭବ କରିବାରୁ ଭୁବନେଶ୍ୱର ଷ୍ଟେସନରେ ଟ୍ରେନ ଅଟକିଥିଲା। ଅପରାହ୍ନ ୪ଟା ୪୪ରେ ସେ ଟ୍ରେନରେ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଆର୍‌ପିଏଫ ଓ ଡାକ୍ତରୀ ଟିମ ସହଯୋଗରେ ତାଙ୍କୁ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରବିବାର ଖାତୁନ ଓ ନବଜାତ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଠିକ୍ ହୋଇଥିବାରୁ ସେମାନେ ବେଙ୍ଗାଲୁର ଯିବାକୁ ବାହାରିଥିଲେ। ରେଲୱେ ପକ୍ଷରୁ ସେମାନଙ୍କୁ ତତ୍କାଳ ଟିକେଟ, ଶିଶୁ ଓ ମା' ପାଇଁ ଆବଶ୍ୟକ ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗଇ ଦିଆଯାଇଥିଲା।

### 'ଭକ୍ତିପୂତ ଶ୍ରଦ୍ଧାଞ୍ଜଳି'ରେ ମହାପ୍ରଭୁଙ୍କୁ ପ୍ରାର୍ଥନା

**ଭୁବନେଶ୍ୱର, ୧୧।୭(ବ୍ୟୁରୋ) :** ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ପୁରାତନ ଭଜନ ମାଳା କାର୍ଯ୍ୟକ୍ରମ 'ଭକ୍ତିପୂତ ଶ୍ରଦ୍ଧାଞ୍ଜଳି' କାର୍ଯ୍ୟକ୍ରମ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ପ୍ରତିଷ୍ଠାତା ସଭାପତି ଗୋପୀନାଥ ମହାନ୍ତିଙ୍କ ସ୍ମୃତିରେ ଆୟୋଜିତ ଏହି ଭଜନ କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କୁ ପ୍ରାର୍ଥନା କରିବା ସହ ଜଗନ୍ନାଥଙ୍କ ପୁରାତନ ଭଜନ ପରିବେଷଣ କରିଥିବା ପ୍ରସିଦ୍ଧ ଗାୟକ ଓ ଗାୟିକାଙ୍କୁ ମନେପକାଇବା ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ପରିଷଦ ଉପଦେଷ୍ଟା ବାଳକୃଷ୍ଣ ପଣ୍ଡା, ରବିନାରାୟଣ ମିଶ୍ର, ସମ୍ପାଦକ ନାରାୟଣ ମହାପାତ୍ର, ଯୁଗ୍ମ ସମ୍ପାଦକ ଅଜୟ ହରିଚନ୍ଦନ, କୋଷାଧ୍ୟକ୍ଷ ଅଖିଳ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ଡ. ହରପ୍ରସନ୍ନ ଦାସ ସଭାପତିତ୍ୱ ଓ ପ୍ରଭାତ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ପରିଷଦର ୧୫ଜଣ କଳାକାର ଭଜନ ପରିବେଷଣ କରିଥିଲେ।

### କଟକରୁ ସ୍ଥାନାନ୍ତର ନ ହେଉ ଫିଲାଟେଲିକ୍ ବ୍ୟୁରୋ କାର୍ଯ୍ୟାଳୟ

**କଟକ ଅଫିସ, ୧୧।୭:** ଓଡ଼ିଶାର ପ୍ରାଚୀନ ତଥା ପ୍ରଥମ ଫିଲାଟେଲିକ୍ ବ୍ୟୁରୋ କାର୍ଯ୍ୟାଳୟକୁ କଟକରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯିବ। ଏନେଇ ଡାକବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାଦ୍ୱାରା କଟକକୁ ଅମର୍ଯ୍ୟାଦା କରାଯାଉଛି ବୋଲି କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ରବିବାର ପ୍ରେସ୍ ବିବୃତ୍ତି କୁହାଯାଇଛି। ଏ ନେଇ ମହାସଭା ସଭାପତି ରବି ରଞ୍ଜନ ସାହୁ କହିଛନ୍ତି, କଟକକୁ ଶ୍ରୀହୀନ କରିବା ପାଇଁ ପ୍ରୟାସ କରାଯାଉଛି। ରାଜ୍ୟର ପ୍ରଥମ ଫିଲାଟେଲିକ୍ ବ୍ୟୁରୋ କଟକରୁ ସ୍ଥାନାନ୍ତର କରାଯିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। କଟକର ଐତିହାସିକ ଗରିମା ଓ ସାଂସ୍କୃତିକ ବିଭବକୁ ଦୃଷ୍ଟିରେ ରଖି ଫିଲାଟେଲିକ୍ ବ୍ୟୁରୋକୁ ଏଠାରୁ ସ୍ଥାନାନ୍ତର ନ କରିବା ପାଇଁ ସାହୁ ଦାବି କରିଛନ୍ତି।

# ଠକେଇ ଟଙ୍କା ଫେରି ପାଇବାକୁ ଅପହରଣ

ଭୁବନେଶ୍ୱର (ବ୍ୟୁରୋ)/ବାରଙ୍ଗ, ୧୧।୭ (ଡି.ଏନ୍.ଏ.)

## ୨ ଅପହରଣକାରୀଙ୍କ ସହ ଅପହୃତ ଗିରଫ

- ପୋଲିସ ଚାକିରି ଆଳରେ ୫.୫ ଲକ୍ଷ ଠକିଥିଲେ ସଦାନନ୍ଦ
- ମୁଣ୍ଡ ଜାମିନ ରଖି ସାଢ଼େ ୩ଲକ୍ଷ ଦାବି କରିଥିଲେ ଦୁଇ ଅପହର୍ତ୍ତା



ଗିରଫ ୨ ଅପହରଣକାରୀ | ଗିରଫ ସଦାନନ୍ଦ ବେହେରା

ରାଜଧାନୀରୁ ଅପହୃତ ଜଣେ ଯୁବକଙ୍କୁ କମିଶନରେଟ ପୋଲିସ ରବିବାର ଖୋର୍ଦ୍ଧାରୁ ଉଦ୍ଧାର କରିଛି। ଏଥିସହ ଦୁଇ ଅପହରଣକାରୀ ଓ ଅପହୃତ ଯୁବକଙ୍କୁ ଗିରଫ କରି ପୂରା ଘଟଣାର ରହସ୍ୟ ଉନ୍ମୋଚନ କରିଛି। ଗିରଫ ଦୁଇ ଅପହରଣକାରୀ ହେଲେ ପୁରୀ ଜିଲା ବଳଙ୍ଗା ଅଞ୍ଚଳର ପ୍ରମୋଦ କୁମାର ମହାନ୍ତି(୩୨) ଓ ନୟାଗଡ଼ ଜିଲାର ସନ୍ତୋଷ ପଟ୍ଟନାୟକ ଓରଫ କାଳିଆ (୩୨)। ସେହିଭଳି ଉଦ୍ଧାର ପରେ ଠକେଇ ଅଭିଯୋଗରେ ଗିରଫ ହୋଇଥିବା ଅପହୃତ ଜଣକ ହେଲେ ଖୋର୍ଦ୍ଧା ବେଗୁନିଆର ସଦାନନ୍ଦ ବେହେରା। ସଦାନନ୍ଦ ପୋଲିସ ଚାକିରି କରାଇଦେବା ଆଳରେ ଲକ୍ଷାଧିକ ଟଙ୍କା ଠକିଥିବାବେଳେ ଟଙ୍କା ଫେରିପାଇବାକୁ ସେମାନେ ଅପହରଣ କରିଥିବା ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ଏନେଇ ଚନ୍ଦକା ଥାନା ପୋଲିସ ପୃଥକ ଦୁଇଟି ମାମଲା ରୁଜୁ କରି ସମସ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ସଦାନନ୍ଦ ଚନ୍ଦକା ଥାନା ଅଞ୍ଚଳର ଏକ ବଜାରରୁ ସ୍କୁଟିରେ ଫେରୁଥିଲେ। ଏହି ସମୟରେ ପ୍ରମୋଦ ଓ ସନ୍ତୋଷ ଏକ କାର୍‌ରେ ଆସି ତାଙ୍କ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲେ। ସଦାନନ୍ଦ ପଡ଼ିଯିବା ପରେ ସେମାନେ ତାଙ୍କୁ କାର୍‌ରେ ଅପହରଣ କରିନେଇ ଖୋର୍ଦ୍ଧାରେ ମୁଣ୍ଡ ଜାମିନ ରଖିଥିଲେ। ପରେ ସଦାନନ୍ଦଙ୍କ ସ୍ତ୍ରୀଙ୍କୁ ଫୋନ୍ କରି ସାଢେ ୩ଲକ୍ଷ ଟଙ୍କା ମାଗିବା ସହ ନ ମିଳିଲେ ସ୍ୱାମୀଙ୍କ କଥା ଭୁଲିଯିବାକୁ ଧମକ ଦେଇଥିଲେ। ଏନେଇ ସଦାନନ୍ଦଙ୍କ ସ୍ତ୍ରୀ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ଡିସିପିଙ୍କ ନିର୍ଦ୍ଦେଶକ୍ରମେ ଚନ୍ଦକା ଥାନା ପୋଲିସ ଓ ସ୍ପେଶାଲ୍ ସ୍କ୍ୱାଡ୍‌କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଅପହରଣକାରୀଙ୍କ ଫୋନ୍‌କୁ ଟ୍ରାକ୍ କରି ଖୋର୍ଦ୍ଧାର ଏକ ଫାର୍ମ ହାଉସରେ ଚଢାଉ କରି ସଦାନନ୍ଦଙ୍କୁ ଉଦ୍ଧାର କରିବା ସହ ପ୍ରମୋଦ ଓ ସନ୍ତୋଷଙ୍କୁ ଗିରଫ କରିଥିଲା। ତେବେ ଅପହରଣକାରୀଙ୍କୁ ଗିରଫ ପରେ ଆଉଏକ ଘଟଣା ସାମ୍ନାକୁ ଆସିଥିଲା। ସଦାନନ୍ଦ ପାତ୍ରପଡ଼ା ଅଞ୍ଚଳରେ ରହୁଥିବାବେଳେ ସନ୍ତୋଷଙ୍କ ମାମୁଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ସଦାନନ୍ଦ ନିଜକୁ ଜଣେ ଅବସରପ୍ରାପ୍ତ ଶିକ୍ଷକ ପରିଚୟ ଦେବା ସହ ତାଙ୍କର ବଡ଼ ବଡ଼ ଅଫିସ୍‌ରେ ହାତ ରହିଥିବା କହିଥିଲେ। ଏପରିକି କେତେଜଣଙ୍କୁ ବ୍ଲକ ସ୍ତରରେ ଚାକିରି କରାଇ ଦେଇଥିବା କହି ପ୍ରଥମେ ବିଶ୍ୱାସ ଜନ୍ମାଇଥିଲେ। ପରବର୍ତ୍ତୀ ସମୟରେ ପୋଲିସ ବିଭାଗରେ ଭଣଜା ସନ୍ତୋଷ ଓ ତାଙ୍କ ସାଙ୍ଗ ପ୍ରମୋଦଙ୍କୁ ଚାକିରି କରାଇଦେବେ କହି ସାଢେ ୫ଲକ୍ଷ ଟଙ୍କା ନେଇଥିଲେ। ହେଲେ ସେ ଚାକିରି କରାଇ ପାରି ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ତେଣୁ ଟଙ୍କା ଫେରିପାଇବା ପାଇଁ ସେମାନେ ସଦାନନ୍ଦଙ୍କୁ ଅପହରଣ କରିଥିଲେ ବୋଲି ଅଭିଯୁକ୍ତ ଦ୍ୱୟ ପୋଲିସ ଆଗରେ କହିଥିଲେ। ସେମାନଙ୍କ ବୟାନ ଆଧାରରେ ସଦାନନ୍ଦଙ୍କୁ ପଚରାଉଚରା କରି ସତ୍ୟାସତ୍ୟ ଜଣାପଡିବା ପରେ ତାଙ୍କ ବିରୋଧରେ ଠକେଇ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତେବେ ସଦାନନ୍ଦ ଆହୁରି ଅନେକ ଲୋକଙ୍କୁ ଠକିଥିବା ନେଇ ସୂଚନା ମିଳିଥିବାରୁ ଅଧିକ ତଦନ୍ତ ଚାଲିଥିବା ଏସିପି ପ୍ରକାଶ ଚନ୍ଦ୍ର ପାଲ୍ କହିଛନ୍ତି।

## ଏ ବର୍ଷ ଆଣ୍ଡାମାନରେ ହେବନି ରଥଯାତ୍ରା



ପୋର୍ଟବ୍ଲେୟାର ଜଗନ୍ନାଥ ମନ୍ଦିରରେ ପୂଜା ପାଉଥିବା ତିନି ଠାକୁର।

ଭୁବନେଶ୍ୱର,୧୧।୭(ବ୍ୟୁରୋ)

ଆଣ୍ଡାମାନ ନିକୋବରର ରାଜଧାନୀ ପୋର୍ଟବ୍ଲେୟାରଠାରେ ପ୍ରତିବର୍ଷ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ତେବେ ଗତବର୍ଷ ପରି ଚଳିତବର୍ଷ ମଧ୍ୟ କରୋନା କଟକଣା ପାଇଁ ରଥଯାତ୍ରା ହେବ ନାହିଁ। କେବଳ ପରମ୍ପରା ରକ୍ଷା ପାଇଁ ନୀତି ସମ୍ପନ୍ନ ହେବ। ସେହିପରି ଠାକୁରଙ୍କ ଯାତ୍ରା ପୂର୍ବରୁ ସେହି ରଥରେ ଓଡ଼ିଶାର ନିମାପଡ଼ା ଠାକୁରପାଟଣା ମଠର ମହନ୍ତ ତଥା ପୁରୁଣା ଭୁବନେଶ୍ୱରର ଅଧିବାସୀ ଆଣ୍ଡାମାନ ଏକ୍ସପ୍ରେସ୍‌ର ମୁଖ୍ୟ ପରିଚାଳକ ଗଦାଧର ଦାସ ଗୋସ୍ୱାମୀ ଛେରାପହଁରା କରନ୍ତି। ତେବେ ଚଳିତବର୍ଷ ସରକାରଙ୍କ କୋଭିଡ୍ କଟକଣା ମାନି ଗଦାଧର ସେଠାକୁ ଯିବେ ନାହିଁ ବୋଲି ଆୟୋଜକ ଆଣ୍ଡାମାନ ଉତ୍କଳ ସମାଜର ସଭ୍ୟ ବିଜୟ କୁମାର ଜେନା ଓ ସରୋଜ ଦାସ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଉତ୍କଳ ସମାଜ ପକ୍ଷରୁ ଓଡ଼ିଆଙ୍କ ଦ୍ୱାରା ପ୍ରତିବର୍ଷ ସେଠାରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଶ୍ରୀଜୀଉ ମନ୍ଦିରରୁ ବାହାରି ରଥରେ ସହର ପରିକ୍ରମା କରି ରାଜସ୍ଥାନ ମନ୍ଦିର ନିକଟ ଜଗନ୍ନାଥ ମନ୍ଦିରକୁ ଫେରିଥାନ୍ତି।



ପୁରୀ ରେଲୱେ କଲୋନୀର ବିବେକ ନାୟକଙ୍କ ଦ୍ୱାରା ଅରୁଆ ଚାଉଳ ଓ ପତ୍ରରେ ପ୍ରସ୍ତୁତ କୁଞ୍ଜ ଏବଂ ଚନ୍ଦନ କାଠରେ ନିର୍ମିତ ୩ ଇଞ୍ଚର ରଥ।

## ଯୁବକଙ୍କୁ ହତ୍ୟାକରି ଫିଙ୍ଗିଦେଲେ

ନିମାପଡ଼ା,୧୧।୭(ଡି.ଏନ୍.ଏ.)

ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତାର ରଟିଲୋ ଛକ ନିକଟ ଏକ ଅର୍ଦ୍ଧନିର୍ମିତ ବ୍ରିଜ୍ ପାଖ ପାଣି ଖାଲରୁ ରବିବାର ନିମାପଡ଼ା ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ହେଲେ ନିମାପଡ଼ା ଏନ୍ଏସି ଅଧୀନ ପାଟପୁର ଦକ୍ଷିଣ ଭୋଇସାହି ଗ୍ରାମର ବିଷ୍ଣୁ ଭୋଇ(୨୩)। ଏଥିସହ ପୋଲିସ ଏକ ବାଇକ୍(ଓଆର ୦୨ବିଜେଡ୍ ୬୦୭୮) ଜବତ କରିଛି। ଅନ୍ୟପଟେ ବିଷ୍ଣୁଙ୍କୁ ହତ୍ୟା କରାଯାଇ ଏଠାରେ ଫିଙ୍ଗି ଦିଆଯାଇଛି ବୋଲି ବାପା ବଳରାମ ଭୋଇ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଦଫା ୩୦୨, ୩୪ରେ ହତ୍ୟା ମାମଲା(ନଂ.୨୪୮/୨୧)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବିଷ୍ଣୁ ଏହି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଏକବର୍ଷ ହେବ ଭଲ ପାଉଥିଲେ। ସେମାନଙ୍କ ମଧ୍ୟରେ ସମ୍ପର୍କ ଥିବାରୁ ବିବାହ ପାଇଁ ନିଷ୍ପତ୍ତି ହୋଇଥିଲା। ଶନିବାର ରାତିରେ ବିଷ୍ଣୁ ସମ୍ପୃକ୍ତ ଯୁବତୀଙ୍କ ଘରକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ରବିବାର ପାଣିଖାଲରେ ତାଙ୍କ ମୃତଦେହ ପଡ଼ିଥିବା ପରିବାର ଲୋକେ ଖବରପାଇଥିଲେ। ଯୁବତୀଙ୍କ ଘର ଲୋକେ ତାଙ୍କ ପୁଅକୁ ହତ୍ୟା କରି ଏଠାରେ ଫିଙ୍ଗିଦେଇଛନ୍ତି ବୋଲି ବଳରାମ ସନ୍ଦେହ କରୁଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୁରୀରୁ ସାଇଣ୍ଟିଫିକ ଟିମ୍ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛନ୍ତି।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା

ପୁରୁଣା ଭୁବନେଶ୍ୱର,୧୧।୭ (ଡି.ଏନ୍.ଏ.)

ଭୀମଟାଙ୍ଗୀ ଫେଜ-୧ରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ହୋଇଯାଇଛି। ଲିମ୍ବକାଠରେ ତିନି ଠାକୁରଙ୍କ ବିଗ୍ରହ ସ୍ଥାପନ କରାଯାଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଓଡ଼ିଶା ମୋ ପରିବାର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ଉପସ୍ଥିତ ଥିଲେ। କେଳୁଚରଣ ପାହାଡ଼ସିଂ, ସନତ ମିଶ୍ର, ମାନସ ପଟ୍ଟନାୟକ, ବୀଣାପାଣି ବାଇତୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/21-22/E-Tender/34,ତା.08.07.2021ରିଖ
ଟେଣ୍ଡର ସଂ.e-tender-southkur-87-2021,ତା.02.07.2021ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଅରଗୁଳ(ARGL) ଷ୍ଟିଏଚ୍, ଧଉଳିମୁହାଣ(DLMH) ଷ୍ଟିଏଚ୍, ଗୋଲାବାଇ (GLBA) ଷ୍ଟିଏଚ୍, ମୁକ୍ତେଶ୍ୱର (MKTP) ଷ୍ଟିଏଚ୍ ଏବଂ ସୋଲାରୀ(SLZ) ଷ୍ଟିଏଚ୍ ଷ୍ଟେସନଗୁଡ଼ିକ ଠାରେ ପ୍ରଥମ ଫୁଟ୍ ଓଭର ବ୍ରିଜ୍(FOB) ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 465.28 ଲକ୍ଷ, ଶେଷ ହେବା ଅବଧି : 12 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.07.2021 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଉଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-210/M/21-22

## ଡାକ୍ତର ପ୍ରେମାନନ୍ଦଙ୍କୁ 'ଗୋଲ୍ଡେନ୍ ଏମ୍ ଆୱାର୍ଡ'

ଭୁବନେଶ୍ୱର, ୧୧।୭ (ବ୍ୟୁରୋ)

ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବରିଷ୍ଠ ପେଟ ରୋଗ ଓ ଲାପାରୋସ୍କୋପି ସର୍ଜନ ଡା. ପ୍ରେମାନନ୍ଦ ପଟ୍ଟନାୟକଙ୍କୁ ଅନ୍ତର୍ଜାତୀୟ ସଂସ୍ଥା ବିଜ୍‌ନେସ୍ ସଲ୍ୟୁଶନ ପକ୍ଷରୁ 'ଗୋଲ୍ଡେନ୍ ଏମ୍ ଆୱାର୍ଡ' ମିଳିଛି। ଭର୍ଚୁଆଲରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡା. ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ (ଆଇଏମ୍ଏ)ର ସଭାପତି ଜୟନ୍ତ ଲେଲେ, ପୂର୍ବତନ ସଭାପତି ଡା. ଅରୁଲରାଜ୍ ଓ ଥାଇରୋକେୟାରର ପ୍ରତିଷ୍ଠାତା ବେଲୁମଣି ପ୍ରମୁଖ ଯୋଗଦେଇଥିଲେ। ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ କଣ୍ଢପୁର ଗ୍ରାମରେ ଜନ୍ମିତ ଡା. ପଟ୍ଟନାୟକ ଏବେ ହାଇଟେକ୍ ମେଡିକାଲ କଲେଜରେ ଗ୍ୟାଷ୍ଟ୍ରୋସାଇନ୍ସ ବିଭାଗର ନିର୍ଦ୍ଦେଶକ ଓ ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି।

### ଗରିବଙ୍କ ପାଇଁ ଆରମ୍ଭ କଲେ ଲାପାରୋସ୍କୋପି ସର୍ଜନ ମେଳା



ପବିତ୍ର ରଥଯାତ୍ରା ଉପଲକ୍ଷେ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ରବିବାରଠାରୁ ଡା. ପଟ୍ଟନାୟକଙ୍କ ଦ୍ୱାରା ଲାପାରୋସ୍କୋପି ସର୍ଜନ ମେଳା ଆରମ୍ଭ କରାଯାଇଛି। ଯେଉଁମାନଙ୍କ ପିତ୍ତସ୍ଥଳୀରେ ପଥର ରହିଛି ସେମାନେ ୮୯୮୪୦୭୨୮୧ ନମ୍ବରରେ ଯୋଗାଯୋଗ କରି ସ୍ୱଳ୍ପ ଖର୍ଚ୍ଚରେ ଏପରି ସର୍ଜରୀ କରିପାରିବେ ବୋଲି ସୂଚନା ଦିଆଯାଇଛି।

## ଦନ୍ତା ଆକ୍ରମଣରେ ବୃଦ୍ଧା ମୃତ

ଚୌଦ୍ୱାର,୧୧।୭(ଡି.ଏନ.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ମହିଷାଁଲଣ୍ଡା ଗ୍ରାମରେ ରବିବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସରୋଜିନୀ ଜେନା। ଭୋର ସମୟରେ ସେ ବାରିକୁ ଫୁଲ ଆଣିବାକୁ ଯାଇଥିବାବେଳେ ଦନ୍ତାହାତୀଟି ତାଙ୍କୁ ଦଳିଚକଟି ଦେଇଥିଲା। ପରିବାର ଲୋକେ ଏହା ଦେଖି ମଙ୍ଗରାଜପୁର ଫରେଷ୍ଟର ପୀତବାସ ମହାପାତ୍ରଙ୍କୁ ଜଣାଇଥିଲେ। ଫରେଷ୍ଟର ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସରୋଜିନୀଙ୍କୁ କଟକ ବଡ ଡାକ୍ତରଖାନା ପଠାଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଫରେଷ୍ଟର ମହାପାତ୍ରଙ୍କ କହିବାନୁଯାୟୀ, ହାତୀଟି ଶନିବାର ଚନ୍ଦକା ଜଙ୍ଗଲରୁ ପଳାଇଆସି ଶଙ୍କରପୁର ଗ୍ରାମ ନିକଟ କାଜୁ ଜଙ୍ଗଲରେ ରହିଥିଲା। ବିଳମ୍ବିତ ରାତିରେ ଏହି ଦନ୍ତା ମହିଁଷାଲଣ୍ଡା ଚାଲି ଆସି ଏଭଳି ଘଟଣା ଘଟାଇ ସ୍ଥାନୀୟ ଡମଣୀ ଜଙ୍ଗଲ ଅଭିମୁଖେ ପଳାଇ ଯାଇଛି। ସରୋଜିନୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ଅର୍ଥର ୧୦ ପ୍ରତିଶତ ଅର୍ଥାତ୍ ୪୦ହଜାର ଟଙ୍କାର ଏକ ଚେକ୍ ସରୋଜିନୀଙ୍କ ପରିବାର ଲୋକଙ୍କୁ ଦିଆଯାଇଛି। ଏଥିସହ ହାତୀର ଗତିବିଧି ଉପରେ କଡା ନଜର ରଖାଯାଇଥିବା ମହାପାତ୍ର କହିଛନ୍ତି।

**ODISHA JOINT ENTRANCE EXAMINATION-2021 (OJEE-2021)**

No: OJEE / 230 DATE : 09.07.2021

**NOTICE REGARDING EXTENSION OF LAST DATE OF APPLICATION**

No.h-11:-

The revised dates of the Odisha Joint Entrance Examination (OJEE – 2021) will be notified, on assessment of the situation, in another two weeks. Meanwhile, the last date for submission of online application forms for all the courses (Except B.Tech.) under OJEE 2021, which started with effect from 14.04.2021 and has been extended a number of times, is again extended up to 26.07.2021 (11.59 P.M.) and last date for fee payment up to 28.07.2021 (11.59 P.M.).

The interested candidates may kindly note that these dates are final and there will not be any more extension of these dates.

Sd./- CHAIRMAN, OJEE
Odisha

OIPR-14020/11/0005/2122

# ଏମ୍‌ସରେ ଆହତ ଯବାନଙ୍କୁ ଭେଟିଲେ ଡିଜିପି

## 'ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଛି'

ଭୁବନେଶ୍ୱର,୧୧।୭(ବ୍ୟୁରୋ)

କନ୍ଧମାଳ-ବୌଦ୍ଧ ସୀମାନ୍ତ ଉମା/ସମାଡ଼ଙ୍ଗୀ ଜଙ୍ଗଲରେ ଶନିବାର ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ଓଡିଶା ପୋଲିସର ୨ ଏସ୍‌ଓଜି କମାଣ୍ଡୋ ଆହତ ହୋଇଥିଲେ। ଆହତ ଯବାନ ଦ୍ୱୟଙ୍କୁ ପୋଲିସ ଡିଜି ଅଭୟ ଏୟାର ଲିଫ୍ଟ କରି ଭୁବନେଶ୍ୱର ଆଣିବା ପରେ ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ରବିବାର ଡିଜିପି ଏମ୍‌ସକୁ ଯାଇ ଚିକିତ୍ସାଧୀନ ଥିବା ଦୁଇ ଯବାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏଥିସହ ସେମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍ ସହ ଆଲୋଚନା କରିଛନ୍ତି। ଆହତ ଯବାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଥିବା ଡିଜିପି କହିଛନ୍ତି।

ସୂଚନାଯୋଗ୍ୟ, ଉମା ଜଙ୍ଗଲରେ ମାଓବାଦୀଙ୍କ ମେଳିନେଇ ଗୋଇନ୍ଦା ସୂଚନା ମିଳିବା ପରେ ଶୁକ୍ରବାର ରାତିରୁ ସୁରକ୍ଷାକର୍ମୀଙ୍କ ପକ୍ଷରୁ କନ୍ଧମାଳ ଜିଲା ଗୋଛାପଡ଼ା ଥାନା ଅଞ୍ଚଳର ଜଙ୍ଗଲରେ କୋମ୍ବିଂ ଅପରେଶନ ଆରମ୍ଭ କରାଯାଇଥିଲା। ଏଥିରେ ମାଓବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଦୀର୍ଘ ୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଗୁଳିବିନିମୟ ହୋଇଥିଲା। ଏହି ସମୟରେ ମାଓବାଦୀଙ୍କ ଗୁଳିରେ ୨ଜଣ ଏସ୍‌ଓଜି କମାଣ୍ଡୋ ଗୁରୁତର ଆହତ ହୋଇଥିଲେ। ତେବେ ଖରାପ ପାଗ ଯୋଗୁ ବାୟୁସେନା ହେଲିକପ୍ଟର ଆହତଙ୍କୁ ଉଦ୍ଧାର କରିବା ପାଇଁ ଆସିପାରି ନ ଥିଲା। ଏହା ଜାଣିବା ପରେ ବିଏସ୍‌ଏଫ୍ ହେଲିକପ୍ଟରରେ କୋରାପୁଟ-ମାଲକାନଗିରି ଗସ୍ତରେ ଯାଉଥିବା ଡିଜିପି ଅଭୟ ନିଜ ଗସ୍ତ ସ୍ଥଗିତ ରଖି ଆହତ ଯବାନଙ୍କୁ ଉଦ୍ଧାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପାଇଲଟ୍ ଭାବ ପଣ୍ଡିତ ବୌଦ୍ଧ ଘଣ୍ଟାପଡ଼ା ସ୍କୁଲ୍ ପଡ଼ିଆରେ ହେଲିକପ୍ଟରକୁ ଲ୍ୟାଣ୍ଡିଂ କରାଇବା ସହ ଆହତ ଯବାନଙ୍କୁ ସିଧା ଭୁବନେଶ୍ୱରକୁ ଏୟାର ଲିଫ୍ଟ କରିଥିଲେ।

## କ୍ୟାପ୍‌ଟେନ୍ ଭାବ ପଣ୍ଡିତ 'ହିରୋ ଅଫ୍ ରେସ୍‌କ୍ୟୁ'

ମାଓବାଦୀଙ୍କ ଗୁଳିରେ ଆହତ ଦୁଇ ଏସ୍‌ଓଜି କମାଣ୍ଡୋଙ୍କୁ ଶନିବାର ବିଏସ୍‌ଏଫ୍ ହେଲିକପ୍ଟରରେ ବୌଦ୍ଧରୁ ଭୁବନେଶ୍ୱରକୁ ଏୟାର ଲିଫ୍ଟ କରିଥିବା କ୍ୟାପଟେନ୍ ଭାବ ପଣ୍ଡିତ ଓ ତାଙ୍କ ଟିମ୍‌କୁ ପ୍ରଶଂସାର ସୁଅ ଛୁଟୁଛି। ଘଟଣା ଦିନ ଡିଜିପି ଅଭୟ ଧନ୍ୟବାଦ ଜଣାଇଥିବାବେଳେ ରବିବାର ଓଡ଼ିଶା ବିଏସ୍‌ଏଫ୍ ପକ୍ଷରୁ ପ୍ରଶଂସା କରାଯାଇଛି। ଆହତ ଯବାନଙ୍କୁ ଠିକ୍ ସମୟରେ ସୁରକ୍ଷିତ ଭାବେ ହସ୍ପିଟାଲରେ ପହଞ୍ଚାଇଥିବାରୁ ଓଡ଼ିଶା ବିଏସ୍‌ଏଫ୍ ଟୁଇଟ୍ ମାଧ୍ୟମରେ ପ୍ରଶଂସା କରିଛି। ଖରାପ ପାଗ ଯୋଗୁ ବାୟୁସେନାର ହେଲିକପ୍ଟର ଆସିପାରି ନ ଥିଲା। କିନ୍ତୁ ବିଏସ୍‌ଏଫ୍‌ର ପାଇଲଟ୍ କ୍ୟାପଟେନ ପଣ୍ଡିତ ସାହସର ସହ ପ୍ରତିକୂଳ ପରିସ୍ଥିତିରେ ସେଠାରେ ପହଞ୍ଚି ଏକ ଛୋଟ ପଡ଼ିଆରେ ହେଲିକପ୍ଟରକୁ ସୁରକ୍ଷିତ ଭାବେ ଲ୍ୟାଣ୍ଡିଂ କରାଇଥିଲେ। ପରେ ଆହତ ଯବାନଙ୍କୁ ସାଥିରେ ଧରି ଭୁବନେଶ୍ୱର




ଏୟାରପୋର୍ଟ ଆସିଥିଲେ। ସେଥିପାଇଁ ତାଙ୍କୁ 'ହିରୋ ଅଫ୍ ରେସ୍‌କ୍ୟୁ' ଆଖ୍ୟା ଦେଇଛି ଓଡ଼ିଶା ବିଏସ୍‌ଏଫ୍।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GALAXY TOWER COMPANY**



ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
7589604782
8004034927

**»»ଚମତ୍କାରକୁ ନମସ୍କାର««**



ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଲୀ
9520764524

**ବାବା ଅମିଲ୍ ସୁଫି**

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୨ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସୁସ୍ଥ ଶରୀର ଅନ୍ତରାଳେ

ଆମ ଶରୀରଟି ଜଳରେ ଗଢ଼ା ବୋଲି କହିଲେ କିଛି ଭୁଲ ହେବ ନାହିଁ। କାରଣ ଆମ ଶରୀର ଭିତରେ ଯେତେ ରକ୍ତ ପ୍ରବାହିତ ହେଉଛି, ତା'ର ଅଧାଅଧି ହେଉଛି କେବଳ ଜଳ। ତେଣୁ ଆମ ଶରୀର ଭିତରେ ଜଳର ପରିମାଣ ସବୁବେଳେ ସନ୍ତୁଳିତ ରହିବା ନିହାତି ଦରକାର। ଯଦି ଏଥିରେ ଅସନ୍ତୁଳନ ପରିଲକ୍ଷିତ ହେଲା, ତେବେ ଜଳୀୟ ଶୁଷ୍କତା ବ୍ୟତୀତ ଆଉ କେତେ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଉ। ତେଣୁ ପ୍ରତିଦିନ



ଆମେ ଆବଶ୍ୟକ ମୁତାବକ ଜଳ ପିଇବା ନିହାତି ଦରକାର। ଆମେ ପ୍ରତିଦିନ ଯେଉଁ ଖାଦ୍ୟ ଖାଉଛେ ତାହାକୁ ହଜମ କରିବାରେ ଜଳ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଜଳ ପିଇବା ବ୍ୟତୀତ ଚା, କଫି, ସରବତ, ଫଳରସ, ଡାଲି, ତରକାରି ତଥା ଅନ୍ୟାନ୍ୟ ଖାଦ୍ୟ ମାଧ୍ୟମରେ ଆମ ଶରୀର ଭିତରକୁ ଜଳ ପ୍ରବେଶ କରେ। ପ୍ରତ୍ୟେକ ସୁସ୍ଥ ବ୍ୟକ୍ତି ଦୈନିକ ୨-୩ ଲିଟର ବା ପାଖାପାଖି ଅଢ଼େଇ ଲିଟର ପାଣି ପିଇବା ଦରକାର। ଆମ ପ୍ରତ୍ୟେକଙ୍କ ମସ୍ତିଷ୍କରେ ରହିଛି ତୃଷାକେନ୍ଦ୍ର। ଶରୀରରେ ଜଳର ପରିମାଣ କମିଗଲେ ତୃଷାକେନ୍ଦ୍ର ଏହି ଖବରପାଇ ସଜାଗ ହୋଇଉଠେ। ଫଳରେ ଆମକୁ ଶୋଷକରେ ଏବଂ ଜଳ ପିଇଦେଲେ ଏହି ଖବର ତୃଷାକେନ୍ଦ୍ର ନିକଟରେ ପହଞ୍ଚି ତୃଷାକେନ୍ଦ୍ରକୁ ଶାନ୍ତ କରିଦିଏ ଏବଂ ଆମର ଶୋଷ ମେଣ୍ଟିଯାଏ।



## ହାଇଟେକ୍ ଡିଭାଇସ୍

ବର୍ତ୍ତମାନ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଘଟିଛି। ଅନେକ ରୋଗର କାରଣକୁ ସହଜରେ ନିରୂପଣ କରାଯାଇ ତାହାର ଠିକ୍‌ସମୟରେ ଚିକିତ୍ସା କରାଯାଇପାରୁଛି। ତା' ସହ ଦିନକୁ ଦିନ ନୂଆ ନୂଆ ଚିକିତ୍ସା ପ୍ରଣାଳୀ ଏବଂ ରୋଗର କାରଣ ଜାଣିବା ପାଇଁ ନୂତନ ଉପାୟ ଉଦ୍ଭାବିତ ହେଉଛି। ନିକଟରେ ଏହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ଏପରି ଏକ ହାଇଟେକ୍ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି, ଯାହାକୁ ଅନୁଧ୍ୟାନ କରି ରୋଗର କାରଣ ବିଷୟରେ ଜାଣିହେବ। ରୋଗୀ ବାହୁରେ ଏହାକୁ ବାନ୍ଧିବା ପରେ ତାହା ଦ୍ୱାରା ସଂଗୃହୀତ ତଥ୍ୟକୁ ବିଶ୍ଳେଷଣ କରି ରୋଗର କାରଣ ଜାଣି ହୋଇଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଅବସାଦ ଦୂର କରିବା ପାଇଁ..



ଅତ୍ୟଧିକ କାର୍ଯ୍ୟଚାପ ଓ କେତେକ ପାରିପାର୍ଶ୍ୱିକ ପରିସ୍ଥିତିର ବଶବର୍ତ୍ତୀ ହୋଇ ଅନେକେ ଅବସାଦଗ୍ରସ୍ତ ହୋଇଥାଆନ୍ତି। ଏହାର ପ୍ରଭାବ ମାନସିକତା ଉପରେ ପଡ଼ିଥାଏ। ଫଳରେ ସଂପୃକ୍ତ ବ୍ୟକ୍ତି କୌଣସି କାମକୁ ଠିକ୍ ଭାବରେ ସମ୍ପାଦନ କରିପାରି ନ ଥାଆନ୍ତି। ହେଲେ ଏହାଠାରୁ ନିଜକୁ ଦୂରେଇ ରଖିବା ଲାଗି ପ୍ରଥମେ ନିଜର ସାମର୍ଥ୍ୟ ଅନୁସାରେ କାମ କରନ୍ତୁ। କୌଣସି କଥାକୁ ନେଇ ଅଧିକ ଚିନ୍ତାଗ୍ରସ୍ତ ହୁଅନ୍ତୁ ନାହିଁ। ଯେତେସମ୍ଭବ ନିଜ ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଯେଉଁ କାର୍ଯ୍ୟ କରୁଛନ୍ତି, ସେ ନେଇ ନିଜକୁ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ। ମନ ପସନ୍ଦର ହାଲୁକା ସଙ୍ଗୀତ ଶୁଣନ୍ତୁ। ଯଦି ଅବସାଦକୁ ନେଇ ଅଧିକ ଚିନ୍ତିତ, ତେବେ ବିଳମ୍ବ ନ କରି ଅଭିଜ୍ଞ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

# ଯୋଗ କରୁଥିଲେ..

ଯୋଗ କରିବା ପୂର୍ବରୁ ଆମକୁ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ସବୁବେଳେ ଏକ ପ୍ରଦୂଷଣମୁକ୍ତ ପରିବେଶରେ ଯୋଗ କରନ୍ତୁ। ପାର୍କ ନ ଯାଇପାରିଲେ ନିଜ ଘରେ ବସି ଯୋଗ କରିପାରିବେ। ତେବେ କେଉଁ କେଉଁ ଯୋଗ ଆପଣ କରିପାରିବେ, ସେ ନେଇ ଯୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ପ୍ରତିଦିନ କେତେ ସମୟ ଯୋଗ କରିବେ ତାହା ପୂର୍ବରୁ ନିର୍ଦ୍ଧାରଣ କରନ୍ତୁ। ଯୋଗ କରିବା ସମୟରେ ଆଦୌ ଅନ୍ୟମନସ୍କ ହୁଅନ୍ତୁ ନାହିଁ। ଏହି ସମୟରେ ମନକୁ ଯୋଗରେ ହିଁ କେନ୍ଦ୍ରିତ ରଖନ୍ତୁ। ଏହାଫଳରେ ଆପଣ ଶାନ୍ତ ମନରେ ଯୋଗ



କରିପାରିବେ। ଯୋଗ ବିଷୟରେ ମନରେ କିଛି ଭ୍ରାନ୍ତ ଧାରଣା ଥିଲେ ତାହା ପ୍ରଥମେ ଦୂର କରନ୍ତୁ। ଯୋଗ ପାଇଁ କେତେକ ସାମଗ୍ରୀର ଆବଶ୍ୟକତା ରହିଛି। ତାହା ପ୍ରଥମେ ନିଜ ପାଖରେ ରଖନ୍ତୁ।

ସବୁଠାରୁ ବଡ଼ କଥା ହେଲା ନିୟମିତ ଯୋଗ କରନ୍ତୁ। ଯୋଗ କରିବା ସମୟରେ ନିଜକୁ ଆଉ କାହା ସହ ତୁଳନା କରନ୍ତୁ ନାହିଁ। ଏହି ସମୟରେ କରୁଥିବା ଯୋଗ ଉପରେ ମନକୁ ଦୃଢ଼ ରଖନ୍ତୁ।

## ଉପକାରୀ କଲରା

କଲରାରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ରକ୍ତରେ ସୁଗାର ପରିମାଣକୁ ସନ୍ତୁଳିତ ରଖିବା ଲାଗି ଏହା ସହାୟକ ହୋଇଥାଏ। ତେଣୁ ଜଣେ ଡାଇବେଟିସ ରୋଗୀ ଏହାକୁ ନିଜ ଖାଦ୍ୟ ତାଲିକାରେ ସାମିଲ କରିବା ଦରକାର। ନିୟମିତ କଲରା ଖାଇଲେ କିମ୍ବା ଏହାର ଜୁସ୍ ପିଇଲେ ତାହା କୋଲେଷ୍ଟରଲ ସ୍ତରକୁ ସନ୍ତୁଳିତ



ରଖିଥାଏ। ଏହା କେଶମୂଳକୁ ଦୃଢ଼ କରିବା ସହ ଚର୍ମରେ ଚମକ ଆଣେ। ପ୍ରତିଦିନ କଲରା ଖାଇଲେ ଲିଭର କାର୍ଯ୍ୟଦକ୍ଷତାକୁ ସକ୍ରିୟ କରାଇଥାଏ। ଏହାର ଆଉ ଏକ ଉପକାରୀ ଗୁଣ ମଧ୍ୟ ରହିଛି। କଲରା ଖାଇବା ଦ୍ୱାରା କିମ୍ବା ଏହାଦ୍ୱାରା ପ୍ରସ୍ତୁତ ଜୁସ୍ ପିଇବା ଫଳରେ ଓଜନ ସନ୍ତୁଳିତ ରହିଥାଏ। ବର୍ତ୍ତମାନ କରୋନା ମହାମାରୀ ଦ୍ୱାରା ସମଗ୍ର ବିଶ୍ୱ କବଳିତ। ଏହି ସମୟରେ ଆମର ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ କଲରା ସାମିଲ କରନ୍ତୁ। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି କ୍ରିୟାଶୀଳ କରାଇଥାଏ। ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ କଲରା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

# ବାୟୁରେ ଅମ୍ଳଜାନ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଭୂପୃଷ୍ଠର ପ୍ରାୟ ୭୧ ପ୍ରତିଶତ ଜଳ ଦ୍ୱାରା ଆଚ୍ଛାଦିତ। ଏହି ଜଳ ମଧ୍ୟରୁ ମହାସାଗରର ଭାଗ ହେଉଛି ଶତକଡ଼ା ୯୬.୫, ଯାହାକି ଲବଣାକ୍ତ ଏବଂ ଆମେ ପିଇବା ପାଇଁ ଅନୁପଯୋଗୀ। ଏହାକୁ ଆଖି ଆଗରେ ରଖି ପ୍ରସିଦ୍ଧ ବ୍ରିଟିଶ କବି ସାମୁଏଲ ଟେଲର (୧୭୭୨-୧୮୩୪) 'ଦି ରାଇମ୍ ଅଫ୍ ଆନ୍‌ସିଏଣ୍ଟ ମାରିନର' ନାମକ ବହି (୧୭୯୮)ରେ ମନ୍ତବ୍ୟ ଦେଇଛନ୍ତି, ''ୱାଟର୍ ୱାଟର ଏଭ୍ରିହୋୟର୍, ନଟ୍ ଏ ଡ୍ରପ୍ ଟୁ ଡ୍ରିଙ୍କ।'' ସମୁଦ୍ରରେ ଯାତ୍ରା କରୁଥିବା ଗୋଟିଏ ବିପଦଗ୍ରସ୍ତ ନାବିକର ଏହା ହେଉଛି ଖେଦୋକ୍ତି। ଅବଶ୍ୟ ଏହାକୁ ପାନୀୟ ଭାବେ ବ୍ୟବହାର କରିବାକୁ 'ରିଭର୍ସ ଆସମୋସିସ୍' ପ୍ରକ୍ରିୟା ସ୍ଥଳ ବିଶେଷରେ ଏବେ ଅବଲମ୍ବନ କରାଯାଉଛି; କିନ୍ତୁ ଏହା ଖୁବ୍ ବ୍ୟୟବହୁଳ।

ସେମିତି ଆମ ଶ୍ୱାସକ୍ରିୟା ପାଇଁ ଅପରିହାର୍ଯ୍ୟ ଅମ୍ଳଜାନ ଆମକୁ ଆଚ୍ଛାଦିତ କରି ରହିଥିବା ବାୟୁମଣ୍ଡଳରେ ପ୍ରାୟ ୨୧ ପ୍ରତିଶତ ରହିଛି। କିନ୍ତୁ ଆଧୁନିକ ଶିଳ୍ପ ସମୃଦ୍ଧ ଜୀବନ ଶୈଳୀ ଯୋଗୁ କିଛି ସ୍ଥାନରେ (ବିଶେଷ ଭାବେ ନଗର ଓ ସହରମାନଙ୍କରେ) ଏହା ପ୍ରଦୂଷିତ। ଏହାର ସେବନ ଆମକୁ ରୋଗାକ୍ରାନ୍ତ କରିଥାଏ।

ବିଶେଷଜ୍ଞଙ୍କ ମତରେ ବାୟୁ ପ୍ରଦୂଷଣ ଏକାଧିକ ସ୍ୱାସ୍ଥ୍ୟ ଜଟିଳତାର ସହାୟକ ହୋଇଥାଏ। ଯଥା: ହୃଦ୍‌ଘାତ, ବହୁମୂତ୍ର, ଉଚ୍ଚ ରକ୍ତଚାପ ଇତ୍ୟାଦି। ଯଦି ଜଣେ ବ୍ୟକ୍ତି ଏମିତି ସମସ୍ୟା ଦ୍ୱାରା ପୀଡ଼ିତ ହୋଇଥାଏ, ତେବେ କରୋନା-ଭୂତାଣୁର ସଂକ୍ରମଣତା କ୍ଷେତ୍ରରେ ଅଧିକ ସାଂଘାତିକ ହେବ। ଏପରିକି ଏହା ପ୍ରାଣ ଘାତକ ହେବା ସମ୍ଭାବନା ରହିବ। ଜିଓଉ, ରାଚେଲ ନେଥେରି ଓ ରାଚେଲ ନେଥେରିଙ୍କ ଏକ ଅନୁଧ୍ୟାନ ହାର୍ଭାର୍ଡ ଟି.ଏଚ. ଚାନ ସ୍କୁଲ ଅଫ୍ ପବ୍ଲିକ ହେଲ୍‌ଥ ତରଫରୁ କରାଯାଇଥିଲା। ଯଦି କ୍ୟୁବିକ୍ ମିଟର ପିଛା ଏକ ମାଇକ୍ରୋଗ୍ରାମ ପ୍ରଦୂଷଣକାରୀ ଦ୍ରବ୍ୟର ବୃଦ୍ଧି ଘଟେ ଏବଂ ଏହି ବାୟୁ ଦୀର୍ଘଦିନ ଆମ ଶ୍ୱାସକ୍ରିୟାରେ ବ୍ୟବହୃତ ହୁଏ, ତେବେ କୋଭିଡ୍-୧୯ ଦ୍ୱାରା ଆକ୍ରାନ୍ତ ହେବା ଆଶଙ୍କା ଶତକଡ଼ା ଏଗାର ଭାଗ ବୃଦ୍ଧି ଘଟେ। ପ୍ରକାଶ ଥାଉ କି, ଯୁକ୍ତରାଷ୍ଟ୍ରରେ ଏହି ପ୍ରଦୂଷଣର ମାତ୍ରା କ୍ୟୁବିକ୍ ମିଟର ପିଛା ୮ ମାଇକ୍ରୋଗ୍ରାମ। ୨୦୨୦ରେ ସଂଗୃହୀତ ତଥ୍ୟାନୁସାରେ ବିଶ୍ୱର ସର୍ବାଧିକ ପ୍ରଦୂଷିତ ତିରିଶଟି ସହର ମଧ୍ୟରେ କେବଳ ଭାରତରେ ୨୧ଟି ରହିଛି। ଆମ ଦେଶର ପ୍ରାୟ ୧୪୦ ନିୟୁତ ବ୍ୟକ୍ତି ଏହି ପ୍ରଦୂଷିତ ବାୟୁରେ ଚଳପ୍ରଚଳ ହେଉଛନ୍ତି। ବାର୍ଷିକ ପ୍ରାୟ ଦୁଇ ନିୟୁତ ବ୍ୟକ୍ତିଙ୍କ ମୃତ୍ୟୁ ପଛର ଏହା ହେଉଛି ଏକ ପ୍ରମୁଖ କାରଣ। ଗୃହନିର୍ମାଣ, ଯାନବାହନ, ଡିଜେଲ ଜେନେରେଟର, ଶିଳ୍ପ, ରନ୍ଧନଶାଳା ଓ ବର୍ଜ୍ୟବସ୍ତୁ ଦହନ ଏଥିପାଇଁ ମୁଖ୍ୟତଃ ଦାୟୀ।

ସାମ୍ପ୍ରତିକ ମହାମାରୀ କାଳରେ ଏହାର ପରୋକ୍ଷ ପ୍ରଭାବ ଆକ୍ରାନ୍ତଙ୍କ ଉପରେ



**ଆମ ଶ୍ୱାସକ୍ରିୟା ପାଇଁ ଅପରିହାର୍ଯ୍ୟ ଅମ୍ଳଜାନ ଆମକୁ ଆଚ୍ଛାଦିତ କରି ରହିଥିବା ବାୟୁମଣ୍ଡଳରେ ପ୍ରାୟ ୨୧ ପ୍ରତିଶତ ରହିଛି। କିନ୍ତୁ ଆଧୁନିକ ଶିଳ୍ପ ସମୃଦ୍ଧ ଜୀବନ ଶୈଳୀ ଯୋଗୁ କିଛି ସ୍ଥାନରେ ଏହା ପ୍ରଦୂଷିତ। ଏହାର ସେବନ ରୋଗାକ୍ରାନ୍ତ କରିଦେଉଛି...**





ପଡ଼ିଥାଏ। ସେମାନଙ୍କ ଆରୋଗ୍ୟ ପାଇଁ ଉପଲବ୍ଧ ବାୟୁ ଅନୁପଯୁକ୍ତ, ଅପେକ୍ଷାକୃତ ଶୁଦ୍ଧ ମେଡିକାଲ-ଅକ୍ସିଜେନ ଅତ୍ୟାବଶ୍ୟକ।

ସମ୍ପୂର୍ଣ୍ଣ ଟିକାକରଣ ସମୟସାପେକ୍ଷ। ପୁଣି ଏହା କାର୍ଯ୍ୟକାରୀ ହୋଇସାରିବା ସତ୍ତ୍ୱେ କୋଭିଡ୍‌ର ତୃତୀୟ ଲହର ଆସିବା ସମ୍ଭାବନା ରହିଛି। ଏହାର ବ୍ୟାପକତା ରୋକିବାକୁ ଏକ ଅମୋଘ ଅସ୍ତ୍ର ହେଉଛି କୋଭିଡ କଟକଣାଗୁଡିକୁ ଅକ୍ଷରେ ଅକ୍ଷରେ ପାଳନ କରିବା। ଦ୍ୱିତୀୟ ଲହର ପ୍ରଶମିତ ହେବା ପରେ ମଧ୍ୟ ଏଥିପ୍ରତି ସାବଧାନ ରହିବା ଆବଶ୍ୟକ; କାରଣ କରୋନା ଭୂତାଣୁର ସ୍ୱଭାବ ରହସ୍ୟଜନକ ଏବଂ କେଉଁ ରୂପରେ ଏହାର ପୁନଃ ଆବିର୍ଭାବ ହେବ, ତାହା ଗବେଷକମାନେ ମଧ୍ୟ ଅଦ୍ୟାବଧି ଜାଣିପାରିନାହାନ୍ତି।

ତଥାପି ବୈଜ୍ଞାନିକ ଓ ଗବେଷକଙ୍କ ଅଦମ୍ୟ ଚେଷ୍ଟା ବଳରେ ଏହି ମହାମାରୀ ବିଶ୍ୱରୁ ସମ୍ପୂର୍ଣ୍ଣ ଲୋପ ନ ପାଇଲେ ମଧ୍ୟ ହଇଜା, ବସନ୍ତ ପରି ଦିନେ ପୃଥିବୀକୁ ଭୀତତ୍ରସ୍ତ କରି ରଖିଥିବା ସଂକ୍ରମଣର ପ୍ରକୋପ ଯଥେଷ୍ଟ ହ୍ରାସ ପାଇବ ଏବଂ ସାଧାରଣ ସ୍ତରକୁ ଖସିଯିବା ଆଶା କରାଯାଇପାରିବ। ସମ୍ପ୍ରତି ଯୁକ୍ତରାଷ୍ଟ୍ରରେ ମାସ୍କର ବାଧ୍ୟତାମୂଳକ ବ୍ୟବହାର ପ୍ରତି ଯେମିତି କୋହଳ ନୀତି ପ୍ରଣୟନ କରାଯାଇଛି, ଏହା ଏହି ସଂକ୍ରମଣର ଭୟାବହତାକୁ ଆୟତ୍ତ କରାଯାଇପାରିଥିବା ପରି ଏକ ଉତ୍ସାହଜନକ ସୂଚନା।

କରୋନାର ଭୟ କମିଯିବା ପରେ ଆମେ ନିଶ୍ଚିତ ରହିପାରିବା ନାହିଁ। ଏହା ଆମକୁ ଯେଉଁ ଶିକ୍ଷା ଦେଇଛି, ସେଇ ଅନୁସାରେ ଆମକୁ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଡ଼ିବ। ଏଥିମଧ୍ୟରୁ ଗୋଟିଏ ହେଉଛି ଅମ୍ଳଜାନର ଅଭାବ ଦୂରୀକରଣ। ବିଶେଷ ଭାବେ ପ୍ରାକୃତିକ ଭାବେ ଅମ୍ଳଜାନ ବାୟୁରେ ଯେଉଁ ପରିମାଣରେ ଉପସ୍ଥିତ, ଏହା ସୁସ୍ଥ ମଣିଷର ଆବଶ୍ୟକତା ପୂରଣ କରିବା ପାଇଁ ଯଥେଷ୍ଟ। କିନ୍ତୁ ଆଧୁନିକ ଜୀବନରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିବେକହୀନ ନିର୍ବିଚାରରେ ଯେମିତି ପ୍ରୟୋଗମାନ କରାଯାଉଛି, ଏହା ପ୍ରକୃତିର ଭାରସାମ୍ୟକୁ ବିଗାଡ଼ିଦେଉଛି। ଉଦାହରଣ ଭାବେ ଗଛକୁ ବିଚାର କରାଯାଇପାରେ।

ଆମେ ଯଦି ଅତୀତକୁ ଫେରିଯିବା, ତେବେ ସ୍ପଷ୍ଟ ହେବ ଯେ ବହୁ ପୂର୍ବରୁ ଆମେ ବଡ଼ବଡ଼ ଗଛ ଉପରେ ଅତ୍ୟାଚାର ଆରମ୍ଭ କରିଦେଇଛେ। ଏହାର ଦୃଷ୍ଟାନ୍ତ ଆମ ଦେଶରେ ରେଳପଥର ପ୍ରତିଷ୍ଠା ଦିନରୁ ପରିଲକ୍ଷିତ ହେଉଛି। ୧୮୫୩ ମସିହାରେ ରେଳପଥ ନିର୍ମାଣର ପ୍ରାରମ୍ଭରୁ ପ୍ରାୟ ଶହେ ବର୍ଷ ମଧ୍ୟରେ ଯେଉଁ ଲକ୍ଷେ କିଲୋମିଟର ରେଳପଥ ପାଇଁ ଆବଶ୍ୟକ ସ୍ଲିପଟ ସକାଶେ ବ୍ୟବହୃତ ଶାଳକାଠ ଘଞ୍ଚ ଜଙ୍ଗଲରୁ ସଂଗୃହୀତ ହୋଇଥିଲା। ଫଳରେ ଅରଣ୍ୟ ଶ୍ରୀହୀନ ହୋଇଗଲା। ବୃକ୍ଷ ଆମକୁ ଶୁଦ୍ଧ ଅମ୍ଳଜାନ ଯୋଗାଇବା ପରି ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଥାଏ। ତେଣୁ ଏତାଦୃଶ ଜଙ୍ଗଲ କ୍ଷୟ ଓ ବୃକ୍ଷଶୂନ୍ୟତା ଆମ ଗମନାଗମନକୁ ବେଗଶୀଳ କଲେ ମଧ୍ୟ ଏହାର ପ୍ରତିକୂଳ ପ୍ରଭାବ ଆମକୁ ଭୋଗିବାକୁ ପଡ଼ିଲା। ପ୍ରକୃତିର ସନ୍ତୁଳନ ବିଘ୍ନିତ ହେଲା। ଅନ୍ୟ କାର୍ଯ୍ୟ ପାଇଁ ମଧ୍ୟ ଗଛକଟା ଅବ୍ୟାହତ ରହିଛି।

ପ୍ରକୃତିଦତ୍ତ ବୃକ୍ଷରାଜିରୁ ଆମେ ଯେଉଁ ଅମୂଲ୍ୟ ଅମ୍ଳଜାନ ପ୍ରାପ୍ତ କରୁଛେ, ତା'ର ବିଶ୍ଳେଷଣ ଓ ଉପାଦେୟତା ଉପସ୍ଥାପନ କରାଯାଇପାରେ। ଗୋଟିଏ ହିସାବରୁ ଜଣାଯାଏ ଯେ, ଦୈନିକ ୫୫୦ ଲିଟର ନିରୋଳା ଅମ୍ଳଜାନ ଜଣେ ସୁସ୍ଥ ବ୍ୟକ୍ତି ପାଇଁ ଦରକାର। ଅବଶ୍ୟ ବ୍ୟାୟାମ କରୁଥିବା ବ୍ୟକ୍ତି ପାଇଁ ଏହାର ପରିମାଣ ଅଧିକ। (କ୍ରମଶଃ..)

ମୋ: ୯୦୩୮୭୪୩୮୪୩

## କରୋନା ଟିକା

- ଡ. ଦେବାଶିଷ ମହାନ୍ତି

(ଶେଷ ଭାଗ)

ଅନୁବଂଶିକ ପଦାର୍ଥ ପଦ୍ଧତିର ଟିକା, ଡି.ଏନ୍.ଏ. କିମ୍ବା ଆର୍.ଏନ୍.ଏ. ବ୍ୟବହାର କରି ପ୍ରସ୍ତୁତ କରାଯାଏ। ଏହା ଟିକା ପ୍ରସ୍ତୁତିର ସବୁଠାରୁ ଆଧୁନିକ ପଦ୍ଧତି। ଏହି ପ୍ରକାର ଟିକା ପ୍ରସ୍ତୁତି ଅତି ସହଜ ଓ ଶସ୍ତା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ଶ୍ରେଣୀର ଅନ୍ୟ କୌଣସି ରୋଗର କୌଣସି ଟିକାକୁ ଅନୁମତି ମିଳିନାହିଁ। ଏହାକୁ ସଂରକ୍ଷିତ ରଖିବା ପାଇଁ ଅତି ନିମ୍ନ ତାପମାତ୍ରା (- ୭୦ ଡିଗ୍ରୀ ସେଲସିୟସ) ଦରକାର। ସେଥିପାଇଁ ଆମ ଦେଶ ପରି ବିକାଶଶୀଳ ଦେଶ ପାଇଁ ଏହି ପ୍ରକାର ଟିକା ଉପଯୁକ୍ତ ନୁହେଁ। ଆମେରିକାରେ ବ୍ୟବହୃତ ଫାଇଜର୍ ଦ୍ୱାରା ପ୍ରସ୍ତୁତ ଟିକା ଏହି ଶ୍ରେଣୀର ଅନ୍ତର୍ଭୁକ୍ତ। ଭାଇରାଲ୍ ଭେକ୍ଟର ପଦ୍ଧତିରେ ଏକ ସୁରକ୍ଷିତ ଭୂତାଣୁ ବ୍ୟବହାର କରାଯାଏ। ଏହି ପଦ୍ଧତିରେ ରୋଗ ସୃଷ୍ଟିକାରୀ ଭୂତାଣୁର ଅନୁବଂଶିକ ସୂଚନା ବା ଭୂତାଣୁର ପୁଷ୍ଟିସାରକୁ ଅନ୍ୟ ଏକ ସୁରକ୍ଷିତ ଭୂତାଣୁ ସହିତ ସଂଲଗ୍ନ କରି ମଣିଷ ଶରୀରରେ ପ୍ରବେଶ କରାଯାଏ, ଯାହାକୁ ରୋଗ ପ୍ରତିଷେଧକ ତନ୍ତ୍ର ଚିହ୍ନି ପାରି ଆଣ୍ଟିବଡି ସୃଷ୍ଟି କରେ।





ଏହି ପ୍ରକ୍ରିୟାରେ ସାଧାରଣତଃ ଥଣ୍ଡା ସୃଷ୍ଟି କରୁଥିବା ଭୂତାଣୁକୁ ବ୍ୟବହାର କରାଯାଏ। ଇବୋଲା ପାଇଁ ପ୍ରସ୍ତୁତ ଟିକା ଏହି ଶ୍ରେଣୀର ଅନ୍ତର୍ଭୁକ୍ତ। ଆମ ଦେଶରେ କରୋନା ପାଇଁ ବ୍ୟବହାର ହେଉଥିବା ସେରମ୍ ସଂସ୍ଥା ଦ୍ୱାରା ପ୍ରସ୍ତୁତ କୋଭିଶିଲ୍ଡ ଓ ରୁଷିଆ ଦ୍ୱାରା ପ୍ରସ୍ତୁତ ସ୍ପୁଟନିକ୍ ଭି ଏହି ଶ୍ରେଣୀର ଟିକା। ଗୋଟିଏ ଶତ ପ୍ରତିଶତ କାର୍ଯ୍ୟକ୍ଷମ ଓ ସୁରକ୍ଷିତ ଟିକା ପ୍ରସ୍ତୁତି ପାଇଁ ଅତିକମ୍‌ରେ ୪ରୁ ୫ ବର୍ଷ ସମୟ ଦରକାର। ସେ ସମସ୍ତ ଟିକା ସୁରକ୍ଷିତ ଓ ୮୦ ପ୍ରତିଶତରୁ ଅଧିକ ଉପଯୋଗୀ ବୋଲି ଗବେଷଣାରୁ ଜଣାପଡିଛି। ସେଥିପାଇଁ ବିଭିନ୍ନ ଦେଶ ଓ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ) କିଛି ଟିକାକୁ ଜରୁରୀ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଏଣୁ ଆମେ ସମସ୍ତେ ଟିକା ନେଇ ଏହି ସଂଗ୍ରାମରେ ସାମିଲ୍ ହେବା ଉଚିତ। ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ। ଆଉ ଅଳ୍ପ ଦିନ ମଧ୍ୟରେ ଏହି ମହାମାରୀ ଆମ ଦେଶରୁ ଓ ବିଶ୍ୱରୁ ସମାପ୍ତ ହୋଇଯିବ ବୋଲି ମୋର ବିଶ୍ୱାସ।

-ବିଭାଗୀୟ ମୁଖ୍ୟ, ରସାୟନ ବିଜ୍ଞାନ ବିଭାଗ,
ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଢେଙ୍କାନାଳ,
ମୋ : ୯୮୬୧୩୯୧୧୯୦

## ସ୍ୱାସ୍ଥ୍ୟ ସୂଚନା

- ବର୍ତ୍ତମାନ ବର୍ଷା ଋତୁ। ଏହି ସମୟରେ ଥଣ୍ଡା, କାଶ, ଜ୍ୱର ଆଦି ଦ୍ୱାରା ଆକ୍ରାନ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ପୁଣି ଏବେ କରୋନାର ଭୟ ମଧ୍ୟ ରହିଛି। ତେଣୁ କୌଣସି ରୋଗର ଲକ୍ଷଣ ଦେଖାଦେବା ମାତ୍ରେ ତାହାର ଚିକିତ୍ସା କରାଇ ନିଅନ୍ତୁ।
- ଏହି ଋତୁରେ ବାସି ଏବଂ ଥଣ୍ଡା ଖାଦ୍ୟ ଖାଆନ୍ତୁ ନାହିଁ। ଉଷୁମ ଖାଦ୍ୟ ଖାଆନ୍ତୁ। ପାଣିକୁ ଫୁଟାଇ ପିଅନ୍ତୁ।
- ଓଦା ତଥା ସନ୍ତସନ୍ତିଆ ପରିବେଶଠାରୁ ନିଜକୁ ଦୂରେଇ ରଖନ୍ତୁ।
- ବର୍ଷା ଋତୁରେ ପରିଷ୍କାର ପରିଚ୍ଛନ୍ନ ରୁହନ୍ତୁ।
- ଏହି ସମୟରେ ଜଙ୍କ୍ ଫୁଡ୍ ଯେତେ କମ୍ ଖାଇବେ, ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ।
- ଖାଦ୍ୟ ତାଲିକାରେ ଭିଟାମିନ୍-ସିଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। କାରଣ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରିଥାଏ।
- ଘରେ ଯଦି ଛୋଟ ପିଲା ଅଛନ୍ତି, ତେବେ ସେମାନଙ୍କ ପାଇଁ ଥଣ୍ଡା, କାଶ ଏବଂ ଜ୍ୱରର ପ୍ରାଥମିକ ଉପଚାର ଲାଗି କିଛି ଔଷଧ ଘରେ ରଖନ୍ତୁ। ହେଲେ ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।



# ୨୮ ବର୍ଷ ପରେ ଆର୍ଜେଣ୍ଟିନାକୁ ଟାଇଟଲ

**ରିଓ ଡି ଜେନିରୋ,୧୧।୭**

ଦକ୍ଷିଣ ଆମେରିକାର ସର୍ବବୃହତ୍ ଫୁଟ୍‌ବଲ ଟୁର୍ନାମେଣ୍ଟ କୋପା ଆମେରିକାରେ ଏଥର ଲିଓନେଲ ମେସିଙ୍କ ନେତୃତ୍ୱାଧୀନ ଆର୍ଜେଣ୍ଟିନା ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଶନିବାର ସ୍ଥାନୀୟ ଐତିହାସିକ ମାରାକାନା ଷ୍ଟାଡିୟମରେ ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଆର୍ଜେଣ୍ଟିନା ୧-୦ ଗୋଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ତଥା ଅନ୍ୟତମ ଫୁଟ୍‌ବଲ ପାୱାର ହାଉସ ନେମାରଙ୍କ ବ୍ରାଜିଲକୁ ହରାଇ ଟାଇଟଲ ହାସଲ କରିଛି। ୧୯୯୩ ପରେ ଦୀର୍ଘ ୨୮ ବର୍ଷ ପରେ ଆର୍ଜେଣ୍ଟିନା କୌଣସି ପ୍ରଥମ ମେଜର ଟ୍ରଫିରେ ଚାମ୍ପିୟନ ହୋଇଛି। ମେସିଙ୍କୁ ୬ ବର୍ଷ ହୋଇଥିବା ବେଳେ ଆର୍ଜେଣ୍ଟିନା ଶେଷଥର ପାଇଁ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ଅପରାଜେୟ ରହିବା ସହ ଆର୍ଜେଣ୍ଟିନା ଏଥିସହ ମୋଟ ୧୫ତମ କୋପା ଆମେରିକା ଟାଇଟଲ ଜିତି ଉରୁଗୁଏର ସମକକ୍ଷ ହୋଇଛି। ଅନ୍ୟପଟେ ବ୍ରାଜିଲ ୯ଥର ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। କେବଳ ଫାଇନାଲ ମ୍ୟାଚ୍‌ରେ କେତେ ହଜାର ଦର୍ଶକଙ୍କୁ ଷ୍ଟାଡିୟମ ଭିତରକୁ ଯିବାର ଅନୁମତି ପ୍ରଦାନ କରାଯାଇଥିଲା।

୨୨ତମ ମିନିଟ୍‌ରେ ମ୍ୟାଚ୍‌ର ଏକମାତ୍ର ଗୋଲ ଆର୍ଜେଣ୍ଟିନା ତରଫରୁ ସ୍କୋର କରାଯାଇଥିଲା। ଦଳ ତରଫରୁ ୩୩ ବର୍ଷୀୟ ଅଭିଜ୍ଞ ଷ୍ଟ୍ରାଇକର ଆଞ୍ଜେଲ ଡି ମାରିଆ ଗୋଲ ଦେଇ ଆର୍ଜେଣ୍ଟିନାକୁ ଅଗ୍ରଣୀ କରାଇଥିଲେ। ରୋଡ୍ରିଗୋ ଡି ପଲ୍ ଏକ ଲମ୍ବା ପାସ୍ ମାରିଆଙ୍କୁ ଦେଇଥିଲେ। ବ୍ରାଜିଲ ଡିଫେଣ୍ଡରର ଦୁର୍ବଳତାରୁ ଫାଇଦା ଉଠାଇ ମାରିଆ ଏହାର ସଦ୍‌ବ୍ୟବହାର କରି ବାମ୍ ଗୋଡରେ ହାଲକା ଶଟ୍ ମାରି ଗୋଲକିପର ଏଡେରସନଙ୍କ ମୁଣ୍ଡ ଉପରେ ଗୋଲ ଦେବାକୁ ସକ୍ଷମ ହୋଇଥିଲେ। ଏହାପରେ ଉଭୟ ଦଳ ମଧ୍ୟରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲେ ମଧ୍ୟ ଗୋଲ ସମ୍ଭବ ହୋଇ ନ ଥିଲା। ଫଳରେ ଆର୍ଜେଣ୍ଟିନା ବିଜୟୀ ହୋଇଥିଲା।୬୦ ପ୍ରତିଶତ ବଲ୍ ପଜେସନ କରିଥିଲେ ମଧ୍ୟ ବ୍ରାଜିଲ ଗୋଲ ଦେବାକୁ ସକ୍ଷମ ହୋଇ ନ ଥିଲା। ପ୍ରଥମାର୍ଦ୍ଧରେ ପଛରେ ପଡିବା ପରେ ବ୍ରାଜିଲ ଦ୍ୱିତୀୟାର୍ଦ୍ଧରେ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିଥିଲା ଓ କାଉଣ୍ଟର ଆଟାକ କରିଥିଲା। ଆର୍ଜେଣ୍ଟିନା ୪୦ ପ୍ରତିଶତ ବଲ୍ ପଜେସ କରିଥିଲା। ପାସ୍ ଓ ପାସ୍ ଆକ୍ୟୁରେସିରେ ମଧ୍ୟ ଆର୍ଜେଣ୍ଟିନାଠାରୁ ବ୍ରାଜିଲ ଯଥେଷ୍ଟ ଆଗରେ ରହିଥିଲା।

ପୂର୍ବରୁ ଆର୍ଜେଣ୍ଟିନା କ୍ୱାର୍ଟର ଫାଇନାଲରେ ୩-୦ ଗୋଲରେ ଇକ୍ୱେଡର, ସେମିରେ କଲମ୍ବିଆକୁ ପେନାଲ୍ଟିରେ ୩-୨ ଗୋଲରେ ପରାସ୍ତ କରିଥିଲା। ସେହିପରି ବ୍ରାଜିଲ କ୍ୱାର୍ଟରରେ ୧-୦ ଗୋଲରେ ଚିଲିକୁ ଓ ସେମିରେ ପେରୁକୁ ୧-୦ ଗୋଲରେ ପରାସ୍ତ କରିଥିଲା।



ଟ୍ରଫି ସହ ଆର୍ଜେଣ୍ଟିନା ଦଳ।

**କୋପା ଆମେରିକା ଫୁଟ୍‌ବଲ**

| ଦେଶ | ଟାଇଟଲ | ରନର୍ସଅପ |
|---|---|---|
| ଉରୁଗୁଏ | ୧୫ | ୬ |
| ଆର୍ଜେଣ୍ଟିନା | ୧୫ | ୧୪ |
| ବ୍ରାଜିଲ | ୯ | ୧୨ |
| ପାରାଗୁଏ | ୨ | ୬ |
| ଚିଲି | ୨ | ୪ |

## ସାକାର ହେଲା ମେସିଙ୍କ ସ୍ୱପ୍ନ



**ରିଓ ଡି ଜେନିରୋ,୧୧।୭:** ଫୁଟ୍‌ବଲ ସୁପରଷ୍ଟାର ଲିଓନେଲ ମେସିଙ୍କ ଦୀର୍ଘଦିନର ସ୍ୱପ୍ନ ଶେଷରେ ସାକାର ହୋଇଛି। ଦୀର୍ଘ ୨୮ ବର୍ଷ ପରେ ଆର୍ଜେଣ୍ଟିନା କୋପା ଆମେରିକା ଟାଇଟଲ ଜିତିଛି। ସେତେବେଳକୁ ମେସିଙ୍କୁ ମାତ୍ର ୬ ବର୍ଷ ହୋଇଥିଲା। ଏଥିସହ ମେସି କ୍ୟାରିୟରର ପ୍ରଥମ ମେଜର ଟାଇଟଲ ଆର୍ଜେଣ୍ଟିନା ପାଇଁ ଜିତିଛନ୍ତି। କ୍ଲବସ୍ତରରେ ବିଶ୍ୱସ୍ତରୀୟ ସଫଳତା ପାଇଥିଲେ ମଧ୍ୟ ମେସି ନିଜ ଦେଶ ଆର୍ଜେଣ୍ଟିନା ପାଇଁ କୌଣସି ଟାଇଟଲ ଜିତି ନ ପାରି ବେଶ୍ ସମାଲୋଚନାର ଶିକାର ହୋଇଥିଲେ। ଏବେ ସେ ନିଜର ସମାଲୋଚକଙ୍କୁ ଚୁପ୍ କରାଇଛନ୍ତି। ଦୀର୍ଘ ୧୬ ବର୍ଷର କ୍ୟାରିୟରରେ ସେ ପ୍ରଥମ ଅନ୍ତର୍ଜାତୀୟ ଟାଇଟଲ ଜିତିବାକୁ ସକ୍ଷମ ହୋଇଛନ୍ତି। ନିଜ କ୍ଲବ ବାର୍ସିଲୋନା ପାଇଁ ସେ ଏକାଧିକ ଟାଇଟଲ ହାସଲ କରିଛନ୍ତି। ସେ ୨୦୦୭, ୨୦୧୫ ଓ ୨୦୧୬ରେ କୋପା ଆମେରିକା ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ସବୁଥର ପରାସ୍ତ ହୋଇଥିଲେ।

# ସିଏ-ମେର୍ଟେନ୍ସ ମହିଳା ଡବଲ୍ସ ଚାମ୍ପିୟନ



**ୱିମ୍ବେଲଡନ ଟେନିସ**

**ଲଣ୍ଡନ,୧୧।୭:** ୱିମ୍ବେଲଡନ ଟେନିସ ଟୁର୍ନାମେଣ୍ଟରେ ତାଇୱାନର ସିଏ ସୁ-ୱେଇ ଓ ତାଙ୍କ ବେଲଜିୟମ ପାର୍ଟନର ଏଲିସ୍ ମେର୍ଟେନ୍ସ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ତୃତୀୟ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ୩-୬, ୭-୫, ୯-୭ ସେଟ୍‌ରେ ରୁଷିଆର ଅଣସିଡ୍ ଯୋଡି ଏଲିନା ଭେସନିନା ଭେରୋନିକା କୁଡେରମେଟୋଭାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଏଥିସହ ସିଏ କ୍ୟାରିୟରର ତୃତୀୟ ୱିମ୍ବେଲଡନ ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ୨୦୧୩ରେ ସିଏ ଚାଇନାର ପେଙ୍ଗ ଶୁଆଇ ଓ ୨୦୧୯ରେ ଚେକ୍ ଗଣରାଜ୍ୟର ବାର୍ବୋରା ଷ୍ଟ୍ରିକୋଭାଙ୍କୁ ସାଥିକରି ୱିମ୍ବେଲଡନ ଟାଇଟଲ ଜିତିଥିଲେ।

# ମେକ୍‌ଟିକ-ପାଭିକ୍‌ଙ୍କୁ ଟାଇଟଲ

**ଲଣ୍ଡନ,୧୧।୭:** ୱିମ୍ବେଲଡନ ପୁରୁଷ ଡବଲ୍ସ ଇଭେଣ୍ଟରେ କ୍ରୋଏସିଆ ଯୋଡି ନିକୋଲା ମେକ୍‌ଟିକ ଓ ମାଟେ ପାଭିକ୍ ଟାଇଟଲ ହାସଲ କରିଛନ୍ତି। ଟପ୍ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ସ୍ପେନ୍ ଓ ଆର୍ଜେଣ୍ଟିନାର ମାର୍ସେଲ ଗ୍ରାନୋଲେର୍ସ ଓ ହୋରାସିକୋ ଜେବାଲେସ୍‌ଙ୍କୁ ଫାଇନାଲ ମୁକାବିଲାରେ ୬-୪, ୭-୬, ୨-୬, ୭-୫ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ସେଣ୍ଟର କୋର୍ଟରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଚାମ୍ପିୟନ ଯୋଡ଼ିକୁ ସେତେଟା ସଂଘର୍ଷ କରିବାକୁ ପଡୁ ନ ଥିଲା। ଏଥିସହ ଚଳିତ ସେସନ୍‌ରେ ମେକ୍‌ଟିକ ଓ ପାଭିକ୍ ଅଷ୍ଟମ ଟାଇଟଲ ହାସଲ କରିଛନ୍ତି। ସାଥି ହେବାର ପ୍ରଥମ ବର୍ଷରେ ଏହି ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ପ୍ରଥମ ଯୋଡି ଭାବେ ୱିମ୍ବେଲଡନ ଡବଲ୍ସ ଟାଇଟଲ ଜିତି ମେକ୍‌ଟିକ ଓ ପାଭିକ ବିରଳ ସଫଳତା ଅର୍ଜନ କରିଛନ୍ତି। ପୂର୍ବରୁ ୨୦ ବର୍ଷ ତଳେ କ୍ରୋଏସିଆର ଗୋରାନ ଇଭାନସେଭିକ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ପୂର୍ବରୁ ପାଭିକ ଭିନ୍ନ ପାର୍ଟନରଙ୍କ ସହ ୨୦୧୮ରେ ଅଷ୍ଟ୍ରେଲିଆ ଓପନ ଓ ଗତବର୍ଷ ୟୁଏସି ଓପନ୍ ଜିତିଥିଲେ। ମେକ୍‌ଟିକଙ୍କ ପାଇଁ ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ସାବ୍ୟସ୍ତ ହୋଇଛି।













Your classified advertisement published in Dharitri will be listed free in Dharitri online edition : www. dharitri.com









ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜୁଲାଇ ୧୨/୨୦୨୧ Bhubaneswar, Monday, July 12/ 2021

# ଜୋକୋଭିଚ୍‌ଙ୍କୁ ଷଷ୍ଠ ଟାଇଟଲ

**ଲଣ୍ଡନ,୧୧।୭**

ସର୍ବିୟ ଟେନିସ ସୁପରଷ୍ଟାର ନୋଭାକ ଜୋକୋଭିଚ୍ ୱିମ୍ବେଲଡନ ଟେନିସ ଟୁର୍ନାମେଣ୍ଟ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ରବିବାର ସେଣ୍ଟର କୋର୍ଟରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଟପ୍ ସିଡ୍ ଜୋକୋଭିଚ୍ ୬-୭, ୬-୪, ୬-୪, ୬-୩ ସେଟ୍‌ରେ ସପ୍ତମ ସିଡ ଇଟାଲୀର ମାଟେଓ ବେରେଟିନିଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ଏଥିସହ ସେ କ୍ୟାରିୟରର ଷଷ୍ଠ ୱିମ୍ବେଲଡନ ଟାଇଟଲ ଜିତିଛନ୍ତି। ମୋଟ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ସେ ସ୍ପେନର ରାଫାଲ ନାଡାଲ ଓ ସୁଇଜରଲାଣ୍ଡର ରୋଜର ଫେଡରରଙ୍କ ସମକକ୍ଷ ହୋଇଛନ୍ତି। ଏହି ୩ ଖେଳାଳି ମିଳିତ ଭାବେ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ଜୋକୋଭିଚ ଏଥିସହ ଚଳିତ ବର୍ଷର ପ୍ରଥମ ୩ଟି ଗ୍ରାଣ୍ଡସ୍ଲାମ ଜିତିଛନ୍ତି। ଅଗଷ୍ଟରେ ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ ଖେଳାଯିବ। ଏଥିରେ ବିଜୟୀ ହେଲେ ସେ ବର୍ଷର ସବୁ ୪ଟି ଗ୍ରାଣ୍ଡସ୍ଲାମ ଜିତି ଫେଡେରର ଓ ନାଡାଲଙ୍କୁ ପଛରେ ପକାଇ ଇତିହାସ ସୃଷ୍ଟି କରିବେ।

ଷଷ୍ଠ ୱିମ୍ବେଲଡନ ଟାଇଟଲ ହାସଲ କରିବାର ଜୋକୋଭିଚ ତୃତୀୟ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଏହି କ୍ରମରେ ସେ ସ୍ୱିଡେନର ବ୍ୟୋର୍ନ ବର୍ଗଙ୍କୁ ପଛରେ ପକାଇଛନ୍ତି। ପୂର୍ବରୁ ଫେଡରର ସର୍ବାଧିକ ୮ ଓ ଆମେରିକାର ପିଟ୍ ସାମ୍ପ୍ରାସ ୭ଥର ୱିମ୍ବେଲଡନ ଟାଇଟଲ ହାସଲ କରିଥିଲେ।

ଅନ୍ୟପଟେ ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିଥିଲେ ମଧ୍ୟ ବେରେଟିନି ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ପ୍ରଥମ ସେଟ୍‌ରେ ହାତଛଡା କରି ଜୋକୋଭିଚ ପରାଜୟରୁ ଅଭିଯାନ ଆରମ୍ଭ କରିଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରି ବାକି ୩ଟି ସେଟ୍‌ରେ ବିଜୟୀ ହୋଇଥିଲେ। ବେରେଟିନିଙ୍କ ପ୍ରଦର୍ଶନରେ ସ୍ଥିରତା ନ ଥିଲା ଓ ଜୋକୋଭିଚ୍ ଏହାର ଫାଇଦା ଉଠାଇ ଶେଷରେ ବାଜି ମାରିଥିଲେ।

**ୱିମ୍ବେଲଡନ ଟେନିସ**


ଟ୍ରଫି ସହ ନୋଭାକ ଜୋକୋଭିଚ୍।

# ବାଳକ ସିଙ୍ଗଲ୍ସ ଜିତିଲେ ଭାରତୀୟ ବଂଶୋଦ୍ଭବ ସମୀର ବାନାର୍ଜୀ

**ଲଣ୍ଡନ,୧୧।୭ (ପି.ଟି.)**

ଆମେରିକୀୟ ଟେନିସ ଖେଳାଳି ଭାରତୀୟ ବଂଶୋଦ୍ଭବ ୧୭ ବର୍ଷୀୟ ସମୀର ବାନାର୍ଜୀ ୱିମ୍ବେଲଡନ ବାଳକ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ରବିବାର ଫାଇନାଲରେ ସେ ଆମେରିକାର ଭିକ୍ଟର ଲିଲୋଭଙ୍କୁ ୭-୫, ୬-୩ ସେଟ୍‌ରେ ହୋଇ


ସମୀର ବାନାର୍ଜୀ

ଦେଇଥିଲେ। ଏହି ମ୍ୟାଚ ୧ ଘଣ୍ଟା ୨୨ମିନିଟ ଧରି ଚାଲିଥିଲା। ବାନାର୍ଜୀଙ୍କ ମାତାପିତା ୧୯୮୦ରେ ଭାରତରୁ ଆସି ଆମେରିକାରେ ବାସ କରୁଛନ୍ତି। ବିଶ୍ୱର ୧୯ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ବାନାର୍ଜୀ ପୂର୍ବରୁ ଜୁନିୟର ଫ୍ରେଞ୍ଚ ଓପନରେ ଅଂଶଗ୍ରହଣ କରି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।

# ଭାରତୀୟ ମହିଳା ଦଳ ବିଜୟୀ

**ଲଣ୍ଡନ,୧୧।୭**

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭାରତୀୟ ମହିଳା କ୍ରିକେଟ ଦଳ ୮ ରନରେ ରୋମାଞ୍ଚକ ବିଜୟ ହାସଲ କରିଛି। ଏଥିସହ ସିରିଜକୁ ଭାରତ ପ୍ରତ୍ୟାବର୍ତ୍ତନ କରିଛି। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ ସମାନସ୍ତରରେ ପହଞ୍ଚିଛି। ଟସ୍ ହାରି ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୮ ଉଇକେଟ ହରାଇ ୧୪୦ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଭାରତୀୟ ବୋଲର ଓ ଫିଲ୍ଡରମାନେ ଦମ୍‌ଦାର ପ୍ରଦର୍ଶନ କରି ଦଳକୁ ଜିତାଇଛନ୍ତି।

ଇଂଲଣ୍ଡ ତରଫରୁ ଓପନର ଟମି ବିମଣ୍ଟ ୫୦ ବଲରୁ ୭ ଚୌକା ସହ ସର୍ବାଧିକ ୫୯ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ହିଥର ନାଇଟ୍ ୩୦, ଏମି ଜୋନ୍ସ ୧୧ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ପକ୍ଷରୁ ପୁନମ ଯାଦବ ୨, ଅରୁନ୍ଧତି ରେଡ୍ଡୀ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡର ୩ଜଣ ବ୍ୟାଟ୍ସଓମ୍ୟାନ ରନ୍ ଆଉଟ ହୋଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ତରଫରୁ ଓପନର ଶେଫାଳୀ ବର୍ମା ୩୮ ବଲରୁ ୮ ଚୌକା ଓ ୧ ଛକା ସହ ସର୍ବାଧିକ ୪୮ ରନକରି ଆଉଟ ହେବା ସହ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ସ୍ମୃତି ମାନ୍ଧନା ୨୦, ଅଧିନାୟିକା ହରମନପ୍ରୀତ କୌର ୩୧, ରିଚା ଘୋଷ ୮ ରନକରି ଆଉଟ ହୋଇଥିବା ବେଳେ ଦୀପ୍ତି ଶର୍ମା ୨୪ ଓ ସ୍ନେହ ରାଣା ୮ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ପକ୍ଷରୁ ନାଟାଲି ସ୍କିଭର, ଫ୍ରେୟା ଡେଭିସ୍, ସାରା ଗ୍ଲେନ ଓ ମାଡି ଭିଲେର୍ସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୪୮/୪(ଶେଫାଳୀ-୪୮, ହରମନପ୍ରୀତ-୩୧, ଦୀପ୍ତି- ୨୪*, ସ୍ମୃତି- ୨୦, ସ୍କିଭର-୧/୨୦, ଡେଭିସ-୧/୩୧, ଗ୍ଲେନ-୧/୩୨, ଭିଲେର୍ସ- ୧/୯)।

ଇଂଲଣ୍ଡ ୨୦ ଓଭରରେ ୧୪୦/୮ (ବିମଣ୍ଟ-୫୯, ନାଇଟ-୩୦, ଜୋନ୍ସ-୧୧, ପୁନମ-୨/୧୭, ରେଡ୍ଡୀ-୧/୩୦, ଦୀପ୍ତି- ୧/ ୧୮)।

# ହକି ପାଇଁ ସ୍ୱତନ୍ତ୍ର ନିୟମାବଳୀ

**ନୂଆଦିଲ୍ଲୀ, ୧୧।୭ (ପି.ଟି.)**

କୋଭିଡ୍‌ଜନିତ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ଲାଗି ଟୋକିଓ ଅଲିମ୍ପିକ ଗେମ୍ସ ହକି ପ୍ରତିଯୋଗିତା ପାଇଁ ସ୍ୱତନ୍ତ୍ର ନିୟମ ପ୍ରସ୍ତୁତ କରାଯାଇଛି। କୋଭିଡ୍ ଯୋଗୁ ଯଦି ଏକ ଫାଇନାଲିଷ୍ଟ ପ୍ରତିଯୋଗିତାରୁ ଓହରିଯିବାକୁ ବାଧ୍ୟହୁଏ ତେବେ ବ୍ରୋଞ୍ଜ ପଦକ ପାଇଁ ଆଉ ମୁକାବିଲା ହେବ ନାହିଁ। ଦୁଇ ଲୁଜିଂ ସେମିଫାଇନାଲିଷ୍ଟ ଦଳ ମଧ୍ୟରୁ ଉନ୍ନତ ଦଳ ଟାଇଟଲ ମୁକାବିଲାକୁ ଉନ୍ନୀତ ହେବ। ଅନ୍ୟ ଦଳକୁ ବ୍ରୋଞ୍ଜ ବିଜେତା ଘୋଷଣା କରାଯିବ। ରବିବାର ଉନ୍ମୋଚିତ ହୋଇଥିବା ଗେମ୍ସର କ୍ରୀଡ଼ା ନିର୍ଦ୍ଦିଷ୍ଟ ନିୟମାବଳୀ (ଏସ୍‌ଏସ୍‌ଆର)ରେ ଏହା ସ୍ପଷ୍ଟ କରାଯାଇଛି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଓ ଅନ୍ତର୍ଜାତୀୟ ଫେଡେରେଶନ(ଆଇଏଫ୍) ମିଳିତଭାବେ ଏସ୍‌ଏସ୍‌ଆରକୁ ବିକଶିତ କରାଇଛନ୍ତି। ପ୍ରତିଯୋଗିତା ବେଳେ କୋଭିଡ୍ ପଜିଟିଭ ଦେଖିବାକୁ ମିଳିଲେ ପ୍ରତିଯୋଗିତାକୁ କିପରି ପରିଚାଳନା କରିବାକୁ ହେବ ସେ ବିଷୟରେ ଏଥିରେ ଉଲ୍ଲେଖ କରାଯାଇଛି। କୋଭିଡ୍ ଯୋଗୁ ଯେଉଁ ଦଳଗୁଡ଼ିକ ପ୍ରତିଯୋଗିତାରେ ଭାଗ ନେଇପାରିବେ ନାହିଁ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରା ନ ଯାଇ ଡିଏନ୍‌ଏସ୍ (ଡିଡ୍ ନଟ୍ ଷ୍ଟାର୍ଟ) ବିବେଚନା କରାଯିବ। କୋଭିଡ୍ ଯୋଗୁ ଯଦି ଏକ ଟିମ୍ ନକ୍‌ଆଉଟ ପର୍ଯ୍ୟାୟରେ ଖେଳି ନ ପାରେ ତେବେ ସମ୍ପୃକ୍ତ ଦଳ ହାସଲ କରିଥିବା ସର୍ବନିମ୍ନ ର୍‍ୟାଙ୍କିଙ୍ଗ୍ କାଏମ ରହିବ। ପରିସ୍ଥିତିକୁ ନେଇ ବିପକ୍ଷ ଦଳ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବ। ଅନ୍ୟ ଲୁଜିଂ ସେମିଫାଇନାଲିଷ୍ଟ ଦଳ ବ୍ରୋଞ୍ଜ ପଦକ ପାଇବେ। ହକି ପ୍ରତିଯୋଗିତାରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଭାଗ ନେଉଛନ୍ତି।

# ଫୁକୁଶିମା ଓ ହୋକାଇଦୋରେ ମଧ୍ୟ ଦର୍ଶକ ମନା

**ଟୋକିଓ, ୧୧।୭ (ଏପି):** କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଟୋକିଓ ବ୍ୟତୀତ ପଡ଼ୋଶୀ ଫୁକୁଶିମା ଓ ହୋକାଇଦୋରେ ମଧ୍ୟ ଅଲିମ୍ପିକ ଇଭେଣ୍ଟଗୁଡ଼ିକ ଭେନ୍ୟୁରେ ଦର୍ଶକଙ୍କୁ ବାରଣ କରାଯାଇଛି। ଫୁକୁଶିମାରେ ବେସ୍‌ବଲ୍ ଓ ସଫ୍ଟବଲ୍ ପ୍ରତିଯୋଗିତ ହେବ। ହୋକାଇଦୋସ୍ଥିତ ସାପୋରୋ ଡୋମ୍‌ଠାରେ ଫୁଟ୍‌ବଲ ମ୍ୟାଚ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଟୋକିଓ ଏବଂ ଏହାର ନିକଟବର୍ତ୍ତୀ ତିନୋଟି ଅଞ୍ଚଳରେ ରହିଥିବା ଭେନ୍ୟୁଗୁଡ଼ିକରେ ବିନା ଦର୍ଶକରେ ଇଭେଣ୍ଟଗୁଡ଼ିକ ଆୟୋଜନ ଲାଗି ଅଲିମ୍ପିକ ଆୟୋଜକ ଓ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ପକ୍ଷରୁ ନିଷ୍ପତ୍ତି ନିଆଯାଇ ସାରିଛି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବିଶ୍ୱବ୍ୟାପକ କରାଯିବ ସଂସ୍କୃତ ଭାଷା

**କଟକ ଅଫିସ, ୧୧।୭:** ଲୋକଭାଷା ପ୍ରଚାର ସମିତି ଅନ୍ତଃରାଷ୍ଟ୍ରୀୟ ପରିଷଦର ଅଧିବେଶନ ଶନିବାର ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ବୈଦେଶିକ ମହାସଚିବ ପ୍ରଫେସର କାଶୀନାଥ ନୌପାନେ ଯୋଗଦେଇ କହିଥିଲେ, ସଂସ୍କୃତ ଭାଷାକୁ ବିଶ୍ୱବ୍ୟାପକ କରାଯିବ। ଏହି ଲକ୍ଷ୍ୟରେ ୧୯୮୩ରେ ଲୋକଭାଷା ପ୍ରଚାର ସମିତି ପ୍ରତିଷ୍ଠା କରାଯାଇଥିଲା। ଇତିମଧ୍ୟରେ ଅନୁଷ୍ଠାନ ପକ୍ଷରୁ ୨୨ଟି ଦେଶରେ ଶାଖା ପ୍ରତିଷ୍ଠା କରାଯାଇଛି। ଏଥିରେ କେନ୍ଦ୍ରୀୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତ ଅଧ୍ୟକ୍ଷତା କରିଥିଲେ। ଅନ୍ତଃରାଷ୍ଟ୍ରୀୟ ମହାସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ସଭା ସଂଯୋଜନା ଓ ପ୍ରଫେସର ଗଜେନ୍ଦ୍ର ପଣ୍ଡା ପରିଷଦର ରାଷ୍ଟ୍ର ସଭାପତିମାନଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରଶାଖା ସଭାପତି ଭାବେ ଦକ୍ଷିଣକୋରିଆରୁ ପ୍ରଫେସର ନୃସିଂହ ଚରଣ କର, ମାଲେସିଆରୁ ପ୍ରଫେସର ବାଳକୃଷ୍ଣନ୍ ମୁନିଆପ୍ପାନ୍, ନେପାଳରୁ ଡ. ବିପିନ ଲାଲ ନୌପାନ, ଜର୍ମାନୀରୁ ପ୍ରଫେସର ସଦାନନ୍ଦ ଦାସ, ଶ୍ରୀଲଙ୍କାରୁ ବୌଦ୍ଧଗୁରୁ ବାଡିନାଲା ପ୍ରୟଁଲୋକା, ହଲାଣ୍ଡରୁ ଆଚାର୍ଯ୍ୟ ନରଦେବ, ଆମେରିକାରୁ ଡ. ସୂର୍ଯ୍ୟ ନାରାୟଣ ନନ୍ଦ, କାନାଡାରୁ ଡ. ସୁନନ୍ଦା ମିଶ୍ର, ଓଡ଼ିଶା ରାଜ୍ୟ ସଭାପତି ଡ. ବିପିନ ବିହାରୀ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ରାଷ୍ଟ୍ରୀୟ ଉପାଧ୍ୟକ୍ଷା ଡ. ମମତା ମିଶ୍ର ଧନ୍ୟବାଦ ଦେଇଥିଲେ।

### ସୁନ୍ଦର ସବୁଜିମା ପାଇଁ ମଞ୍ଜି ଫୋପଡା କାର୍ଯ୍ୟକ୍ରମ

**ବାଙ୍କୀ,୧୧।୭(ସ୍ୱ.ପ୍ର.):** ଡମପଡା ବ୍ଲକ ଅନ୍ତର୍ଗତ ରଗୋଡି ନିକଟସ୍ଥ ମହାପର୍ବତର ଦକ୍ଷିଣ ପାର୍ଶ୍ୱରେ ଥିବା କୁଆଶାଳ ନାଳ ଜଙ୍ଗଲରେ ଶନିବାର ମଞ୍ଜି ଫୋପଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଶୁପକ୍ଷୀମାନଙ୍କ ଖାଦ୍ୟ ଅଭାବ ପୂରଣ ଓ ସୁନ୍ଦର ସବୁଜିମା ସୃଷ୍ଟି ଉଦ୍ଦେଶ୍ୟରେଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ୱେଚ୍ଛାସେବୀ ସଙ୍ଗଠନ ନେସ୍କୋର ସମ୍ପାଦକ ତଥା ପ୍ରକୃତିବନ୍ଧୁ ବଳରାମ ପାଇକରାୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ସ୍ୱେଚ୍ଛାସେବୀମାନେ ଏକତ୍ରିତ ହୋଇ କଇଁଆ, ଜାମୁ, ଜମ୍ବୁଲ, ବରକୋଳି, ସପେଟା, ଆମ୍ବ, ପଣସ ଓ ପିଜୁଳି ଆଦି ଫଳ ମଞ୍ଜି ଫୋପାଡି ଥିଲେ। ତ୍ରିଜୟ କୁମାର ପ୍ରଧାନ, ଭରତ ଚନ୍ଦ୍ର ରାଉତ, ରାଧେଶ୍ୟାମ ବେହେରା, ବନଲତା ବେଉରା,ଅଞ୍ଜଳି ପ୍ରଧାନ, ପ୍ରତୀକ୍ଷା ପ୍ରଧାନ, ଲୋକନାଥ ସ୍ୱାଇଁ, ଲକ୍ଷ୍ମୀଧର ରାଉତ ଓ କବିରାଜ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

**ବାଙ୍କୀ,୧୧।୭(ସ୍ୱ.ପ୍ର.):**ବାଙ୍କୀ ବ୍ଲକ ଅନ୍ତର୍ଗତ କଦଳୀବାଡ଼ି ପଞ୍ଚାୟତରେ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରବିବାର ବିଶ୍ୱ ଜନସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଡାକ୍ତର ଅମରେଶ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ସୁପରଭାଇଜର ମାନଭଞ୍ଜନ ଦଳେଇ ପରିଚାଳନା କରିଥିଲେ। କଦଳୀବାଡ଼ି ସରପଞ୍ଚ ପ୍ରକାଶ ବେହେରା ଅତିଥିଭାବେ ଯୋଗଦେଇ ଏହି ଦିବସ ସମ୍ପର୍କରେ ଅବଗତ କରାଇଥିଲେ। କୋଭିଡ୍ କଟକଣା ମଧ୍ୟରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଆଶା, ଅଙ୍ଗନୱାଡି ଓ ଏଏନ୍‌ଏମ୍ କର୍ମୀ ଏଥିରେ ସହଯୋଗ କରିଥିଲେ।

# ପାଣି ନିଷ୍କାସନ ପାଇଁ ରାସ୍ତାରେ ନାଳ

**କଟକ ଅଫିସ, ୧୧।୬**

କଟକ ସହରର ବିଭିନ୍ନ ଗଳି ରାସ୍ତାକୁ କାଟି ନାଳ କରି ଘରର ମଇଳା ପାଣିକୁ ଡ୍ରେନ୍‌କୁ ଛଡାଯାଉଛି। ସହରର ମୁଖ୍ୟ ରାସ୍ତାକୁ ଛାଡିଦେଲେ ବିଭିନ୍ନ ସାହି ରାସ୍ତାର ୧ କିମି ମଧ୍ୟରେ ୫୦ରୁ ଉର୍ଦ୍ଧ୍ୱ ସ୍ଥାନ କଟାଯାଇ ନାଳ କରାଯାଇଛି। ଏଥିଯୋଗୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା କଟା ହୋଇଥିବା ସ୍ଥାନରେ ଆବର୍ଜନା ପଡି ଜାମ୍ ରହୁଛି। ଫଳରେ ମଇଳା ପାଣି ଡ୍ରେନ୍‌କୁ ଠିକ୍‌ଭାବେ ନିଷ୍କାସନ ନ ହୋଇପାରି ରାସ୍ତାରେ ଜମି ରହୁଛି। ଅନେକ ସମୟରେ କଟା ହୋଇଥିବା ସ୍ଥାନରେ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରି କି ଏହି ବାଟ ଦେଇ ଗାଡିରେ ଯାତାୟାତ କରୁଥିବା ବୟସ୍କ ଲୋକ, ଗର୍ଭବତୀ ମହିଳା ବିଶେଷ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସହରର ବଙ୍ଗାଳିସାହି, ଝାଞ୍ଜିରିମଙ୍ଗଳା, ଖାନ୍‌ନଗର, ତଳ ତେଲେଙ୍ଗାବଜାର, ହଜାରୀଗଳି, ରାଣୀହାଟ ଗୋପାଳସାହି, ମଙ୍ଗଳାବାଗ, ମାଛୁଆବଜାର, ଖଟବିନ୍ ସାହି,




ଘରର ମଇଳା ପାଣି ନିଷ୍କାସନ ପାଇଁ ବଙ୍ଗାଳି ସାହି ଓ ଝାଞ୍ଜିରିମଙ୍ଗଳା ରାସ୍ତା କଟାଯାଇଛି।

### ଘଟୁଛି ଦୁର୍ଘଟଣା

କୁମ୍ଭାରସାହି, ରାଉସାପାଟଣା, ଫ୍ରେଣ୍ଡସ୍ କଲୋନୀ, ସାହେବଜାଦା ବଜାର, ଭାଷାକୋଷ ଲେନ୍, କାଠଗଡାସାହି, ପିଠାପୁର, ଭଗତପୁର, ଶଙ୍କରପୁର ବାରିକସାହି, ପରିଡାସାହି, ବାଙ୍କିସାହି ରାସ୍ତାକୁ କଟାଯାଇ ମଇଳା ପାଣି ଡ୍ରେନ୍‌କୁ ଛଡାଯାଉଥିବା ଦେଖାଯାଇଛି। ହେଲେ ପ୍ରଶାସନିକ ସ୍ତରରେ ଏହାର ତଦାରଖ କରାଯାଉ ନ ଥିବାରୁ ଯାତାୟାତ କରୁଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କଟକ ମହାନଗର ନିଗମର ଲ' ଅଧିକାରୀ ଦିଗମ୍ବର ସ୍ୱାଇଁ କହିଛନ୍ତି, ଲୋକମାନେ ଏପରି କରିବା ଠିକ୍ ନୁହଁ। ରାସ୍ତା କାଟିବା ପରିବର୍ତ୍ତେ ତଳେ ପାଇପ୍ ପକାଇ ଘରର ମଇଳା ପାଣି ଡ୍ରେନ୍‌କୁ ଛାଡିବା ଉଚିତ। ଯଦି କୌଣସି ବ୍ୟକ୍ତି ଏଭଳି ନ କରନ୍ତି ସିଏମ୍‌ସି ପକ୍ଷରୁ ସେମାନଙ୍କ ବିରୋଧରେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଏଥିସହ ଜଣେ ଚାହିଁଲେ ସ୍ଥାନୀୟ ଥାନାରେ ମଧ୍ୟ ଅଭିଯୋଗ କରିପାରିବେ।

### ଏମାନେ କ'ଣ କୁହନ୍ତି...

#### ରାସ୍ତାରେ ଭାସୁଛି ମଇଳା ପାଣି



ରାସ୍ତା କାଟି ଡ୍ରେନ୍‌ପାଣି ଛାଡିବା ଦ୍ୱାରା ରାସ୍ତା ଖରାପ ହେଉଛି। ଅଧିକାଂଶ ସମୟରେ ଆବର୍ଜନା ଜମି ରହୁଥିବାରୁ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସୁଛି।

–ଶରତ କୁମାର ସାହୁ, ଝାଞ୍ଜିରିମଙ୍ଗଳା ବାସିନ୍ଦା

#### ବୃଦ୍ଧି ପାଉଛି ଅସନ୍ତୋଷ



ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ସଂଯୋଗ କରୁଥିବା ଏହି ରାସ୍ତାରେ ପ୍ରତିଦିନ ଛାତ୍ରୀଛାତ୍ର, ଅଧ୍ୟାପକ ଓ ଜନସାଧାରଣ ଯାତାୟାତ କରିଥାନ୍ତି। ରାସ୍ତାକୁ କାଟି ନାଳ କରାଯାଇ ମଇଳା ପାଣି ଡ୍ରେନ୍‌କୁ ଛଡାଯାଉଛି। ଫଳରେ ଗାଡି ଯିବାଦ୍ୱାରା ମଇଳା ପାଣି ଛିଟିକା ମାରି ରାସ୍ତାପାର୍ଶ୍ୱ ଦୋକାନରେ ପଡୁଛି। ଏହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

–ଉତ୍ତମ ବେହେରା ,କଲେଜଛକ ବାସିନ୍ଦା

### ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସାରସ୍ୱତ କବିତା ଆସର

**କଟକ ଅଫିସ, ୧୧।୭**

ସମ୍ପର୍କସାହିତ୍ୟ ସଂସ୍କୃତି ସଂସଦର ସାରସ୍ୱତ କବିତା ଆସର ରବିବାର ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପଦ୍ମପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପଣ୍ଡିତ ନୀଳକଣ୍ଠ ରାଉତ, ମୁଖ୍ୟବକ୍ତା ଆଦର୍ଶ ପ୍ରତିଭା ବିକାଶ ପରିଷଦର ସଭାପତି ପଣ୍ଡିତ ଅଭୟ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ, ଶ୍ରାବଣୀ ସାହିତ୍ୟ ସଂସଦ ସଭାପତି କବି ଉଦୟ କେଶରୀ ବର୍ମା, ରାମଲୀଳା ପ୍ରଚାର ସମିତିର ସର୍ବବ୍ୟବସ୍ଥାପକ ଗୋପାଳ ଚନ୍ଦ୍ର ମିଶ୍ର ଯୋଗଦେଇ କରୋନା ମହାମାରୀ କବଳରେ ଜନସମାଜ ଗୃହବନ୍ଦୀ ଜୀବନ ବିତାଉଥିବାବେଳେ ସମ୍ପର୍କ ସାହିତ୍ୟ ଭର୍ଚୁଆଲ ମାଧ୍ୟମରେ ସାହିତ୍ୟ ଜଗତକୁ ନୂଆଦିଗ ଦେଖାଉଛି ବୋଲି କହିଥିଲେ। ଏଥିରେ ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ଜେନା ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ୍ ମହେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ, ଅନୁଷ୍ଠାନର ସାଧାରଣ ସମ୍ପାଦକ ମନୋରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା ଓ କବି ଆଦିତ୍ୟ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।



ସପ୍ତାହାନ୍ତ ଶଟ୍‌ଡାଉନ ଯୋଗୁ ରବିବାର କଟକ ଦୋଳମୁଣ୍ଡାଇ– ବାଦାମବାଡି ରାସ୍ତା ଜନଶୂନ୍ୟ।

## ୩୦ ହାଇସ୍କୁଲର ନିଜସ୍ୱ ଜମି ନାହିଁ

**କଟକ ସଦର, ୧୧।୭ (ଡି.ଏନ.ଏ.)**

ରାଜ୍ୟର ବିଭିନ୍ନ ହାଇସ୍କୁଲରେ ଇ–ଶିକ୍ଷା ପ୍ରଚଳନ ପାଇଁ ସରକାର ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ତେଣୁ ଭିତ୍ତିଭୂମିର ବିକାଶ ଲାଗି ପର୍ଯ୍ୟାପ୍ତ ଜମିର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ୨୦୨୦ ଜୁନ୍‌ରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏକ ନିର୍ଦ୍ଦେଶନାମା ଜାରି କରି ଜିଲାର ୪୮୦ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲର ଜମିଜମା ସଂକ୍ରାନ୍ତୀୟ ତଥ୍ୟ ସଂଗ୍ରହ ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ସର୍ଭେ ରିପୋର୍ଟ ମିଳିସାରିଛି। ସେଥିରେ ୩୦ଟି ହାଇସ୍କୁଲର ନିଜସ୍ୱ ଜାଗା ନ ଥିବା ଜଣାପଡିଛି। ସେଥିମଧ୍ୟରୁ ୧୧ଟି ହାଇସ୍କୁଲ କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ଓ ଅନ୍ୟଗୁଡିକ ଗ୍ରାମାଞ୍ଚଳରେ ରହିଛି। ଯାହାଫଳରେ ଇ–ଶିକ୍ଷା ପ୍ରଚଳନ ପାଇଁ ଆବଶ୍ୟକ ପଡୁଥିବା ନୁଆ କୋଠାଘର, ଖେଳପଡିଆର ସମ୍ପ୍ରସାରଣ କରିବାରେ ସମସ୍ୟା ଦେଖାଦେବ। ସରକାରୀ ଜାଗାରେ ଥିବା ସମସ୍ତ ହାଇସ୍କୁଲକୁ ତୁରନ୍ତ ଜମିପଟ୍ଟା ଦେବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହି ନିୟମରୁ ୩୦ଟି ହାଇସ୍କୁଲ ବାଦ୍ ପଡିଛି। ଏପରି କି ସମସ୍ତ ହାଇସ୍କୁଲକୁ ଖେଳପଡିଆ ପାଇଁ ଆବଶ୍ୟକ ପଡୁଥିବା ଜମି ଯୋଗାଇ ଦେବା ଲାଗି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶନାମା ଜାରି କରିସାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ସିଏମ୍‌ସି ଅଞ୍ଚଳରେ ଥିବା ୧୧ଟି ହାଇସ୍କୁଲ ମଧ୍ୟରୁ ଅଧିକାଂଶ ହୀରକ ଓ ସୁବର୍ଣ୍ଣ ଜୟନ୍ତୀ ପାଳନ କରିସାରିଲେଣି। ଅଥଚ ଜାଗାର ମାଲିକାନା ଏପର୍ଯ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାଁରେ ରହିଛି। ଏପରି କି ବନ୍ଦୋବସ୍ତ ସମୟରେ ମଧ୍ୟ ସେହି ସବୁ ଜାଗା ଉପରେ ହାଇସ୍କୁଲ ଥିବା ଦଖଲ ନୋଟ୍ ପଟ୍ଟାରେ କରାଯାଇନାହିଁ ବୋଲି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ନିଜର ପରିଚୟ ଗୋପନ ରଖି କହିଛନ୍ତି।

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

**କଟକ ଅଫିସ,୧୧।୭**

ମାଲଗୋଦାମ ବଣିକ ସଂଘ ସଭାଗୃହରେ କଟକ ବଣିକ ସଂଘ, ଓଡ଼ିଶା ଚାଉଳ ବ୍ୟବସାୟୀ ସଂଘ, ଖୁଚୁରା ବ୍ୟବସାୟ ସଂଘ, ସ୍ୱର୍ଣ୍ଣ ବଜାର ବ୍ୟବସାୟ ସଂଘ ମିଳିତ ଆନୁକୂଲ୍ୟରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଷୁଦ୍ର ପରିବା ବ୍ୟବସାୟୀଙ୍କୁ ସ୍ଥାୟୀ ଥଇଥାନ ପାଇଁ ଦାବି କରାଯାଇଛି । ବଣିକ ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ କହିଛନ୍ତି, ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପରିବା ଠିକ୍ ସମୟରେ ବିକ୍ରି ନ ହୋଇପାରିବାରୁ ପଚି ଯାଉଛି। ଏହାଦ୍ୱାରା ବ୍ୟବସାୟୀ ଅନେକ କ୍ଷତି ସହୁଛନ୍ତି। ଏପରି କି ଅନେକ ସ୍ଥାନରୁ ଛତ୍ରବଜାରକୁ ପରିବା ଆସିବା ବନ୍ଦ ହୋଇଗଲାଣି। ସେହିପରି ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି, ଯଦି ପ୍ରଶାସନିକ ସ୍ତରରେ ୧୫ ଦିନ ମଧ୍ୟରେ ସମସ୍ୟାର ସ୍ଥାୟୀ ସମାଧାନ କରା ନ ଯାଏ ତେବେ ମିଳିତ ବ୍ୟବସାୟୀ ସଂଘ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ।

### ଉତ୍କଳ ଯୁବ ସେବକ ବାହିନୀର ସାଧାରଣ ବୈଠକ

**କଟକ ଅଫିସ,୧୧।୭**

ଉତ୍କଳ ଯୁବ ସେବକ ବାହିନୀ କଟକ ଜିଲା ଶାଖା ପକ୍ଷରୁ ଗୁଗଲ୍‌ମିଟ୍ ଜରିଆରେ ରବିବାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଆବାହକ ସନ୍ତୋଷ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଙ୍ଗଠନର ଆଗାମୀ କାର୍ଯ୍ୟପନ୍ଥା, ଜନସମାଜରେ ମଧୁବାବୁଙ୍କ ଚିନ୍ତା ଓ ଚେତନାର ଅଧିକ ପ୍ରସାର ଲାଭ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଉତ୍କଳ ସମ୍ମିଳନୀ ପଶ୍ଚିମ ସିଂହଭୂମ ଜିଲା ଚାଇଁବସା ଶାଖାର ସଭାପତି ଡ. ସୁଶାନ୍ତ ମହାରଣା ଯୋଗଦେଇ କେନ୍ଦ୍ର ସରକାର ମଧୁବାବୁଙ୍କ ନାମରେ ଗୋଟିଏ ଯାତ୍ରୀବାହୀ ଟ୍ରେନ୍‌ର ନାମକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଜଗତ କିଶୋର ସାମଲ ଯୋଗଦେଇ ମଧୁବାବୁଙ୍କ ସମାଧିପୀଠର ଉନ୍ନତି ଉପରେ ଜୋର ଦେଇଥିଲେ। ଏଥିରେ ଆଇନଜୀବୀ ଜଗନ୍ନାଥ ମହାନ୍ତି ଯୋଗଦେଇଥିଲେ। ସଙ୍ଗଠନର ସଦସ୍ୟ ସାର୍ଥକ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଆଇନଜୀବୀ ଗଗନ ବାରିକ ଧନ୍ୟବାଦ ଦେଇଥିଲେ।

## ତଦନ୍ତ ରିପୋର୍ଟ ମିଳିବାରେ ବିଳମ୍ବ

**କଟକ ସଦର,୧୧।୭(ଡି.ଏନ.ଏ.)**

**ଉରାଳି ପଞ୍ଚାୟତ ଅର୍ଥ ତୋସରପାତ ଘଟଣା**

**ବୟାନ ବଦଳାଉଛନ୍ତି ବ୍ଲକ କର୍ମଚାରୀ**

କଟକ ସଦର ବ୍ଲକ ଅଧୀନ ଉରାଳି ପଞ୍ଚାୟତ ଅର୍ଥ ତୋସରପାତ ଘଟଣାର ତଦନ୍ତ ପାଇଁ ବିଡିଓ ରାଜୀବ ଲୋଚନ ପରିଡା ୨ ଜଣିଆ କମିଟି ଗଠନ କରିଥିଲେ। ଜୁନ୍ ୩୦ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ ପାଇଁ ସମୟସୀମା ଧାର୍ଯ୍ୟ ହୋଇଥିଲା। ଇତିମଧ୍ୟରେ ନିର୍ଦ୍ଧାରିତ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ତଦନ୍ତ ରିପୋର୍ଟ ବିଡିଓ ପରିଡାଙ୍କର ହସ୍ତଗତ ହୋଇପାରିନାହିଁ। ବ୍ଲକ କର୍ମଚାରୀମାନେ ଜୁନ୍ ୪ରେ କଟକ ସଦର ଉପଜିଲାପାଳଙ୍କ ନିକଟରେ ଦେଇଥିବା ସ୍ୱୀକାରୋକ୍ତିରୁ ଓହରି ଯିବା ସହ ବୟାନ ବଦଳାଇ ଚାଲିଥିବାରୁ ତଦନ୍ତ ରିପୋର୍ଟ ପ୍ରସ୍ତୁତିରେ ଅସୁବିଧା ସୃଷ୍ଟି ହୋଇଛି। ଅର୍ଥ ତୋସରପାତ ଘଟଣାରେ ସେମାନଙ୍କ ସମ୍ପୃକ୍ତି ରହିଥିବା କଥା କର୍ମଚାରୀମାନେ କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ନିକଟରେ ସ୍ୱୀକାରୋକ୍ତି କରିଥିଲେ। ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ଲକସ୍ତରୀୟ ତଦନ୍ତବେଳେ ୫୪ ହଜାର ଟଙ୍କାର ଅନିୟମିତତା ସହ ୪ ବର୍ଷ ମଧ୍ୟରେ ଆଉ କି ପ୍ରକାର ଆର୍ଥିକ ହେରଫେର ହୋଇଛି, ସେ ସମ୍ପର୍କରେ ଅନୁସନ୍ଧାନ ପାଇଁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦–୨୧ ଆର୍ଥିକ ବର୍ଷରେ ଏହି ପଞ୍ଚାୟତରେ ଥିବା ଏକ କମ୍ପାନୀରୁ ୬୦ ହଜାର ଟଙ୍କା ଟିକସ ଆଦାୟ କରାଯାଇଥିଲା। ସେଥିମଧ୍ୟରୁ ୬ ହଜାର ଟଙ୍କା ପଞ୍ଚାୟତ ଆକାଉଣ୍ଟରେ ଜମା କରାଯାଇଥିଲା। ଏ ସମ୍ପର୍କରେ କଟକ ସଦର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପରେ ଉପଜିଲାପାଳ ବେଉରା ଏହାର ତଦନ୍ତ କରି ୨ ଜଣ କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇସାରିଛନ୍ତି। ଶୀଘ୍ର ତଦନ୍ତ ରିପୋର୍ଟ ମିଳିବ ବୋଲି ବିଡିଓ ପରିଡା କହିଛନ୍ତି।

### ଆଇନଜୀବୀଙ୍କ ବିୟୋଗରେ ଶୋକସଭା

**କଟକ ଅଫିସ,୧୧।୭**

ବରିଷ୍ଠ ଆଇନଜୀବୀ ସଦାନନ୍ଦ ରଥଙ୍କ ବିୟୋଗରେ ନିଖିଳ ଉତ୍କଳ ଟିକସ ଓକିଲ ସଂଘ ପକ୍ଷରୁ ରବିବାର ଭର୍ଚୁଆଲ ମାଧ୍ୟମରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ମାତାଦିନ ଉଦୟପୁରିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆଇନଜୀବୀ ବାସୁଦେବ ପଣ୍ଡା, ସତ୍ୟନାରାୟଣ ସାହୁ, ଗିରିଜାନନ୍ଦ ନାୟକ, ମିଲନ ବଡୁ, ନନ୍ଦଲାଲ ଦାଶ, ସାଦିରାମ ଶର୍ମା, ମୋହିତ ସେଠ, ପ୍ରଦୀପ ପଟ୍ଟନାୟକ, ନଟବର ପଣ୍ଡା, ସଞ୍ଜୟ ଆଚାର୍ଯ୍ୟ ପ୍ରମୁଖ ସାମିଲ ହୋଇ ସ୍ୱର୍ଗତ ରଥଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ।

## ମଠ, ମନ୍ଦିରକୁ ସରକାର ନିୟନ୍ତ୍ରଣମୁକ୍ତ କରିବା ଉଚିତ

**କଟକ ଅଫିସ, ୧୧।୭**

ଓଡ଼ିଶା ଦେବାଳୟ ବିମୋଚନମ୍ ସଙ୍ଗଠନ ପକ୍ଷରୁ ରବିବାର ପୂର୍ବାହ୍ନରେ ମହାନଦୀବିହାରସ୍ଥିତ ରାଧାକୃଷ୍ଣ ମନ୍ଦିର ସଫେଇ କରାଯାଇଥିଲା । ସଙ୍ଗଠନର ଆବାହକ ପ୍ରଦୀପ୍ତ ଜେନାଙ୍କ ଆବାହକତ୍ୱରେ ବହୁ ବ୍ୟକ୍ତି ଓ ଯୁବସମାଜ ଏଥିରେ ସାମିଲ ହୋଇଥିଲେ । ଆବାହକ ଜେନାଙ୍କ କହିବାନୁଯାୟୀ, ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଏମ୍.ନାଗେଶ୍ୱର ରାଓଙ୍କ ମାର୍ଗଦର୍ଶନରେ ସଙ୍ଗଠନ ଓଡ଼ିଶାର ମଠ, ମନ୍ଦିରକୁ ସରକାରୀ ନିୟନ୍ତ୍ରଣ ମୁକ୍ତ କରିବା ଦିଗରେ କାର୍ଯ୍ୟ କରିବ। ମଠ, ମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ନିଆରା କାର୍ଯ୍ୟକ୍ରମ ସଙ୍ଗଠନ ହାତକୁ ନେଇଛି। ସରକାର ମସ୍‌ଜିଦ, ଗୁରୁଦ୍ୱାର, ଚର୍ଚ୍ଚକୁ ନିୟନ୍ତ୍ରଣମୁକ୍ତ କରିଥିବାବେଳେ ମଠ, ମନ୍ଦିରକୁ ସରକାରୀ ନିୟନ୍ତ୍ରଣରେ ରଖିବା ଅଯୁକ୍ତିକର। ତେଣୁ ସରକାର ମଠ, ମନ୍ଦିର ସବୁକୁ ନିୟନ୍ତ୍ରଣମୁକ୍ତ କରିବା ଉଚିତ । ପରବର୍ତ୍ତୀ ସମୟରେ କଟକ ସହର ସମେତ ରାଜ୍ୟରେ ଥିବା ଅନ୍ୟ ମଠ, ମନ୍ଦିର ପରିସର ସଫେଇ କରାଯିବା ଲକ୍ଷ୍ୟ ରହିଛି। ଆବଶ୍ୟକ ହେଲେ ଦେବୋତ୍ତର କମିଶନରଙ୍କ ନଜରକୁ ସମସ୍ୟା ଅଣାଯିବ ବୋଲି ସେ କହିଛନ୍ତି । ଏହି ସଫେଇ କାର୍ଯ୍ୟକ୍ରମରେ ଖବରଦାତା, ବିଭୂତି ଭୂଷଣ ଦାଶ, ପ୍ରାଣକୃଷ୍ଣ ଜେନା, ଡ. ସୁଦର୍ଶନ ସାସମଲ, ଅକ୍ଷୟ ପଣ୍ଡା, ପ୍ରଦୀପ୍ତ ସାହୁ, ବିନୋଦ ବେହେରା, ସାଗରିକା ସାହୁ, ରଘୁନାଥ ବାରିକ ଓ ବିଭୁତି ଭୂଷଣ ପୃଷ୍ଟି ସାମିଲ ହୋଇଥିଲେ।



ପାନୀୟ ଜଳ ପାଇପ ଫାଟି ଯିବାରୁ କଟକ କଲେଜ ଛକ ପିଲିଗ୍ରୀମ ରାସ୍ତା ଜଳମଗ୍ନ।

## ଘାସ ସଫା କରି ବିଲ୍ କରିବାକୁ ମସୁଧା

**ସାଲେପୁର,୧୧।୭(ଡି.ଏନ୍.ଏ.)**

ସାଲେପୁର ବ୍ଲକର ୬ନଂ ଶାଖା କେନାଲରେ ସଫେଇ କାର୍ଯ୍ୟ ଚାଲିଛି। କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ଏହି ଶାଖା କେନାଲକୁ ଠିକାଦାରମାନେ ନାମକୁ ମାତ୍ର କାମ କରି ଲକ୍ଷାଧିକ ଟଙ୍କା ହରିଲୁଟ୍ କରିବାକୁ ଯୋଜନା କରୁଛନ୍ତି। କେନାଲ ଉପରେ ବହୁ ଲୋକ ଦୋକାନ ଖୋଲିଛନ୍ତି। ସେମାନେ ଅଳିଆ ଆବର୍ଜନାକୁ ପାଣିରେ ପିଙ୍ଗି ଦେଉଛନ୍ତି। ଏହାଛଡା କେନାଲର ବହୁ ଜାଗା ଖାଇଯାଇଛି। ଏହା ଭିତରେ ଗଛଲତା ମାଡ଼ିଯାଇଛି। ଫଳରେ କେନାଲ ପାଣି ଅବରୋଧ ହେଉଛି। ଏନେଇ ଚାଷୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜୁଲାଇ ୧୫ରେ ଏହି କେନାଲକୁ ପାଣି ଆସିବାକୁ ଥିବାବେଳେ ଏହା ପୂର୍ବରୁ ଜଳସେଚନ ବିଭାଗ ପକ୍ଷରୁ ସଫା କରିବାକୁ ସ୍ଥିର କରାଯାଇଛି। ମାତ୍ର ଠିକାଦାରମାନେ ମେଶିନ ସାହାଯ୍ୟରେ କେବଳ ଘାସ ସଫେଇ କରି ବିଲ୍ କରିବାକୁ ମସୁଧା ଚଳାଇଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ଏନେଇ କାର୍ଯ୍ୟାନୁଷ୍ଠାନ ନ ନଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କେନ୍ଦୁପାଟଣା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଅଜୟ କୁମାର ବେହେରା କହିଛନ୍ତି, ଧର୍ମାଗତପୁର ସେକ୍ସନ ଅଧୀନରେ ଏହି କାମ ଚାଲୁରହିଛି। ଏନେଇ ସେ ଧର୍ମାଗତପୁରର ଯନ୍ତ୍ରୀଙ୍କୁ ଅବଗତ କରାଇବେ।



କେନାଲକୁ ଜେସିବି ସାହାଯ୍ୟରେ ସଫା କରାଯାଉଛି।

## ସଂକ୍ଷେପରେ

### ୮୪ ପଜିଟିଭ, ୭୬ ସୁସ୍ଥ

**ଖୋର୍ଦ୍ଧା ଅଫିସ,୧୧।୭:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ କୋଭିଡ୍ ସଂକ୍ରମଣ ସ୍ଥିତି ନିୟନ୍ତ୍ରଣରେ ରହିଛି। ରବିବାର ୮୪ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୭୬ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ୧୨, ବାଲିପାଟଣା ୧୨, ଭୁବନେଶ୍ୱର (ବ୍ଲକ)୯, ଜଟଣୀ ୧୦, ଖୋର୍ଦ୍ଧା ୧୩, ବେଗୁନିଆ ୯, ବୋଲଗଡ଼ ୪, ଟାଙ୍ଗୀ ୬, ଚିଲିକା ୭ ଏବଂ ବାଣପୁରର ୨ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ୪,୪୧,୩୯୬ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୭,୧୯୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ୨୬,୬୧୯ଜଣ ସୁସ୍ଥ ହୋଇଛନ୍ତି। ୧୩୬ଜଣଙ୍କ ମୃତ୍ୟୁ ଘଟିଛି। ୪୩୮ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

### ସଜେଇ ହେଉଛି ଶ୍ରୀଗୁଣ୍ଡିଚା ମନ୍ଦିର

**ପୁରୀ ଅଫିସ,୧୧।୭:** ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ବଡଠାକୁର ବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ, ଚକ୍ରରାଜ ସୁଦର୍ଶନ ରଥାରୂଢ଼ ହୋଇ ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥାନ୍ତି। ଶ୍ରୀବିଗ୍ରହମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ୭ଦିନ ଅବସ୍ଥାନ କରିଥାନ୍ତି। ଏହି ଯାତ୍ରାକୁ ନବଦିନାତ୍ମକ ଯାତ୍ରା ବା ଘୋଷଯାତ୍ରା ବୋଲି କୁହାଯାଇଥାଏ। ଶ୍ରୀବିଗ୍ରହମାନେ ଶ୍ରୀଗୁଣ୍ଡିଚା ମନ୍ଦିରର ଯେଉଁ ସିଂହାସନରେ ବିଜେ କରନ୍ତି ତାହାକୁ ଆଡପ ମଣ୍ଡପ କୁହାଯାଏ। ଦଶମୀ ତିଥିରେ ଶ୍ରୀମନ୍ଦିରକୁ ଚତୁର୍ଦ୍ଧାମୂର୍ତ୍ତି ବାହୁଡା ବିଜେ କରିଥାନ୍ତି। ଚଳିତବର୍ଷ ରଥଯାତ୍ରା ଅବସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ରଙ୍ଗିନ ଫୁଲ ଓ ଆଲୋକମାଳାରେ ସଜେଇ ହେଉଛି। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଶରଧା ବାଲି ନିକଟରେ ଥିବା ଯଜ୍ଞ ନୃସିଂହଙ୍କ ନିକଟରେ ଯଜ୍ଞ କରିବା ପରେ ମହାପ୍ରଭୁ ଦାରୁ ଭାବେ ବାଙ୍କି ମୁହାଣ ନିକଟରେ ଆବିର୍ଭାବ ହୋଇଥିଲେ। ପରେ ମହାପ୍ରଭୁ ନିଜେ ବୁଢ଼ା ମହାରଣା ବା ଅନନ୍ତ ମହାରଣା ରୂପରେ ଶ୍ରୀଗୁଣ୍ଡିଚା ମନ୍ଦିର ଯାଇ ଦାରୁ ବିଗ୍ରହ ନିର୍ମାଣ କରିଥିଲେ। ପୂର୍ବରୁ ଆଡପ ମଣ୍ଡପ ଚାରିପାଖରେ କୌଣସି ପାଚେରୀ ବା ମନ୍ଦିର ନ ଥିଲା। ପରବର୍ତ୍ତୀ ସମୟରେ ଆଡପ ମଣ୍ଡପ ଚାରିପାଖରେ ମେଘନାଦ ପାଚେରି ଓ ମନ୍ଦିର ନିର୍ମାଣ କରାଯାଇଛି। ମହାପ୍ରଭୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଜନ୍ମଲାଭ କରିଥିବାରୁ ପ୍ରତ୍ୟେକ ଭକ୍ତ ଆଡପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଡପ ଅବଢ଼ା ସେବନ କରିବା ପାଇଁ ଇଚ୍ଛା କରିଥାଏ।

### ରାପ୍‌ରେ ଜଗନ୍ନାଥଙ୍କୁ ଭକ୍ତି ଜଣାଇଲେ ରାପର୍ ବିଗ୍‌ଡିଲ

**ଭୁବନେଶ୍ୱର,୧୧।୭(ବ୍ୟୁରୋ):** ରାପର୍ ବିଗ୍‌ଡିଲ ଭାବେ ପରିଚିତ ସମୀର ରିଷୁ ମହାନ୍ତି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ନୂତନ ରାପ୍ 'କାଳିଆ' ଜୟ ଜଗନ୍ନାଥ ରିଲିଜ୍ କରିଛନ୍ତି। 'ନାଁ ତୋ କାଳିଆ, ଚକା ଡୋଳିଆ' ରାପ୍‌ଟିକୁ ରଥଯାତ୍ରା ଅବସରରେ ରିଲିଜ୍ କରିଛନ୍ତି। ଏହାକୁ ଅପ୍‌ଲୋଡ୍ କରିବାର ମାତ୍ର କିଛି ଘଣ୍ଟା ମଧ୍ୟରେ ୮ହଜାରରୁ ଊର୍ଦ୍ଧ୍ୱ ଲୋକ ଏହାକୁ ଦେଖିବା ସହ ପସନ୍ଦ ମଧ୍ୟ କରିଛନ୍ତି। ୪ ମିନିଟ୍ ୨୪ ସେକେଣ୍ଡର ଏହି ରାପ୍‌ରେ ପ୍ରଭୁ ଜଗନ୍ନାଥ ଅସହାୟ ଲୋକଙ୍କୁ ସାହାଯ୍ୟ କରୁଛନ୍ତି ତାହା ଦେଖାଯାଇଛି। ଇଂଲିଶ ସବ୍‌ଟାଇଟଲ ମଧ୍ୟ ରହିଛି। ଫଳରେ ବାହାର ରାଜ୍ୟ ଓ ଦେଶର ଲୋକ ମଧ୍ୟ ଜଗନ୍ନାଥଙ୍କ କୃପା ସମ୍ପର୍କରେ ଜାଣି ପାରିବେ। ରାପ୍‌ରେ ଅଭିନେତା ପାର୍ଥ ସାରଥି ରାୟ ଜଗନ୍ନାଥଙ୍କ ଭୂମିକାରେ ନଜରକୁ ଆସିଥିବାବେଳେ ଛୋଟପିଲା ଭୂମିକାରେ ମିଭାନ୍ ତିୱାରୀ ଅଭିନୟ କରିଛନ୍ତି।

# ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଆଜ୍ଞାମାଳ ବିଜେ ଆଜି

**ଖୋର୍ଦ୍ଧା ଅଫିସ,୧୧।୭**

ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା। ସୋମବାର ପବିତ୍ର ଘୋଷଯାତ୍ରା। ଶ୍ରୀକ୍ଷେତ୍ର ବ୍ୟତୀତ ଅନ୍ୟ କେଉଁଠି ରଥଯାତ୍ରା ହେବ ନାହିଁ। ଫଳରେ ଭକ୍ତଙ୍କ ମନରେ ନିରାଶ ଭାବ ରହିଛି। ଖୋର୍ଦ୍ଧା ଉପକଣ୍ଠ ଜାଗୁଲାଇପାଟଣାର ଶ୍ରୀଅନନ୍ତ ପୁରୁଷୋତ୍ତମ, ଗୁରୁଜଙ୍ଗସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଦଧିମାଛଗାଡିଆ ଦାରୁକ୍ଷେତ୍ରରେ ରଥଯାତ୍ରା ଆୟୋଜିତ ହୋଇଥାଏ। ଚଳିତ ବର୍ଷ କରୋନା କଟକଣା ପାଇଁ କେବଳ ମହାପ୍ରଭୁଙ୍କ ବିଧି ପରମ୍ପରା ପାଳନ କରାଯିବ। ଜାଗୁଲାଇପାଟଣ ସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଆଜ୍ଞାମାଳ ଅପରାହ୍ନରେ ଅସ୍ଥାୟୀ ଗୁଣ୍ଡିଚା ମଣ୍ଡପକୁ ବିଜେ କରିବ। ନବଦିନ ବ୍ୟାପୀ ସମସ୍ତ ନୀତିକାନ୍ତି ମନ୍ଦିର ପରିସରରେ କରାଯିବ ବୋଲି ମୁଖ୍ୟ ପୂଜକ କମଳଲୋଚନ ମହାରାଜ କହିଛନ୍ତି। ପାନବରଜରୁ ପ୍ରଶାନ୍ତ ପଟ୍ଟନାୟକଙ୍କ ଘରୁ ସୋଲର ଟାହିଆ ଆସି ପହଞ୍ଚିଛି। ଶ୍ରୀଜୀଉଙ୍କୁ ଟାହିଆ ଲାଗି କରାଯିବ। ଠାକୁରଙ୍କ ମସ୍ତକରେ ଶୋଭାପାଇବ ଟାହିଆ। କିଛି ବର୍ଷ ହେବ ପ୍ରଶାନ୍ତ ରଥଯାତ୍ରାରେ ଅନନ୍ତ ପୁରୁଷୋତ୍ତମଙ୍କ ଲାଗି ଟାହିଆ ଯୋଗାଇ ଆସୁଛନ୍ତି। ଏକଦା ରଥଯାତ୍ରା ସମୟରେ ପୂର୍ଣ୍ଣ ବିଗ୍ରହଙ୍କ ପହଣ୍ଡି ଚାଲିଥାଏ। ଠାକୁରଙ୍କ ମସ୍ତକରେ ଟାହିଆ ନ ଥିବା ଦେଖି ପ୍ରଶାନ୍ତ ଠାକୁରଙ୍କ ଲାଗି ଟାହିଆ ପ୍ରସ୍ତୁତ ପାଇଁ ମନସ୍ଥ କରିଥିଲେ। ତା' ପରଠାରୁ ଟାହିଆ ପ୍ରସ୍ତୁତ କରି ଆସୁଛନ୍ତି। ସେହିପରି ଦଦଧିମାଛଗାଡ଼ିଆ ଦାରୁକ୍ଷେତ୍ରରେ ପତିତପାବନଙ୍କ କେବଳ ବିଧି ପାଳନ କରାଯିବ। ରଥ ଗଡ଼ିବ ନାହିଁ।



ଜାଗୁଲାଇପାଟଣାର ଶ୍ରୀଅନନ୍ତ ପୁରୁଷୋତ୍ତମ।

ସୋମବାର ଭୋର ୫ଟାରେ ଦ୍ୱାରଫିଟା, ୬ଟାରେ ମଙ୍ଗଳଆଳତି, ମଇଲମ, ତଡ଼ପ ଲାଗି, ରୋଷହୋମ, ଅବାକାଶ ସୂର୍ଯ୍ୟପୂଜା, ଦ୍ୱାରପାଳପୂଜା, ବେଶ ସମ୍ପନ୍ନ ହୋଇ ଗୋପାଳ ବଲ୍ଲଭ ଓ ସକାଳ ଧୂପ ସମ୍ପନ୍ନ କରାଯିବ। ମଧ୍ୟାହ୍ନରେ ମହାପ୍ରଭୁଙ୍କ ରଥକୁ ଆଜ୍ଞାମାଳ ବିଜେ ପରେ ପ୍ରତିଷ୍ଠା କରାଯିବ। ଅପରାହ୍ନ ୩ଟାରେ ଠାକୁରଙ୍କ ମଙ୍ଗଳାର୍ପଣ ପରେ ପହଣ୍ଡି କରାଯାଇ ମନ୍ଦିର ପରିସରରେ ରହିଥିବା ରଥକୁ ବିଜେ କରିବେ। ରଥରେ ଅନ୍ୟ ନୀତି ସମ୍ପନ୍ନ ପରେ ବେଶ, ଛେରାପହଁରା ନୀତି ସମ୍ପନ୍ନ କରାଯିବ। ପରେ ବିଧି ରକ୍ଷା ଲାଗି ରଥକୁ ମନ୍ଦିର ପରିସରରେ କିଛି ବାଟ ଟଣାଯିବ। ମନ୍ଦିର ପରିସରରେ ଠାକୁରଙ୍କ ଅସ୍ଥାୟୀ ଗୁଣ୍ଡିଚା ମଣ୍ଡପ କରାଯାଇଛି। ସେଠାରେ ଠାକୁର ନବଦିନାତ୍ମକ ବିଜେ କରିବେ। ନବ ଦିନ ବ୍ୟାପୀ ଠାକୁରଙ୍କ ସମସ୍ତ ନୀତିକାନ୍ତି କରାଯିବ। ବାହୁଡାରେ ପୁଣି ବାହୁଡା ନୀତି ସମ୍ପନ୍ନ କରାଯିବ ବୋଲି ମନ୍ଦିର ପରିଚାଳନା କମିଟିର ନରେନ୍ଦ୍ର ପଟ୍ଟନାୟକ କହିଛନ୍ତି।



**ପୁରୀ:** ଘୋଷଯାତ୍ରା ପାଇଁ ସିଂହଦ୍ୱାର ସମ୍ମୁଖରେ ପ୍ରସ୍ତୁତ ହୋଇ ରହିଥିବା ତିନିରଥ।

## ଜେଲ ଗଲେ ୫ ଅଭିଯୁକ୍ତ



ଗିରଫ ୫ ଅଭିଯୁକ୍ତ।

**ଟାଙ୍ଗୀ (ଖୋର୍ଦ୍ଧା),୧୧।୭(ଡି.ଏନ୍.ଏ.)**

**ଡାକ୍ତରଙ୍କୁ ମାଡ଼ ମାରିବା ଘଟଣା**

ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ରୋଗୀଙ୍କ ସମ୍ପର୍କୀୟମାନେ ମାଡ଼ ମାରିବା ଘଟଣାରେ ଟାଙ୍ଗୀ ପୋଲିସ ୫ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଶାସ୍ତ୍ରୀନଗର ଅଞ୍ଚଳର ନବ କିଶୋର ପ୍ରଧାନ, ରମେଶ ପ୍ରଧାନ, ଶ୍ରୀମାନ ସ୍ୱାଗତ, ସୁଶୀଲ ପ୍ରଧାନ ଓ ସତ୍ୟପ୍ରଜ୍ଞ ରାଉତରାୟ। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଶାସ୍ତ୍ରୀନଗର ଅଞ୍ଚଳର ଜଣେ ମହିଳା ଶନିବାର ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଏହି ସମୟରେ ଡା.ଶୁଭାଶିଷ ଷଡ଼ଙ୍ଗୀ ଜଣେ ଗୁରୁତର ଶିଶୁଙ୍କ ଚିକିତ୍ସା କରୁଥିଲେ। ତେବେ ମହିଳାଙ୍କ ଚିକିତ୍ସାରେ ବିଳମ୍ବ ଯୋଗୁ ସମ୍ପର୍କୀୟମାନେ ଡା.ଷଡ଼ଙ୍ଗୀଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ରାତିରେ ଧାରଣା ଦେଇଥିଲେ। ପ୍ରଶାସନ ଓ ପୋଲିସର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଖୋର୍ଦ୍ଧା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଏସ୍‌ଡିପିଓ ଏବଂ ଟାଙ୍ଗୀ ଆଇଆଇସିଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଗଠନ କରାଯାଇ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୨୩/୨୧)ରୁଜୁ ହୋଇଛି। ରବିବାର ଡାକ୍ତର ଓ କର୍ମଚାରୀଙ୍କ ସୁରକ୍ଷା ନେଇ ଜିଲାପାଳ ସନତ ମହାନ୍ତି, ଏସ୍‌ପି ରାଜକିଶୋର ଦୋରା, ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ଆଇଆଇସି ବିଜୟ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ବିଜୟ ଜେନା, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଦିଲୀପ ମଲ୍ଲିକ, ପୂର୍ବତନ ମେଡିକାଲ ଅଫିସର ଜିତେନ୍ଦ୍ର ସାହୁଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପୋଲିସ କହିଛି।

## ଆଜି ନନ୍ଦନକାନନ ପାଳିବ ଆଜାଦିକା ଅମୃତ ମହୋତ୍ସବ

**ବାରଙ୍ଗ,୧୧।୭(ଡି.ଏନ୍.ଏ.)**

କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଆଜାଦିକା ଅମୃତ ମହୋତ୍ସବ ଆରମ୍ଭ ହୋଇଛି। ଏଥିରେ ଦେଶର ୭୫ଟି ଚିଡିଆଖାନା ଅଂଶଗ୍ରହଣ କରିଛନ୍ତି। ଏହି ମହୋତ୍ସବ ୭୫ସପ୍ତାହ ଧରି ଚାଲିବାକୁ ଥିବାବେଳେ ୭୫ ପ୍ରଜାତିର ପଶୁପକ୍ଷୀଙ୍କୁ ନେଇ ଆଲୋଚନା ଓ ତର୍ଜମା କରାଯିବାକୁ ନିଷ୍ପତ୍ତି ହୋଇଛି। ରଥଯାତ୍ରା ତଥା ସୋମବାର ଠାରୁ ୧୮ତାରିଖ ପର୍ଯ୍ୟନ୍ତ ନନ୍ଦନକାନନ ଏହି ମହୋତ୍ସବରେ ଭାଗନେବ। ଅନ୍‌ଲାଇନରେ ପିସିସିଏଫ୍ ଏହାକୁ ଉଦ୍‌ଘାଟନ କରିବା ସହ ନନ୍ଦନକାନନ ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିବେ। ଉଦ୍‌ଘାଟନୀ ଉତ୍ସବରେ ବଜ୍ରକାପ୍ତା ଉପରେ ଏକପୁସ୍ତକ ଉନ୍ମୋଚନ ହେବ। ଏଥିସହ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ ପ୍ରତିଯୋଗିତା କରାଯିବ ବୋଲି ଜଣାପଡ଼ିଛି।

## ବିବାହ ଉତ୍ସବରେ କୋଭିଡ୍ ନିୟମ ଉଲ୍ଲଂଘନ

**ନିରାକାରପୁର,୧୧।୭(ଡି.ଏନ୍.ଏ.)**

କରୋନା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ବିବାହ ଉତ୍ସବ ଉପରେ କଟକଣା ରହିଛି। ବିବାହ ଲାଗି ସ୍ଥାନୀୟ ପ୍ରଶାସନଠାରୁ ଅନୁମତି ନେବାକୁ ପଡିଥାଏ। କୋଭିଡ୍ ନିୟମ ପ୍ରକାରେ ଉଭୟ ବର ଓ କନ୍ୟା ପକ୍ଷଙ୍କୁ ମିଶାଇ ୨୫ଜଣ ଯୋଗଦାନ କରିପାରିବେ। ବିବାହ ଉତ୍ସବରେ କୌଣସି ଭୋଜିଭାତର ଆୟୋଜନ ଉପରେ ମଧ୍ୟ କଟକଣା ରହିଛି। ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ରାଉଳହଜଠାରେ ରବିବାର ଏହି ନିୟମ ଉଲ୍ଲଂଘନ କରି ବିବାହ ଉତ୍ସବରେ ଭୋଜିଭାତର ଆୟୋଜନ ହୋଇଥିଲା। ପ୍ରାୟ ୫ଶହ ଲୋକଙ୍କ ପାଇଁ ଆୟୋଜନ ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ରନ୍ଧାଳିମାନେ ଘରକୁ ଫେରୁଥିଲେ। ପୋଲିସ ସେମାନଙ୍କୁ ପଚାରିବାରୁ ୧୫୦ ଲୋକଙ୍କ ପାଇଁ ରୋଷେଇ କରିଛୁ ବୋଲି କହିଥିଲେ। ଏନେଇ ନିରାକାରପୁର ଥାନା ଏସ୍‌ଆଇ ବିଚିତ୍ରନନ୍ଦ ପରିଡା କହିଛନ୍ତି, ବିବାହ ଉତ୍ସବରେ ଗହଳି ଖବରପାଇ ସେଠାରେ ପହଞ୍ଚିଥିଲୁ। ୨୦ରୁ ୨୫ଜଣ ଲୋକ ଥିଲେ। ତେଣୁ ଜରିମାନା ଆଦାୟ କରାଯାଇ ନାହିଁ ବୋଲି ସେ କହିଛନ୍ତି।

## ଭକ୍ତ ଦାସିଆ ପୀଠରୁ ମହାପ୍ରଭୁଙ୍କ ଲାଗି ଯାଏ ତୁଳସୀ

**ପିପିଲି,୧୧।୭(ଡି.ଏନ୍.ଏ.)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରୁ ଆନନ୍ଦ ମିଳେ। ତେଣୁ ବିଭିନ୍ନ ଉପାୟରେ ଅନେକେ ସେବା ଯୋଗାଇ ଦେଇଥାନ୍ତି। ଏକଦା ଦାସିଆଙ୍କ ହାତରୁ ଜଗନ୍ନାଥ ନଡ଼ିଆ ଓ ଆମ୍ବ ନେଇଥିଲେ ବୋଲି ଲୋକକଥା ରହିଛି। ତେବେ ଦାସିଆଙ୍କ ସ୍ମୃତିରେ ପିପିଲି ନିକଟ ବାଲିଗାଁସ୍ଥିତ ଭକ୍ତ ଦାସିଆଙ୍କ ପୀଠରୁ ଦୈନନ୍ଦିନ ମହାପ୍ରଭୁଙ୍କ ନିକଟକୁ ତୁଳସୀ, ପଦ୍ମଫୁଲ ଓ ନଡ଼ିଆ ପଠାଯାଇଥାଏ। ମହାପ୍ରଭୁଙ୍କ ତୁଳସୀ ଦୟଣାମାଳ ଅତି ପ୍ରିୟ। ଭୋଗରେ ତୁଳସୀ ନ ପଡ଼ିଲେ ମହାପ୍ରଭୁଙ୍କ ପାଖରେ ଲାଗି ହୁଏ ନାହିଁ। ୨୦୦୨ ମସିହା ଅକ୍ଷୟ ତୃତୀୟାରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଉପସ୍ଥିତିରେ ବାଲିଗାଁରେ ରାଧାମୋହନ ମଠ ସମ୍ପତ୍ତି ଉପରେ ତୁଳସୀ ବଗିଚା ଆରମ୍ଭ କରାଯାଇଥିଲା। ଜଗନ୍ନାଥ ଆଶ୍ରିତ ମଣ୍ଡଳୀଙ୍କ ତତ୍ତ୍ୱାବଧାନ ଓ ଭକ୍ତ ଦାସିଆ ସ୍ମୃତି କମିଟି ସହଯୋଗରେ ସମସ୍ତ କାର୍ଯ୍ୟ କରାଯାଇଥିଲା। ପ୍ରତ୍ୟେକଦିନ ଦାସିଆଙ୍କ ପୀଠରୁ ତୁଳସୀ, ନଡ଼ିଆ, ପଣସ, ପୁଷ୍ପ ପଠାଯାଉଛି। ମଞ୍ଚେଶ୍ୱର ଗାଡ଼କଣ ମହାବୀର ମନ୍ଦିରର ସନ୍ଥ ରାମ ଶରଣ ଦାସ ମହାରାଜ ବିଭିନ୍ନ ମଠ, ମନ୍ଦିର ଓ ଭକ୍ତଙ୍କ ଠାରୁ ମଧ୍ୟ ସଂଗ୍ରହ କରିଥାନ୍ତି। ବିଶେଷକରି ପ୍ରତ୍ୟେକବର୍ଷ ଗୁଣ୍ଡିଚାରେ ୩ଠାକୁରଙ୍କ ପାଇଁ ତୁଳସୀ ଚୂଳ, ତୁଳସୀ ମାଳ, ପଦ୍ମଫୁଲ ଯାଇଥାଏ। ଏହାକୁ ନେବା ବେଳେ ନାମ ସଂକୀର୍ତ୍ତନ କରାଯାଇଥାଏ। ତୁଳସୀ ସେବା ବହୁ ବର୍ଷଧରି ରହିଆସିଛି।



ବାଲିଗାଁସ୍ଥିତ ଭକ୍ତ ଦାସିଆଙ୍କ ପୀଠରୁ ରାମ ଶରଣ ଦାସ ମହାରାଜ ତୁଳସୀ ତୋଳୁଛନ୍ତି।

## ସଂପୁର-ଯୋଡ଼ାପଡ଼ା ରାସ୍ତାରେ ଖାଲଖମା

**ବୋଲଗଡ଼,୧୧।୭(ଡି.ଏନ୍.ଏ.)**

ସରକାର ଗ୍ରାମାଞ୍ଚଳର ଗମନାଗମନ ସୁବିଧା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏବେବି ଅନେକ ଗ୍ରାମରେ ଭଲ ରାସ୍ତା ନ ଥିବାରୁ ଲୋକେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ଅନ୍ତର୍ଗତ ସଂପୁର ଗ୍ରାମ ଠାରୁ ଯୋଡ଼ାପଡ଼ା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇ ରହିଛି। ଏହି ରାସ୍ତାରେ ଯାନବାହନ ଯିବା ତ ଦୂରର କଥା, ପଥଚାରୀମାନେ ଯିବାଆସିବା କରିବାରେ ମଧ୍ୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଫଳରେ ଜରୁରିକାଳୀନ ସେବା ପାଇଁ ଯାଉଥିବା ବ୍ୟକ୍ତି ଉକ୍ତ ରାସ୍ତାରେ ଯାଇ ନର୍କ ଯନ୍ତ୍ରଣା ଭୋଗୁଥିବା କହିଛନ୍ତି। ରାସ୍ତାରେ ହୋଇଥିବା ଖାଲଖମାରେ ବର୍ଷାପାଣି ଜମି ରହିଥିବାରୁ ଲୋକେ ଚାଲିକି ଯିବା ବି କଷ୍ଟକର ହୋଇପଡୁଛି। ୩୦ବର୍ଷ ହେବ ଏହି ରାସ୍ତା ମରାମତି ହୋଇ ନ ଥିବାରୁ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ ଯୋଡ଼ାପଡ଼ା, ମାଳିସାହି, ଗବଡିହ ପାଟଣା, ହରିପୁର ଶାସନ, ଯୋଡ଼ାପଡ଼ା, ନୂଆସାହି, ସଂପୁର, ହରିପୁର ଗ୍ରାମର ବାସିନ୍ଦା, ବ୍ୟବସାୟୀ ଓ ଛାତ୍ରୀଛାତ୍ରମାନେ ନିର୍ଭର କରିଥାନ୍ତି। ଏହି ରାସ୍ତା ମଣ୍ଡନଗିରି ଶ୍ରୀରଘୁନାଥ ମନ୍ଦିର ଓ ଯୋଡ଼ା ପଡ଼ାସ୍ଥିତ ରାମମନ୍ଦିରକୁ ସଂଯୋଗ କରୁଛି। ଜନସାଧାରଣଙ୍କ ଗମନାଗମନର ସୁବିଧା ପାଇଁ ଏହି ରାସ୍ତା ତୁରନ୍ତ ମରାମତି କରିବା ଲାଗି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଅନ୍ୟପଟେ ଏହି ରାସ୍ତାକୁ ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ଖଙ୍ଗୁରିଆ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମୀ କେଶରୀ ଦାସ କହିଛନ୍ତି।



ଖାଲଖମାରେ ଭର୍ତ୍ତି ରାସ୍ତା।

## ସଂସ୍କୃତ ଭାଷା ବିଶ୍ୱବ୍ୟାପକ କରାଯିବ

**କଟକ ଅଫିସ, ୧୧।୭**

ଲୋକଭାଷା ପ୍ରଚାର ସମିତି ଅନ୍ତଃରାଷ୍ଟ୍ରୀୟ ପରିଷଦର ଅଧିବେଶନ ଅନ୍‌ଲାଇନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ବୈଦେଶିକ ମହାସଚିବ ପ୍ରଫେସର କାଶୀନାଥ ନୌପାନେ ଯୋଗଦେଇ କହିଥିଲେ, ସଂସ୍କୃତ ଭାଷାକୁ ବିଶ୍ୱବ୍ୟାପକ କରାଯିବ। ୧୯୮୩ରେ ଲୋକଭାଷା ପ୍ରଚାର ସମିତି ପ୍ରତିଷ୍ଠା କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ୨୨ ଦେଶରେ ଶାଖା ପ୍ରତିଷ୍ଠା କରାଯାଇଛି। କେନ୍ଦ୍ରୀୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତ ଅଧ୍ୟକ୍ଷତା, ଅନ୍ତଃରାଷ୍ଟ୍ରୀୟ ମହାସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ସଭା ସଂଯୋଜନା ଓ ପ୍ରଫେସର ଗଜେନ୍ଦ୍ର ପଣ୍ଡା ପରିଷଦର ରାଷ୍ଟ୍ର ସଭାପତିଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରଶାଖା ସଭାପତି ଭାବେ ଦକ୍ଷିଣକୋରିଆରୁ ପ୍ରଫେସର ନୃସିଂହ ଚରଣ କର, ମାଲେସିଆରୁ ବାଳକୃଷ୍ଣନ୍ ମୁନିଆପ୍ପାନ୍, ଜର୍ମାନୀରୁ ପ୍ରଫେସର ସଦାନନ୍ଦ ଦାସ, ଶ୍ରୀଲଙ୍କାରୁ ବୌଦ୍ଧଗୁରୁ ବାଡିନାଲା ପ୍ରଯାଁଲୋକା, ଆମେରିକାରୁ ସୂର୍ଯ୍ୟ ନାରାୟଣ ନନ୍ଦ, ଓଡ଼ିଶା ରାଜ୍ୟ ସଭାପତି ବିପିନ ବିହାରୀ ଶତପଥୀ ଯୋଗଦେଇଥିଲେ।




ସପ୍ତାହାନ୍ତ ଶଟ୍‌ଡାଉନ୍ ପାଇଁ ରବିବାର ଜଟଣୀସ୍ଥିତ ଭୁବନେଶ୍ୱର ଇଣ୍ଡିଆନ ଅଏଲ୍ ସ୍ମାର୍ଟ ଡିପୋ ରାସ୍ତା ଶୂନ୍‌ଶାନ୍।

# ରେଲୱେ କୋଅପରେଟିଭ୍ ସୋସାଇଟିରେ ଦୁର୍ନୀତି

**ଜଟଣୀ,୧୧।୭(ଡି.ଏନ୍.ଏ.)**

**ଅଭିଯୋଗ ଆଣିଲା ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ**

ଭାରତୀୟ ରେଳପଥ ଅଧୀନରେ ଥିବା ରେଲ୍‌ୱେ କୋଅପରେଟିଭ୍ ସୋସାଇଟିରେ ଦୁର୍ନୀତି ହୋଇଥିବା ନେଇ ଜଟଣୀସ୍ଥିତ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ଅଭିଯୋଗ ଆଣିଛି। ଏନେଇ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ରବିବାର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସୂଚନା ମୁତାବକ ସାଉଥ୍ ଇଷ୍ଟର୍ନ ରେଲ୍‌ୱେ ୨୦୦୩ରେ ଭାଗ ହେବାପରେ ଏହି ରେଳଜୋନ୍ ଅଧୀନରେ ଥିବା କୋଅପରେଟିଭ୍ କ୍ରେଡିଟ୍ ସୋସାଇଟିକୁ ଏଯାବତ ପୃଥକ କରା ନ ଯିବାରୁ ପୂର୍ବତଟ ରେଳପଥର ଅନେକ ଶେୟାର ହୋଲ୍‌ଡର ହଇରାଣ ହେଉଛନ୍ତି। ସୋସାଇଟି ଗଭର୍ନିଂ ବଡି ନିର୍ବାଚନ ପ୍ରତି ୫ବର୍ଷରେ ହେବାକୁ ଥିବା ବେଳେ ୬ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ବାଚନ କରାଯାଉନାହିଁ। କୋଅପରେଟିଭ୍ ସୋସାଇଟିର ଶେୟାର ପ୍ରାୟ ୩୦୦କୋଟିରୁ ଊର୍ଦ୍ଧ୍ୱ ରହିଥିବା ବେଳେ କେନ୍ଦ୍ର ସରକାର, ରେଳ ପ୍ରଶାସନ ଧ୍ୟାନ ଦେଉ ନ ଥିବା ବେଳେ ଅଡିଟ୍ ମଧ୍ୟ କରାଯାଉ ନାହିଁ। ରେଲ୍‌ୱେ ଉଚ୍ଚପଦସ୍ଥ ଅଧିକାରୀ ଏବଂ କର୍ମଚାରୀ କୋଅପରେଟିଭ୍ ସଂସ୍ଥାରେ ଶେୟାର ହୋଲ୍‌ଡର ଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବାରୁ କର୍ମଚାରୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେଉଛି। ସଂସ୍ଥାରୁ ଶେୟାର ହୋଲ୍‌ଡରମାନେ ନେଉଥିବା ଲୋନ୍ ଉପରେ କଟାଯାଉଥିବା ୧୦ପ୍ରତିଶତ ଅର୍ଥର ଡେଭିଡେଣ୍ଟ ପ୍ରତିବର୍ଷ ମିଳିବାକୁ ଥିବା ବେଳେ ୨୦୧୫/୧୬ରୁ ଶେୟାର ହୋଲଡରଙ୍କୁ ମିଳୁନାହିଁ। ୭୦ହଜାରରୁ ଊର୍ଦ୍ଧ୍ୱ ଶେୟାର ହୋଲଡରଙ୍କୁ ପ୍ରତିବର୍ଷ ୬୦୦ଟଙ୍କାରୁ ୧୦୦୦ଟଙ୍କା ମିଳୁଥିବାବେଳେ ବାର୍ଷିକ ୫କୋଟି ହିସାବରେ ୬ବର୍ଷରେ ୩୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାକୁ ସଂସ୍ଥାର ଅଧିକାରୀ ବେଆଇନ ଭାବେ ଖର୍ଚ୍ଚ କରୁଥିବା ସନ୍ଦେହରେ ତଦନ୍ତ ପାଇଁ ଦାବି କରିଛନ୍ତି। ଏକଲକ୍ଷରୁ ଊର୍ଦ୍ଧ୍ୱ ଶେୟାର ହୋଲଡରମାନେ ଏକକାଳୀନ ୨୦ଟଙ୍କା ଶେୟାର ଡିପୋଜିଟ୍ କରିଥାନ୍ତି। ଅଧିକାରୀଙ୍କଠାରୁ କର୍ମଚାରୀ ସମସ୍ତେ ଏକପ୍ରକାର ଶେୟାର ହୋଲଡର ହୋଇଥିବା ବେଳେ ଲୋନ୍ ଦେବାବେଳେ ପାତରଅନ୍ତର କରାଯାଉଥିବା ଅଭିଯୋଗ ହେଉଛି। ନିର୍ବାଚିତ ସଦସ୍ୟମାନେ ବେଆଇନ ଭାବେ ବିଭିନ୍ନ ମରାମତି ଓ ନିର୍ମାଣ ଆଳରେ ମିଥ୍ୟା ବିଲ୍ କରି ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ କରିଛନ୍ତି। ଭାରତୀୟ ରେଳର ୭ଟି ଜୋନରୁ କେବଳ ପୂର୍ବତଟ ରେଳପଥର ୩୫,୦୦୦ରୁ ଊର୍ଦ୍ଧ୍ୱ ଶେୟାର ହୋଲଡର ଉକ୍ତ କୋଅପରେଟିଭ୍ ସଂସ୍ଥାରେ ରହିଥିବା ବେଳେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ୨୦ହଜାର କର୍ମଚାରୀ ଅଛନ୍ତି। ୧ ଲକ୍ଷ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ୩୦୦କୋଟିରୁ ଅଧିକ ଟଙ୍କାର ତଦନ୍ତ କରିବା ସହିତ ପୁନଃ ନିର୍ବାଚନ ପର୍ଯ୍ୟନ୍ତ ଉକ୍ତ ସଂସ୍ଥାକୁ କେନ୍ଦ୍ର ସରକାର ପରିଚାଳନା କରନ୍ତୁ ବୋଲି ଦାବି ହୋଇଛି। ପୂର୍ବତଟ ରେଳପଥର ୨୦ହଜାର ଶେୟାର ହୋଲଡରଙ୍କ ପାଇବାକୁ ଥିବା ୧୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଏକମାସ ମଧ୍ୟରେ ପ୍ରଦାନ ଏବଂ ସେଣ୍ଟ୍ରାଲ ଅଡିଟ୍ ସହିତ ସିବିଆଇ ତଦନ୍ତ ଦାବି କରିଛି ଶ୍ରମିକ କଂଗ୍ରେସ। ଦାବି ପୂରଣ ନ ହେଲେ ଏକ ମାସ ପରେ ଶ୍ରମିକ କଂଗ୍ରେସ ହଜାର ହଜାର ଶେୟାର ହୋଲଡରଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରମିକ କଂଗ୍ରେସ ନେତା ରମେଶ ଚନ୍ଦ୍ର ସାହୁ କହିଛନ୍ତି। ଏହି ସମ୍ମିଳନୀରେ ଖୋର୍ଦ୍ଧାରୋଡ୍ ମଣ୍ଡଳ ଶ୍ରମିକ କଂଗ୍ରେସର ଶାଖା ସମ୍ପାଦକ ଏଲ୍.ଡି. ମହାନ୍ତି, ସଂଯୋଜକ ପ୍ରମୋଦ ସାହାଣି ଏବଂ ଡେପୁଟି ସଂଯୋଜକ ସୁନୀଲ କୁମାର ଭଞ୍ଜ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ରେଳ କୋଅପରେଟିଭ୍ ସୋସାଇଟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।




ଖବରଦାତା ସମ୍ମିଳନୀରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଉଛି।


ରଥରେ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗିକରାଯାଉଛି।


ରଥରେ ଘୋଡା ଲଗାଯାଇଛି।


ରଥ ସାରଥିଙ୍କୁ ଭୋଇ ସେବକମାନେ ଆଣୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୦୭।୨୦୨୧

୪,୭୫୨ ଟଙ୍କା

# ୬୫ ପ୍ଲାଟୁନ୍ ଫୋର୍ସ ମୁତୟନ, କର୍ଫ୍ୟୁ ଜାରି

ପୁରୀ ଅଫିସ,୧୧।୭

ଘୋଷଯାତ୍ରାରେ ସୋମବାର ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ରଥାରୂଢ଼ ହୋଇ ବିଶ୍ୱବାସୀଙ୍କୁ ଦର୍ଶନ ଦେବେ। ତାଙ୍କ ଦର୍ଶନ ପାଇଁ ସମସ୍ତେ ଚାତକ ପରି ଚାହିଁବସିଛନ୍ତି। ତେବେ ଗତବର୍ଷ ପରି ଚଳିତବର୍ଷ ମଧ୍ୟ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଲକ୍ଷ୍ମଣରେଖା ଟାଣିଛି ମହାମାରୀ କରୋନା। ମହାପ୍ରଭୁଙ୍କ ରଥ ଟାଣିପାରିବେନି ଶ୍ରଦ୍ଧାଳୁ। ସେମାନେ କେବଳ ସିଧା ପ୍ରସାରଣ ମାଧ୍ୟମରେ ରଥଯାତ୍ରା ଦେଖିପାରିବେ। ତେଣୁ ଭକ୍ତଙ୍କ ଆଖିରେ ଭରିଛି ଲୁହ। ଅନ୍ୟପକ୍ଷରେ ଶୃଙ୍ଖଳିତ ନୀତିକାନ୍ତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ସମସ୍ତ ପ୍ରସ୍ତୁତି ଶେଷ କରିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି, ଆଇନଶୃଙ୍ଖଳା ଏଡିଜି ପ୍ରମୁଖ ରଥଯାତ୍ରା ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି।

ବଡ଼ଦାଣ୍ଡରେ ଥିବା ଘରର ଛାତ କିମ୍ବା ବାଲକୋନୀରେ ଲୋକେ ରଥଯାତ୍ରା ଦେଖିପାରିବେ ନାହିଁ। ରଥଯାତ୍ରା

## ପୁରୀ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା

ସଂଶ୍ଲିଷ୍ଟ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ସେହିପରି ରବିବାର ରାତି ୮ଟାରୁ ୧୩ ତାରିଖ ରାତି ୮ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ରହିବ। ବଡ଼ଦାଣ୍ଡରେ ହୋଟେଲ୍ ଓ ଲଜ୍ ମିଶାଇ ୪୧ଟି ଓ ୨୩୦ଟି ଘର ରହିଛି। ଏଠାରେ ରହୁଥିବା ବ୍ୟକ୍ତିମାନେ ବାହାରକୁ ନ ବାହାରିବା ପାଇଁ ପ୍ରଶାସନ କଡ଼ା ତାଗିଦ କରିଛି। ବଡ଼ଦାଣ୍ଡରେ ଥିବା ସମସ୍ତ ହୋଟେଲ୍ ଓ ଆବାସସ୍ଥଳୀକୁ ଖାଲି କରିଦିଆଯାଇଛି। ରଥଯାତ୍ରାରେ ନିୟୋଜିତ ବ୍ୟକ୍ତିଙ୍କ ବସିବା ପାଇଁ ସିଂହଦ୍ୱାର ପଛପାର୍ଶ୍ୱ ଓ ଗୁଣ୍ଡିଚା ମନ୍ଦିର ପାଖରେ ଅସ୍ଥାୟୀ ବିଶ୍ରାମ ଗୃହ କରାଯାଇଛି। ବଡ଼ଦାଣ୍ଡ ଦୁଇ ପାର୍ଶ୍ୱରେ ୧୦ଟି ଲେଖାଏ ଛୋଟ ବିଶ୍ରାମସ୍ଥଳୀ ପ୍ରସ୍ତୁତ ହେବ। ଜରୁରିକାଳୀନ ପରିସ୍ଥିତି ପାଇଁ ଡାକ୍ତରୀ ସୁବିଧା, ପ୍ରାଥମିକ ଚିକିତ୍ସା, ପାନୀୟଜଳ ବ୍ୟବସ୍ଥା କରାଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିର ପାଖରେ ରଥ ପହଞ୍ଚିବା ପରେ ସେବାୟତମାନଙ୍କୁ ଘରେ ଛାଡ଼ିବା ପାଇଁ ୧୫ଟି ବଡ଼ ଓ ୧୦ଟି ଛୋଟ ଗାଡ଼ିର ବ୍ୟବସ୍ଥା ହୋଇଛି। ପୋଲିସ ମୁତୟନ ନିମନ୍ତେ ବଡ଼ଦାଣ୍ଡକୁ ୪ଟି ଜୋନ୍ ଓ ପୁରୀ ସହରକୁ ୧୨ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ୬୫ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଶ୍ରୀମନ୍ଦିର ନିକଟବର୍ତ୍ତୀ ଅଞ୍ଚଳକୁ ୧ ଓ ଶ୍ରୀଗୁଣ୍ଡିଚା ନିକଟବର୍ତ୍ତୀ ଅଞ୍ଚଳକୁ ୪ ନମ୍ବର ଜୋନ୍‌ରେ ରଖାଯାଇଛି। ମାର୍କେଟ ଛକ ଓ ମେଡିକାଲ ଛକ ଯଥାକ୍ରମେ ୨ ଓ ୩ ନମ୍ବର ଜୋନ୍‌ରେ ରହିଛି। ଶ୍ରୀମନ୍ଦିର ଚାରିପାଖକୁ ୬ଟି ଜୋନ୍ ଓ ବଡଦାଣ୍ଡ ବାହାର ଅଞ୍ଚଳକୁ ୨ ଜୋନ୍‌ରେ ରଖାଯାଇଛି। ରଥ ସୁରକ୍ଷା ବଳୟ ପାଇଁ ଜଣେ ଅତିରିକ୍ତ ଏସ୍‌ପି, ୩ ଡିଏସ୍‌ପି, ୬ ଇନ୍ସପେକ୍ଟର ଓ ୧୮ଜଣ ସବ୍‌ଇନ୍ସପେକ୍ଟରଙ୍କୁ ଦାୟିତ୍ୱରେ ରଖାଯାଇଛି। ରଥ ସୁରକ୍ଷା ଦାୟିତ୍ୱରେ ୧୮ ସେକ୍ସନ୍ ପୋଲିସ ମୁତୟନ ହେବେ। ରଥଟଣା ହେବା ବେଳେ ସୁରକ୍ଷା ବଳୟ ଦାୟିତ୍ୱରେ ୩ ଅତିରିକ୍ତ ଏସ୍‌ପି, ୩ ଡିଏସ୍‌ପି, ୯ ଇନ୍ସପେକ୍ଟର, ୯ ସବ୍‌ଇନ୍ସପେକ୍ଟର ଓ ୨୧ ସେକ୍ସନ୍ ଫୋର୍ସ ମୁତୟନ କରାଯିବ। ଛାତ ଉପରେ ସୁରକ୍ଷା ବ୍ୟବସ୍ଥା ପାଇଁ ୫୫୪ ହୋମଗାର୍ଡଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ମୋବାଇଲ ଭ୍ୟାନ୍, କଣ୍ଟ୍ରୋଲ ଓ ସବ୍‌କଣ୍ଟ୍ରୋଲ୍ ରୁମ୍, ଟେଣ୍ଟଗାର୍ଡ ଓ ଜରୁରିକାଳୀନ ସ୍ଥିତି ପାଇଁ ପୋଲିସ ଫୋର୍ସ ମୁତୟନ ହେବେ। ସର୍ବମୋଟ୍ ଅତିରିକ୍ତ ଏସ୍‌ପି ପାହ୍ୟାର ୧୦, ଡିଏସ୍‌ପି ପାହ୍ୟାର ୩୧, ଇନ୍ସପେକ୍ଟର ୬୪ ଓ ସବ୍‌ଇନ୍ସପେକ୍ଟର ଏବଂ ଏଏସ୍‌ଆଇ ୨୨୨ ଜଣ ନିୟୋଜିତ ହେବେ। ସମୁଦାୟ ୩୨୭ ପୋଲିସ ଅଧିକାରୀଙ୍କୁ ମୁତୟନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ୧୮୨ ହାବିଲଦାର, ୭୩୮ ଜଣ ହୋମଗାର୍ଡ ଏବଂ ୫୬ ଏପିଆର୍‌ଙ୍କୁ ନିୟୋଜିତ କରାଯିବ।


ଘୋଷଯାତ୍ରା ପାଇଁ ସିଂହଦ୍ୱାର ସମ୍ମୁଖରେ ପ୍ରସ୍ତୁତ ହୋଇ ରହିଥିବା ତିନିରଥ।

# ସଜେଇ ହେଉଛି ଶ୍ରୀଗୁଣ୍ଡିଚା ମନ୍ଦିର

ପୁରୀ ଅଫିସ, ୧୧।୭

ପବିତ୍ର ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ବଡଠାକୁର ବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ, ଚକ୍ରରାଜ ସୁଦର୍ଶନ ରଥାରୂଢ଼ ହୋଇ ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥାନ୍ତି। ଶ୍ରୀବିଗ୍ରହମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ୭ଦିନ ଅବସ୍ଥାନ କରିଥାନ୍ତି। ଏହି ଯାତ୍ରାକୁ ନବଦିନାତ୍ମକ ଯାତ୍ରା ବା ଘୋଷଯାତ୍ରା ବୋଲି କୁହାଯାଇଥାଏ। ଶ୍ରୀବିଗ୍ରହମାନେ ଶ୍ରୀଗୁଣ୍ଡିଚା ମନ୍ଦିରର ଯେଉଁ ସିଂହାସନରେ ବିଜେ କରନ୍ତି ତାହାକୁ ଆଡପ ମଣ୍ଡପ କୁହାଯାଏ। ଏହାକୁ ଯଜ୍ଞବେଦି ଓ ମହାବେଦି ବୋଲି ମଧ୍ୟ କୁହାଯାଇଥାଏ। ଦଶମୀ ତିଥିରେ ଶ୍ରୀମନ୍ଦିରକୁ ଚତୁର୍ଦ୍ଧାମୂର୍ତ୍ତି ବାହୁଡା ବିଜେ କରିଥାନ୍ତି। ଚଳିତବର୍ଷ ରଥଯାତ୍ରା ଅବସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ରଙ୍ଗିନ ଫୁଲ ଓ ଆଲୋକମାଳାରେ ସଜେଇ ହେଉଛି। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଶରଧା ବାଲି ନିକଟରେ ଥିବା ଯଜ୍ଞ ନୃସିଂହଙ୍କ ନିକଟରେ ଯଜ୍ଞ କରିବା ପରେ ମହାପ୍ରଭୁ ଦାରୁ ଭାବେ ବାଙ୍କି ମୁହାଣ ନିକଟରେ ଆର୍ବିଭ ହୋଇଥିଲେ। ପରେ ମହାପ୍ରଭୁ ନିଜେ ବୁଢା ମହାରଣା ବା ଅନନ୍ତ ମହାରଣା ରୂପରେ ଶ୍ରୀଗୁଣ୍ଡିଚା ମନ୍ଦିର ଯାଇ ଦାରୁ ବିଗ୍ରହ ନିର୍ମାଣ କରିଥିଲେ। ପୂର୍ବରୁ ଆଡପ ମଣ୍ଡପ ଚାରିପାଖରେ କୌଣସି ପାଚେରୀ ବା ମନ୍ଦିର ନ ଥିଲା। ପରବର୍ତ୍ତୀ ସମୟରେ ଆଡପ ମଣ୍ଡପ ଚାରିପାଖରେ ମେଘନାଦ ପାଚେରି ଓ ମନ୍ଦିର ନିର୍ମାଣ କରାଯାଇଛି। ମହାପ୍ରଭୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଜନ୍ମଲାଭ କରିଥିବାରୁ ପ୍ରତ୍ୟେକ ଭକ୍ତ ଆଡପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଡପ ଅବଢା ସେବନ କରିବା ପାଇଁ ଇଚ୍ଛା କରିଥାଏ।

# ସାତସାହି ଆଖଡ଼ାକୁ ମିଳିଲାନି ସମରକଳା ଅନୁମତି

ପୁରୀ ଅଫିସ,୧୧।୭

ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ଲାଗି ପ୍ରଶାସନ ପ୍ରସ୍ତୁତ ଥିବାବେଳେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ଦର୍ଶନରୁ ଭକ୍ତଙ୍କୁ ବଞ୍ଚିତ ହେବାକୁ ପଡ଼ିଛି। କଟକଣା ଯୋଗୁ ବଡ଼ଦାଣ୍ଡରେ ଥିବା ଘରର ଲୋକେ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ନାହିଁ। ତେଣୁ ଭକ୍ତ ଘରେ ରହି ଦାରୁଦିଅଁଙ୍କୁ ଝୁରୁଛି। ରବିବାର ରଥ ଦକ୍ଷିଣମୋଡ଼ ନେବା ପରେ ଶ୍ରୀମନ୍ଦିର ମୁଖ୍ୟ ବ୍ୟାରିକେଡ୍ ବାହାରେ ପୁରୀ ସହରବାସୀଙ୍କ ଗହଳି ଦେଖିବାକୁ ମିଳିଥିଲା। ଲୋକେ ଫଟୋ ଉଠାଇବା ସହ ସେଲ୍‌ଫି ନେଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ତେବେ ପୁରୀ ସହରର ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜାଗାଘର ଓ ଆଖଡ଼ାର ସଦସ୍ୟ, ଆଇନଜୀବୀମାନେ ମଧ୍ୟ କଟକଣା ମଧ୍ୟରେ ରହି ମହାପ୍ରଭୁଙ୍କ ଦର୍ଶନ କରିପାରିବେ ନାହିଁ। ପୁରୀ ସହରବାସୀଙ୍କ ମନରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଆଇନଜୀବୀ ଭଗବାନ ପଢିହାରୀ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଜାଗା ଆଖଡ଼ା, କ୍ଲବ୍, ଓକିଲ ସଂଘ, ବିଭିନ୍ନ ଅନୁଷ୍ଠାନର କର୍ମଚାରୀଙ୍କ

## ଘରେ ରହି କାନ୍ଦୁଛି ଭକ୍ତ

କୋଭିଡ୍ ଟେଷ୍ଟ କରି ଅନୁମତି ଦିଆଯାଇ ପାରିଥାନ୍ତା। ମାତ୍ର ପ୍ରଶାସନ ସେଭଳି ନ କରିବା ନିଶ୍ଚିତ ନୈରାଶ୍ୟଜନକ। ସେହିପରି ସମାଜିକ କର୍ମୀ ଅଭିଷେକ ସାହୁ କହିଛନ୍ତି, ଭକ୍ତଙ୍କ ପାଇଁ ଭଗବାନ ଶ୍ରୀମନ୍ଦିର ଛାଡ଼ି ନବଦିନାତ୍ମକ ଯାତ୍ରା କରୁଛନ୍ତି। ମାତ୍ର ଆମକୁ ଦର୍ଶନ ଅନୁମତି ମିଳୁନି। ଭକ୍ତ ଏବେ କେବଳ ଘରେ ରହି କାନ୍ଦୁଛି। ଦୁଃଖ ବୁଝିବାକୁ କେହି ନାହାନ୍ତି। ପୁରୀର ଜାଗା ଆଖଡ଼ା ମହାପ୍ରଭୁଙ୍କ ସୁରକ୍ଷାରେ ସମର୍ପିତ। ପହଣ୍ଡି ସମୟରେ ସମରକଳା ପ୍ରଦର୍ଶନ କରାଯାଇଥାଏ। ଏହା ଜଗନ୍ନାଥ ସଂସ୍କୃତିର ପରମ୍ପରା। ବର୍ଷ ବର୍ଷ ଧରି ମହାପ୍ରଭୁଙ୍କ ସମ୍ମୁଖରେ ସମରକଳା ପ୍ରଦର୍ଶନ କରୁଆସୁଛୁ। ବିଭିନ୍ନ ସାହି ଆଖଡ଼ାର ସେବା ଶ୍ରୀମନ୍ଦିରରେ ରହିଛି। ରାମଲୀଳା, କୃଷ୍ଣଜନ୍ମ ଓ ମହାପ୍ରଭୁଙ୍କ ବାହାର ବିଜେ ବେଳେ ଆମକୁ ଖୋଜାପଡ଼େ। ମାତ୍ର ଏବେ ଆମେ ଅଲୋଡ଼ା ହୋଇଛୁ। ପ୍ରଶାସନ ମହାପ୍ରଭୁଙ୍କୁ ଦେଖିବାର ସୁଯୋଗ ମଧ୍ୟ ଦେଲାନାହିଁ। ଏସବୁ ଅତି ନିଷ୍ଠୁର ନିଷ୍ପତ୍ତି ବୋଲି ସାତ ସାହି ଆଖଡ଼ାର ସଂଯୋଜକ ନରେନ୍ଦ୍ର ମହାନ୍ତି କହିଛନ୍ତି।

## ସଂକ୍ଷେପରେ

### ନେତ୍ରୋତ୍ସବ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ

ପୁରୀ ଅଫିସ, ୧୧।୭: ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗବେଷଣା କେନ୍ଦ୍ର ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ପୁରୀ ଆନୁକୂଲ୍ୟରେ ୩୧ତମ ନେତ୍ରୋତ୍ସବ ସାଂସ୍କୃତିକ ମହୋତ୍ସବ-୨୦୨୧ ଅନଲାଇନ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ତଥା ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଶ୍ରୀକଣ୍ଠ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। କଣ୍ଠଶିଳ୍ପୀ ଗୁରୁ ଶତ୍ରୁଘ୍ନ ନାୟକ, ମାନସ ଦାଶ୍, ସୁଚିସ୍ମିତା ପ୍ରଧାନ, ଦୀପା ସାହୁ ଓ କଣ୍ଠଶିଳ୍ପୀ ନିର୍ମଳ ଚନ୍ଦ୍ର ନନ୍ଦ ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ବୃନ୍ଦାବନ ସାହୁ, ବିକ୍ରମ ଦାସ, କୃପାସିନ୍ଧୁ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅତିଥି ଓ କଳାକାରମାନଙ୍କୁ ଉତ୍ତରୀୟ ପ୍ରଦାନ ସହିତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ବ୍ଲକ ଉଦ୍ୟାନ ଅଧିକାରୀ ପଦବୀ ଖାଲିପଡ଼ିଛି

କାକଟପୁର, ୧୧।୭(ଡି.ଏନ୍.ଏ): କାକଟପୁର ବ୍ଲକରେ ଦୀର୍ଘଦିନ ଧରି ଉଦ୍ୟାନ ବିଭାଗ ଅଧିକାରୀ ପଦବୀ ଖାଲି ପଡିଛି। ଜଣେ ମାତ୍ର ଚତୁର୍ଥଶ୍ରେଣୀ କର୍ମଚାରୀରେ ବ୍ଲକ ଉଦ୍ୟାନ ବିଭାଗ କେବଳ ସରକାରୀ କାଗଜପତ୍ରରେ ଚାଲିଛି। ସମ୍ପୃକ୍ତ କର୍ମଚାରୀ ଏକସଙ୍ଗେ କାକଟପୁର ଉଦ୍ୟାନ ବିଭାଗ ଓ କୋଣାର୍କ ନଡ଼ିଆ ଫାର୍ମ ଦାୟିତ୍ୱ ତୁଲାଉଛନ୍ତି। କାକଟପୁର ବ୍ଲକରେ ଉଦ୍ୟାନ ବିଭାଗ ଅଧିକାରୀ ନ ଥିବାରୁ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ଫଳରେ ଏହି କାର୍ଯ୍ୟାଳୟକୁ ଆସୁଥିବା ଚାଷୀ ଏବଂ ଅନ୍ୟ ହିତାଧିକାରୀ କାର୍ଯ୍ୟ ବିନା ନିରାଶରେ ଫେରୁଥିବା ଦେଖିବାକୁ ମିଳୁଛି। ତେଣୁ ତୁରନ୍ତ ବ୍ଲକ ଉଦ୍ୟାନ ଅଧିକାରୀ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

# ଭକ୍ତ ଦାସିଆ ପୀଠରୁ ମହାପ୍ରଭୁଙ୍କ ଲାଗି ଯାଏ ତୁଳସୀ

ପିପିଲି,୧୧।୭(ଡି.ଏନ୍.ଏ.)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରୁ ଆନନ୍ଦ ମିଳେ। ତେଣୁ ବିଭିନ୍ନ ଉପାୟରେ ଅନେକେ ସେବା ଯୋଗାଇ ଦେଇଥାନ୍ତି। ଏକଦା ଦାସିଆଙ୍କ ହାତରୁ ଜଗନ୍ନାଥ ନଡ଼ିଆ ଓ ଆମ୍ବ ନେଇଥିଲେ ବୋଲି ଲୋକକଥା ରହିଛି। ତେବେ ଦାସିଆଙ୍କ ସ୍ମୃତିରେ ପିପିଲି ନିକଟ ବାଲିଗାଁସ୍ଥିତ ଭକ୍ତ ଦାସିଆଙ୍କ ପୀଠରୁ ଦୈନନ୍ଦିନ ମହାପ୍ରଭୁଙ୍କ ନିକଟକୁ ତୁଳସୀ, ପଦ୍ମଫୁଲ ଓ ନଡ଼ିଆ ପଠାଯାଇଥାଏ। ମହାପ୍ରଭୁଙ୍କ ତୁଳସୀ ଦୟଣାମାଳ ଅତି ପ୍ରିୟ। ଭୋଗରେ ତୁଳସୀ ନ ପଡ଼ିଲେ ମହାପ୍ରଭୁଙ୍କ ପାଖରେ ଲାଗି ହୁଏ ନାହିଁ। ୨୦୦୨ ମସିହା ଅକ୍ଷୟ ତୃତୀୟାରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଉପସ୍ଥିତିରେ ବାଲିଗାଁରେ ରାଧାମୋହନ ମଠ ସମ୍ପତ୍ତି ଉପରେ ତୁଳସୀ ବଗିଚା ଆରମ୍ଭ କରାଯାଇଥିଲା। ଜଗନ୍ନାଥ ଆଶ୍ରିତ ମଣ୍ଡଳୀଙ୍କ ତତ୍ତ୍ୱାବଧାନ ଓ ଭକ୍ତ ଦାସିଆ ସ୍ମୃତି କମିଟି ସହଯୋଗରେ ସମସ୍ତ କାର୍ଯ୍ୟ କରାଯାଇଥିଲା। ପ୍ରତ୍ୟେକଦିନ ଦାସିଆଙ୍କ ପୀଠରୁ ତୁଳସୀ, ନଡ଼ିଆ, ପଣସ, ପୁଷ୍ପ ପଠାଯାଉଛି। ମଙ୍ଗେଶ୍ୱର ଗାଡ଼କଣ ମହାବୀର ମନ୍ଦିରର ସନ୍ଥ ରାମ ଶରଣ ଦାସ ମହାରାଜ ବିଭିନ୍ନ ମଠ, ମନ୍ଦିର ଓ ଭକ୍ତଙ୍କ ଠାରୁ ମଧ୍ୟ ସଂଗ୍ରହ କରିଥାନ୍ତି। ବିଶେଷକରି ପ୍ରତ୍ୟେକବର୍ଷ ଗୁଣ୍ଡିଚାରେ ୩ଠାକୁରଙ୍କ ପାଇଁ ତୁଳସୀ ଚୂଳ, ତୁଳସୀ ମାଳ, ପଦ୍ମଫୁଲ ଯାଇଥାଏ। ଏହାକୁ ନେବା ବେଳେ ନାମ ସଂକୀର୍ତ୍ତନ କରାଯାଇଥାଏ। ତୁଳସୀ ସେବା ବହୁ ବର୍ଷଧରି ରହିଆସିଛି।



# ମହାପ୍ରଭୁଙ୍କ ପାଇଁ ରାଘବ ଦାସ ମଠ ପଠାଏ ଟାହିଆ

ପୁରୀ ଅଫିସ, ୧୧।୭

ମହାପ୍ରଭୁ ରଥଯାତ୍ରା ସମୟରେ ଅନେକ ଅଳଙ୍କାର ପରିଧାନ କରିଥାନ୍ତି। ଏହିଅଳଙ୍କାର ମଧ୍ୟରେ ଟାହିଆ ଅନ୍ୟତମ। ଶ୍ରୀବିଗ୍ରହମାନେ ସ୍ନାନପୂର୍ଣ୍ଣିମା, ରଥଯାତ୍ରା, ବାହୁଡ଼ା ଯାତ୍ରା, ଆଡପ ବିଜେ ଏବଂ ନିଳାଦ୍ରୀ ବିଜେ ସମୟରେ ମସ୍ତକରେ ଟାହିଆ ପରିଧାନ କରିଥାନ୍ତି। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ରାଘବ ଦାସ ମଠ ପକ୍ଷରୁ ଟାହିଆଗୁଡିକ ଶ୍ରୀମନ୍ଦିରକୁ ଯୋଗାଇ ଦିଆଯାଇଥାଏ। ତେବେ ବିଗତ କିଛି ବର୍ଷ ହେବ ରାଘବ ଦାସ ମଠ ପକ୍ଷରୁ ବସନ୍ତ କୁମାର ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ ଟାହିଆ ନିର୍ମାଣ ହେଉଛି। ପରମ୍ପରା ଅନୁଯାୟୀ ପବିତ୍ର ଅକ୍ଷୟତୃତୀୟାଠାରୁ ସେବକ ଓ କାରିଗର ମାନେ ଶୁଦ୍ଧପୂତ ଭାବରେ ରାଘବ ଦାଶ ମଠ ପରିସରରେ ଟାହିଆ ନିର୍ମାଣ ଆରମ୍ଭ କରିଥାନ୍ତି। ପବିତ୍ର ଦେବସ୍ନାନ ପୂର୍ଣ୍ଣିମାଠାରୁ ନିଳାଦ୍ରୀ ବିଜେ ମଧ୍ୟରେ ଶ୍ରୀବିଗ୍ରହମାନଙ୍କର ୬ଥର ପହଣ୍ଡି ହୋଇଥାଏ। ଏହି ୬ଥର ପହଣ୍ଡିରେ ଶ୍ରୀବିଗ୍ରହମାନେ ୨୪ଟି ଟାହିଆ ପରିଧାନ କରିଥାନ୍ତି। ମୁଖ୍ୟତଃ ଟାହିଆ ଦୁଇ ପ୍ରକାର ଯଥା ଛୋଟ ଟାହିଆ ଓ ବଡ଼ ଟାହିଆ। ମୋଟ ୨୪ ଟାହିଆ ମଧ୍ୟରୁ ୧୨ଟି ଛୋଟ ଓ ୧୨ଟି ବଡ। ଶ୍ରୀଗୁଣ୍ଡିଚା ଯାତ୍ରା ଓ ନିଳାଦ୍ରୀ ବିଜେରେ ବଡଠାକୁର ବଳଭଦ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ମଠ ପକ୍ଷରୁ ବଡ ଟାହିଆ ଯୋଗାଇ ଦିଆଯାଇଥାଏ। ମା' ସୁଭଦ୍ରା ଏବଂ ଚକ୍ରରାଜ ସୁଦର୍ଶନଙ୍କ ନିମନ୍ତେ ମଠ ପକ୍ଷରୁ ମାଳ ଚୂଳ ଆଦି ଛୋଟ ଟାହିଆ ଯୋଗାଇ ଦିଆଯାଇଥାଏ। ଟାହିଆଗୁଡିକ ସ୍ୱତନ୍ତ୍ର ଶୈଳୀ ତଥା ମାପରେ ନିର୍ମିତ ହୋଇଥାଏ। ଟାହିଆ ତିଆରି କରିବା ପାଇଁ ବାଉଁଶ, ବାଉଁଶ ପାତିଆ, କଦଳି ପାଟୁକା, ସୋଲ, ଜରି, ରଙ୍ଗିନ କନା, ପଇତା ସୂତା ଏବଂ ବିଭିନ୍ନ ପ୍ରକାର ସୁବାସିତ ରଙ୍ଗିନ ଫୁଲ ବ୍ୟବହାର କରାଯାଏ। ପ୍ରଥମେ ବାଉଁଶ କାଠିଗୁଡିକୁ ସ୍ୱତନ୍ତ୍ର ବାଉଁଶ ନିର୍ମିତ ଯନ୍ତାରେ ଖଞ୍ଜାଯାଏ। ପରେ ବାଉଁଶ କାଠିଗୁଡିକୁ ପଇତା ସୂତାରେ ବନ୍ଧାଯାଇ ଟାହିଆ ଆକୃତି ଦିଆଯାଏ। ସେଥିରେ କଇଥ ଅଠା ସାହାଯ୍ୟରେ ବିଭିନ୍ନ ଆକୃତିର ସୋଲ ଲଗାଯାଏ। କଦଳି ପଟୁକାରେ ବିଭିନ୍ନ ଫୁଲ ଖଞ୍ଜାଯାଏ। ଟାହିଆ ନିର୍ମାଣ ହେବା ପରେ ସେଥିରେ ସୁବାଷିତ ପୁଷ୍ପ ଲଗାଯାଇଥାଏ। ଟାହିଆର ଉପରି ଭାଗରେ ଦୁବ ଓ କିଆ ଲଗାଯାଏ। ଟାହିଆ



ଆକୃତି ପାନପତ୍ର ସଦୃଶ ହୋଇଥାଏ। ଟାହିଆଗୁଡିକର ଉଚ୍ଚତା ପ୍ରାୟ ୬ ଫୁଟ ଓ ବ୍ୟାସ ସାଢେ ୮ ଫୁଟ ହୋଇଥାଏ। ପହଣ୍ଡି ପୂର୍ବରୁ ଶ୍ରୀବିଗ୍ରହମାନଙ୍କର ମଙ୍ଗଳା ଅର୍ପଣ ନୀତି ସରିବା ପରେ ଶ୍ରୀମନ୍ଦିରକୁ ଟାହିଆ ବିଜେ କରାଯାଏ। ଶ୍ରୀବିଗ୍ରହମାନେ ସାତ ପାହାଚ ନିକଟରେ ବିଜେ କରିବା ପରେ ଶ୍ରୀବିଗ୍ରହଙ୍କ ମସ୍ତକରେ ଟାହିଆ ଲାଗି କରାଯାଇଥାଏ। ସେହିପରି ରଥ ଉପରୁ ସିଂହାସନ ତଳକୁ ମହାପ୍ରଭୁ ଆସିବା ପରେ ଚାରମାଳ ଉପରେ ଟାହିଆ ଲାଗି କରାଯାଇଥାଏ। ଶ୍ରୀବିଗ୍ରହମାନେ କେବଳ ରଥଯାତ୍ରା ସମୟରେ ଟାହିଆ ପରିଧାନ କରିଥାନ୍ତି। ଏହାକୁ ଟାହିଆ ବେଶ ବୋଲି କୁହାଯାଏ। ଟାହିଆ ନିର୍ମାଣ କରୁଥିବା ସେବକ ଓ କାରିଗରଙ୍କୁ ରାଘବ ଦାଶ ମଠ ପକ୍ଷରୁ ଖେଇ ଓ ଖୋରାଖି ଯୋଗାଇ ଦିଆଯାଇଥାଏ। ମହାପ୍ରଭୁଙ୍କ ସେବା ପାଇଥିବାରୁ ନିଜକୁ ଧନ୍ୟ କରୁଛନ୍ତି ବୋଲି ସେବକ ବସନ୍ତ କୁମାର ରଣା କହିଛନ୍ତି।